୪୬

# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୧୧/୨୦୧୯ (୨୦ ପୃଷ୍ଠା+ ସାହିତ୍ୟାୟନ) Sambalpur,Wednesday, December 11 / 2019 ★★

୧୫ଶ ଭାଗ ୩୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-







କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ

# ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ଶିକ୍ଷା ବିକାଶ ଯାତ୍ରା

**ଭୁବନେଶ୍ୱର,୧୦।୧୨**

ପିଲାମାନଙ୍କୁ ବିଦ୍ୟାଳୟ ଚାରିକାନ୍ଥ ଭିତରୁ ବାହାର କରି ବାହାର ଦୁନିଆ ବିଷୟରେ ଜ୍ଞାନ ପ୍ରଦାନ କରିବା ଲକ୍ଷ୍ୟରେ ପୁରୀ ଜିଲା ନିମାପଡ଼ାର ଶିଶୁ ବିକାଶ ଅନୁଷ୍ଠାନ ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ମଙ୍ଗଳବାର ୧୫ତମ ଶିକ୍ଷା ବିକାଶ ଯାତ୍ରା ଅନୁଷ୍ଠିତ ହୋଇଛି। ଗ୍ରୁପ୍‌ର ସମ୍ପାଦକ ସୁମନ୍ତ ମହାରଣାଙ୍କ ନେତୃତ୍ୱରେ ଏକ ଶିଶୁ ପ୍ରତିନିଧି ଦଳ ଅପରାହ୍ନରେ ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ପିଲାମାନଙ୍କ ସହ ଭାବବିନିମୟ କରିଥିଲେ। ଏହି ଅବସରରେ ପିଲାମାନେ ଛାପା ଗଣମାଧ୍ୟମ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ପୂର୍ବାହ୍ନରେ ଏହି ଶିଶୁ ପ୍ରତିନିଧି ଦଳ ଭୁବନେଶ୍ୱର ସୂର୍ଯ୍ୟନଗରଠାରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେଠାରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ବିଦ୍ୟୁସ୍ମିତା, ଟ୍ୱିଙ୍କଲ୍, ନଟିଆ କମେଡିଆନ ସ୍ମୃତିରଞ୍ଜନ ମହାନ୍ତି ପ୍ରମୁଖ ପିଲାମାନଙ୍କ ସହ ଭାବବିନିମୟ କରିବା ସହ ପିଲାବେଳର ସ୍ମୃତି ସାଉଁଟିଥିଲେ। ପରେ ପିଲାମାନେ ଆଦିବାସୀ ସଂଗ୍ରହାଳୟ, ଜୈବ ପ୍ରାକୃତିକ ବିଜ୍ଞାନ କେନ୍ଦ୍ର, କଳିଙ୍ଗ ଟିଭି ଆଦି ବିଭିନ୍ନ ଅନୁଷ୍ଠାନ ବୁଲି ସେଠାରୁ ଜ୍ଞାନ ଆହରଣ କରିଥିଲେ। ଲିଟିଲ୍ ଷ୍ଟାର ଗ୍ରୁପ୍ ପକ୍ଷରୁ ସୁବ୍ରତ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ରାଉତ, ଗୌରୀପ୍ରିୟା ନନ୍ଦ, ଦୀପକ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବା ନିମାପଡ଼ାର ଲିଟିଲ୍ ଷ୍ଟାର ଗ୍ରୁପ୍‌ର ଏକ ଶିଶୁ ପ୍ରତିନିଧି ଦଳ।

# ୭ମ ରାଜ୍ୟ ଟେଲି ପୁରସ୍କାର

## 'ରହିଛି ରହିବି ତୋରି ପାଇଁ' ଶ୍ରେଷ୍ଠ ଧାରାବାହିକ

- ଜୟନ୍ତ ସାନ୍ତରା ଶ୍ରେଷ୍ଠ ଅଭିନେତା
- ସୋଫିଆ, ସୋନାଲି ଶ୍ରେଷ୍ଠ ଅଭିନେତ୍ରୀ
- 'ପେନ୍‌ସନ' ଶ୍ରେଷ୍ଠ ଟେଲିଫିଲ୍ମ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

୨୦୧୮ ମସିହା ଲାଗି ମଙ୍ଗଳବାର ୭ମ ରାଜ୍ୟ ଟେଲି ପୁରସ୍କାର ଘୋଷଣା ହୋଇଛି। ଏଥର ଶ୍ରେଷ୍ଠ ଟେଲି ଧାରାବାହିକ ଭାବେ ପ୍ରଦ୍ୟୁମ୍ନ କୁମାର ଲେଙ୍କାଙ୍କ 'ରହିଛି ରହିବି ତୋରି ପାଇଁ' ମନୋନୀତ ହୋଇଛି। ସେହିଭଳି ଏହି ଧାରାବାହିକର ହରିଶ ମହାନ୍ତିଙ୍କୁ 'ଶ୍ରେଷ୍ଠ ନିର୍ଦ୍ଦେଶକ' ଭାବେ ପୁରସ୍କୃତ କରାଯିବ। 'ପେନ୍‌ସନ୍'ର ଜୟନ୍ତ ସାନ୍ତରାଙ୍କୁ 'ଶ୍ରେଷ୍ଠ ଅଭିନେତା' ଏବଂ 'ଶ୍ରେଷ୍ଠ ଅଭିନେତ୍ରୀ' ଭାବେ 'ରହିଛି ରହିବି ତୋରି ପାଇଁ'ର ସୋଫିଆ ସିକନ୍ଦର ଓ 'କମଳି'ର ସୋନାଲି ନାୟକଙ୍କୁ ମିଳିତଭାବେ ପୁରସ୍କାର ପ୍ରଦାନ କରାଯିବ। 'ଶ୍ରେଷ୍ଠ ଟେଲି ଫିଲ୍ମ' ଭାବେ 'ପେନ୍‌ସନ୍' ରାଜ୍ୟ ଟେଲି ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାବେଳେ ଏହାର ପ୍ରଯୋଜକ ମାଥ୍ୟୁ ଜେନି ଜୋସେଫ୍ ଓ ଶିଳ୍ପାକ୍ରିଷ୍ଟା ଶୁକ୍ଳା ପୁରସ୍କୃତ ହେବେ। ସେହିଭଳି 'ଶ୍ରେଷ୍ଠ ଟେଲି ଫିଲ୍ମ ନିର୍ଦ୍ଦେଶକ' ଭାବେ 'ପାଇକ ବିଦ୍ରୋହ'ର ଅନୁଜ ତ୍ୟାଗୀ ଓ ନିଶ୍ଚୟ ରାଉତ ଏହି ପୁରସ୍କାର ଗ୍ରହଣ କରିବେ।

ଟେଲିଧାରାବାହିକ 'କମଳି'ର ମହମ୍ମଦ ବବଲୁଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା', 'ରହିଛି ରହିବି ତୋରି ପାଇଁ'ର ପ୍ରିୟଙ୍କା ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ ଅଭିନେତ୍ରୀ', 'ରୂପା ଜହ୍ନ'ର ଗୋପାଳ ଶର୍ମାଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଖଳନାୟକ' ଓ 'ତୋ ପାଇଁ ମୁଁ'ର ନିର୍ଝରଣୀ ମିଶ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଖଳନାୟିକା', କିଶୋର ରଥଙ୍କୁ 'ଶ୍ରେଷ୍ଠ ହାସ୍ୟ ଅଭିନେତା', ସାଇସ୍ୱରୂପ ମିଶ୍ରଙ୍କୁ 'ଶ୍ରେଷ୍ଠ ଶିଶୁ କଳାକାର', 'ପେନ୍‌ସନ୍'ର ବିଶାଳ ପଟ୍ଟନାୟକଙ୍କୁ 'ଶ୍ରେଷ୍ଠ ସଂଳାପ ଲେଖକ', ପ୍ରସନ୍ନ କରଙ୍କୁ 'ଶ୍ରେଷ୍ଠ ଡାଏଲଗ୍ ଲେଖକ', 'କମଳି'ର ଆତ୍ମାନନ୍ଦ ନାୟକଙ୍କୁ 'ଶ୍ରେଷ୍ଠ ସ୍କ୍ରିନ୍ ପ୍ଲେ', 'ପାଇକ ବିଦ୍ରୋହ' ପାଇଁ ଅର୍ଜିତ ଡି. ରସ୍ତୋଗୀଙ୍କୁ 'ଶ୍ରେଷ୍ଠ ସମ୍ପାଦନା' ନିମନ୍ତେ ପୁରସ୍କୃତ କରାଯିବ। 'ପାଇକ ବିଦ୍ରୋହ' ପାଇଁ ପ୍ରତାପ ରାଉତଙ୍କୁ 'ଶ୍ରେଷ୍ଠ ଚିତ୍ରଗ୍ରହଣକାରୀ', 'କମଳି' ପାଇଁ ଶରତଙ୍କୁ 'ଶ୍ରେଷ୍ଠ ଶବ୍ଦଗ୍ରହଣକାରୀ'ଭାବେ ପୁରସ୍କୃତ କରାଯିବ। ସେହିପରି ଟେଲି ଧାରାବାହିକ ପାଇକ ବିଦ୍ରୋହ ପାଇଁ ଅକ୍ଷୟ କୁମାର ପରିଜାଙ୍କୁ 'ସ୍ୱତନ୍ତ୍ର ଜୁରି ସମ୍ମାନ', ଚିନ୍ତାମଣି ବେହେରାଙ୍କ 'କମଳି'କୁ 'ଓଡ଼ିଶା ଆଦିବାସୀ ଭାଷାରେ ଶ୍ରେଷ୍ଠ ଟେଲି ଫିଲ୍ମ' ଓ ସୁନୀଲ କୁମାର ଦାସଙ୍କ 'ଗାନ୍ଧୀ ଆସୁଛନ୍ତି'କୁ 'ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ର' ଭାବେ ପୁରସ୍କୃତ କରାଯିବ। ଡିସେମ୍ବର ୨୦ରେ ଉତ୍କଳ ମଣ୍ଡପଠାରେ ସ୍ୱତନ୍ତ୍ର ପୁରସ୍କାର ଉତ୍ସବର ଆୟୋଜନ କରାଯାଇ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ, ଯୁଗ୍ମ ନିର୍ଦ୍ଦେଶକ ସଂଘମିତ୍ରା ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି।

# ସୂଚନା ଅଧିକାର କର୍ମୀଙ୍କୁ ଗୁଳିକରି ହତ୍ୟା

**ବାଲିଗୁଡ଼ା(ଡି.ଏନ୍.ଏ.)/ଫୁଲବାଣୀ ଅଫିସ,୧୦।୧୨**

କନ୍ଧମାଳ ଜିଲା ବାଲିଗୁଡ଼ା ଅଞ୍ଚଳର ଜଣେ ସୂଚନା ଅଧିକାର କର୍ମୀଙ୍କୁ ମଙ୍ଗଳବାର ସକାଳେ ଗୁଳିକରି ହତ୍ୟା କରାଯାଇଛି। ମୃତକ ହେଲେ ସ୍ଥାନୀୟ ପାତ୍ର ସାହିର ଅଭିମନ୍ୟୁ ପଣ୍ଡା । ଦୁଇ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ଅଭିମନ୍ୟୁଙ୍କୁ ତାଙ୍କ ଘର ସମ୍ମୁଖରେ ଗୁଳି କରିଥିଲେ। ବାଲିଗୁଡ଼ା ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦୁର୍ବୃତ୍ତ ଏପରି ହତ୍ୟାକାଣ୍ଡ ଭିଆଇବା ଘଟଣା ସମଗ୍ର ଜିଲାରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଘଟଣାସ୍ଥଳରୁ ୨ଟି ଖୋକା ଜବତ କରାଯାଇଛି। ଗୁଳିକାଣ୍ଡକୁ ନେଇ ବାଲିଗୁଡା ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କଂଗ୍ରେସ ପକ୍ଷରୁ ରାସ୍ତାରୋକୋ କରାଯିବା ସହ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବା ନିମନ୍ତେ ଦାବିକରାଯାଇଛି।

ଅଭିମନ୍ୟୁ କଂଗ୍ରେସର ଜଣେ ବରିଷ୍ଠ କର୍ମୀ। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡର ମଧ୍ୟ ସେ ସଦସ୍ୟ ଥିଲେ । ସୂଚନା ଅଧିକାର ଆଇନ ବଳରେ ଜିଲାରେ ହେଉଥିବା ବଡ଼ ବଡ଼ ଠିକା ସଂସ୍ଥାର କାର୍ଯ୍ୟ, ବ୍ୟବସାୟୀ ନେଉଥିବା ଟେଣ୍ଡରର ତଥ୍ୟ ମାଗୁଥିଲେ। ଶନିବାର ସକାଳ ପ୍ରାୟ ୭ଟାରେ ଏକ ବାଇକ୍‌ରେ ଦୁଇ ଯୁବକ ଅଭିମନ୍ୟୁଙ୍କ ଘର ନିକଟକୁ ଆସିଥିଲେ। ସେମାନେ ଅଭିମନ୍ୟୁଙ୍କୁ ଡାକି କଥାବାର୍ତ୍ତା କରିବା ପରେ କିଛି କାଗଜପତ୍ର ମାଗିଥିଲେ। ଏହି ସମୟରେ ଜଣେ ଯୁବକ ଚାଲିଯାଇ



ଅଭିମନ୍ୟୁ ପଣ୍ଡା (ଫାଇଲ ଫଟୋ)

ବାଇକ୍‌ରେ ବସିଥିଲେ । ଅନ୍ୟ ଯୁବକ ଜଣକ ଗୁଳିମାଡ଼ କରି ଉକ୍ତ ବାଇକ୍ ପଛରେ ବସି ଫେରାର ହୋଇଯାଇଥିଲେ। ଅଭିମନ୍ୟୁଙ୍କ ଛାତିରେ ୨ଟି ଗୁଳି ବାଜିଥିବାରୁ ସେ ତଳେ ପଡ଼ି ଛଟପଟ ହେଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିଗୁଡା ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଅପରାହ୍ନରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ରାଜନୈତିକ କାରଣ ନା ପୂର୍ବ ଶତ୍ରୁତା କିମ୍ବା ସୂଚନା ଅଧିକାର ବଳରେ ମାଗିଥିବା ତଥ୍ୟକୁ ନେଇ ଅଭିମନ୍ୟୁଙ୍କୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ଜଣାପଡିନାହିଁ।



# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୧୧/୨୦୧୯ | Sambalpur,Wednesday, December 11 / 2019 | ପୃଷ୍ଠା-୧




## କୋଲାଡୋଙ୍କ ଡବଲ୍ ଗୋଲ୍

ଜେମି କୋଲାଡୋଙ୍କ ଡବଲ ଗୋଲ୍ ସହାୟତାରେ ଇଷ୍ଟ ବେଙ୍ଗଲ ନେରୋକାକୁ ପରାସ୍ତ କରି ଚଳିତ ଆଇ-ଲିଗ୍‌ରେ ପ୍ରଥମ ବିଜୟ ହାସଲ କରିଛି।

୧୨ ୦୯

## ବାପା ହେଲେ କପିଲ ଶର୍ମା

କମେଡି କିଙ୍ଗ୍ କପିଲ ଶର୍ମା ଏବେ ବାପା ହୋଇଛନ୍ତି। ତାଙ୍କ ସ୍ତ୍ରୀ ଗିନି ଛତରାଥ ମଙ୍ଗଳବାର ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଏନେଇ ନିଜେ କପିଲ ଟୁଇଟ୍ କରି ଜଣାଇଛନ୍ତି।



## ପିଏମ୍ କିଷାନ ଲାଗି ଆଧାର ଅନିବାର୍ଯ୍ୟ

**ନୂଆଦିଲ୍ଲୀ,୧୦।୧୨:** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା(ପିଏମ୍-କିଷାନ)ର ଲାଭ ନେବା ଲାଗି ଡିସେମ୍ବର ୧ ପରଠାରୁ ଆଧାର ଅନିବାର୍ଯ୍ୟ ହେବ। ଆଧାର ପ୍ରମାଣନ ହୋଇଥିବା କୃଷକଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଏହି ଯୋଜନାରେ ପ୍ରଦାନ କରାଯିବା ଅର୍ଥ ଦିଆଯିବ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର ଲୋକସଭାରେ ସୂଚନା ଦେଇଛନ୍ତି। ପିଏମ୍ କିଷାନ ଯୋଜନାରେ ବର୍ତ୍ତମାନ ସୁଦ୍ଧା ୧୪ କୋଟି କୃଷକ ଯୋଡିହୋଇଛନ୍ତି। ଏମାନଙ୍କୁ ବାର୍ଷିକ ୩ଟି କିସ୍ତିରେ ୬ ହଜାର ଟଙ୍କା ପ୍ରଦାନ ଲାଗି ଯୋଜନା ରହିଛି। ପ୍ରଥମ କିସ୍ତି ପାଇବା ଲାଗି ଡିସେମ୍ବର ୨୦୧୮ରୁ ମାର୍ଚ୍ଚ ୨୦୧୯ ମଧ୍ୟରେ ଆଧାରକୁ ଇଚ୍ଛାଧୀନ କରାଯାଇଥିଲା। ଏହାବାଦ ଆସାମ, ମେଘାଳୟ ଏବଂ ଜମ୍ମୁ କଶ୍ମୀର ଲାଗି ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ଆଧାରକୁ ଇଚ୍ଛାଧୀନ କରାଯାଇଛି। ଦ୍ୱିତୀୟ କିସ୍ତି ପାଇବା ଲାଗି ଆଧାର ନିଶ୍ଚିତ ଭାବେ ଦେବାକୁ ପଡିବ। ଆଧାର ସଂଯୋଗୀକରଣ ବିଳମ୍ବ ହେବା ଯୋଗୁ ଏହି ସର୍ତ୍ତକୁ ନଭେମ୍ବର ୩୦ ଯାଏ କୋହଳ କରାଯାଇଥିଲା। ମାତ୍ର ଡିସେମ୍ବର ୧ ପରଠାରୁ ହିତାଧିକାରୀଙ୍କ ଲାଗି ଆଧାର ସଂଯୋଗ ବାଧ୍ୟତାମୂଳକ ବୋଲି କୁହାଯାଇଛି।

■ ବକେୟା ପାଇଁ ଦେବାଳିଆ ହେଲେଣି ବିଦ୍ୟୁତ୍ ବଣ୍ଟନ କମ୍ପାନୀ

# ବିଦ୍ୟୁତ୍ କାଟ ଚେତାବନୀ ଦେଲା ସେସୁ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲ୍ ବକେୟା ବଣ୍ଟନ କମ୍ପାନୀଗୁଡିକୁ ଦେବାଳିଆ କରି ସାରିଲାଣି। ବାକି ଟଙ୍କା ଆଦାୟ ନ କଲେ କମ୍ପାନୀଗୁଡିକୁ ଚଳାଇବା ସମ୍ଭବ ହେବ ନାହିଁ। ବିଦ୍ୟୁତ୍ ବିଲ୍ ଆଦାୟ କରିବା ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ୨୦୨୦ ଜାନୁୟାରୀ ୧୫ ସୁଦ୍ଧା ବକେୟା ବିଲ୍ ପଇଠ ନ କଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ। ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି(ସେସୁ) ପକ୍ଷରୁ ଉପଭୋକ୍ତାମାନଙ୍କୁ ଏମିତି ଚେତାବନୀ ଦିଆଯାଇଛି। ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ହୋଇ ନ ପାରିବାରୁ ସେସୁ ଋଣବୋଝରେ ବୁଡିବାକୁ ବସିଲାଣି। ସେସୁ ମୁଖ୍ୟ କାର୍ଯ୍ୟନିର୍ବାହୀ(ସିଇଓ) ଅରୁଣ ବୋଥ୍ରା ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ସେସୁ ଦେବାଳିଆ ଅବସ୍ଥା ଦେଇ ଗତି କରୁଛି। ଉପଭୋକ୍ତାମାନଙ୍କୁ ସେସୁ ୨୪ ଘଣ୍ଟିଆ ଏବଂ ଉନ୍ନତମାନର ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ଉଦ୍ୟମ ଜାରି ରଖିଛି। ତେବେ ଉପଭୋକ୍ତାଙ୍କ ମଧ୍ୟରୁ ଲକ୍ଷାଧିକ ବକେୟା ଅର୍ଥ ପଇଠ କରିନାହାନ୍ତି। ବିଦ୍ୟୁତ୍ ବକେୟା ୧ ହଜାର ୯୭୧ କୋଟି ଟଙ୍କାରେ ପହଞ୍ଚିଲାଣି। ୫୮ ହଜାର ୫୪୮ଜଣ ଉପଭୋକ୍ତାଙ୍କ ଉପରେ ୫୦ ହଜାର ଟଙ୍କାରୁ ୬୯୧ କୋଟି ଟଙ୍କା ଯାଏ ବକେୟା ରହିଛି। ସେହିପରି ଗତ ଦୁଇବର୍ଷ ମଧ୍ୟରେ ୧,୦୪,୦୦୦ ଉପଭୋକ୍ତାଙ୍କ ଉପରେ ୩୯୪ କୋଟି ଟଙ୍କା ବକେୟା ରହିଛି। ୯୨ ପ୍ରତିଶତ ଘରୋଇ ଉପଭୋକ୍ତାଙ୍କ ଉପରେ ୧୦୨୩ କୋଟି ଟଙ୍କା ବିଦ୍ୟୁତ୍ ବିଲ୍ ବକେୟା ରହିଛି। ସେହିପରି ୭.୧ ପ୍ରତିଶତ ବ୍ୟବସାୟିକ ଉପଭୋକ୍ତାଙ୍କ ଉପରେ ୧୦୮ କୋଟି ଟଙ୍କା ବକେୟା ବାକି ପଡିଛି । ଯଦି ଏତେ ପରିମାଣ ଅର୍ଥ ବାକି ରହିବ ତେବେ ସେସୁ କିଭଳି ସେବା ଯୋଗାଇ ପାରିବ ବୋଲି ବୋଥ୍ରା କହିଛନ୍ତି। ବକେୟା ପଇଠ ନ କଲେ ବିଦ୍ୟୁତ୍ ବିଚ୍ଛିନ୍ନ କରିବା ଛଡ଼ା ଅନ୍ୟ କିଛି ଉପାୟ ନାହିଁ। ତେଣୁ ୨୦୨୦ ଜାନୁୟାରୀ ୧୫ ସୁଦ୍ଧା ସମସ୍ତ ବକେୟା ବିଦ୍ୟୁତ୍ ବିଲ୍ ପଇଠ କରିବାକୁ ସିଇଓ ଉପଭୋକ୍ତାଙ୍କୁ ଅନୁରୋଧ କରିଛନ୍ତି। ନଚେତ ଜାନୁୟାରୀ ୧୬ରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ବୋଲି ସେ କହିଛନ୍ତି। ଏ ନେଇ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ, ଥାନା ଏବଂ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ନୋଟିସ ଲଗାଯିବ। ଏଥିସହିତ ବକେୟା ରଖିଥିବା ଉପଭୋକ୍ତାଙ୍କୁ ଏସ୍ଏମ୍ଏସ୍ କିମ୍ବା ଡାକ ଜରିଆରେ ବକେୟା ସମ୍ପର୍କରେ ଜଣାଇ ଦିଆଯିବ ବୋଲି ବୋଥ୍ରା କହିଛନ୍ତି।

ରାଜ୍ୟର ବିଦ୍ୟୁତ୍ ଭିତ୍ତିଭୂମି ଅତ୍ୟନ୍ତ ଦୟନୀୟ ଅବସ୍ଥା ଦେଇ ଗତି କରୁଛି। ଋଣଭାର ସାଙ୍ଗକୁ ବିଦ୍ୟୁତ୍ ସଙ୍କଟ ସମଗ୍ର ବ୍ୟବସ୍ଥାକୁ ଦୋହଲାଇ ଦେଲାଣି । ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ, ଶୁଳ୍କ ଆଦାୟ, ଋଣ ବୋଝ, ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଦାୟିତ୍ୱହୀନତାରୁ ☞ପୃଷ୍ଠା–୨



■ ୨୦୨୦ ଜାନୁୟାରୀ ୧୫ ସୁଦ୍ଧା ବକେୟା ପଇଠ କରିବାକୁ ନିବେଦନ କଲା

■ ୯୨% ଘରୋଇ ଉପଭୋକ୍ତାଙ୍କ ଉପରେ ୧୦୨୩ କୋଟି ବାକି

■ ୩ ବଣ୍ଟନ କମ୍ପାନୀ, ସେସୁ ଉପରେ ଗ୍ରୀଡ୍‌କୋ ବକେୟା ୩୯୩୭ କୋଟି

■ ମହିଳା, ଶିଶୁ ନିର୍ଯାତନା ଚିନ୍ତା

# ରାଜ୍ୟରେ ସ୍ଥାପନ ହେବ ୪୫ ନୂତନ ଫାଷ୍ଟଟ୍ରାକ୍ କୋର୍ଟ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)** ମହିଳା ଓ ଶିଶୁ ନିର୍ଯାତନାର ଦ୍ରୁତ ବିଚାର ପାଇଁ ରାଜ୍ୟରେ ୪୫ଟି ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ କରାଯିବ। ଏ ନେଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛି। ମଙ୍ଗଳବାର ଏହି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପ୍ରତାପ ଜେନା। ସେଥିରୁ ୨୧ଟି କୋର୍ଟ ସ୍ୱତନ୍ତ୍ର ଭାବେ ମହିଳାଙ୍କୁ ବଳାତ୍କାର ଓ ଯୌନ ନିର୍ଯାତନା ମାମଲାର ବିଚାର କରିବ। ମହିଳା ନିର୍ଯାତନା ସଂକ୍ରାନ୍ତ ମାମଲାରେ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଇ ଆସୁଛନ୍ତି। ସେହି ଅନୁଯାୟୀ ୪୫ଟି ନୂତନ ଫାଷ୍ଟ ଟ୍ରାକ୍ କୋର୍ଟ ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଛି। ସେଥିରୁ ୨୪ଟି କୋର୍ଟ ସ୍ୱତନ୍ତ୍ର ଭାବେ ଶିଶୁ ଯୌନ ନିର୍ଯାତନା ସୁରକ୍ଷା ଆଇନ (ପୋକ୍‌ସୋ)–୨୦୧୨ ମାମଲାଗୁଡ଼ିକର ବିଚାର ପାଇଁ କାର୍ଯ୍ୟ କରିବ। ରାଜ୍ୟରେ ମହିଳାଙ୍କ ବିରୋଧରେ ହେଉଥିବା ନିର୍ଯାତନା ମାମଲା ବେଳକୁ ବେଳ ବଢ଼ି ଚାଲିଛି। ମିଳିଥିବା ସୂଚନା ଅନୁଯାୟୀ ୨୦୦୭ରେ ମହିଳାଙ୍କ ବିରୋଧରେ ସମଗ୍ର ରାଜ୍ୟରେ ୧,୮୫,୩୧୨ ନିର୍ଯାତନ ମାମଲା ହୋଇଥିବାବେଳେ ୨୦୧୧ରେ ୨,୨୮,୬୫୦ ମାମଲା ରୁଜୁ ହୋଇଛି। ସେହିପରି ଶିଶୁମାନଙ୍କ କ୍ଷେତ୍ରରେ ମଧ୍ୟ ନିର୍ଯାତନା ବଢ଼ି ଚାଲିଛି। ଏସବୁ ମାମଲାର ଦ୍ରୁତ ନ୍ୟାୟ ପାଇଁ ସରକାର ଅଧିକ ଫାଷ୍ଟ ଟ୍ରାକ୍ କୋର୍ଟ ଉପରେ ଗୁରୁତ୍ୱ ଦେଉଛନ୍ତି।

## ଆଜିର ସମ୍ପାଦକୀୟ

ଗ୍ରହଣ କରନାହିଁ

## ଆଜିର ମନ୍ତବ୍ୟ

“ ସମାନ ଅଧିକାରର ଦୂରଦୃଷ୍ଟିକୁ ସମାଜ ପରିତ୍ୟାଗ କରିଦେଇଛି କି ସେ ନେଇ ଆମକୁ ଚିନ୍ତା କରିବାକୁ ବାଧ କରିଛି ମହିଳା ବିରୋଧୀ ଅପରାଧ।

-ରାମନାଥ କୋବିନ୍ଦ, ରାଷ୍ଟ୍ରପତି

■ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷିତ

# ବିଜୟ ମିଶ୍ରଙ୍କୁ ‘ଜୟଦେବ ପୁରସ୍କାର’

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ, ସଂଳାପ ଲେଖକ ତଥା ନାଟ୍ୟକାର ଡ. ବିଜୟ ମିଶ୍ରଙ୍କୁ ୨୦୧୮ ମସିହା ପାଇଁ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଦିଆଯାଉଥିବା ସର୍ବୋଚ୍ଚ ‘ଜୟଦେବ ପୁରସ୍କାର’ ପ୍ରଦାନ କରାଯିବ। ସଂଳାପ ରଚନା ଓ ଚଳଚ୍ଚିତ୍ର ନିର୍ଦ୍ଦେଶନା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ବିଜୟଙ୍କୁ ୧ଲକ୍ଷ ଟଙ୍କା ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସଂସ୍କୃତି ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏନେଇ ସୂଚନା ଦେଇଛନ୍ତି। ଏଥିସହ ୨୦୧୮ ମସିହା ଲାଗି ମୋଟ ୨୭ ବିଭାଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ୍ୟ ଘୋଷଣା କରାଯାଇଛି। ଡିସେମ୍ବର ୧୯ରେ ଉତ୍କଳ ମଣ୍ଡପଠାରେ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ ହୋଇ ପ୍ରତିଭାଙ୍କୁ ପୁରସ୍କୃତ କରାଯିବ।

‘ଭିଜା ମାଟିର ସ୍ୱର୍ଗ’କୁ ଏଥର ‘ଶ୍ରେଷ୍ଠ ଚଳଚ୍ଚିତ୍ର’ ଭାବେ ‘ମୋହନ ସୁନ୍ଦର ଦେବ ଗୋସ୍ୱାମୀ’ ସମ୍ମାନ ପ୍ରଦାନ କରାଯିବ। ୫୦ହଜାର ଟଙ୍କା ଅର୍ଥରାଶି ବିଶିଷ୍ଟ ଏହି ପୁରସ୍କାର ଚଳଚ୍ଚିତ୍ରର ପ୍ରଯୋଜକ ଅକ୍ଷୟ କୁମାର ପରିଜା ଗ୍ରହଣ କରିବେ। ସେହିପରି ଚଳଚ୍ଚିତ୍ର ‘ଭିଜା ମାଟିର ସ୍ୱର୍ଗ’ ପାଇଁ ଏଥର ‘ଶ୍ରେଷ୍ଠ ନିର୍ଦ୍ଦେଶକ’ଭାବେ ମନମୋହନ ମହାପାତ୍ର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇବେ। ‘ଭିଜା ମାଟିର ସ୍ୱର୍ଗ’ରେ ଉଲ୍ଲେଖନୀୟ ଅଭିନୟ ପାଇଁ ୨୦୧୮ ବର୍ଷ ଲାଗି ‘ଶ୍ରେଷ୍ଠ ଅଭିନେତା’ ଭାବେ ମିହିର ଦାସ ମନୋନୀତ ହୋଇଛନ୍ତି। ସେହିଭଳି ‘ଚମ୍ପିଆନ୍’ ଫିଲ୍ମ ପାଇଁ ଅର୍ଚ୍ଚିତା ସାହୁ ଏଥର ‘ଶ୍ରେଷ୍ଠ ଅଭିନେତ୍ରୀ’ ପୁରସ୍କାର ପାଇବେ। ଚଳଚ୍ଚିତ୍ର ‘ଫେରିଆ କମ୍‌ବ୍ୟାକ୍’ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ଶାନ୍ତିରାଜ ଖୋସ୍‌ଲାଙ୍କୁ ଏଥର ‘ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ’ଭାବେ ‘ବାଳକୃଷ୍ଣ ଦାଶ ସମ୍ମାନ’ ପ୍ରଦାନ କରାଯିବ। ‘ଓଲେ ଓଲେ ଦିଲ୍ ବୋଲେ’ର ଡି. ନିରଞ୍ଜନ ରେଡ୍ଡିଙ୍କୁ ‘ଶ୍ରେଷ୍ଠ ସଂଳାପ ଲେଖକ’, ‘ଫେରିଆ କମ୍‌ବ୍ୟାକ୍’ ଚଳଚ୍ଚିତ୍ରର ‘ମାଣକ ପୁରିଲା’ ଗୀତ ପାଇଁ କରୁଣା କରଙ୍କୁ ‘ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟକ’, ‘ସାଥୀ ତୁ ଫେରିଆ’ ☞ପୃଷ୍ଠା–୨



ବିଜୟ ମିଶ୍ର

■ ‘ଭିଜା ମାଟିର ସ୍ୱର୍ଗ’ ଶ୍ରେଷ୍ଠ ଚଳଚ୍ଚିତ୍ର

■ ଅର୍ଚ୍ଚିତା ଶ୍ରେଷ୍ଠ ଅଭିନେତ୍ରୀ, ମିହିର ଦାସ ଶ୍ରେଷ୍ଠ ଅଭିନେତା

■ ଶ୍ରେଷ୍ଠ ନିର୍ଦ୍ଦେଶକ ମନମୋହନ ମହାପାତ୍ର


Taste the difference! Vencobb FRESH CHICKEN

10.12.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 79 | 131 | 141 |
| DKL | 81 | 133 | 143 |
| BDK | 74 | 124 | 134 |
| BLS | 74 | 124 | 134 |
| ANG | 82 | 135 | 145 |
| BHM | 82 | 135 | 145 |

*Conditions Apply

Issued in the Interest of Consumers






ସନିଆର କନିଆ ଦେଖା

ଦେଖନ୍ତୁ ଭିଡିଓ

YouTube /dharitrilive






Special offers for Government / Corporate Employees, Police Dept., LIC Employees & Agents, Bank Employees, Government Hospital-Doctors & Staff

Up to 100% On-road Funding* & Tenure up to 84 months*.

SPECIAL OFFERS FOR CSD | EXCHANGE THROUGH TATA MOTORS ASSURED

Authorised Tata Motors Dealers:

BALANGIR: Laxmi Sales & Service 8448576946 | BARGARH: Laxmi Sales & Service 8448576946 | BHAWANIPATNA: Laxmi Sales & Service 8448576946 | SAMBALPUR: Maa Samleswari Auto- 7303658604 | JHARSUGUDA: Maa Samaleshwari Automobiles- 8448512528 | SONEPUR: Maa Samaleshwari Automobiles-8448512528 | BOUDH: Monalisha Motors 8448576936 | ROURKELA: Balaram Motors 7303658556 | SUNDARGARH: Balaram Motors 8448512739

**କିଛି ତଥ୍ୟ**
ଚଳିତ ବର୍ଷ ନଭେମ୍ବରରେ ଜୁଏଲେରୀ ରପ୍ତାନି ୪.୭% ହ୍ରାସ ଘଟି ୧୮,୧୩୬.୨ କୋଟି ଟଙ୍କା ରହିଛି।
–ଜିଜେଇପିସି

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ପ୍ରଥମ ପୃଷ୍ଠାରୁ...

### ବିଜୟ ମିଶ୍ରଙ୍କୁ ...

ଚଳଚ୍ଚିତ୍ରର 'ଶ୍ରାବଣ ଅଛି ବରଷା ନାହିଁ...' ଗୀତ ପାଇଁ ଅନ୍ତରା ଚକ୍ରବର୍ତ୍ତୀଙ୍କୁ 'ଶ୍ରେଷ୍ଠ ପ୍ରଚ୍ଛଦପଟ୍ଟ ଗାୟିକା', 'ଭିଜା ମାଟିର ସ୍ୱର୍ଗ' ଚଳଚ୍ଚିତ୍ରର ଦିଲୀପ ରାୟଙ୍କୁ 'ଶ୍ରେଷ୍ଠ ଚିତ୍ରଗ୍ରହଣକାରୀ', 'ଫେରିଆ କମ୍ବ୍ୟାକ୍' ପାଇଁ ଅମରେନ୍ଦ୍ର ମହାପାତ୍ରଙ୍କୁ 'ଶ୍ରେଷ୍ଠ ସମ୍ପାଦନା', 'ସାଥୀ ତୁ ଫେରିଆ' ଚଳଚ୍ଚିତ୍ରର 'ଶ୍ରାବଣ ଅଛି ବରଷା ନାହିଁ ଗୀତ ପାଇଁ ବସନ୍ତରାଜ୍ ସାମଲଙ୍କୁ 'ଶ୍ରେଷ୍ଠ ଗୀତିକାର' ଓ 'ଭିଜା ମାଟିର ସ୍ୱର୍ଗ' ଫିଲ୍ମର ଆଶୁତୋଷ ମହାପାତ୍ରଙ୍କୁ 'ଶ୍ରେଷ୍ଠ ଚିତ୍ରନାଟ୍ୟ' ପାଇଁ ସମ୍ମାନିତ କରାଯିବ।

'ଚମ୍ପିଆନ୍' ଚଳଚ୍ଚିତ୍ରର ମନୋଜ ମିଶ୍ରଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା', 'ଫେରିଆ କମ୍ବ୍ୟାକ୍'ର ଶିବାନୀ ଖରାଙ୍କୁ 'ଶ୍ରେଷ୍ଠ ପାର୍ଶ୍ୱ ଅଭିନେତ୍ରୀ', 'ଦିୱାନା ହେଲି ତୋ ପାଇଁ'ର ରାକ୍ଷୀଙ୍କୁ 'ଶ୍ରେଷ୍ଠ ହାସ୍ୟ ଅଭିନେତା', 'ଫେରିଆ କମ୍ବ୍ୟାକ୍'ର ସାର୍ଥକ ହୋତାଙ୍କୁ 'ଶ୍ରେଷ୍ଠ ଶିଶୁ କଳାକାର', ସେହି ଫିଲ୍ମର ସଂଗ୍ରାମ ମହାରଣାଙ୍କୁ 'ଶ୍ରେଷ୍ଠ କଳା ନିର୍ଦ୍ଦେଶକ', 'ଜୀବନର ଚଲାପଥେ'ର ନିତ୍ୟଶ୍ରୀ ରଞ୍ଜନଙ୍କୁ 'ଶ୍ରେଷ୍ଠ ଶବ୍ଦଗ୍ରହଣକାରୀ' ଭାବେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯିବ। ସେହିପରି ସ୍ୱତନ୍ତ୍ର ଜୁରି ବିଭାଗରେ ଏଥର ପ୍ରାମାଣିକ ଚଳଚ୍ଚିତ୍ର 'କହେ ବଲ୍ଲଭ' ଓ 'ଜୀବନର ଚଲାପଥେ' ଚଳଚ୍ଚିତ୍ରର ଅଭିନେତା ସୌମ୍ୟକାନ୍ତ ଖଣ୍ଡାଲୀଙ୍କୁ ପୁରସ୍କୃତ କରାଯିବ। ଚଳିତବର୍ଷ 'ଶ୍ରେଷ୍ଠ ଶିକ୍ଷାଭିତ୍ତିକ ଶିଶୁ ଚଳଚ୍ଚିତ୍ର' ପାଇଁ କେହି ଆବେଦନ କରି ନ ଥିବାବେଳେ 'ଶ୍ରେଷ୍ଠ ପ୍ରାମାଣିକ ଚଳଚ୍ଚିତ୍ର' ବିଭାଗରେ କଲ୍ୟାଣୀ ମିଶ୍ର ଓ ରଣଜିତ ରଥଙ୍କ 'ଭିନ୍ନ ଭିଟାମାଟି' ଏବଂ ନୀଳ ମହାପାତ୍ରଙ୍କ 'ଦି ସନ୍ ଅଫ୍ ରିଭର୍', ଓଡ଼ିଶାର ଆଦିବାସୀ ଭାଷାରେ ପ୍ରସ୍ତୁତ ଶେଷ୍ଠ ଚଳଚ୍ଚିତ୍ର ବିଭାଗରେ 'ହୋ' ସମାଜ ଫିଲ୍ମ ଏକାଡେମୀ ଦ୍ୱାରା ପ୍ରସ୍ତୁତ 'ଆମାଗେ ଜୁଲି' ପୁରସ୍କୃତ ହେବ। 'ଭିଜା ମାଟିର ସ୍ୱର୍ଗ'ର ନନ୍ଦଲାଲ ମହାପାତ୍ରଙ୍କୁ 'ଶ୍ରେଷ୍ଠ ଡାଏଲଗ୍ ଲେଖକ', 'ଫେରିଆ କମ୍ବ୍ୟାକ୍'ର ପ୍ରସନ୍ନ ଶତପଥୀଙ୍କୁ 'ଶ୍ରେଷ୍ଠ ବେଶପୋଷାକ ସଜ୍ଜାକାରୀ' ଏବଂ ମୁନା ବାବୁଙ୍କୁ 'ଶ୍ରେଷ୍ଠ ନୃତ୍ୟ ସଂଯୋଜକ', 'ଦିୱାନା ହେଲି ତୋ ପାଇଁ'ର ସମରେଶ ପାଲଙ୍କୁ 'ଶ୍ରେଷ୍ଠ ରୂପ ସଜ୍ଜାକାରୀ'ଭାବେ ପୁରସ୍କୃତ କରାଯିବ।

### ବିଦ୍ୟୁତ୍ କାଟ ଚେତାବନୀ ...

ଭିତ୍ତିଭୂମି ଭୁଶୁଡିବାକୁ ବସିଲାଣି। ବିଦ୍ୟୁତ୍ କିଣି ଯୋଗାଉଥିବା ଗ୍ରୀଡ୍‌କୋ ଋଣ ବୋଝରେ ଏମିତି ବୁଡିଲାଣି ଯେ, ଆଗାମୀ ୨/୩ ବର୍ଷ ମଧ୍ୟରେ ଆଉ କିଣିବା ଅବସ୍ଥାରେ ରହିବ ନାହିଁ। ଗୋଟିଏ ପଟେ ଗ୍ରୀଡ୍‌କୋ ଋଣ ବୋଝରେ ଛଟପଟ ହେଉଥିବା ବେଳେ ଅନ୍ୟପଟେ ବିତରଣ କମ୍ପାନୀଗୁଡିକର ନୈରାଶ୍ୟଜନକ ବିଦ୍ୟୁତ୍ ଶୁଳ୍କ ଆଦାୟ ପରିସ୍ଥିତିକୁ ଜଟିଳ କରିବାରେ ଲାଗିଛି। ମିଳିଥିବା ସୂଚନା ଅନୁଯାୟୀ ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ବିଦ୍ୟୁତ୍ ବଣ୍ଟନ କମ୍ପାନୀ ଓ ସେସୁ ଉପରେ ଗ୍ରୀଡ୍‌କୋର ବକେୟା ୩,୯୩୭.୪୮ କୋଟି ଟଙ୍କା ଥିବାବେଳେ ବିଶ୍ୱବ୍ୟାଙ୍କ ଏବଂ ସରକାର ଗ୍ୟାରେଣ୍ଟର ପଡି ଦେଇଥିବା ଋଣ ପରିମାଣ ୨,୯୦୮.୫୫ କୋଟିରେ ପହଞ୍ଚିଲାଣି। ସେସୁ ଉପରେ ଗ୍ରୀଡ୍‌କୋ ବକେୟା ୧,୦୭୫.୯୨ କୋଟି ଥିବାବେଳେ ୱେସ୍କୋ ଉପରେ ୧,୧୧୮.୯୨ କୋଟି, ନେସ୍କୋ ଉପରେ ୮୮୨.୦୬ କୋଟି ଏବଂ ସାଉଥ୍‌କୋ ଉପରେ ୮୬୦.୫୮ କୋଟି ବାକି ପଡିଛି। ସେହିପରି ସେସୁ ନେଇଥିବା ୧,୭୯୭ କୋଟି ଟଙ୍କା ପଇଠ କରୁ ନ ଥିବା ବେଳେ ୱେସ୍କୋ ୩୦୭.୯୩, ନେସ୍କୋ ୩୯୩.୭୮ କୋଟି ଏବଂ ସାଉଥ୍‌କୋ ୩୦୯.୫୫ କୋଟି ଟଙ୍କାର ଋଣ ଶୁଝୁନାହାନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଉଚ୍ଚସ୍ଥ ଚନ୍ଦ୍ର ହେତୁ ସୁସ୍ଥ ମାନସିକତା ସହ ଏକ ଅଜଣା ଆବେଗରେ ମନ ଉଦ୍‌ବେଳିତ ହେବ। କର୍ମ କ୍ଷେତ୍ରରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ । ବ୍ୟବସାୟୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବୃଷ** ଚନ୍ଦ୍ର ପ୍ରଭାବରେ ଆପଣ ଦୃଢ଼ ପଦକ୍ଷେପ ନେବା ପାଇଁ କାମ କରିଚାଲିଲେ ଗତକାଲିର ରହିଯାଇଥିବା କାମଗୁଡିକ ଆଜି କିନ୍ତୁ ଅଟକିବ ନାହିଁ। ଆଲୋଚନା ପରିସରରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଆର୍ଥିକ ସ୍ଥିତିରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇପାରେ।

**ମିଥୁନ** ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବ ଏବଂ କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ବ୍ୟବସାୟ, ପରିବହନ ଓ ଚେଷ୍ଟା କରୁଥିବା କାମରେ ଲାଭବାନ ହେବେ। ବନ୍ଧୁମାନଙ୍କ ଦ୍ୱାରା ଉତ୍ସାହିତ ହୋଇ ଦୂର ଯାତ୍ରା ସହ ଦେବଦର୍ଶନର ସୁଯୋଗ ପାଇପାରନ୍ତି। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**କର୍କଟ** ଆଜି ବିଶେଷ ଭ୍ରମଣଜନିତ ମନ ଏକ ପ୍ରକାର ମାନ୍ଦା ରହିବା ଫଳରେ କୌଣସି କାମରେ ଉତ୍ସାହ ଲାଗି ନ ପାରେ। ବିଚାର ନ କରି କୌଣସି ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପରିସ୍ଥିତିକୁ ସାମନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ଖଟାଇ ସମସ୍ୟାର ମୁକାବିଲା କରିବେ। ଗତକାଲିର ଯୋଜନାକୁ ଠିକ୍ ଭାବରେ ବଦଳାଇବା କଷ୍ଟକର ହୋଇପାରେ।

**ସିଂହ** ଯେତେ ପ୍ରକାରେ ସମସ୍ୟା ସୁଧାରିବାକୁ ଚେଷ୍ଟା କଲେ ମଧ୍ୟ ଆକସ୍ମିକ ଅନ୍ୟାନ୍ୟ କେତେକ ସମସ୍ୟା କାମକୁ ବିଗାଡିଦେବାର ଆଶଙ୍କା ରହିଛି । ବିଭିନ୍ନ କ୍ଷେତ୍ରରୁ ମିଥ୍ୟା ଅଭିଯୋଗ ଆସିପାରେ,ଏଣୁ ସତର୍କତାର ସହ କାମ କରିବା ଭଲ ହେବ। ଆନୁଷ୍ଠାନିକ କ୍ଷେତ୍ରରେ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହୋଇପାରନ୍ତି।

**କନ୍ୟା** ସବୁ ସୁବିଧା ଥିଲେ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବାରୁ ମନ ଭଲ ରହିବ ନାହିଁ। ପୁନଶ୍ଚ ବିଭିନ୍ନ ପ୍ରକାରର ପାରିବାରିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଆକସ୍ମିକ ଭାବରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରା ବିଳମ୍ବିତ କରିପାରେ। ସାହିତ୍ୟାଲୋଚନା, ବକ୍ତୃତା କ୍ଷେତ୍ରରେ ପ୍ରଶଂସିତ ହେବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ନିଜର ସଚ୍ଚୋଟତା ଓ ନିର୍ଭୀକତା ହେତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରଶଂସିତ ହେବେ। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଘର ସାଜସଜ୍ଜା କିମ୍ବା ମରାମତି କାମରେ ସମୟ ଅତିବାହିତ କରିବେ। ନିଜ ନିଜର ପାରିବାରିକ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ।

**ବିଛା** ଆଜି ଆକସ୍ମିକ ଭାବରେ ଗସ୍ତ କାର୍ଯ୍ୟକ୍ରମ ବୃଦ୍ଧି ପାଇବ ଏବଂ ଏକ ନୂତନ କାମରେ ନିଜକୁ ନିୟୋଜିତ କରି ଅଧିକାଂଶ ସମୟ ବ୍ୟସ୍ତ ରହିବେ। ଆଲୋଚନା କ୍ଷେତ୍ରରେ, ପ୍ରଶାସନିକ କାମରେ, ରାଜନୀତିର ଚର୍ଚ୍ଚାରେ, ଯାତ୍ରା କ୍ଷେତ୍ରରେ ତଥା ସଭା ସମିତିରେ ଆଶାଜନକ ଫଳ ପାଇବେ। ତଥାପି ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରୁହନ୍ତୁ।

**ଧନୁ** ପରିବାରର ସଦସ୍ୟମାନେ ଆପଣଙ୍କୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରି ପାରନ୍ତି। ଅତି ନିଜର ପ୍ରିୟ ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କ ବିରୋଧରେ କଥା କହିପାରେ। କର୍ମକ୍ଷେତ୍ରରେ ଉଚ୍ଚ ଚିନ୍ତା କରିଲେ କ'ଣ ହେବ, କାମଗୁଡିକ ଠିକ୍ ଭାବେ ହେବାରେ ପ୍ରତିବନ୍ଧକ ସୃଷ୍ଟି ହେବ। ଘରର ମରମ କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇବାର ପ୍ରୟାସ କରିବେ।

**ମକର** ମନ ପ୍ରାୟତଃ ଏକ ପ୍ରକାର ଭଲ ରହିବ ଏବଂ ଅର୍ଥ ପ୍ରାପ୍ତିର ଆଶାକୁ ଚରିତାର୍ଥ କରିବାର ଚେଷ୍ଟା କରିପାରନ୍ତି। ଦୁର୍ବଳ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଅତି ଭଲ ସମ୍ପର୍କ ଥିବା ବନ୍ଧୁଟି ସହ ବୁଝାମଣା ଠିକ୍ ରହି ନ ପାରେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ଓ ବ୍ୟବସାୟିକ କ୍ଷେତ୍ର, ପରିବହନ, ଏଜେନ୍ସି, କଚେରି ମାମଲା, ସଭାସମିତିରେ ସୁଫଳ ପାଇବେ।

**କୁମ୍ଭ** ସବୁ କଥାରେ ଭାବିଚିନ୍ତି ପଦକ୍ଷେପ ନେବା ଭଲ ହେବ ନଚେତ୍ କେଉଁ ମୁହୂର୍ତ୍ତରେ ସମସ୍ୟା ମାଡି ଆସିବ ତାହା ଚିନ୍ତା କିମ୍ବା କଳ୍ପନା କରିପାରିବେ ନାହିଁ। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ୍ୟ କାମଟିକୁ ଛାଡି ପାରିବେ ନାହିଁ ଅବଶ୍ୟ କେତେକାଂଶରେ ଉପକୃତ ହେବେ । ଗୋପନରେ ଶତ୍ରୁତା କରୁଥିବା କେହି ଜଣେ ବ୍ୟକ୍ତି ଅସୁବିଧାରେ ପକାଇପାରନ୍ତି।

**ମୀନ** ସବୁ ପ୍ରକାରର ସୁବିଧା ସୁଯୋଗ ପାଇ ଖୁସୀ ହେବେ। ପାଖ ପଡୋଶୀ କିମ୍ବା ଆତ୍ମୀୟମାନଙ୍କଠାରୁ ଅଯାଚିତ ଭାବେ ସହାୟତା ପାଇବେ। ପରିସ୍ଥିତି ବଶତଃ ଅଧସ୍ତନ କର୍ମଚାରୀ କିମ୍ବା ସହକର୍ମୀଙ୍କୁ କଟୁକଥା ପ୍ରୟୋଗ କରି ସୁସମ୍ପର୍କ ହରାଇବେ। ଆକସ୍ମିକ ଭାବେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

ଆଜି ମାର୍ଗଶିର ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପଣ୍ଡୁପୂର୍ଣ୍ଣିମା ବୁଧବାର, ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ, ପଣ୍ଡୁ ଓଷା, ପୂର୍ଣ୍ଣିମାର ଚନ୍ଦ୍ରପୂଜା, ଉପବାସ,ଡିସେମ୍ବର ୧୧ ତାରିଖ, ଅନ୍ତର୍ଜାତୀୟ ପର୍ବତ ଦିବସ, ୟୁନିସେଫ୍ ଦିବସ, ରାଶି ନକ୍ଷତ୍ର-ରୋହିଣୀ/ବୃଷ, ବିଛା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୪୧ମି. ଗତେ ଘ.୮।୨୪ମି. ମଧ୍ୟେ ଅମୃତ ବେଳା। ଦିବା ଘ.୯।୦୦ମି. ଗତେ ଘ.୧୦।୨୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧।୩୯ମି. ଗତେ ଘ.୧।୦୦ମି. ମଧ୍ୟେ ରାହୁକାଳ।

# classifieds Everyday
0674-2580101, 2549302




### BRIDE WANTED

Khandayat groom Clerk 41, Engineer 36, PO 39 (caste-no-bar), 7873374269. D-68625

ସବୁଜାତିର Suitable ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। Bio-data ସହ ଯୋଗାଯୋଗ। "Ringceremony", 7978736177. D-68220

Son age 28 B.Tech NIT, Rourkela working Central Govt., MAHARATNA, Salary 18 Lakhs, 7008986003. D-15656

Tanti boy 1986 B.Tech, MBA Software Engineer MNC Bangalore. 9437555525. D-15652

Son age 32 MBBS KMC, Manipal PG Radiology AIMS, Kochi Doctor AIMS, BBSR, 8144589551. D-15658

### GROOM WANTED

ଓଡିଆ ତେଲି ଜାତିର ଝିଅ MBA, ୧୯୮୩ ପାଇଁ ସରକାରୀ ଚାକିରିଆ State Govt. କିମ୍ବା Central Govt.ରେ ଚାକିରି କରୁଥିବା ପାତ୍ର ଆବଶ୍ୟକ। Mob No.- 9437530681 and 8144075237. Early marriage. Caste-no-bar (except SC & ST). D-15608

ଜାତିବନ୍ଧନ ନୁହେଁ। 35,5.3,B.Sc Nursing, Staff Nurse. ମାସିକଆୟ 32,000/-, ପାଇଁ ବର ଆବଶ୍ୟକ। ଅବିବାହିତ, ଛାଡ଼ପତ୍ରପ୍ରାପ୍ତ, ସନ୍ତାନଥିବା ବ୍ୟକ୍ତି ଗ୍ରହଣୀୟ। 8462050474. D-15606

Beautiful SC (pana) girl 1992/ 5'7", Software Hyderabad "VAISNABI" 9238578590. D-68523

Wanted Software Engineer groom for beautiful Brahmin girl 1989, 5'7" B.Tech (IT) serving Software Engineer TCS, annually 12Lakhs father Retd. Engineer settled Bhubaneswar, "Sunasansar". 8249969649. D-15601

Beautiful Khandayat girl MBBS Doctor/ 32/ SBI PO Bhubaneswar 9938199964, 9090486408. D-67261

Girl age 28 B.Tech IIIT, BBSR MBA XIMB, BBSR working in Govt. Bank, 7008986005. D-15657

automobile

### SALE

Toyota Fortuner, Passat, Verna, Breeza, Mitsubishi Lancer, Hyundai Elantra. 7381091234, 9861194627. D-68439

real estate

### SALE

ଭୁବନେଶ୍ୱର ପିତାପଲ୍ଲୀଛକ ନିକଟରେ NH-16କୁ ଲାଗିକି ପ୍ଲଟ୍ ବିକ୍ରିହେଉଛି। ପ୍ରଥମେ Possession ଦିଆଯାଉଛି, ତା'ପରେ ରେଜିଷ୍ଟ୍ରିହେଉଛି। Project ଭିତରେ 30ft road ଦିଆଯାଇଛି। 8018474890. D-68431

Residential plots available in Canal road, Laxmi Sagar and Badagad, Contact: 7978751719. D-67518

**Ready to move 2/3 BHK Flat in landmark PH-2, Sunderpada, Big society, clubhouse, park available. A property show held in 13th December 2019 in project site. Contact: 9938569014, 9861433014.** D-15660

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ 1000sqft. 5,50,000. Contact: 8908492594. D-15304

**New Duplex, 3BHK sale at Gudia Pokhari, Bhubaneswar with all amenities plan approved bank finance available 7077598070.** D-68919

Resale furnished 2BHK flat for sale at Patia top floor. Contact: 7978751719. D-67519

**Gharabari plot of 11,400sqft. along with 6Nos. of shop room size (12'/10') near Hi-Tech Plaza, Sunderpada for sale. Contact: 7709297827.** D-68920

Book 3BHK Duplex having land area 1400sqft. and construction area 2100sqft. at Nandan Vihar, Patia, Bhubaneswar. Price- 77 Lakhs 7504392698. D-68922

**Bhubaneswar Uttarachhakaରୁ 5K.M sqft.-550/-, କଟକ ତ୍ରିଶୂଳିଆରୁ 4K.M-280/-, କଟଣୀଗେଟ୍‌ଠାରେ 200/, ନଖରା DPS ପାଖରେ 700/-ର ଘରବାରି ପ୍ଲଟ୍ ମିଳୁଅଛି। 9348020724, 7978939440.** D-68433

ନଖରା ତ୍ରିନାଥବଜାରଠାରେ **SC Plot 1200sqft. 4,44,000/-,** ଘରବାରୀ ପାଚେରୀ ଥାଇ **outright**ରେ ମିଳୁଅଛି– **9348817649, 6371569855.** D-68443

Simplex, duplex near Rasulgarh, GGP, Jagannathnagar for resale. 9853437048, 9439541870. D-15603

**Fully developed 30'road, electricity, Gharabari residential corner plot at canalroad, Hanspal @7,80,000/- 9437033320.** D-68444

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-68911

3BHK at Damana Chhak near Club town. Price- 85/90 lakh. Contact: 8249083968, 7978414100. D-15592

**Bhubaneswar Kesura SBI କଲୋନୀକୁ ଲାଗି ଘରବାଡି ପାଚେରି ସହ ଏବଂ Airportରୁ 5k.m ସୁନ୍ଦରପଦାରେ plot ମିଳୁଅଛି– 9078736851.** D-68445

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରୀମ Boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft.650/- 7008045582, 9692003948. D-15642

**Ready to move 2BHK and 1BHK flats in 1st block out of 6 blocks (84flats) near Mount Litera Zee School Kateni (7k.m from SUM Hospital) is immediate for sale. 9937847725.** D-68525

**1500sqft. gharabari plots with developed 40ft. main entrance road and 30ft. internal road with park, fountain, electricity and gated boundary 9k.m from airport and 2k.m before Xavier University is immediate for sale. 9937162220.** D-68526

to-let

300sqft. shop, A/43 near Reliance Fresh, Ruchika Market, Baramunda, Bhubaneswar. 8763246739. D-67262

healthcare

Rejuvenate and ayurvedic full body massage by smart therapist. 9114402304. D-68904

Ayurvedic full body massage ladies/ gents smart experts therapist-8480939300. D-68712

Ayurvedic full body massage ladies & gents smart therapist, 9668814589. D-68719

Full body herbal massage with refreshment expert therapist. 7381239385, 06 742540855. D-68915

Experience full body massage with us (expert). Call: 7377048581, 06742597822. D-68916

Herbal full body massage by smart / expert therapist. Contact: 8338067247. D-68917

Summer special mesmerizing offer expert therapeutic refreshing massage appointment. 9668374480. D-68918

Male therapist full body massage with relax, Home service available. 8328868891, BBSR. D-15649

Ayurvedic full body massage Ladies & gents. Contact: 9861064981. D-68721

Refresh your mind and soul with best therapy at Orchid Salon/Spa. 9937287222. D-68722

business

Avon trading co. (Regd.) 1500 ରୁ 8000 ରୋଜଗାର କରନ୍ତୁ। Paper plate, ସୂତା ଉଦ୍ୟୋଗ ଲଗାନ୍ତୁ। କଞ୍ଚାମାଲ, ଟ୍ରେନିଂ, ଆଗ୍ରୀମେଣ୍ଟ, ଟ୍ରାନ୍ସପୋର୍ଟ ଫ୍ରୀ.– 9873093017, 9873093217. D-15430

### LOST

ମୁଁ ରାଜକୃଷ୍ଣ ଦିଣ୍ଡା, ପିତା ସ୍ୱର୍ଗତ ନରେନ୍ଦ୍ର ଦିଣ୍ଡା, ଗ୍ରା- ପୂର୍ଣ୍ଣପ୍ରସାଦ, ପୋ- କଇଥଖୋଲା, ଜିଲ୍ଲା- ଭଦ୍ରକ କଇଥଖୋଲାରୁ ଧାମରା ଯିବା ରାସ୍ତାରେ ମୋ ଜମିକବଲା ନଂ-୯୪୧/୨୦୦୫, ମୌଜା- ଜଗନ୍ନାଥପ୍ରସାଦ, ଖାତା ନଂ. ୨୩୧/୧୨୧ ପ୍ଲଟ୍ ନଂ.- ୧୭୯, ୧୮୨, ୧୭୯/୮୯୭ ମୋଟ ଜାଗାର ପରିମାଣ ୨.୪୨ ଡିସିମିଲ ହଜିଛି। ଯଦି କୌଣସି ବ୍ୟକ୍ତି ପାଆନ୍ତି ମୋବାଇଲ- 8895259758, 9777314386 କୁ ଯୋଗାଯୋଗ କରିବେ। D-15662

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### AFFIDAVIT

Affidavit before Executive Magistrate, Dhenkanal, 09.12.2019 my surname has Changed from Naik to Baral. Henceforth I shall be known as Kanhu Charan Baral, S/o. Govinda Baral, Vill/ PO- Bhaliabolakateni, PS- Sadar, Dist- Dhenkanal for all purposes. Kanhu Charan Naik. D-66837

In the court of Executive Magistrate Basudevpur. Uttam Barik, allias Ugrasen Barik age 49 son of Harekrushna Barik At Sugo, PO- G.Sugo, Dist- Bhadrak do hereby declare. Uttam Barik and Ugrasen Barik is same and one person. D-15663

By virtue of an affidavit before Notary Public Karanjia Dist.- Mayurbhanj, I Jashabanta Behera, S/o- Mahendra Behera do hereby declare that the title of myself and my father has been mentioned DL No. ORIIR19990000602 and RC Book as wrongly "Singh". The actual title is "Behera" my date of birth is 05.03.1981 . D-15664

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## ମନି ରସିଦ ହଜିଯାଇଛି

ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୯୭୨୨୪ ନମ୍ବରରୁ ୯୭୩୦୦ ନମ୍ବର ପର୍ଯ୍ୟନ୍ତ ଧରିତ୍ରୀର ମନି ରସିଦ୍ ଏବଂ ୨୬୪୮୦ ନମ୍ବରରୁ ୨୬୫୦୦ ନମ୍ବର ପର୍ଯ୍ୟନ୍ତ ଓଡ଼ିଶା ପୋଷ୍ଟର ମନି ରସିଦ ହଜିଯାଇଛି। ତେଣୁ ଉକ୍ତ ନମ୍ବର ବିଶିଷ୍ଟ ରସିଦଗୁଡ଼ିକରେ କୌଣସି ନେଣଦେଣକୁ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ପକ୍ଷରୁ ଗ୍ରହଣ କରାଯିବ ନାହିଁ।

### ସ୍କୁଲ ଯିବା ପାଇଁ ତାଗିଦ୍ କରିବାର ଦୁଃଖ

# ଦେହରେ ନିଆଁ ଲଗାଇ ଛାତ୍ରଙ୍କ ଆତ୍ମହତ୍ୟା

କୁଆମରା/ବଡ଼ସାହି,୧୦।୧୨(ସ୍ୱ.ପ୍ର/ଡି.ଏନ୍.ଏ.)

ସ୍କୁଲ ଯିବା ପାଇଁ ବଡ଼ ଭଉଣୀ ତାଗିଦ କରିବାରୁ ଜଣେ ନବମ ଶ୍ରେଣୀର ଛାତ୍ର ଦେହରେ କିରୋସିନ ଢାଳି ପୋଡ଼ିହୋଇ ଆତ୍ମହତ୍ୟା କରିଛନ୍ତି। ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ ପଶୁଦା ଗ୍ରାମ ଭୋଳାପଦା ସାହିରେ ମଙ୍ଗଳବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତ ଛାତ୍ର ଜଣକ କାଳିଦାସ ମାରାଣ୍ଡି(୧୪)। ଏନେଇ ଖୁଣ୍ଟା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୬୧/୧୯ )ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ସ୍କୁଲ ଯିବା ପାଇଁ ବଡ଼ ଭଉଣୀ ତାଗିଦ କରିବାରୁ କାଳିଦାସ ରାଗି ଯାଇ ଘର ଭିତରେ ପଶି କବାଟ ବନ୍ଦ କରି ଦେଇଥିଲେ। କିଛି ସମୟ ପରେ ଘର ଭିତରୁ ନିଆଁ ବାହାରୁଥିବା ଓ ଚିତ୍କାର ଶୁଣି ପଡୋଶୀ ଲୋକେ କବାଟ ଭାଙ୍ଗି ତାଙ୍କୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବଡ଼ସାହି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶରୀରର ୯୦ ପ୍ରତିଶତ ପୋଡ଼ି ଯାଇଥିବାରୁ ଗୁରୁତର ଅବସ୍ଥାରେ ବାରିପଦା ପିଆରଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଘଟଣା ପ୍ରଚାରିତ ହେବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



କାଳିଦାସ ମାରାଣ୍ଡି




ଆଇଡିବିଆଇ ଉତ୍ସବ ଫିକ୍ସଡ ଡିପୋଜିଟ୍ସ
ଯୋଗେ ପାଆନ୍ତୁ ଆଶ୍ୱାସିତ ଆୟ।
ସୁଧ 7% ପର୍ଯ୍ୟନ୍ତ ବାର୍ଷିକ*
ନିଃଶୁଳ୍କ ନମ୍ବର: 1800-209-4324 / 1800-22-1070
ଆମକୁ ଦେଖନ୍ତୁ ଏଠାରେ: www.idbibank.in
IDBI BANK
Bank Aisa Dost Jaisa
*ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ



ଓଁ ଶ୍ରୀ ସାଇନାଥାୟ ନମଃ

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ ଶ୍ରୀମତୀ ଆହ୍ଲାଦିନୀ ମିଶ୍ର

ଶ୍ରୀ ଦ୍ୱାରିକା ମୋହନ ମିଶ୍ରଙ୍କ ସହଧର୍ମିଣୀ ଶ୍ରୀମତୀ ଆହ୍ଲାଦିନୀ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଶ୍ରାଦ୍ଧ ଦିବସ ତା୧୩।୧୨।୨୦୧୯ରିଖ (ଶୁକ୍ରବାର)ଦିନ ମଧ୍ୟାହ୍ନ ଘ.୧୨.୩୦ମିନିଟ୍ ସମୟରେ ଶ୍ରୀ ଦତ୍ତାତ୍ରେୟ ସାଇ ଆଶ୍ରମ, ଢେଙ୍କାନାଳ ପରିସରରେ ଅନୁଷ୍ଠିତ ହେବ । ଆପଣମାନଙ୍କର ସଦୟ ଉପସ୍ଥିତି ପାଇଁ ବିନୀତ ଅନୁରୋଧ।

।। ଇତି ।।

ଶ୍ରୀ ଶାନ୍ତିବର୍ଦ୍ଧନ ମିଶ୍ର

ଶ୍ରୀ ଜୟବର୍ଦ୍ଧନ ମିଶ୍ର



LOVED IN 70 COUNTRIES
BAJAJ THE WORLD'S FAVOURITE INDIAN

ଫାଇଦା ହିଁ ଫାଇଦା !

₹3200/-* ପର୍ଯ୍ୟନ୍ତର ଫାଇଦା

₹2000/-* ପର୍ଯ୍ୟନ୍ତର ରିଆତି + 5 ଫ୍ରି ସର୍ଭିସ୍ + 5 ବର୍ଷର ଫ୍ରି ୱାରେଣ୍ଟି



ନୂଆ CT110 ନୂଆ PLATINA H GEAR 110

ଆକର୍ଷକ ସଞ୍ଚୟ CT ଏବଂ Platina ର ଅନ୍ୟ ମଡେଲ୍ ମାନଙ୍କ ଉପରେ ମଧ୍ୟ ଉପଲବ୍ଧ*

କିଛି ଲୁଚାଛପା ଖର୍ଚ୍ଚ ନାହିଁ! ନ୍ୟୂନ ଡାଉନ୍ ପେମେଣ୍ଟ ₹4090/-# ରୁ ଆରମ୍ଭ କିମ୍ବା ₹0/-* ପ୍ରୋସେସିଙ୍ଗ ଫୀ

Call 7219821111 | For Institutional / Bulk orders, please send an e-mail to corporatesales@bajajauto.co.in | OFFER VALID TILL 31ST DECEMBER, 2019

*ନିୟମ ଓ ସର୍ତ୍ତାବଳୀ ଲାଗୁ । ଅଧିକ ଜାଣିବା ପାଇଁ ଭିଜିଟ୍ କରନ୍ତୁ www.bajajauto.com/faydaoffer । CT100KS ବ୍ୟତିତ CT ଏବଂ Platina ର ସବୁ ମଡେଲ୍ ଉପରେ ସ୍କିମ୍ ବୈଧ, ରିଆତି ଭିନ୍ନ ହୋଇପାରେ । ତାମିଲନାଡୁ, କେରଳ ଓ ଉତ୍ତର ପୂର୍ବ ରାଜ୍ୟରେ ଏହି ସ୍କିମ୍ ଉପଲବ୍ଧ ନାହିଁ । ଫାଇନାନ୍ସ ସମ୍ପୂର୍ଣ୍ଣ ରୂପେ ଫାଇନାନ୍ସରର ବିଚାରଧିନ ଏବଂ କ୍ରେଡିଟ୍ ମାନ ଦଣ୍ଡ ଅଧିନ। ପୂର୍ବ ସୂଚନା ବିନା ଯେକୌଣସି କିମ୍ବା ସବୁ ଅଫରକୁ ବଦଳାଇବା କିମ୍ବା ପ୍ରତ୍ୟାହାର କରିବାର ଅଧିକାର ବଜାଜ ଅଟୋ ନିକଟରେ ସଂରକ୍ଷିତ । #CT100ES ର ଡାଉନ୍ ପେମେଣ୍ଟ ରାଶି । DCC ଚାର୍ଜ ଅତିରିକ୍ତ, ନିୟମାନୁଯାୟୀ ।

BAJAJ FINANCE LTD - AF

**Authorised Dealers for BAJAJ Auto Ltd.: Sambalpur: UJJWAL** BAJAJ 9853155550 • **Rourkela:** RM BAJAJ 90780 83803 • **Baragrh** CHANDAN BAJAJ 7381415555 • **Bolangir** URBASI BAJAJ 7381052046 • **Bhawanipatna** KALINGA BAJAJ 8895088261 • **Jharsuguda UTKAL BAJAJ 9337200356. Authorised Service Centre: Binika** 9437151684, **Dunguripali** 9937006819, **Boudh 7978833033, Kuchinda** 9437392099, **Titilagarh** 9437224027, **Patnagarh** 9937301752, **Kantabanji** 9439277555, **Padampur** 9437417977, **Gaisilet** 9937517018, **Barpali** 9861368656, **Junagarh** 9437092196, **Muniguda 9124600099, Rajkhariar 9437072917, Udyanbandh 9668115670, Khariar Road** 9437188542, **Brajrajnagar 9937124444, Bamara** 9937108643, **Bagdhi** 7873430989, **Kuchinda** 9437392099, **Deogarh** 9437020444, **Rajgangpur** 8908908901, **Diptipur**- 7750039856, **Godbhaga** – 9937514987, **Saintala**-8114662939 / 9658030100, **Kesinga**- 6371162632.



MARUTI SUZUKI NEXA

CREATE NEW EXPERIENCES WITH THE BEST OFFERS OF THE YEAR.

Avail great year-end offers before the stock runs out.



LIMITED PERIOD OFFERS ONLY

VALID TILL 31st DECEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹25 000 | ₹25 000+ 5 YEAR WARRANTY | ₹30 000 | ₹50 000+ 5 YEAR WARRANTY | ₹25 000 | ₹40 000+5 YEAR WARRANTY |
| EXCHANGE OFFER | ₹15 000 | ₹15 000 | ₹25 000 | ₹40 000 | ₹40 000 | ₹40 000 |
| CORPORATE OFFER | ₹5 000 | ₹10 000 | ₹10 000 | ₹10 000 | ₹10 000 | ₹10 000 |
| TOTAL SAVINGS# | **₹45 000** | **₹67 400** | **₹65 000** | **₹1 22 900** | **₹75 000** | **₹1 12 700** |

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

SAMBALPUR: NEXA SAMBALPUR HIGHWAY (ODYSSEY MOTORS PH: 8599039994).

SUZUKI connect ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
Vehicle Tracking
Emergency Alert
Driving Behaviour Analysis
Live Vehicle Status
Vehicle Alerts
Offered separately as Genuine NEXA Accessory

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and a 5-year warranty (2-year standard warranty + 3-year extended warranty) on all NEXA Diesel cars.

> ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।
> –ଶ୍ରୀମା



# ଗ୍ରହଣ କରନାହିଁ

ଭାରତରେ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)ରେ ଅନେକ ସ୍ଥାନରେ ଅବ୍ୟବସ୍ଥା ଦେଖାଦେବାର ଅଭିଯୋଗ ଜଣାଶୁଣା ବିଷୟ ଭାବେ ରହିଆସିଛି। ଯେବେଠାରୁ ଓଡ଼ିଶା ସମେତ ଅନେକ ରାଜ୍ୟରେ ଆଧାରକୁ ପିଡିଏସ୍ ସହ ଯୋଡ଼ାଗଲାଣି, ସେବେଠୁ ବହୁ ଲୋକ ଅଧିକ ହଇରାଣ ହରକତ ହେଉଛନ୍ତି। ଯାହାଙ୍କ ପାଖରେ ଆଧାର ନମ୍ବର ନାହିଁ ସେମାନେ ଏହି ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଦୁଃଖ କେବଳ ସେହିଠାରେ ଅଟକିଯାଇ ନାହିଁ। ଆଧାର କାର୍ଡ ନ ଥିବାରୁ ଖାଦ୍ୟଶସ୍ୟ ନ ପାଇ ଝାଡଖଣ୍ଡ ସିମ୍‌ଡେଗା ଅଞ୍ଚଳର ୧୧ ବର୍ଷୀୟା ସନ୍ତୋଷୀ ୨୮ ସେପ୍ଟେମ୍ବର ୨୦୧୮ରେ ପ୍ରାଣ ହରାଇଥିବା ବିଷୟ ସେତେବେଳେ ଜାତୀୟ ସ୍ତରରେ ଆଲୋଡ଼ନ ସୃଷ୍ଟି କରିଥିଲା। ଗଣମାଧ୍ୟମ ଦୃଷ୍ଟିକୁ ଆସୁଥିବା ଏଭଳି ଦୁଃଖଦ କାହାଣୀ ସଂଖ୍ୟା ଖୁବ୍ ନଗଣ୍ୟ। ଦେଶର କୋଣଅନୁକୋଣରେ ଏଭଳି ଘଟଣା ଦୈନିକ ଘଟିବାରେ ଲାଗିଛି। କିନ୍ତୁ ଆଜିର କେନ୍ଦ୍ର ସରକାରଙ୍କ କ୍ରୋଧର ଶିକାର ହେବା ପରିବର୍ତ୍ତେ ଆଧାର ବିରୋଧରେ ବାସ୍ତବ ସ୍ଥିତି ଆଲୋଚନା କରିବାକୁ ସବୁ ଗଣମାଧ୍ୟମ ପଛଘୁଞ୍ଚା ଦେଉଛନ୍ତି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମକୁ ନିଜସ୍ୱ ତଦାରଖରେ କରାଉଥିବା ହେତୁ ଏଭଳି ମାନସିକତା ପ୍ରକାଶ ପାଉଛି।

ଆଧାର କାର୍ଡ ନ ଥିବାରୁ ସନ୍ତୋଷୀଙ୍କ ମୃତ୍ୟୁ ଘଟଣା ନେଇ ସୁପ୍ରିମକୋର୍ଟରେ ଆବେଦନ କରାଯିବା ପରେ ସର୍ବୋଚ୍ଚ ଅଦାଲତ ଏହାକୁ ଏକ ଗମ୍ଭୀର ବିଷୟ ଭାବେ ଅଭିହିତ କରି ଅନାହାର ବା କ୍ଷୁଧାମୃତ୍ୟୁକୁ ନେଇ ସବୁ ରାଜ୍ୟ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଆଧାର କାର୍ଡ ବିନା କୌଣସି ବ୍ୟକ୍ତି ଯେଭଳି ଭୋକିଲା ରହିବେ ନାହିଁ, ସେଥିଲାଗି ସୁନିଶ୍ଚିତ କରିବା ଉପରେ ରାଜ୍ୟ ସରକାରଗୁଡ଼ିକୁ କୁହାଯାଇଛି। ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବ୍‌ଡେ ଏ ସଂକ୍ରାନ୍ତ ଏକ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ, ଯେତେବେଳେ ଆଧାର ଉପରେ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଥିଲେ, ସେହି ପୀଠରେ ସେ ଜଣେ ସଦସ୍ୟ ଥିଲେ। ରାୟରେ କୁହାଯାଇଥିଲା ଯେ, ଆଧାର କାର୍ଡ ନ ଥିଲେ ମଧ୍ୟ କୌଣସି ବ୍ୟକ୍ତି ସେବା ପାଇବାରୁ ବଞ୍ଚିତ ହେବେ ନାହିଁ। ଦେଶର ସର୍ବୋଚ୍ଚ ଅଦାଲତଙ୍କ ସେହି ମୂଲ୍ୟବାନ ମତକୁ ଅନେକ ରାଜ୍ୟ ସରକାର ମାନୁନାହାନ୍ତି। ସେଥିଲାଗି କେବଳ ରାଜ୍ୟ ସରକାରଗୁଡ଼ିକୁ ଦୋଷ ଦେଲେ ଚଳିବ ନାହିଁ। କେନ୍ଦ୍ରରେ ଅବସ୍ଥାପିତ ଏନ୍‌ଡିଏ ସରକାର ମଣିଷ ଜୀବନର ପ୍ରତି ପଦକ୍ଷେପରେ ଆଧାରକୁ ବ୍ୟବହାର କରିବା ଲାଗି ବାଧ୍ୟ କରୁଥିବାରୁ ଭାରତର ଅନେକ ନାଗରିକ ବିଭିନ୍ନ କ୍ଷେତ୍ରରେ ହଇରାଣ ହେଉଛନ୍ତି।

କୁହାଯାଉଛି, ଜନମଙ୍ଗଳ ରାଷ୍ଟ୍ର ଭାରତରେ ସରକାର ଯେଉଁ ପଦକ୍ଷେପ ନେଉଛନ୍ତି ତାହା ସମସ୍ତଙ୍କ ହିତ ପାଇଁ ଉଦ୍ଦିଷ୍ଟ। କିନ୍ତୁ ବାସ୍ତବତା ଭିନ୍ନ କାହାଣୀ ବର୍ଣ୍ଣନା କରୁଛି। ପିଡିଏସ୍‌ରେ ସାଧାରଣ ବର୍ଗଙ୍କ ଉନ୍ନତି ଲାଗି ଆଧାର ଯୋଡ଼ାଯିବା ବିଷୟକୁ ସରକାର ଅଗ୍ରପ୍ରାଧାନ୍ୟ ଦେଉଛନ୍ତି ବୋଲି ଡାକ ପକାଉଥିଲେ ମଧ୍ୟ ତାହାର ସୁଫଳ ତଳସ୍ତରର ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଆଧାର ସଂଯୋଗ ଦ୍ୱାରା ବହୁ ଅଯୋଗ୍ୟ ହିତାଧିକାରୀ ବା କାରସାଦି କରି ଅନେକେ ବ୍ୟବସ୍ଥାର ଫାଇଦା ନେଇଥିବା ବ୍ୟକ୍ତିଙ୍କୁ ଧରାଯାଇପାରିଥିବା କହି ସରକାର ବାହାବା ନେଉଛନ୍ତି। ତେବେ ଏହି ଲକ୍ଷ୍ୟ କେତେଦୂର ପୂରଣ ହୋଇଛି ତାହାର ବାସ୍ତବ ଚିତ୍ର ଠିକ୍ ଭାବେ ପ୍ରକାଶ କରାଯାଉ ନାହିଁ। ବରଂ ଆଧାର ନ ଥିବାରୁ ଗରିବ ଲୋକମାନେ ରାଶନ କାର୍ଡ ଅଭାବରୁ ଦୟନୀୟ ଜୀବନ ବିତାଉଛନ୍ତି।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସମସ୍ତେ କିଭଳି ଆହାର ପାଇବେ ତାହା ସୁନିଶ୍ଚିତ କରିବା ହେଉଛି ସରକାରଙ୍କ ଦାୟିତ୍ୱ। ସର୍ବନିମ୍ନ ଖାଦ୍ୟଶସ୍ୟ ଯଦି ନାଗରିକଙ୍କୁ ନ ମିଳେ କିମ୍ବା ସରକାରୀ ବ୍ୟବସ୍ଥା ବିଫଳ ହୁଏ, ତାହାହେଲେ ଆଧାର ଭଳି କାର୍ଯ୍ୟକ୍ରମ ଦେଶ ଅନିଷ୍ଟକାରୀ ବୋଲି ବିବେଚିତ ହେବ। ପୂର୍ବରୁ ଜଣେ ନାଗରିକ ଓ ତାଙ୍କ ଆର୍ଥିକ ଦିଗକୁ ଚିହ୍ନଟ କରାଯାଇ ରାଶନ କାର୍ଡ ଦିଆଯାଇ ଆସୁଥିବା ବେଳେ ଏବେ ଆଧାର ସଂଯୋଗ ନ ଥିବା ବ୍ୟକ୍ତି ଖାଦ୍ୟଶସ୍ୟ ନ ପାଇବା ସରକାରଙ୍କ ଯୋଜନାକୁ ବିକୃତ କରିଦେଉଛି। ଭୋଟର କାର୍ଡ ଜଣେ ନାଗରିକଙ୍କ ପରିଚୟପତ୍ର ଭାବେ ବ୍ୟବହାର କରାଯାଇ ଆସୁଥିଲା। ତା' ପୂର୍ବକୁ ଦେଖିଲେ ଜମି ପଟ୍ଟା ଥିଲା ଜଣେ ବ୍ୟକ୍ତିଙ୍କ ପରିଚୟ। ଯେତେବେଳେ ସେହି ସର୍ବନିମ୍ନ ପରିଚୟ ପାଇବା ଲାଗି ଜଣେ ଅଯୋଗ୍ୟ ଥିଲେ ବା ଭୂମିହୀନ ରହିଥିଲେ, ସେତେବେଳେ ତାଙ୍କୁ ଚିହ୍ନିଥିବା ଲୋକ ଯଥା ପଞ୍ଚାୟତର ସରପଞ୍ଚ କିମ୍ବା ଗ୍ରାମର ପରିଚିତ ବ୍ୟକ୍ତିଙ୍କ ସୁପାରିସ ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କୁ ସରକାରୀ ସୁବିଧା ମିଳିପାରୁଥିଲା। ଆଜିର ଅନ୍‌ଲାଇନ୍ ସଂଯୋଗ ଯୁଗରେ ସମ୍ବେଦନଶୀଳତା ପଛକୁ ଚାଲିଯାଉଛି। ଏଣୁ ଯାହାର ଆଧାର ନାହିଁ ସେ ଯେତେ ଗରିବ ହୋଇଥିଲେ ମଧ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହୋଇଯାଉଛନ୍ତି। ଏଭଳି ପରିସ୍ଥିତିରେ ସୁପ୍ରିମକୋର୍ଟଙ୍କ କ୍ଷୁଧାମୃତ୍ୟୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ଓ ରାଜ୍ୟଗୁଡ଼ିକୁ ଏ ସଂକ୍ରାନ୍ତରେ ନୋଟିସ୍ ଦିଆଯିବା ସ୍ୱାଗତଯୋଗ୍ୟ। କେନ୍ଦ୍ରର ସବୁ ନିଷ୍ପତ୍ତିକୁ ତର୍ଜମା ନ କରି ରାଜ୍ୟ ସରକାର ହୁଣ୍ଡା ଭାବେ ଗ୍ରହଣ କରିନେଲେ ଭଲ ପରିବର୍ତ୍ତେ ଭେଲ ସଂଖ୍ୟା ବଢ଼ିଚାଲିବ। ସଂଘୀୟ ବ୍ୟବସ୍ଥାରେ ଭାରସାମ୍ୟ ଆଣିବାକୁ ହେଲେ ରାଜ୍ୟଗୁଡ଼ିକ ତରଫରୁ କେନ୍ଦ୍ରର ସବୁ ଯୋଜନା ଓ କାର୍ଯ୍ୟକ୍ରମକୁ ପୁଙ୍ଖାନୁପୁଙ୍ଖ ନିରୀକ୍ଷଣ କରାଯିବା ଦରକାର। ଉଦାହରଣସ୍ୱରୂପ, କେନ୍ଦ୍ର ଦ୍ୱାରା ଗୃହୀତ ନାଗରିକତ୍ୱ ସଂଶୋଧନ ବିଲ୍–୨୦୧୯ର ମାରାତ୍ମକ ଦିଗକୁ ମଧ୍ୟ ରାଜ୍ୟ ସରକାରଗୁଡ଼ିକ ନଜରରେ ରଖି ତାହାକୁ କାର୍ଯ୍ୟକାରୀ କରାଇବା ଉଚିତ ନୁହେଁ। ଓଡ଼ିଶାରେ ବିଶେଷକରି ସବୁ କେନ୍ଦ୍ରୀୟ ନିର୍ଦ୍ଦେଶକୁ ଅନ୍ଧ ଭାବେ ଯେଉଁଭଳି ଢଙ୍ଗରେ କାର୍ଯ୍ୟକାରୀ କରାଯାଉଛି, ତାହା ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ପାଇଁ କ୍ଷତିକାରକ । ହୁଏତ ଏବେ ତାହା ବୁଝାପଡୁନାହିଁ, କିନ୍ତୁ ଦୀର୍ଘମିଆଦୀ ନକାରାତ୍ମକ ପ୍ରଭାବରୁ କେହି ବଞ୍ଚିପାରିବେ ନାହିଁ।

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 8 | D | | B | 2 | | | | | | | 7 | | |
| | 4 | | | | 7 | | A | | | B | | E | 8 | C |
| | 3 | | | | E | 8 | 2 | 1 | | 0 | | | | |
| | | | | 1 | | | | 4 | | | | | B | 9 |
| | 7 | 1 | | 9 | | | | | | C | 8 | 2 | | 5 |
| 4 | | | | 8 | 9 | | | 2 | | | 1 | | | |
| | 5 | | | | | | D | B | | 3 | | | 2 | 7 |
| 8 | | | | | | | | C | 6 | 4 | A | | | 0 |
| | | | | 2 | 6 | | | E | C | | 5 | | | 4 |
| C | | | 5 | | 3 | A | | | | | | 6 | | |
| | A | | 6 | | | D | | | | | | 0 | | |
| | | | | D | | 9 | 4 | | | | 0 | | 3 | |
| 3 | | | 7 | | 1 | | | | | | C | | A | E |
| | | | | 0 | | | 7 | 3 | A | | 6 | B | 4 | 1 |
| | | | | | | C | 1 | | | D | 7 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | A | 6 | 0 | 8 | 7 | E | 1 | B | 5 | 9 | D | 3 | C | 2 |
| 8 | 7 | C | D | B | 5 | A | 4 | 3 | 1 | 0 | 2 | 9 | 6 | E |
| 0 | 1 | 2 | 4 | A | 6 | 7 | D | 9 | 3 | C | E | 8 | 5 | B |
| 3 | D | 5 | 2 | 9 | E | 0 | C | 6 | 8 | A | B | 7 | 1 | 4 |
| B | 9 | E | 3 | 1 | C | 5 | 2 | 8 | 7 | 6 | 4 | A | 0 | D |
| A | 6 | 0 | C | 4 | 9 | B | 5 | 2 | D | 7 | 3 | 1 | E | 8 |
| 9 | E | 3 | B | D | 0 | 8 | A | 1 | 4 | 2 | 5 | 6 | 7 | C |
| 7 | 5 | 1 | 8 | E | 3 | 4 | 6 | C | 9 | B | 0 | D | 2 | A |
| D | C | 4 | A | 5 | 2 | 3 | 7 | E | 6 | 8 | 1 | 0 | B | 9 |
| 2 | 8 | B | 6 | 7 | 1 | 9 | 0 | D | A | E | C | 4 | 3 | 5 |
| 6 | B | 7 | 9 | 3 | 4 | D | E | 5 | C | 1 | A | 2 | 8 | 0 |
| 1 | 3 | 9 | E | 0 | A | 6 | B | 4 | 2 | 5 | 8 | C | D | 7 |
| E | 4 | D | 7 | 2 | B | C | 8 | A | 0 | 3 | 6 | 5 | 9 | 1 |
| C | 2 | 8 | 5 | 6 | D | 1 | 9 | 0 | B | 4 | 7 | E | A | 3 |
| 5 | 0 | A | 1 | C | 8 | 2 | 3 | 7 | E | D | 9 | B | 4 | 6 |

ଗତକାଲିର ଉତ୍ତର

# ଅବାସ୍ତବ ଚାଷୀଙ୍କ ଆୟବୃଦ୍ଧି ଲକ୍ଷ୍ୟ



### ତତ୍ତ୍ୱ ଓ ତର୍କ

**ବିମଳ ପାଣ୍ଡିଆ**

ଚାଷୀଙ୍କ ଆୟ ୬ ବର୍ଷରେ ଦୁଇଗୁଣା ବଢ଼ିବ କି ନାହିଁ ତାହାକୁ ନେଇ ଚିନ୍ତା କରିବା ପ୍ରାୟ ସମସ୍ତେ ଛାଡ଼ି ଦେଇଥିବା ବେଳେ ଭାରତର ସବୁଠାରୁ ବଡ଼ ଧନୀ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି କିନ୍ତୁ ବର୍ଷକରେ ଦେଢ଼ଗୁଣା ବଢ଼ି ସାରିଛି। ଅର୍ଥନୈତିକ ପତ୍ରିକା 'ଫୋର୍ବସ' ଅନୁସାରେ ୬।୧୨।୨୦୧୯ ତାରିଖରେ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତିର ପରିମାଣ ଥିଲା ୫୯.୯ ବିଲିୟନ ଡଲାର ବା ପ୍ରାୟ ୪ ଲକ୍ଷ ୨୫ ହଜାର କୋଟି ଟଙ୍କା। ମାତ୍ର ବର୍ଷକ ତଳେ ତାଙ୍କ ସମ୍ପତ୍ତିର ପରିମାଣ ୪୦.୧ ବିଲିୟନ ଡଲାର ଥିଲା। ଅର୍ଥାତ୍ ବର୍ଷକରେ ବଢ଼ିଲା ୪୯.୪% ବା ପ୍ରାୟ ଦେଢ଼ଗୁଣା। ଏବେ ଆସିବା କୃଷକଙ୍କ ଆୟକୁ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଜାରି କରିଥିବା ଜିଡିପି ତଥ୍ୟ ଅନୁସାରେ କୃଷିକ୍ଷେତ୍ରର ବୃଦ୍ଧି ହାର ୨୦୧୯–୨୦ ବର୍ଷର ପ୍ରଥମ ତ୍ରିମାସୀରେ ଥିଲା ମାତ୍ର ୨% ଓ ଦ୍ୱିତୀୟ ତ୍ରିମାସୀରେ ଥିଲା ୨.୧%। ପୂର୍ବ ବର୍ଷର ଏହି ଦୁଇ ତ୍ରିମାସୀରେ କୃଷିକ୍ଷେତ୍ରର ବୃଦ୍ଧି ହାର ଥିଲା ଯଥାକ୍ରମେ ୫.୧% ଓ ୪.୯%। ଅର୍ଥାତ୍ କୃଷିକ୍ଷେତ୍ରରେ ଅଭିବୃଦ୍ଧି ହାର ଅଧାରୁ ଅଧିକ ହ୍ରାସ ପାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଷୀଙ୍କ ଆୟ ଦୁଇଗୁଣା କରିବୁ ବୋଲି ପ୍ରଥମେ ଘୋଷଣା କରିଥିଲେ ୨୮।୦୨।୨୦୧୬ ତାରିଖରେ। ପରେ ସରକାରଙ୍କ ଏହା ସବୁଠାରୁ ବଡ଼ ଲକ୍ଷ୍ୟ ମଧ୍ୟରୁ ଗୋଟିଏ ବୋଲି ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସରକାର ସଂସଦ ଭିତରେ ଓ ବାହାରେ ବାରମ୍ବାର ଦୋହରାଇଛନ୍ତି। ଏହି ଘୋଷଣା ଅନୁସାରେ ୨୦୧୬ ବର୍ଷକୁ ମୂଳ ବର୍ଷ ହିସାବରେ ନେଇ ୬ ବର୍ଷରେ ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣା ହେବା କଥା। ସେହି ୬ ବର୍ଷ ମଧ୍ୟରୁ ଅଧା ସରିଗଲାଣି। ଏହି ତିନି ବର୍ଷରେ ଚାଷୀଙ୍କ ଆୟ କେତେ ବଢ଼ି ସାରିଲାଣି ତାହା କିନ୍ତୁ ସରକାର ପ୍ରକାଶ କରିନାହାନ୍ତି। ବଢୁଛି ନା ନାହିଁ ତାହାକୁ ନେଇ ବି ଘୋର ଶଙ୍କା ଉଠିଲାଣି। ୩୧।୦୮।୨୦୧୯ରେ 'ବିଜ୍‌ନେସ ଷ୍ଟାଣ୍ଡାର୍ଡ' ପତ୍ରିକାରେ ରାଜଲକ୍ଷ୍ମୀ ନିର୍ମଳ ଉଲ୍ଲେଖ କରିଥିଲେ ଯେ, ବିଗତ ଦଶବର୍ଷର ପ୍ରଥମ ପାଞ୍ଚବର୍ଷ ବା ୨୦୦୯–୧୦ରୁ ୨୦୧୩–୧୪ ମଧ୍ୟରେ ଖାଦ୍ୟଶସ୍ୟର ବାର୍ଷିକ ହାରାହାରି ଉତ୍ପାଦନ ହାର ୫% ଥିଲା। କିନ୍ତୁ ପର ପାଞ୍ଚବର୍ଷରେ ବଢ଼ିବ କ'ଣ ଓଲଟି ତାହା ୩%କୁ ଖସି ଯାଇଥିଲା। ଏହି ବୃଦ୍ଧି ହାର କେତେ ନିକୃଷ୍ଟ ତାହା ଜଣାପଡ଼େ ଚାଷୀଙ୍କ ଆୟ ଦୁଇଗୁଣ କେମିତି ହୋଇପାରିବ ତାହା ସ୍ଥିର କରିବା ପାଇଁ କେନ୍ଦ୍ର ସରକାର କୃଷି ବିଭାଗର ବରିଷ୍ଠ ଅଧିକାରୀ ଅଶୋକ ଦଲୱାଇଙ୍କ ଅଧ୍ୟକ୍ଷତାରେ ଗଠନ କରିଥିବା ଆନ୍ତଃମନ୍ତ୍ରଣାଳୟ କମିଟିର ଆକଳନରୁ। ଦଲୱାଇ ଓଡ଼ିଶା କ୍ୟାଡରର ଜଣେ ଦକ୍ଷ ଆଇଏଏସ୍ ଅଫିସର ତଥା ନିଜେ କୃଷି ବିଜ୍ଞାନରେ ଉଚ୍ଚ ଶିକ୍ଷାପ୍ରାପ୍ତ ଅଟନ୍ତି। ତାଙ୍କ କମିଟିରେ ଅନ୍ୟ ବିଶେଷଜ୍ଞ ମଧ୍ୟ ଥିଲେ। ସେହି କମିଟି ହିସାବ କରିଥିଲା ଯେ, ଯଦି ୨୦୧୫–୧୬ ବର୍ଷ ତୁଳନାରେ ୨୦୨୨–୨୩ ସୁଦ୍ଧା ଭାରତର ଚାଷୀଙ୍କ ଆୟ ଦୁଇଗୁଣା କରିବାର ଅଛି ତେବେ ଏହି ଛଅବର୍ଷର ପ୍ରତ୍ୟେକ ବର୍ଷ ଚାଷୀଙ୍କ ପ୍ରକୃତ ଆୟ ବାର୍ଷିକ ହାରାହାରି ୧୦.୪୧% ହାରରେ ବଢ଼ିବା ଦରକାର। ୨୦୦୨–୦୩ରୁ ୨୦୧୨–୧୩ ମଧ୍ୟରେ ଚାଷୀଙ୍କ ପ୍ରକୃତ ଆୟ ମୋଟେ ୩.୫% ହାରରେ ହିଁ ବୃଦ୍ଧି ପାଇଥିଲା। ଅନ୍ୟ ଭାବରେ କହିଲେ, ଚାଷୀଙ୍କ ଆୟକୁ ୬ବର୍ଷରେ ଦୁଇଗୁଣ କରିବା ପାଇଁ ପ୍ରକୃତ ଆୟରେ ବୃଦ୍ଧି ହାର ପୂର୍ବ ୧୦ ବର୍ଷରେ ଯାହା ରହିଥିଲା ତାହାଠାରୁ ଆହୁରି ତିନି ଗୁଣା ବଢ଼ାଇବାର ଆବଶ୍ୟକତା ଅଛି।

ଗଭୀର ଚିନ୍ତାର ବିଷୟ ହେଲା ଯେ 'ଚାଷୀଙ୍କ ଆୟ ଦୁଇଗୁଣା ବୃଦ୍ଧି'କୁ ସରକାର ତାଙ୍କର ପ୍ରମୁଖ ଲକ୍ଷ୍ୟ କହୁଥିବା ବେଳେ ଚାଷୀଙ୍କ ଆୟ ଗତ ତିନିବର୍ଷରେ କେତେ ବଢ଼ିଛି ତାହା କହିବା ବେଳକୁ ସରକାରଙ୍କ ମୁହଁରେ ତାଲା ପଡିଯାଉଛି। ତାଲା ପଡୁଛି କାରଣ ସରକାର ଚାଷୀଙ୍କ ଆୟ ମାପିବାର ପ୍ରଚେଷ୍ଟା ହିଁ କରିନାହାନ୍ତି। ଗତ ୬।୧୨।୨୦୧୯ ତାରିଖରେ ରାଜ୍ୟ ସଭାରେ ଏକ ସିଧା ପ୍ରଶ୍ନ ଥିଲା '୨୦୧୬–୧୭, ୨୦୧୭–୧୮ ଓ ୨୦୧୮–୧୯ ବର୍ଷରେ ଚାଷୀଙ୍କ ବାର୍ଷିକ ଆୟରେ ବୃଦ୍ଧି ହାର କେତେ ଥିଲା ?' ସରକାର ଯଦି ଚାଷୀଙ୍କ ଆୟରେ ବୃଦ୍ଧିକୁ ନେଇ ଚିନ୍ତିତ ତେବେ ଏହାର ଏକ ସିଧା ଉତ୍ତର ଆସିବା କଥା କିନ୍ତୁ ମନ୍ତ୍ରୀ ମହୋଦୟ କହିଲେ ଯେ, ଏହି ତିନିବର୍ଷରେ ଚାଷୀଙ୍କ ଆୟ ମାପିବା ପାଇଁ କୌଣସି ସର୍ଭେ ହୋଇନାହିଁ। ଓଲଟା ମନ୍ତ୍ରୀ ୨୦୧୩ ମସିହାରେ ଏନ୍‌ଏସ୍‌ଏସ୍‌ଓ କରିଥିବା ସର୍ଭେର ତଥ୍ୟ ରଖିଥିଲେ ଯାହାର ପ୍ରଶ୍ନ ସହିତ କିଛି ବି ସମ୍ପର୍କ ନ ଥିଲା। ନେଡିଗୁଡ଼ କହୁଣିକୁ ବୋହିବା ବେଳକୁ କେନ୍ଦ୍ର ସରକାର ଗତ ୨୩।୦୧।୨୦୧୯ ତାରିଖରେ ଅଶୋକ ଦଲୱାଇଙ୍କ ଅଧ୍ୟକ୍ଷତାରେ ଏକ କ୍ଷମତାପ୍ରାପ୍ତ କମିଟି ଗଠନ କରିଛନ୍ତି, ଯାହାର କାର୍ଯ୍ୟ ହେଲା ଦଲୱାଇଙ୍କ ଅଧ୍ୟକ୍ଷତାରେ ଗଠିତ ପୂର୍ବ ଆନ୍ତଃମନ୍ତ୍ରଣାଳୟ କମିଟିର ସୁପାରିସଗୁଡିକ କେତେ କାର୍ଯ୍ୟକାରୀ ହୋଇଛି ତାହାକୁ ପରଖିବା ତଥା ନିର୍ଦ୍ଧାରିତ କାର୍ଯ୍ୟପନ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ବିଭାଗ, ସଂସ୍ଥା ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ ସମନ୍ୱୟ ରଖିବା। ଦଲୱାଇଙ୍କ ଅଧ୍ୟକ୍ଷତାରେ ଗଠିତ ପୂର୍ବ କମିଟି ଚାଷୀଙ୍କ ଆୟ ଦୁଇଗୁଣା କରିବା ପାଇଁ ତିନିଟି ପ୍ରମୁଖ ସ୍ତମ୍ଭର ଆବଶ୍ୟକତା ଥିବା ଚିହ୍ନଟ କରିଥିଲେ। ପ୍ରଥମଟି ହେଲା, ଫସଲଗୁଡ଼ିକର ଉତ୍ପାଦକତା ବଢ଼ାଇ ମୋଟ ଅମଳ ବଢାଇବା, ଦ୍ୱିତୀୟଟି ହେଲା ଉପଲବ୍ଧ ସମ୍ବଳର ଠିକ୍ ଉପଯୋଗ କରି ଖର୍ଚ୍ଚକୁ କମାଇବା ଏବଂ ତୃତୀୟଟି ହେଲା ଚାଷୀଙ୍କୁ ତାଙ୍କ ଉତ୍ପାଦର ଲାଭପ୍ରଦ ମୂଲ୍ୟ ଯୋଗାଇବା। ଏବେ ପ୍ରଥମ ସ୍ତମ୍ଭକୁ ଦେଖିବା। ଫସଲର ଉତ୍ପାଦନ ବିଭିନ୍ନ ବର୍ଷରେ ତଳ ଉପର ହୋଇଥାଏ କିନ୍ତୁ ଏହା ଅଳ୍ପ ହାରରେ ହେଉ ପଛେ ହାରାହାରି ଭାବରେ ବଢ଼ିଚାଲିଛି। ତେବେ ଏହା ଏକ ନିରାଟ ବାସ୍ତବତା ଯେ ଫସଲର ମୋଟ ଉତ୍ପାଦନ ସହିତ ଚାଷୀ ଆୟର ପ୍ରତ୍ୟକ୍ଷ ସମ୍ପର୍କ ପ୍ରାୟ ନାହିଁ। ଉତ୍ପାଦନ ବଢ଼ିଲେ ଚାଷୀ ବିପତ୍ତିରେ ପଡ଼ି ଅତି କମ୍ ଦରରେ ବିକିବାର ଉଦାହରଣ ନିତିଦିନିଆ ଘଟଣା ହୋଇଗଲାଣି। ଅଧିକ ଦିନ ସାଇତା ହୋଇ ରହୁଥିବା ଶସ୍ୟଗୁଡ଼ିକ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଜଟିଳ ହେବାରେ ଲାଗିଛି। ଚାଷ ଖର୍ଚ୍ଚ କମାଇ ଚାଷୀଙ୍କ ଆୟ ବଢ଼ାଇବା ଆଉ ଏକ ମାଧ୍ୟମ ବୋଲି ଚିହ୍ନଟ ହୋଇଛି। କିନ୍ତୁ ଚାଷ ଖର୍ଚ୍ଚ କମିବାର କୌଣସି ସୂଚନା ମିଳୁନାହିଁ ବରଂ ଚାଷୀଙ୍କ ନିଜ ଅନୁଭୂତି ତଥା ସରକାରଙ୍କ ଦ୍ୱାରା ହେଉଥିବା ଖର୍ଚ୍ଚର ଆକଳନ ଅନୁସାରେ ଚାଷ ଖର୍ଚ୍ଚ ବଢି ହିଁ ଚାଲିଛି। ତୃତୀୟଟି ହେଲା, ଚାଷୀଙ୍କୁ ଲାଭଜନକ ମୂଲ୍ୟ ଯୋଗାଇବା। କେବଳ ଧାନ ଓ ଗହମକୁ ଛାଡିଦେଲେ ସରକାର ଚାଷୀଙ୍କୁ ଲାଭଜନକ ମୂଲ୍ୟ ଯୋଗାଇବା ପାଇଁ ପ୍ରାୟ କିଛି କରିନାହାନ୍ତି। ସରକାରଙ୍କ ଏମ୍‌ଏସ୍‌ପି ବା ସର୍ବନିମ୍ନ ଦର ପ୍ରତିଶ୍ରୁତିର ଲାଭ ଖୁବ୍ କମ୍ ଚାଷୀ ଓ ଖୁବ୍ କମ୍ ଅଞ୍ଚଳରେ ହିଁ ମିଳେ। ସରକାରଙ୍କ 'ଇ–ନାମ' ଯୋଜନା ଏବେ ବି ପ୍ରାୟ ବସ୍ତାନି ଭିତରେ।

ମୋଟାମୋଟି ଭାବରେ ଦେଖିଲେ ଚାଷୀଙ୍କ ଆୟ ୬ବର୍ଷରେ ଦୁଇଗୁଣ ବଢ଼ାଇବା ଲକ୍ଷ୍ୟ ହାସଲ କରିବା ପାଇଁ ସରକାର କିଛି ଠୋସ୍ ଉଦ୍ୟମ ଓ ଯୋଜନା କରିଥିବାର ଆଦୌ ସୁରାକ ମିଳୁନାହିଁ। ସରକାର ବୋଧହୁଏ ମୁକେଶ ଅମ୍ବାନୀଙ୍କ ସମ୍ପତ୍ତି ବଢ଼ାଇବାରେ ବେଶି ଆଗ୍ରହୀ। ଏଣେ ଚେରମୂଳ ଶଢ଼ିବାରେ ଲାଗିଲାଣି, ଚାଷ ବୁଡିବାକୁ ଲାଗିଲାଣି। ସରକାର ଏହି ସତ୍ୟତାକୁ ହୃଦୟଙ୍ଗମ କରିବା ଦରକାର। ଗଣମାଧ୍ୟମ, ସାଧାରଣ ଜନତା, ରାଜନୈତିକ ଦଳ ଆଦି ଚାଷୀଙ୍କ ପକ୍ଷ ନେଇ ସରକାରଙ୍କୁ ଏହି ବିଷୟରେ ଉତ୍ତରଦାୟୀ କରିବାର ଆବଶ୍ୟକତା ଆସିଛି।

# ଅଗ୍ନିକାଣ୍ଡ ନିବାରଣରେ ଛେଳି–ସେନା



**ଡ. ନିଖିଳାନନ୍ଦ ପାଣିଗ୍ରାହୀ**

ପର୍ତ୍ତୁଗାଲ ସରକାର ଜାତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ପାଇନ ଓ ୟୁକାଲିପଟାସ ଜଙ୍ଗଲ ଦେଶର କେନ୍ଦ୍ର ଓ ଉତ୍ତରାଞ୍ଚଳ ଏବଂ ପାର୍ବତ୍ୟ ଇଲାକାରେ ସୃଷ୍ଟି କରୁଛନ୍ତି। ଏହି ଗଛଗୁଡ଼ିକରୁ ଲାଭଜନକ କାଗଜମଣ୍ଡ ପ୍ରସ୍ତୁତ କରାଯାଇପାରୁଥିଲେ ସୁଦ୍ଧା ଏଗୁଡ଼ିକ ଦହନଶୀଳ। ଫଳରେ ଅଗ୍ନିକାଣ୍ଡଜନିତ କ୍ଷୟକ୍ଷତିରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଉପାୟ ମଧ୍ୟରେ ରହିଛି ଛେଳି–ସେନା। ତେବେ ଏହି କାର୍ଯ୍ୟ ସକାଶେ ଛେଳିକୁ ନିର୍ବାଚନ କରିବାର କାରଣ କ'ଣ ? ଛେଳିର ଗୁଣାବଳୀ ବିଚାର୍ଯ୍ୟ। ଏହି ବୁଦ୍ଧିମାନ ଜୀବଟି ତା'ର ସାଙ୍ଗସାଥିଙ୍କୁ ସେମାନଙ୍କ ସ୍ୱରରୁ ଚିହ୍ନିପାରେ। ସେ ସତତ ଚଳଚଞ୍ଚଳ। ତାକୁ ଅଟକାଇ ରଖିବା ସହଜ ନୁହେଁ। ଯଦି ବାଡ଼ରେ ସାମାନ୍ୟ ଗଳାବାଟ ଦେଖେ କିମ୍ବା ଦୁର୍ବଳ ଭାଗ ତା' ନଜରରେ ପଡ଼େ, ସେ ତତ୍‌କ୍ଷଣାତ୍ ବାହାରକୁ ଗଳି ବା ଡେଇଁ ଚାଲିଯାଏ। ବିଭିନ୍ନ ବିଷୟରେ ସେ ଅନୁସନ୍ଧିତ୍ସୁ। ତେଣୁ ଚାରିଆଡ଼େ ବୁଲାବୁଲି କରେ। ଏପରିକି ବିଭିନ୍ନ ଦ୍ରବ୍ୟ, ଖାଦ୍ୟ ହେଉ ବା ଅଖାଦ୍ୟ, ସେ ପାଟିରେ ପୂରାଇ ପରୀକ୍ଷା କରେ। ଖାଦ୍ୟତକ ଗ୍ରହଣ କରେ ଏବଂ ଅଖାଦ୍ୟକୁ ଅକ୍ଷତ ଭାବେ ପାଟିରୁ ଫୋପାଡି ଦିଏ, ଅଇଁଠା କରି। ଜନ୍ମରୁ ତା'ର ଦାନ୍ତ ଉଠିଥାଏ। ତା'ର ଉପର ପାଟିରେ ଦାନ୍ତ ନ ଥାଏ। ଉପର ପାଟିର ଟାଣ ମାଢ଼ି ସହାୟତାରେ ଘଣ୍ଟା ଘଣ୍ଟା ଧରି ଖାଦ୍ୟଦ୍ରବ୍ୟ ପାକୁଳିଥାଏ। ତା'ର ହଜମ ପ୍ରଣାଳୀ ଜଟିଳ।

ବିପଦସଙ୍କୁଳ ହୋଇଥିଲେ ମଧ୍ୟ ଛେଳି ଗଛର ଦୁର୍ବଳ ଡାଳର ଶିଖର ଯାଏ ନିର୍ବିଘ୍ନରେ ଚଢ଼ିଯାଏ। ଏହା ସାହସିକତାର ଏକ ଲକ୍ଷଣ ବୋଲି କୁହାଯାଇପାରେ, ଯଦିଚ ତାହାର ଅନ୍ୟ କେତେକ ଗୁଣ ଭୀରୁତାର ଚରମ ନିଦର୍ଶନ। ଯଥା ବର୍ଷା ଆସିବା ସୂଚନା ପାଇବା ମାତ୍ରେ ସେ ନିକଟସ୍ଥ କୌଣସି ସ୍ଥାନକୁ ଦୌଡ଼ିଯାଇ ଆଶ୍ରୟ ନିଏ। ପାଣି ଓ କାଦୁଅକୁ ସେ ଅତ୍ୟନ୍ତ ଭୟ କରେ।

ବଡ଼ମ୍ବନା ହେଉଛି ଯେ, ଫାୟାର ଷ୍ଟେଶନ କର୍ତ୍ତୃପକ୍ଷ ପାଇଁ ପାଣି ଅପରିହାର୍ଯ୍ୟ ହୋଇଥିବା ବେଳେ ସେମାନେ ଛେଳିକୁ ସହାୟକ ଭାବେ ଗ୍ରହଣ କରିଛନ୍ତି, ଯିଏକି ପାଣିକୁ ଡରେ। ତେବେ ଛେଳି ବଦଳରେ ମେଣ୍ଢାକୁ କାହିଁକି ବଛା ଗଲାନି ? ମେଣ୍ଢା ପର୍ତ୍ତୁଗାଲର କର୍ତ୍ତୃପକ୍ଷଙ୍କ ପାଇଁ ଅନୁପଯୋଗୀ, କାରଣ ମେଣ୍ଢାମାନେ ଦଳ ବାନ୍ଧି ଗୋଟିଏ ଜାଗାରେ ଖୁନ୍ଦି ହୋଇ ରୁହନ୍ତି। ସେମାନେ ସ୍ୱାଧୀନଚେତା ନୁହନ୍ତି। ପରସ୍ପରଠାରୁ ଛଡ଼ାଛଡ଼ି ହୋଇ ଦୂରଦୂରାନ୍ତକୁ ଯାଇପାରନ୍ତି ନାହିଁ। ସେମାନେ ଭୀରୁ। କିନ୍ତୁ ଛେଳି (ଏପରିକି ମାଈ ଛେଳି)ଗୁଡ଼ିକର ଶିଙ୍ଗ ଥାଏ। ତା' ଛଡା କେବଳ ଅଣ୍ଡିରା ନୁହେଁ, ମାଈ ଛେଳିର ମଧ୍ୟ ଦାଢ଼ି ଅଛି, ଯଦିଚ ଏହା କାର୍ଯ୍ୟତଃ କୌଣସି କାମରେ ଆସି ନ ଥାଏ। କେବଳ ସୌନ୍ଦର୍ଯ୍ୟ ଓ ବଳଶାଳୀ ହୋଇଥିବାର ପ୍ରତୀକ ବ୍ୟତୀତ।

ପ୍ରଶ୍ନ ଉଠୁଛି: ଅଗ୍ନିକାଣ୍ଡ ପ୍ରତିହତ କରିବାକୁ ଛେଳିର ବାସ୍ତବ କ୍ଷେତ୍ରରେ ଭୂମିକା କ'ଣ ? ପର୍ତ୍ତୁଗାଲରେ ପାଇନ ଓ ୟୁକାଲିପଟାସ ଗଛର କୃତ୍ରିମ ବନ ମୁନାଫା ପାଇଁ ସୃଷ୍ଟି କରାଯାଉଛି। ଏଗୁଡ଼ିକ ଦହନଶୀଳ ଓ ଖୁବ୍ ଲମ୍ବା। ଯେତେବେଳେ ବର୍ଷା ଆସେ, ସେଠାକାର ଜଳବାୟୁର ଉଚ୍ଚ ତାପ ଯୋଗୁ ବର୍ଷାଟୋପା ଭୂଇଁ ଛୁଇଁବା ଆଗରୁ ବାଷ୍ପ ହୋଇ ପୁଣି ବାୟୁମଣ୍ଡଳକୁ ଊର୍ଦ୍ଧ୍ୱ ଗତିକରେ। କିନ୍ତୁ ସେଥି ସହ ସଂଲଗ୍ନ ବଜ୍ର ବା ବିଜୁଳି ଉଚ୍ଚା ପାଇନ ଗଛକୁ ସ୍ପର୍ଶ କରି ଭୂମିରେ ପହଞ୍ଚିଥାଏ। ତେବେ ବର୍ଷାପାଣି ଭୂମିରେ ପଡୁ ନ ଥିବାରୁ ଭୂମି ଶୁଷ୍କ ଥାଏ। ବଣର ଚତୁର୍ଦ୍ଦିଗରେ ଏହାର ଦହନ ଉପଯୋଗୀ ଶୁଖିଲା ପତ୍ର ବିଛାଡି ହୋଇ ପଡ଼ିଥାଏ। ତେଣୁ ଉକ୍ତ ଶୁଖିଲା ବଜ୍ରପାତ (ଡ୍ରାଏ ଥଣ୍ଡରଷ୍ଟର୍ମ) ଦ୍ୱାରା ବଣରେ ସହଜରେ ନିଆଁ ଧରିଥାଏ। ସାଧାରଣତଃ ସେଠାରେ ବାୟୁର ବେଗ ତୀବ୍ର ଥିବାରୁ ଅଗ୍ନି ଚତୁର୍ଦ୍ଦିଗକୁ ବ୍ୟାପିଯାଏ।

ଏହି ଅଗ୍ନ୍ୟୁତ୍ପାତକୁ ପ୍ରତିହତ କରିବା ପାଇଁ ଜଙ୍ଗଲକୁ ସଫା ରଖିବା ନିହାତି ଆବଶ୍ୟକ। ଛେଳିର ସ୍ୱଭାବକୁ ଏହା ଖୁବ୍ ସୁହାଇବ। ସେ ବୁଲି ବୁଲି ବହୁ ଜାଗାକୁ ମାଡ଼ି ଚାଲେ। ଗଛ ଶିଖର ଯାଏ ଚଢ଼ିଯାଏ। ମୁହଁରେ ଯାହା ପଡେ ଖାଏ। ଘାସ ହେଉ ବୁଦା ବା ଗଛ– ସବୁ ତା' ପାଇଁ ଲୋଡ଼ା। ତା'ର ହଜମ ଶକ୍ତି ମଧ୍ୟ ପ୍ରବଳ। ତା'ର ଏହି ଗୁଣ ପାଇଁ ଅନେକ ବ୍ୟକ୍ତି ଯନ୍ତ୍ର ବଦଳରେ ତାକୁ ଲନ୍–ମୋଏର୍ ଭାବେ ଉପଯୋଗ କରନ୍ତି ଘର ପାଖରେ ଥିବା ବଗିଚାର ଘାସକୁ ଛୋଟ ଛୋଟ କରି ଆଚ୍ଛାଦିତ କରିବା ସକାଶେ।

ନେଦରଲାଣ୍ଡସ୍ଥିତ ୱାଗେନିଜେନ ବିଶ୍ୱବିଦ୍ୟାଳୟର ପରିବେଶବିଜ୍ଞାନୀ ପ୍ରଫେସର କାଥେଲିନେ ଷ୍ଟୁଫ ପର୍ତ୍ତୁଗାଲର କ୍ରମବର୍ଦ୍ଧିଷ୍ଣୁ ଅଗ୍ନିକାଣ୍ଡ ସମ୍ପର୍କରେ ଅନୁଧ୍ୟାନ କରି ପ୍ରକାଶ କରିଛନ୍ତି ଯେ, ପୂର୍ବେ ସେଠାକାର ଗାଁଗୁଡ଼ିକର ଜନସଂଖ୍ୟା ସ୍ୱାଭାବିକ ଥିଲା। ସେମାନଙ୍କ ଗୃହପାଳିତ ପଶୁ ବଣ–ଜଙ୍ଗଲରେ ଚରି ଗଛ, ପତ୍ର, ଘାସ ଇତ୍ୟାଦି ଖାଇ ସଫା କରୁଥିଲେ। ତେଣୁ ବଣରେ ନିଆଁ ଲାଗିଲେ ତାହା ଗାଁ ଆଡକୁ ବ୍ୟାପି ନ ଯାଇ ଜଙ୍ଗଲ ଭିତରେ ହିଁ ସୀମିତ ରହୁଥିଲା। କିନ୍ତୁ ବର୍ତ୍ତମାନ ଗ୍ରାମୀଣ ଅଞ୍ଚଳ ଜନଶୂନ୍ୟ ହେଲାଣି। ଲୋକମାନେ ଚାକିରି, ଉଚ୍ଚଶିକ୍ଷା ଓ ଉନ୍ନତ ଜୀବନଯାପନ ପାଇଁ ସହରମୁହାଁ। ତେଣୁ ଶୁଷ୍କ ପତ୍ର ଓ ଅନାବନା ଘାସ, ଗଛ ଇତ୍ୟାଦି ପରିପାର୍ଶ୍ୱରେ ଏତେ ବଢ଼ିଗଲାଣି ଯେ ଗାଁ ଓ ଜଙ୍ଗଲ ମଧ୍ୟରେ ଖାଲି ବା ସଫା ଅନ୍ତବର୍ତ୍ତୀ ସ୍ଥାନ ରହୁନାହିଁ, ଯାହାକି ଫାୟାରବ୍ରେକ ଭାବେ କାର୍ଯ୍ୟ କରିଥାନ୍ତା। ଫଳରେ ବଣ–ନିଆଁ ଗାଁରେ ପଶି ପ୍ରଭୂତ କ୍ଷତି ଘଟାଉଛି। ଗ୍ରାମଗୁଡ଼ିକୁ ଅଧିକ ଶ୍ରୀହୀନ କରିଦେଉଛି। ଏହି ଅଭାବନୀୟ ସ୍ଥିତିର ସମାଧାନ ପାଇଁ ସେଠାକାର ଅଗ୍ନିଶମ ବିଭାଗ ଛେଳିପଲ ନିଜ ତରଫରୁ ସଂଗଠିତ କରିଛି। ମେଷପାଳକମାନଙ୍କୁ ନିଜ ବିଭାଗରେ ନିଯୁକ୍ତ କରିଛି।

ଅଗ୍ନିଯୁଦ୍ଧରେ ବିଜୟ ପାଇଁ ଛେଳିଗୁଡ଼ିକ ନିରଳସ ପଦାତିକ ସୈନିକ ପରି କାର୍ଯ୍ୟ କରୁଛନ୍ତି। ତେଣୁ ପଡ଼ୋଶୀ ସ୍ପେନର ଗିରୋନା ଅଞ୍ଚଳରେ ଏଇ ଛେଳିଗୁଡ଼ିକୁ 'ଗୋଟ୍–ଫାୟାର ବ୍ରିଗେଡ'ର ଆଖ୍ୟା ଦିଆଯାଇଛି।

ବାସ୍ତବିକ ଏହି ଛେଳିଗୁଡ଼ିକ ଡଗ୍ ସ୍କ୍ୱାଡ୍ ପରି ଗୋଟ୍–ସ୍କ୍ୱାଡ୍‌ର ସଦସ୍ୟ। ସେମାନେ ଯୋଦ୍ଧା। ଯୁଦ୍ଧରେ ପ୍ରାଣ ହରାଇଲେ ସେମାନେ ଶହୀଦ ହେବା ପାଇଁ ଯୋଗ୍ୟ। ଆମେ ସାଧାରଣତଃ ଛେଳିମାଂସରେ ବ୍ୟଞ୍ଜନ କରି ଜିହ୍ୱାଲାଳସା ମେଣ୍ଟାଉଛୁ। କିନ୍ତୁ ଏବେ ତ ସେ ହେବ ଶହୀଦ। ସେ ବଣନିଆଁରେ ପୋଡ଼ି ମଲେ, ତାକୁ ମର୍ଯ୍ୟାଦାର ସହ କବର ଦେଇ, ତା'ର ପ୍ରତିମୂର୍ତ୍ତି ସ୍ଥାପନ କରିବା ଦରକାର। ଏହା ସ୍ମାରକୀ ହୋଇ ରହୁ। ଆମେ ତାକୁ ବିଭିନ୍ନ ଅବସରରେ ସଲାମ ଦେବା ଠିକ୍ ହେବ, ଯେମିତି ଯୁଦ୍ଧରେ ପ୍ରାଣବଳି ଦେଇ ମୃତ୍ୟୁବରଣ କରୁଥିବା ମାନବ–ସୈନ୍ୟଙ୍କୁ ସମ୍ମାନ ଦିଆଯାଉଛି।

ଆମେ ଛେଳିର ଗୁଣାବଳୀ ବିଷୟରେ ଊଣାଅଧିକେ ବେଶ୍ ଅବଗତ। କିନ୍ତୁ ଛେଳି ଯେ ବିନା ଜଳରେ ଅଗ୍ନିକାଣ୍ଡକୁ (ପରୋକ୍ଷ ଭାବେ) ପ୍ରତିହତ କରିପାରେ, ଏହା ବିଚିତ୍ର ମନେ ହେଲେ ମଧ୍ୟ ସତ କଥା।

ମୋ–୯୪୩୭୦୨୬୬୫୧

## ଏଇ ଭାରତରେ

କ୍ଲିନିକ୍ ଶବ୍ଦ ଶୁଣିବା ମାତ୍ରେ ଚିକିତ୍ସା ସମ୍ବନ୍ଧିତ ଚିନ୍ତା ତଥା ଧଳା କୋଟ ପିନ୍ଧିଥିବା ଡାକ୍ତରଙ୍କ ଛବି ଆଗକୁ ଆସିଯାଏ। କିନ୍ତୁ ଏହା ଏମିତି ଏକ କ୍ଲିନିକ୍, ଯେଉଁଠି କଳା କୋଟ୍ ପିନ୍ଧିଥିବା ଓକିଲ ହିଁ ସାମ୍‌ନାକୁ ଆସିଥା'ନ୍ତି। ଏଠାରେ କୌଣସି ଔଷଧ ନୁହେଁ, ବରଂ ମାଗଣାରେ ମିଳୁଛି ଆଇନ ସହାୟତା। ଇନ୍ଦୋର ସହରର ମଧ୍ୟଭାଗରେ ଥିବା ରାଧାନଗର କଲୋନୀରେ ଏହି ଲିଗାଲ କ୍ଲିନିକ୍ ଚାଲୁଛି। ଯୁବ ଓକିଲ ତଥା ସିଭିଲ ଜଜ୍ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ୪୦ରୁ ଊର୍ଦ୍ଧ୍ୱ ଯୁବକ ଏହାକୁ ଚଳାଉଛନ୍ତି। ୨୦୧୬ ରେ ନ୍ୟାୟାଶ୍ରୟ ସଂସ୍ଥା ଗଠନ କରାଯିବା ପରେ ଲୋକମାନେ ଟଙ୍କା ଅଭାବରୁ ଆଇନ ପରାମର୍ଶ ନେବାକୁ ଅସମର୍ଥ ହେଉଛନ୍ତି ବୋଲି ଜଣାପଡିଥିଲା। ପରେ ନ୍ୟାୟାଶ୍ରୟ ବ୍ୟାନର୍‌ରେ ଏହି କ୍ଲିନିକ୍ ଦୁଇମାସ ତଳେ ଆରମ୍ଭ କରାଯାଇଛି। ଏବେ ୧୦୦ରୁ ଅଧିକ ଲୋକଙ୍କୁ ସାହାଯ୍ୟ ମଧ୍ୟ ମିଳିସାରିଲାଣି। ପ୍ରତି ଶନିବାର ସନ୍ଧ୍ୟାରେ ଏଠାରେ ଗରିବ ଲୋକମାନେ ପହଞ୍ଚୁଛନ୍ତି ଓ ସେମାନଙ୍କୁ ମାଗଣାରେ ଆଇନ ପରାମର୍ଶ ଦିଆଯାଉଛି। ଏହି କ୍ଲିନିକ୍‌ରେ ବରିଷ୍ଠ ଓକିଲମାନେ ବି ସାମିଲ ହୋଇ ଯୁବ ଓକିଲମାନଙ୍କ କାର୍ଯ୍ୟକୁ ତଦାରଖ କରୁଛନ୍ତି।

## ଚିରନ୍ତନୀ

''ଯୁଦ୍ଧାୟ କୃତନିଶ୍ଚୟ, ଶୁଣ ଡାକ କେ ଦିଏ
ପ୍ରାଚୀନ ଗ୍ରନ୍ଥ ଛିଡ଼ିଗଲା ଏବେ ବିପ୍ଳବୀ ହେ !''
ବିଶ୍ୱ ବିରାଟ ବକ୍ଷଥଳରେ ବାଜିଲା ଗୁଳି
ଖସିଲା ଉଲ୍‌କା ଜଳିଉଠେ ମହା ଚିତାର ଚୁଲୀ।
(ରକ୍ତ–ସ୍ରୋତ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧୧ ଡିସେମ୍ବର ୧୯୯୪**

- ଦକ୍ଷିଣ ଆଫ୍ରିକୀୟ ରାଷ୍ଟ୍ର ନାମିବିୟାର ସ୍ୱାଧୀନତା ପରେ ଅନୁଷ୍ଠିତ ପ୍ରଥମ ନିର୍ବାଚନରେ ରାଷ୍ଟ୍ରପତି ସାମ୍ ନୁଜୋମାଙ୍କ ଶାସକ ଦଳ ଦକ୍ଷିଣ ପଶ୍ଚିମ ପିପୁଲ୍ସ ସଙ୍ଗଠନ (ସ୍ୱାପୋ) ଦଳ ବିପୁଳ ଭୋଟ ପାଇଁ ବିଜୟୀ ହୋଇଛି।
- ବିଧାନସଭା ନିର୍ବାଚନରେ ଆନ୍ଧ୍ରପ୍ରଦେଶରେ ତେଲୁଗୁ ଦେଶମ ପାର୍ଟି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିବା ବେଳେ କର୍ଣ୍ଣାଟକରେ ଜନତା ଦଳ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି।
- ପ୍ରଖ୍ୟାତ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା, ପ୍ରଯୋଜକ ତଥା ନିର୍ଦ୍ଦେଶକ ଗୌରପ୍ରସାଦ ଘୋଷଙ୍କ ପରଲୋକ।

## ପାଠକ ଶ୍ରେଷ୍ଠ ବିଚାରକ

### ଅସ୍ଥିମଜ୍ଜାଗତ ଅନ୍ଧବିଶ୍ୱାସ

ମହାଶୟ,

ଗଞ୍ଜାମ ଜିଲାପାଳ ଭୂତ ପ୍ରମାଣ ପାଇଁ ୫୦ ହଜାର ଟଙ୍କା ପୁରସ୍କାର ଘୋଷଣା କରିବା ଖବର ପ୍ରକାଶ ପାଇଛି। ଓଡ଼ିଶାର ଅନେକ ଅଞ୍ଚଳରେ ଲୋକେ ଆଜି ପର୍ଯ୍ୟନ୍ତ ଗୁଣିଗାରେଡିରେ ବିଶ୍ୱାସ ରଖିଛନ୍ତି। ଏବେ ମଧ୍ୟ ଚୋରି ଅପରାଧୀଙ୍କୁ ଧରିବା ପାଇଁ ଖଟବୁଲା ପ୍ରକାଶ୍ୟରେ ହେଉଛି। ମାନସିକ ପୂରଣ ପାଇଁ କଳାହାଣ୍ଡି ଛତର ଯାତ୍ରାରେ ହଜାର ହଜାର ପଶୁପକ୍ଷୀ ବଳି ନ୍ୟାୟାଳୟଙ୍କ ବାରଣ ସତ୍ତ୍ୱେ ଚାଲିଛି। ଏବେ ମଧ୍ୟ ଶିଶୁ ଉପରେ ଡାହାଣୀ ନଜର ନ ପଡ଼ିବା ପାଇଁ ମନ୍ତୁରା ଲୁଣରେ ଝାଡି ଦିଆଯାଉଛି। ତେବେ ଏ ସବୁର ପ୍ରତିକାର ସମ୍ଭବ ନ ହେଲେ ମଧ୍ୟ ଜନସଚେତନତା ସୃଷ୍ଟି ପାଇଁ ଜିଲାପାଳଙ୍କ ଉଦ୍ୟମ ପ୍ରଶଂସନୀୟ। ଅସ୍ଥିମଜ୍ଜାଗତ ଅନ୍ଧବିଶ୍ୱାସ କ'ଣ ସହଜରେ ହଟିବ ? କେବଳ ଶିକ୍ଷା ହିଁ ଏହାକୁ ଦୂର କରିପାରିବ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

### ଆମେ ଗରିବଙ୍କୁ ଠକୁ

ଗଲା ଦୀପାବଳିର ପୂର୍ବ ଦିନ ଗୋଟିଏ ବୁଢ଼ୀ ପାଖରେ ଅନେକ ଲୋକ ଜମା ହୋଇଥିଲେ। ଦୀପ ଶହ ୪୦ ଟଙ୍କାରେ ଅନ୍ୟତ୍ର ବିକ୍ରି ହେଉଥିବା ବେଳେ ସେ ୨୫ ଟଙ୍କାରେ ବିକୁଥିଲା। ଲୋକେ ମୂଲଚାଲ କରି ତାକୁ ୨୦ ଟଙ୍କାରେ କିଣିନେଲେ। ତା' ଭିତରେ ଜଣେ ଦୁଇଜଣ ପଇସା ନ ଦେଇ ନେଇଗଲେ। ମୁଁ ମନେମନେ ଭାବିଲି ବୁଢୀଟି ସତରେ କେତେ ଦୁଃଖୀ। ଆମେ ବଡ଼ ବଡ଼ ଦୋକାନକୁ ଗଲେ ସେମାନେ ଯେଉଁ ଦାମ୍ କହନ୍ତି ଆମେ ଦେଇଦେଉ। ମୂଲଚାଲ କରିବାକୁ ସାହସ କରି ନ ଥାଉ। ଅଥଚ ଗରିବ ବୁଢୀଟି ସହିତ ମୂଲଚାଲ କରି ଲୋକେ ତା' ଦାରିଦ୍ର୍ୟର ଫାଇଦା ଉଠେଇଲେ। ପ୍ରକୃତରେ ଆମେ ଗରିବ ଲୋକଙ୍କୁ ଠକିଥାଉ, ତାଙ୍କ ଅଗୋଚରରେ ତାଙ୍କ ଜିନିଷକୁ ମାଗଣାରେ ଉଠେଇ ନେଉ। ଆମର ମାନବିକତାବୋଲି କିଛି ନାହିଁ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

■ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ୨ୟ ବୈଠକ

# ଅତ୍ୟାଧୁନିକ ଗବେଷଣା ଉପରେ ଗୁରୁତ୍ୱ

## ସମସ୍ତ ଶିକ୍ଷାନୁଷ୍ଠାନର ୱେବ୍‌ସାଇଟ୍‌କୁ ଅପ୍‌ଡେଟ୍ କରାଯିବ




ବୈଠକରେ ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀମାନେ।

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ଏଣିକି ଉଚ୍ଚ ଶିକ୍ଷାନୁଷ୍ଠାନରେ ଅତ୍ୟାଧୁନିକ ଗବେଷଣା ସୁବିଧା ରହିବ। ସମସ୍ତ ଶିକ୍ଷାନୁଷ୍ଠାନର ୱେବ୍‌ସାଇଟ୍‌କୁ ଅପଡେଟ୍ କରାଯିବ। ମଙ୍ଗଳବାର ଇମେଜ୍‌ଠାରେ ଆୟୋଜିତ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଦ୍ୱିତୀୟ ବୈଠକରେ ଏନେଇ ଆଲୋଚନା ହୋଇଛି। ବୈଠକରେ ସ୍ନାତକୋତ୍ତର ବିଭାଗରେ ନାମଲେଖା, ପ୍ରଶ୍ନପତ୍ର ବ୍ୟାଙ୍କ ପ୍ରତିଷ୍ଠା ଓ ଏହାର ପରିଚାଳନା, ସିଲାବସ୍ ପ୍ରସ୍ତୁତି, ବିଶ୍ୱବିଦ୍ୟାଳୟଗୁଡ଼ିକୁ ଡିଜିଟାଲାଇଜ୍ କରିବା, ମହାବିଦ୍ୟାଳୟଗୁଡ଼ିକୁ ନାକ୍ ମାନ୍ୟତା ପ୍ରଦାନ ପାଇଁ ଓଡ଼ିଶା ହାୟର ଏଜୁକେଶନ ପ୍ରୋଗ୍ରାମ ଫର୍ ଏକ୍ସିଲେନ୍ସ ଆଣ୍ଡ୍ ଇକ୍ୟୁଟି (ଓଏଚ୍‌ଇପିଇଇ) ସହିତ ମିଳିତ ତାଲିମ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି। ଏହାସହ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ଗୁଡ଼ିକରେ ନିୟମିତ ବିଭିନ୍ନ ବିଷୟକୁ ଅପଲୋଡ୍ କରିବା, ବିଭିନ୍ନ ରିସର୍ଚ୍ଚ ପେପର୍ ପ୍ରକାଶନ ପାଇଁ ସହାୟତା, ବିଶ୍ୱବିଦ୍ୟାଳୟ କାର୍ଯ୍ୟର ସମୀକ୍ଷା, ତ୍ୱରିତ ପାଣ୍ଠି ଲାଗି ମନିଟରିଂ ବ୍ୟବସ୍ଥା, ରିସର୍ଚ୍ଚ ଫେଲୋଶିପ୍ ଆଦି ସଂକ୍ରାନ୍ତରେ ଉପସ୍ଥିତ କୁଳପତି ଓ ବରିଷ୍ଠ ଅଧିକାରୀମାନେ ସେମାନଙ୍କ ମତ ରଖିଛନ୍ତି।

ସେହିପରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଗବେଷଣା ଏବଂ ଅଭିନବ ପ୍ରୋତ୍ସାହନ ଯୋଜନା (ଓୟୁଆରଆଇଆଇପି)ର ଆଧୁନିକୀକରଣ ସହ ଦ୍ୱିତୀୟ ବର୍ଷ ପାଇଁ ଏହାକୁ କାର୍ଯ୍ୟକାରୀ କରାଯିବା ଉପରେ ଆଲୋଚନା ହୋଇଥିଲା। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅତ୍ୟାଧୁନିକ ଗବେଷଣା ସହ ଅଭିନବ ଯୋଜନା ପ୍ରସ୍ତୁତ ହେବ। ଏହାଛଡ଼ା ଇଣ୍ଟରନେଟ୍ ସଂଯୋଗ ସହିତ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଥିବା ପାଠାଗାରଗୁଡ଼ିକୁ ଅଧିକ ଉପଯୋଗୀ କରିବା, କାଉନସିଲ୍ ଦ୍ୱାରା ଯୁଜି ସିଲାବସ ପ୍ରସ୍ତୁତ ନିମନ୍ତେ ଇ–କାଉଣ୍ଟର ବିକାଶ କରିବା ସହ ଓଡ଼ିଶା ଟେକ୍ସଟ ବୁକ୍ ପ୍ରେସ୍‌ରେ ସିଲାବସ୍ ଓ ପାଠ୍ୟପୁସ୍ତକଗୁଡ଼ିକୁ ଛପାଇବା ଉପରେ ବୈଠକରେ ଆଲୋଚନା ହୋଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦର ଉପଦେଷ୍ଟା ପ୍ରଫେସର ଅଶୋକ ଦାସଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି ଯୋଗଦେଇଥିଲେ।

# ୩ ମାସର ସମସ୍ୟା ୩ ଘଣ୍ଟାରେ ସମାଧାନ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ)

**୫-ଟି ପ୍ରଭାବ**
- ■ପୂର୍ବାହ୍ନରେ ୫-ଟି ସଚିବ କରିଥିଲେ ଗସ୍ତ
- ■୩ ସଂସ୍ଥାକୁ ମିଳିଲା ବକେୟା ସହାୟତା ରାଶି
- ■ବିଳମ୍ବ କାରଣ ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ସଚିବ ଭି.କେ ପାଣ୍ଡିଆନ ମଙ୍ଗଳବାର ଭଦ୍ରକ ଜିଲା ଗସ୍ତ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହି ଗସ୍ତ ପରେ ୫-ଟି ସଚିବ ଅଚାନକ ସରକାରଙ୍କ ଦ୍ୱାରା ପରିଚାଳିତ ଏକ ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରକୁ ଗସ୍ତ କରି ଅନ୍ତେବାସୀଙ୍କ ସୁବିଧାଅସୁବିଧା ପଚାରି ବୁଝିଥିଲେ। ସେଠାରେ ଅନ୍ତେବାସୀମାନେ ସେମାନଙ୍କ ସମସ୍ୟା ସମ୍ପର୍କରେ ୫-ଟି ସଚିବଙ୍କୁ ଅବଗତ କରିଥିଲେ। ପ୍ରାୟ ୩ ମାସ ହେବ ସେମାନଙ୍କ ସହାୟତା ରାଶି ପ୍ରଦାନ କରା ଯାଇ ନ ଥିବା ଜଣାପଡିଥିଲା। ଏହାର ତୁରନ୍ତ ସମାଧାନ ପାଇଁ ୫-ଟି ସଚିବ ପ୍ରତିଶ୍ରୁତି ଦେଇଥିଲେ। ଭଦ୍ରକ ଗସ୍ତରୁ ଫେରିବା ପରେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଏହା ପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଅର୍ଥ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମ୍ପୃକ୍ତ ବିଭାଗୀୟ ସଚିବଙ୍କୁ ଡକାଇ ସମୀକ୍ଷା କରିବା ସହ ବିଳମ୍ବ ସମ୍ପର୍କରେ ପଚାରି ବୁଝିଥିଲେ। ଅର୍ଥ ପ୍ରଦାନରେ ବିଳମ୍ବ ପାଇଁ ଦାୟୀ ଥିବା ସମସ୍ତ ଅଧିକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଥିବା ଜଣାପଡିଛି। ୫-ଟି ସଚିବଙ୍କ ଗସ୍ତର ମାତ୍ର ୩ ଘଣ୍ଟା ମଧ୍ୟରେ ସମସ୍ୟାର ସମାଧାନ ହୋଇଥିବାରୁ ସବୁ ମହଲରେ ଏହାକୁ ସ୍ୱାଗତ କରାଯାଇଛି। କେବଳ ଭଦ୍ରକ ନୁହେଁ, ପୁରୀ ଏବଂ ଅନୁଗୋଳ ଜିଲାର ଗୋଟିଏ ଲେଖାଏ ସଂସ୍ଥା ମଧ୍ୟ ସହାୟତା ରାଶି ପାଇଛନ୍ତି।

ଏହି କ୍ରମରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହଭାଗିତାରେ କାର୍ଯ୍ୟରତ ୩ ସଂସ୍ଥା ପାଇଁ ୩୩ ଲକ୍ଷ ଟଙ୍କାର ଅନୁଦାନ ମଙ୍ଗଳବାର ପ୍ରଦାନ କରାଯାଇଛି। ଏହି ୩ ସଂସ୍ଥା(ଏନ୍‌ଜିଓ)ଗୁଡିକ ହେଉଛି- ଭଦ୍ରକ ଜିଲା ଚରମ୍ପା ଅନ୍ତର୍ଗତ ପଥରରଡିସ୍ଥିତ ସେଣ୍ଟର ଫର୍ ରିହାବିଲିଟେଶନ ସର୍ଭିସ ଆଣ୍ଡ ରିସର୍ଚ୍ଚ(ସିଆରଏସ୍‌ଆର), ପୁରୀ ପଣସପଦା ଅନ୍ତର୍ଗତ ପଣ୍ଡାପୋଖରୀସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍‌ଫର୍‌ସେଲ୍‌ଫ‌ଏମ୍ପ୍ଲୟମେଣ୍ଟ ଆଣ୍ଡ ରୁରାଲ ଡେଭଲପମେଣ୍ଟ ଏବଂ ଅନୁଗୋଳ ଜିଲାର ହାକିମପଡା ଅନ୍ତର୍ଗତ ଶିବାଙ୍ଗୀ ଅଞ୍ଚଳର ଚାଉଳିଆ ନିବାସର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାଇଲ୍ଡ ଡେଭଲପମେଣ୍ଟ (ଆଇସିଡି)। ଏହି ସଂସ୍ଥାଗୁଡିକ ସରକାରଙ୍କ ଦ୍ୱାରା କରାଯାଉଥିବା 'ରିହାବିଲିଟେଶନ ଅଫ୍ ଫିଜିକାଲି ଆଣ୍ଡ ମେଣ୍ଟାଲି ଚ୍ୟାଲେଞ୍ଜ୍‌ଡ ସୋସିଆଲି ଡିସ୍‌ଆଡ୍‌ଭାନ୍‌ଟେଜ୍ ପର୍ସନ' କାର୍ଯ୍ୟକ୍ରମରେ ସହଭାଗିତା କରୁଛନ୍ତି।

ପ୍ରଶାସନରେ ସ୍ୱଚ୍ଛତା ସହ ଅଧିକ ଲୋକକୈନ୍ଦ୍ରିକ କରିବା ପାଇଁ ପ୍ରତିଟି କାର୍ଯ୍ୟକ୍ରମରେ ୫-ଟିକୁ ଗୁରୁତ୍ୱ ଦିଆଯାଉଛି। ଯାହା ଦ୍ୱାରା କୌଣସି ଜନକଲ୍ୟାଣକାରୀ ପ୍ରସ୍ତାବ ଆସିଲେ ତାହା ସରକାର ତୁରନ୍ତ କାର୍ଯ୍ୟକାରୀ କରୁଛନ୍ତି। ଏହି ୩ଟି ସଂସ୍ଥାରେ ମୋଟ ୧୬୫ ହିତାଧିକାରୀ ଲାଭ ପାଉଛନ୍ତି। ତନ୍ମଧ୍ୟରେ ୫୫ ଜଣ ଆବାସିକ ଏବଂ ୧୧୦ ଜଣ ଅଣଆବାସିକ ହିତାଧିକାରୀ ରହିଛନ୍ତି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ କିସ୍ତି ପାଇଁ ଅର୍ଥ ଅନୁମୋଦନ ହୋଇଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଯୁଗ୍ମ ସଚିବ ପ୍ରଭାତ କୁମାର ମହାପାତ୍ରଙ୍କ ପକ୍ଷରୁ ଏସ୍‌ଆଇଡିଆର ଜେନେରାଲ ମ୍ୟାନେଜରଙ୍କୁ ଚିଠି ଲେଖାଯାଇଛି। ଅନୁମୋଦିତ ଅର୍ଥ ଅନ୍ୟ କୌଣସି କାର୍ଯ୍ୟରେ ଯେପରି ବ୍ୟବହୃତ ନ ହୁଏ, ସେଥିପ୍ରତି ଦୃଷ୍ଟି ଦେବାକୁ କଡା ନିର୍ଦ୍ଦେଶ ଦିଆଯାଇଛି। ଅନୁମୋଦିତ ଅର୍ଥ କିପରି, କେଉଁ ଦିଗରେ ବ୍ୟବହୃତ ହେଉଛି, ତାହାର ରେକର୍ଡ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଟଙ୍କା ନେଣଦେଣରେ ସ୍ୱଚ୍ଛତା ପାଇଁ ବେସରକାରୀ ସଂସ୍ଥା(ଏନ୍‌ଜିଏ)ଗୁଡିକର ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ତଥ୍ୟ ମଧ୍ୟ ପ୍ରଦାନ କରାଯାଇଛି।

# ପିଜି ପାଠ୍ୟକ୍ରମ ପାଇଁ ଏକକ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର, ୧୦।୧୨(ବ୍ୟୁରୋ)

ଏଣିକି ପିଜି ପାଠ୍ୟକ୍ରମରେ ନାମ ଲେଖାଇବାକୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ପକ୍ଷରୁ ପୃଥକ୍ ଭାବେ ପ୍ରବେଶିକା ପରୀକ୍ଷା ବଦଳରେ ଏକକ ପ୍ରବେଶିକା ପରୀକ୍ଷା କରାଯିବ। ଏହି ପ୍ରବେଶିକା ପରୀକ୍ଷାର ମେଧା ତାଲିକା ଅନୁଯାୟୀ ପ୍ରାର୍ଥୀମାନେ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇପାରିବେ। ଏହାସହ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଡେଲ୍ ପ୍ରଶ୍ନ ବ୍ୟାଙ୍କ୍ ପ୍ରସ୍ତୁତ କରାଯିବ। ମଙ୍ଗଳବାର ଇମେଜ୍‌ଠାରେ ଆୟୋଜିତ ବିଶ୍ୱବିଦ୍ୟାଳୟ କୁଳପତି ସମ୍ମିଳନୀରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିବା ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଉଚ୍ଚଶିକ୍ଷା କ୍ଷେତ୍ରରେ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ପରିପ୍ରେକ୍ଷୀରେ ସମସ୍ତ ପରୀକ୍ଷା ଠିକ୍ ସମୟରେ କରାଯାଇ ଧାର୍ଯ୍ୟ ସମୟ ମଧ୍ୟରେ ପରୀକ୍ଷା ଫଳ ପ୍ରକାଶ କରାଯିବ। ବିଶ୍ୱବିଦ୍ୟାଳୟଗୁଡ଼ିକ ଯୁକ୍ତ୩ ପରୀକ୍ଷା ନିର୍ଘଣ୍ଟ ପ୍ରସ୍ତୁତ କରି ପରୀକ୍ଷାଫଳ ପ୍ରକାଶ କରିବା ତାରିଖ ଚୂଡ଼ାନ୍ତ କରି ଆସନ୍ତା ୭ ଦିନ ମଧ୍ୟରେ ବିଭାଗକୁ ଜଣାଇବେ। ଏହି କ୍ରମରେ ସମସ୍ତ ଯୁକ୍ତ୩ ପରୀକ୍ଷାଫଳ ଜୁନ୍ ୧୫ ସୁଦ୍ଧା ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଖୁବ୍‌ଶୀଘ୍ର ଶିକ୍ଷକ ଓ ଅଣଶିକ୍ଷକ ପଦବୀ ପୂରଣ କରାଯିବ। ଏଥିପାଇଁ ଷ୍ଟାଫ୍ ସିଲେକ୍ସନ ବୋର୍ଡକୁ ପ୍ରକ୍ରିୟା ଆରମ୍ଭ କରିବାକୁ କୁହାଯାଇଥିବା ମନ୍ତ୍ରୀ କହିଛନ୍ତି।

ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଯେପରି ଅଧିକରୁ ଅଧିକ ପିଏଚ୍‌ଡି ରେଜିଷ୍ଟ୍ରେଶନ୍ ଓ ଗବେଷଣାତ୍ମକ ଲେଖା ପ୍ରକାଶ ପାଇବ ସେ ଦିଗରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ସାହୁ ପରାମର୍ଶ ଦେଇଥିଲେ। ଏବେ ସବୁ ମହାବିଦ୍ୟାଳୟରେ ପ୍ରୋକ୍ଟରିଆଲ୍ କ୍ଲାସ୍ ଆରମ୍ଭ କରାଯାଇଥିବା ବେଳେ ଅଧାପକମାନେ ମେଣ୍ଟର୍ ଭାବେ ଛାତ୍ରୀଛାତ୍ରଙ୍କ ଦାୟିତ୍ୱରେ ରହିବେ। ପରୀକ୍ଷାରେ ସ୍ୱଚ୍ଛତା ଅବଲମ୍ବନ ନିମନ୍ତେ ସମସ୍ତ ପରୀକ୍ଷା ଖାତାକୁ କୋଡ଼ିଂ କରାଯିବ ବୋଲି ସେ କହିଛନ୍ତି। ଏବେ ସାର୍ଟିଫିକେଟ୍‌ଗୁଡ଼ିକ ଅନ୍‌ଲାଇନ୍ ମାଧମରେ ଛାତ୍ରୀଛାତ୍ରଙ୍କୁ ଉପଲବ୍ଧ କରାଇବା ନିମନ୍ତେ ବିହିତ ପଦକ୍ଷେପ ନିଆଯାଉଛି। ଏହାସହ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର, ଅଧାପକମାନଙ୍କ ଡାଟାବେସ୍‌କୁ ଡିଜିଟାଲ୍ କରିବା ଦିଗରେ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସାହୁ ସୂଚନା ଦେଇଛନ୍ତି। ଏହାବ୍ୟତୀତ ବୈଠକରେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତି ନିମନ୍ତେ ରୁସା ପାଣ୍ଠିର ବିନିଯୋଗ କରି ଧାର୍ଯ୍ୟ ସମୟ ମଧ୍ୟରେ ୟୁସି ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଶ୍ୱତ ମିଶ୍ର, ଉଚ୍ଚଶିକ୍ଷା ପରିଷଦ ଉପାଧକ୍ଷ ପ୍ରଫେସର ଅଶୋକ ଦାସ, ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ପରୀକ୍ଷା ନିୟନ୍ତ୍ରକ ଓ ବିତ୍ତ ନିୟନ୍ତ୍ରକମାନେ ବୈଠକରେ ଯୋଗଦେଇଥିଲେ।

## ଜିଲା ଚିଠି – ଜଗତ୍‌ସିଂହପୁର



# କ୍ରୀଡ଼ା ଭିତ୍ତିଭୂମି

କ୍ରୀଡ଼ା ଭିତ୍ତିଭୂମି ଅଭାବରୁ ଏ କ୍ଷେତ୍ରରେ ଆମେ ଆଶାଜନକ ସଫଳତା ପାଇପାରୁନାହୁଁ ଅର୍ଥାତ୍ ଆମ ପିଲାମାନେ ଖେଳିବାକୁ ପଡିଆ ନ ପାଇ ସଙ୍କୁଚିତ ହୋଇଯାଉଛନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନରେ ଖେଳ ପଡିଆର ଅଭାବ ସରକାରୀ ଉଦାସୀନତାର ପ୍ରମାଣ ଦେଉଛି। ଭାତ ହାଣ୍ଡିରୁ ଗୋଟିଏ ଭାତ ବାଛିଲା ପରି ଜଗତ୍‌ସିଂହପୁର ଜିଲା କଥା ଆଲୋଚନା ପରିସରକୁ ନିଆଯାଇପାରେ। ଏହି ଜିଲାରେ ମୋଟ ଉପରେ ୧୭୧୪ଟି ସରକାରୀ, ଅନୁଦାନପ୍ରାପ୍ତ, ବେସରକାରୀ ଓ ଅନ୍ୟାନ୍ୟ ବିଦ୍ୟାଳୟ ରହିଛି। ସେଥିମଧ୍ୟରୁ ସରକାରୀ ବିଦ୍ୟାଳୟ ସଂଖ୍ୟା ହେଉଛି ୧୨୫୩। ସେହିପରି ଅନୁଦାନପ୍ରାପ୍ତ ୧୯୪ ଓ ବେସରକାରୀ ଆଦି ୨୬୭ଟି ସ୍କୁଲ ରହିଛି। ତେବେ ସରକାରୀ ଉଚ୍ଚ ବିଦ୍ୟାଳୟଗୁଡିକ ମଧ୍ୟରୁ ୬୬ଟିରେ ଖେଳ ପଡିଆ ନ ଥିବା ଦର୍ଶାଯାଉଛି। ଆଶ୍ଚର୍ଯ୍ୟର କଥା ହେଲା ଏହିସବୁ ବିଦ୍ୟାଳୟରେ ଖେଳ ଶିକ୍ଷକ ଅର୍ଥାତ୍ ପିଇଟି ନିଯୁକ୍ତ ହୋଇଥିବା କୁହାଯାଉଛି। ଯଦି ଖେଳ ଶିକ୍ଷକ ଅଛନ୍ତି ଆଉ ପଡିଆ ନାହିଁ ତେବେ ପିଲାମାନଙ୍କ ପ୍ରତି ସରକାର କେତେ ଦରଦୀ ତାହା ସହଜରେ ଅନୁମେୟ। ଏନେଇ ଅନେକ ସମୟରେ ପ୍ରଶ୍ନ ଉଠୁଥିଲେ ସୁଦ୍ଧା ସମାଧାନ ନ ହେବା ଚିନ୍ତାର କାରଣ ହୋଇଛି। କେବଳ ଉଚ୍ଚ ବିଦ୍ୟାଳୟ ନୁହେଁ, ୧୦୦ରୁ ଅଧିକ ପିଲା ଥିବା ଉଚ୍ଚ ପ୍ରାଥମିକ (ୟୁପି) ବିଦ୍ୟାଳୟରେ ମଧ ପାର୍ଟ ଟାଇମ୍ କ୍ରୀଡ଼ା ଶିକ୍ଷକ ନିଯୁକ୍ତି ଦିଆଯାଉଛି। ଏହି ଅନୁଯାୟୀ ଜଗତ୍‌ସିଂହପୁର ଜିଲାରେ ପାଖାପାଖି ୮୦ ଜଣ ପାର୍ଟ ଟାଇମ୍ କ୍ରୀଡ଼ା ଶିକ୍ଷକ ନିଯୁକ୍ତ ହୋଇଛନ୍ତି। କିନ୍ତୁ ଜିଲାରେ ଥିବା ମୋଟ ୟୁପି ସ୍କୁଲଗୁଡିକ ମଧ୍ୟରୁ ପାଖାପାଖି ୮୦%ରେ ପଡିଆ ନାହିଁ। ଯଦି ପଡିଆ ନାହିଁ ତେବେ ଏହି କ୍ରୀଡ଼ା ଶିକ୍ଷକମାନେ ପିଲାଙ୍କୁ କେଉଁଠି ଏବଂ କିପରି କ୍ରୀଡ଼ା ଶିକ୍ଷା ଦେଉଥିବେ ତାହା ମଧ ଆଲୋଚନାର ବିଷୟ ହୋଇଛି। ଚଳିତବର୍ଷ ରାଜ୍ୟ ସରକାର ପ୍ରଥମ ଥର ପାଇଁ ସରକାରୀ ବିଦ୍ୟାଳୟଗୁଡ଼ିକୁ କ୍ରୀଡ଼ା ସାମଗ୍ରୀ କିଣିବା ବାବଦରେ ବିଦ୍ୟାଳୟ ଛାତ୍ରୀଛାତ୍ର ହାରରେ ଅନୁଦାନ ଯୋଗାଇଛନ୍ତି। ଏହି ଅନୁଯାୟୀ ଜିଲାର ସମସ୍ତ ସରକାରୀ ବିଦ୍ୟାଳୟରେ ଅନୁଦାନ ପହଞ୍ଚିଛି। କିନ୍ତୁ କ୍ରୀଡ଼ା ସାମଗ୍ରୀ କିଣାକୁ ନେଇ ବିବାଦ ସୃଷ୍ଟି ହୋଇଛି। ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କଠାରୁ କ୍ରୀଡ଼ା ସାମଗ୍ରୀ କ୍ରୟ କରିବା ପାଇଁ କୁଆଡ଼େ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ପରୋକ୍ଷ ନିର୍ଦ୍ଦେଶ ଦିଆଯାଇଥିଲା। ଏହାବାଦ୍ ଯେଉଁ ସାମଗ୍ରୀ କିଣାଗଲା ତାହାର ମାନକୁ ନେଇ ମଧ ସନ୍ଦେହ ସୃଷ୍ଟି ହୋଇଛି। ଏକଥା କୁହାଯାଉଛି, ଯେଉଁଠି ଖେଳ ପଡିଆ ନାହିଁ ସେଠି ସାମଗ୍ରୀର ମାନ ଭଲ ରହିବ କିପରି? ଅର୍ଥାତ୍ ଯେନେତେନ ପ୍ରକାରେ ଶସ୍ତା ସାମଗ୍ରୀ କିଣି ପ୍ରଦର୍ଶନୀ କରି ରଖିବା। ଏଭଳି ଅଭିଯୋଗ ଉପରେ କେବଳ ଉପରଠାଉରିଆ ତଦନ୍ତ କରି ପ୍ରସଙ୍ଗକୁ ଚାପି ଦେବାକୁ ଅପଚେଷ୍ଟା କଲେ ହେବ ନାହିଁ। ମୂଳ ପ୍ରସଙ୍ଗକୁ ଯିବାକୁ ପଡିବ। ଯେଉଁଠି କ୍ରୀଡ଼ା ଭିତ୍ତିଭୂମି ନାହିଁ, ଖେଳ ନ ଥାଇ କ୍ରୀଡ଼ା ଶିକ୍ଷକ ନିଯୁକ୍ତ ହେଉଛନ୍ତି ସେ କ୍ଷେତ୍ରରେ ସରକାର ଅନୁଦାନ ଦେଇ ଦୁର୍ନୀତି ପାଇଁ ସୁଯୋଗ ସୃଷ୍ଟି କରୁନାହାନ୍ତି ତ ?

– ପ୍ରମୋଦ କୁମାର ନାୟକ

# ମନ୍ତ୍ରୀଙ୍କ ଘର ଉପରକୁ ପିଆଜ ମାଡ଼

ଭୁବନେଶ୍ୱର,୧୦।୧୨(ବ୍ୟୁରୋ): ଓଡ଼ିଶାର ଅଧିକାଂଶ ସ୍ଥାନରେ ୧୪୦ରୁ ୧୫୦ ଟଙ୍କାରେ ବିକ୍ରି ହେଉଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆସନ୍ତା ମାସ ପହିଲାରୁ ଏହି ଦର ହ୍ରାସ ପାଇବ ବୋଲି ସୂଚନା ଦେଇଛନ୍ତି। ସେପଟେ କିନ୍ତୁ କଂଗ୍ରେସ ପିଆଜ ଦର ବୃଦ୍ଧିକୁ ନେଇ ବାରମ୍ବାର ରାଜରାସ୍ତାକୁ ଓହ୍ଲାଇବାରେ ଲାଗିଛି। କିଛିଦିନ ତଳେ ଲୋୟର ପିଏମ୍‌ଜିରେ କି.ଗ୍ରା. ପିଛା ୪୦ଟଙ୍କାରେ ପିଆଜ ବିକ୍ରି କରୁଥିବା କଂଗ୍ରେସ ମଙ୍ଗଳବାର ବେକରେ ପିଆଜ ମାଳ ପକାଇ ମନ୍ତ୍ରୀ ସ୍ୱାଇଁଙ୍କ ବାସଭବନ ଘେରାଉ କରିଥିଲା। ପିଆଜ ଦର ବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସାଧାରଣ ସଂପାଦକ ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିଶାଳ ରାଲି କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟରୁ ବାହାରି ଶିଶୁଭବନ ଛକ ନିକଟ ଯୋଗାଣ ମନ୍ତ୍ରୀଙ୍କ ସରକାରୀ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଛାତ୍ର କଂଗ୍ରେସ ନେତୃବୃନ୍ଦ ପ୍ରତିବାଦ ଜଣାଇ ମନ୍ତ୍ରୀଙ୍କ ବାସଭବନ ଆଡ଼କୁ ଅଗ୍ରସର ହେବାବେଳେ ପୋଲିସ ଛାତ୍ର କଂଗ୍ରେସ ନେତାଙ୍କୁ ସେଠାରୁ ଉଠାଇ ନେଇଥିଲା। ଏହି ଅବସରରେ ଛାତ୍ର କଂଗ୍ରେସ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ପିଆଜ ଦର ବୃଦ୍ଧି ନେଇ କଡ଼ା ସମାଲୋଚନା କରିବା ସହ ମନ୍ତ୍ରୀଙ୍କ ବାସଭବନ ଉପରକୁ ପିଆଜ ମାଡ଼ କରିଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ




ଭାରତୀ ବାରିକ




ଦୀପକ ବିଶ୍ୱାଳ



ରତନ ପଟ୍ଟନାୟକ




ସୁଜାତା ଦଣ୍ଡସେନା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର


**ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା–ସୁବର୍ଣ୍ଣପୁର**
**2019-20**
**JOB FAIR, SUBARNAPUR**
**Date- 13.12.2019, Time- 8 A.M. to 4 P.M., Venue- Town Hall, Sonepur**

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ, ସୁବର୍ଣ୍ଣପୁର ମିଳିତ ସହଯୋଗରେ ଆସନ୍ତା ତା୧୩।୧୨।୨୦୧୯ ଶୁକ୍ରବାର ଦିନ ଟାଉନ୍ ହଲ, ସୋନପୁରଠାରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରାଯାଉଛି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରୁ ବିଭିନ୍ନ କମ୍ପାନୀ ଯୋଗଦେବେ। କେତେକ କମ୍ପାନୀରେ ସିଧାସଳଖ ନିଯୁକ୍ତିର ବ୍ୟବସ୍ଥା ଥିବାବେଳେ କେତେକ କମ୍ପାନୀ ସ୍ୱଳ୍ପ ତାଲିମ ପରେ ନିଯୁକ୍ତି ପ୍ରଦାନ ପାଇଁ ଅଙ୍ଗୀକାରବଦ୍ଧ।

ସୁତରାଂ ସୁବର୍ଣ୍ଣପୁର ଜିଲ୍ଲାର ଚାକିରି ଅନ୍ୱେଷଣରେ ଥିବା ଅନ୍ୟୁନ ୫ମ ଶ୍ରେଣୀ ପାସରୁ ଓ ଦଶମ ଶ୍ରେଣୀ ଫେଲ, ମାଟ୍ରିକ୍ ପାସ, +୨ ଓ +୩ ପାସ୍‌ଧାରୀ, ଆଇଟିଆଇ ପାସ୍ କରିଥିବା ଏବଂ ପାଠ୍ୟକ୍ରମ ମଝିରୁ ଛାଡ଼ିଥିବା ବେରୋଜଗାର ଯୁବକ/ଯୁବତୀମାନେ ନିଜର ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର, ବାସିନ୍ଦା ପ୍ରମାଣପତ୍ର ଓ ଜାତି ପ୍ରମାଣପତ୍ରର ନକଲ (XEROX COPY) ପ୍ରମାଣପତ୍ର ଏବଂ ପାସପୋର୍ଟ ସାଇଜର ଫଟୋଗ୍ରାଫ୍ ସହିତ ଉକ୍ତ ନିଯୁକ୍ତି ମେଳାରେ ଯୋଗଦେବାକୁ ଜିଲ୍ଲା ପ୍ରଶାସନ ତରଫରୁ ଅନୁରୋଧ କରାଯାଉଛି।

ସ୍ୱାକ୍ଷର
ଜିଲ୍ଲା ନିଯୋଜନ ଅଧିକାରୀ, ସୁବର୍ଣ୍ଣପୁର

ସ୍ୱାକ୍ଷର
ଜିଲ୍ଲାପାଳ, ସୁବର୍ଣ୍ଣପୁର

ସବିଶେଷ ବିବରଣୀ ପାଇଁ ଜିଲ୍ଲା ନିଯୋଜନ ଅଧିକାରୀ, ସୁବର୍ଣ୍ଣପୁରଙ୍କ ସହିତ ଯୋଗାଯୋଗ କରନ୍ତୁ।

**ନିୟନ୍ତ୍ରିତ ବଜାର କମିଟି, କୁଚିଣ୍ଡା**

ଏତଦ୍ୱାରା କୁଚିଣ୍ଡା ଉପଖଣ୍ଡର ସମସ୍ତ ଧାନ ଚାଷୀମାନଙ୍କୁ ଜଣାଇ ଦିଆଯାଉଛି ଯେ ଚଳିତ ଖରିଫ ୨୦୧୯–୨୦ ବର୍ଷ ପାଇଁ ୯ ଗୋଟି ବୃହଦାକାର ବହୁମୁଖୀ ସମବାୟ ସମିତି ଦ୍ୱାରା ୪୪ ଗୋଟି କ୍ରୟ କେନ୍ଦ୍ରରେ ତା୦୨।୧୨।୨୦୧୯ରିଖଠାରୁ ଧାନ କ୍ରୟ କରାଯିବ। ଏଣୁ ଚାଷୀ ଭାଇଭଉଣୀମାନଙ୍କୁ ଅନୁରୋଧ ସେମାନେ ତାଙ୍କର ଉତ୍ପାଦିତ ଧାନକୁ ଭଲଭାବରେ ସଫା ଓ ଶୁଖିଲା କରି (FAQ) ମାନର ଉନ୍ନୀତ କରାଇ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକ୍ରୟ କରିବାକୁ ଅନୁରୋଧ।

**ଧାନର ମାନ ନିର୍ଦ୍ଧାରଣ- F.A.Q.**

| କ୍ର. ନଂ. | ମିଶ୍ରିତ ଦ୍ରବ୍ୟ ବିବରଣୀ | ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|---|
| ୧. | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% |
| ୨. | କାଠି, କୁଟା, ଭୁସି ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୩. | ଖରାପ, ବେରଙ୍ଗି, ପାଣିପୋଲା, ପୋକା ଇତ୍ୟାଦି | ୫% |
| ୪. | ଅପରିପକ୍ୱ କଞ୍ଚା ସବୁଜ ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୫. | ସରୁ ଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ ଏ ପାଇଁ ପ୍ରଯୁଜ୍ୟ) | ୬% |
| ୬. | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% |

**ଧାନର ସର୍ବନିମ୍ନ ସରକାରୀ ସହାୟକ ମୂଲ୍ୟ**

| | |
|---|---|
| ସାଧାରଣ ଶ୍ରେଣୀ (FAQ) | ଟ ୧୮୧୫.୦୦ (ପ୍ରତି କୁଇଣ୍ଟାଲ) |
| କ ଶ୍ରେଣୀ ଧାନ | ଟ ୧୮୩୫.୦୦ (ପ୍ରତି କୁଇଣ୍ଟାଲ) |

ନିୟନ୍ତ୍ରିତ ବଜାର କମିଟି, କୁଚିଣ୍ଡା

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
बैंक ऑफ़ इंडिया Bank of India BOI
**ଆଞ୍ଚଳିକ କାର୍ଯ୍ୟାଳୟ:କେନ୍ଦୁଝର,** ଲାବଣ୍ୟ ଛକ, ମାଇନିଂ ରୋଡ, କେନ୍ଦୁଝର-୭୫୮୦୦୧, ଓଡିଶା ।

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ [ ରୁଲ-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ,୨୦୦୨ ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନୋଟସ୍ ଦର୍ଶିତ ଅର୍ଥରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ,ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ ଦଖଲ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ବରଗଡ ଶାଖା** ନିକଟରେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ବରଗଡ ଶାଖା / ଋଣଗ୍ରହୀତାଙ୍କ ନାମ ଓ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡ଼ିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା- ଶ୍ରୀମତୀ ଝୁନିଲତା ସେଠୀ, ସ୍ୱା: କାହ୍ନୁ ଚରଣ ସେଠୀ, ଠିକଣା: ୱାର୍ଡ ନଂ.-୧୯, ରେଲୱେ ଷ୍ଟେସନ ପାରା, ଜିଲ୍ଲା-ବରଗଡ, ଓଡିଶା-୭୬୮୦୨୮। | ତା.୩୧.୦୫.୨୦୧୯ ସୁଦ୍ଧା ଟ.୧୫,୪୬,୯୧୨.୨୫ +ସେବାବଦସୁଧ ଏବଂ ଖର୍ଚ୍ଚ | ୨୫.୦୬.୨୦୧୯ / ୦୯.୧୨.୨୦୧୯ | ଶ୍ରୀମତୀ ଝୁନିଲତା ସେଠୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଏମ୍‌ଏସ ଖାତା ନଂ.-୨୪୧୪/୬୮୨୪, ପ୍ଲଟ ନଂ.- ୧୫୨୯୫/୨୦୫୨/ ୧୬୪୭୬, ଏରିଆ- ଏକର୦.୦୪୦ ଡିସିମିଲି, କିସମ: ଘରବାରୀ-୧, ମୌଜା/ଥାନା/ତହସିଲି/ଜିଲ୍ଲା-ବରଗଡ, ଚଉହଦି: ଉତର- ୧୦ଫୁଟ ରାସ୍ତା,ଦକ୍ଷିଣ- ୧୩ ଫୁଟ ରାସ୍ତା, ପୂର୍ବ- ପୁଷ୍ପଲତା ବାରିକଙ୍କ ଜମି, ପଶ୍ଚିମ- ଲଖନଲାଲ୍ ସାହୁଙ୍କ ଜମି । |

ସ୍ଥାନ-କେନ୍ଦୁଝର, ତାରିଖ-୧୦.୧୨.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**ପୁରୀ ମୁକାମ ଆଡିସନାଲ ସିଭିଲି ଜଜ୍, ସିନିୟର ଡିଭିଜନ, ପୁରୀ**
**ନୋଟିସ୍**
ଅର୍ଡର-୫, ରୁଲ୍-୨୦ ସି.ପି.ସି.
ବିକେଜି.ପି (ଏମ୍.ଏସ୍) ନଂ. ୩୦୩/୨୦୧୦

ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବଡଶଙ୍ଖ ଶାଖା, ପୁରୀ .... ବାଦୀ
ବନାମ
ସୁଦର୍ଶନ ସ୍ୱାଇଁ ଓଗେର .... ପ୍ରତିବାଦୀ

**ଶ୍ରୀ ସୁଦର୍ଶନ ସ୍ୱାଇଁ,** ବୟସ ୫୩ବର୍ଷ, ପିତା:ସ୍ୱ ଜୟ ସ୍ୱାଇଁ, ସାକିନି: ସର୍ବୋଦୟ ନଗର, ଥାନା: କୁମ୍ଭାରପଡା, ପୋଷ୍ଟ ଓ ଜିଲ୍ଲା: ପୁରୀ-୨ .... ପ୍ରତିବାଦୀ ନଂ.୧

ଯେହେତୁ ଉପରୋକ୍ତ ବାଦୀ ତୁମ୍ଭ ନାମରେ **ଟ.୫,୭୪,୪୬୧/- ଙ୍କା (ପାଂଚଲକ୍ଷ ଚଉସ୍ତରୀ ହଜାର ଚାରିଶତ ଏକଷଠି ଟଙ୍କା)** ଆଦାୟ ପାଇବା ପାଇଁ ଉପରୋକ୍ତ ମୋକଦ୍ଦମା ତୁମ୍ଭ ସହିତ ଅନ୍ୟାନ୍ୟ ପ୍ରତିବାଦୀମାନଙ୍କ ନାମରେ ଦାଖଲ କରି ବାରମ୍ବାର ତୁମ୍ଭ ନାମରେ ସମନ ପଠାଉଥିଲେ ମଧ୍ୟ ଓ ତୁମ୍ଭେ ବାସସ୍ଥାନରେ ଉପସ୍ଥିତ ରହୁଥିଲେ ମଧ୍ୟ ସମନ ଜାଣିଶୁଣି ଗ୍ରହଣ କରୁନାହଁ । ତେଣୁ ଅତ୍ର ନୋଟିସ ଦ୍ୱାରା ତୁମ୍ଭଙ୍କୁ ଜଣାଇ ଦିଆଯାଉଅଛି ଯେ ତୁମ୍ଭେ **ତା୬.୧.୨୦୨୦ରିଖେ ଦିବା ୧୦ ଘଂଟା ୩୦ ମିନିଟ** ସମୟରେ ଅତ୍ର କୋର୍ଟରେ ହାଜର ହୋଇ ବିହିତ ତଦବିର କରିବ। ତୃଟି କଲେ ଆଇନ ଅନୁସାରେ କାର୍ଯ୍ୟ କରାଯିବ।

ସ୍ୱା/- ଆଡିସନାଲ ସିଭିଲି ଜଜ୍ (ସିନିୟର ଡିଭିଜନ), ପୁରୀ

DSPL-190

**ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, ଭୁବନେଶ୍ୱର**

ଉଦ୍ୟାନ କୃଷିର ବିକାଶ ପାଇଁ ସରକାରଙ୍କ ତରଫରୁ ନିମ୍ନଲିଖିତ ଯୋଜନା ମାଧ୍ୟମରେ ଚାଷୀମାନଙ୍କୁ ବିଭିନ୍ନ ପରିପ୍ରେକ୍ଷୀରେ ଶତକଡା ୩୫ ରୁ ୯୦ ଭାଗ ସହାୟତା ପ୍ରଦାନ କରାଯାଉଛି ।

**୧.ଉଦ୍ୟାନ କୃଷି ମିଶନ ଯୋଜନା**
କ. ଆମ୍ବ, କଦଳୀ, ଅମୃତଭଣ୍ଡା ଚାଷ
ଖ. ଗୋଲାପ, ଗ୍ଲାଡିଓଲି, ରଜନୀଗନ୍ଧା, ଝୁରାଫୁଲ ଚାଷ
ଗ. ଅଦା,ହଳଦୀ ଚାଷ
ଘ. ନର୍ସରୀ ଉନ୍ନତିକରଣ
ଙ. ସମନ୍ୱିତ ରୋଗପୋକ / ଖାଦ୍ୟସାର ପରିଚାଳନା
ଚ. ପୁରୁଣା ବଗିଚାର ପୁନଃଉଦ୍ଧାର
ଛ. ଶିକ୍ଷାମୂଳକ ଗସ୍ତ ଏବଂ ପ୍ରଶିକ୍ଷଣ
ଜ. ଉଦ୍ୟାନ କୃଷି ଯନ୍ତ୍ରପାତି
ଝ. ଛତୁ ଚାଷ ଓ ମହୁମାଛି ପାଳନ
ଞ. ଅମଳ ପରବର୍ତ୍ତୀ ଯତ୍ନ ପାଇଁ ପ୍ୟାକ୍ ହାଉସ୍, ଶୀତଳୀକରଣ ଗୃହ, ଶୀତଳଭଣ୍ଡାର, ଶୀତଳୀକରଣ ଯାନ, ପିଆଜ ସାଇତାଗୃହ ଇତ୍ୟାଦି ।

୨. ପ୍ରଧାନମନ୍ତ୍ରୀ କୃଷି ସଂଚାଇ ଯୋଜନାରେ ବୁନ୍ଦା ଓ ସିଂଚନ ଜଳସେଚନ ବ୍ୟବସ୍ଥା ।
୩. ରାଜ୍ୟ ଯୋଜନାରେ ପାନ ଚାଷ ଏବଂ ଘରବାଡି ପାଇଁ ରିହାତି ଦରରେ ଫଳ ଚାରା ଯୋଗାଣ ।
୪. ତାଳତେଲ ଚାଷର ବିକାଶ ।
୫. ନଡିଆ ଚାଷର ବିକାଶ ।
୬. କାଜୁ ବାଦାମ ଚାଷ ।

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ଉଦ୍ୟାନ କାର୍ଯ୍ୟାଳୟ କିମ୍ବା website:odihort.nic.in ରେ ଯୋଗାଯୋଗ କରନ୍ତୁ । 01038/13/0010/1920





DSPL-186

**ଶୀତଦିନେ ଗୃହପାଳିତ ପ୍ରାଣୀଙ୍କ ଯତ୍ନ**

ଶୀତଦିନେ ପ୍ରାଣୀପାଳକମାନେ ପ୍ରାଣୀସମ୍ପଦର ସ୍ୱାସ୍ଥ୍ୟରକ୍ଷା ନେଇ ଚିନ୍ତିତ ଥାଆନ୍ତି । ଠିକ୍ ଭାବରେ ଯତ୍ନ ନନେଲେ ପ୍ରାଣୀସମ୍ପଦର ଉତ୍ପାଦନ ଓ ଉତ୍ପାଦିକା ଶକ୍ତି ହ୍ରାସଘଟି ଚାଷୀମାନେ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଥାଏ । ଶୀତ ଦାଉରୁ ପ୍ରାଣୀସମ୍ପଦର ସୁରକ୍ଷା ସହିତ ଉତ୍ପାଦନ କ୍ଷମତା ବୃଦ୍ଧି କରିବା ନିମନ୍ତେ ନିମ୍ନଲିଖିତ ସତର୍କତା ଅବଲମ୍ବନ କରିବା ବିଧେୟ ।

- ଶୀତ ରାତିରେ ଗୃହପାଳିତ ପ୍ରାଣୀଙ୍କୁ ବାହାରେ ଛାଡ଼ନ୍ତୁ ନାହିଁ କିମ୍ବା ଖୋଲା ସ୍ଥାନରେ ବାନ୍ଧନ୍ତୁ ନାହିଁ ।
- ଖୋଲା ଗୁହାଳ ହୋଇଥିଲେ ରାତି ସମୟରେ ଜରି, ପାଲ, ଅଖା ଆଦିରେ ଘୋଡ଼େଇ ରଖନ୍ତୁ ।
- ଶୀତ ଦାଉରୁ ଗର୍ଭବତୀ ପ୍ରାଣୀ ତଥା ସେମାନଙ୍କ ଛୁଆଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ନଡ଼ା ଓ ଶୁଖିଲା ପତ୍ର ଆଦିର ବିଛଣା ପ୍ରସ୍ତୁତ କରି ରଖନ୍ତୁ । ଏହା ଆରାମଦାୟକ ପ୍ରସବ ସାଙ୍ଗକୁ ଆବଶ୍ୟକ ଉଷ୍ମତା ପ୍ରଦାନ କରିଥାଏ ।
- ପ୍ରାଣୀମାନଙ୍କୁ ଯଥେଷ୍ଟ ପରିମାଣର ସୁଷମ ଖାଦ୍ୟ ଓ ସବୁଜ ଘାସ ଖାଇବାକୁ ଦିଅନ୍ତୁ । ଏହା ପ୍ରାଣୀମାନଙ୍କ ଶରୀରର ତାପମାତ୍ରାକୁ ଉତ୍ତମ ରୂପେ ପରିଚାଳନା କରିବା ସହିତ ଉତ୍ପାଦିକା ଶକ୍ତି ବୃଦ୍ଧି କରିଥାଏ ।
- ପ୍ରାଣୀମାନେ ଦୈନିକ ଆବଶ୍ୟକ କରୁଥିବା ଖାଦ୍ୟକୁ ଏକ ସମୟରେ ନ ଦେଇ ଭାଗ ଭାଗ କରି ଖାଇବାକୁ ଦିଅନ୍ତୁ । ଏଥି ସହ ଉପଯୁକ୍ତ ପରିମାଣ ଖଣିଜ ଲବଣ ଖାଦ୍ୟରେ ମିଶାଇବାକୁ ଭୁଲନ୍ତୁ ନାହିଁ ।
- ଶୀତଦିନ ହେଲେ ମଧ୍ୟ ପ୍ରାଣୀମାନଙ୍କୁ ଆବଶ୍ୟକ ମୁତାବକ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦିଅନ୍ତୁ ।
- ଶୀତଦିନେ ପ୍ରାଣୀମାନଙ୍କ ଶରୀରରେ ରୋଗ ପ୍ରତିଷେଧକ ଶକ୍ତି ହ୍ରାସ ପାଇବା ସହିତ ଅନେକ ରୋଗ ସୃଷ୍ଟିକାରୀ ଜୀବାଣୁ ଓ ଭୁତାଣୁ ର ବଂଶବୃଦ୍ଧି ସହଜ ହେଉଥିବାରୁ ପ୍ରାଣୀମାନେ ଶୀଘ୍ର ସଂକ୍ରମଣର ଶୀକାର ହୋଇ ରୋଗରେ ପୀଡ଼ିତ ହୁଅନ୍ତି । ତେଣୁ ଶୀତ ଋତୁ ଆରମ୍ଭରୁ ବିଭିନ୍ନ ସଂକ୍ରାମକ ରୋଗର ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ପ୍ରାଣୀମାନଙ୍କ ଟିକାକରଣ କରାଇନିଅନ୍ତୁ ।
- ଶୀତଋତୁରେ ବିଶେଷକରି ଗାଈଗୋରୁମାନଙ୍କ ଠାରେ ଫାଟୁଆ ରୋଗର ପ୍ରାଦୁର୍ଭାବ ଅଧିକ ଦେଖାଯାଇଥାଏ । ତେଣୁ ଏଥିପାଇଁ ବିଶେଷ ଧ୍ୟାନ ଦେଇ ଆରମ୍ଭରୁ ଫାଟୁଆ ରୋଗର ଟିକାକରଣ କରାଇନେବା ଉଚିତ୍ ଏବଂ ପ୍ରତି ୬ ମାସରେ ଥରେ ଗୋରୁଙ୍କୁ ଫାଟୁଆ ଟିକା ପ୍ରଦାନ କରନ୍ତୁ ।
- ଏହି ଋତୁରେ ପ୍ରାଣୀମାନଙ୍କ ଶରୀରରେ ଅନ୍ତଃକୃମି ଓ ବାହ୍ୟକୃମିର ବଂଶବୃଦ୍ଧି ଘଟୁଥିବାରୁ ପ୍ରାଣୀମାନେ ଦୁର୍ବଳ ହୋଇ ଅନେକ କ୍ଷେତ୍ରରେ ମୃତ୍ୟୁ ମୁଖରେ ପଡ଼ିଥାନ୍ତି । ତେଣୁ ସ୍ଥାନୀୟ ପ୍ରାଣୀଚିକିତ୍ସା କେନ୍ଦ୍ରରେ ପ୍ରାଣୀଙ୍କ ମଳ ପରୀକ୍ଷା କରାଇ ଡାକ୍ତରଙ୍କ ପରାମର୍ଶ କ୍ରମେ କୃମିନାଶକ ଔଷଧ ଦେବାର ବ୍ୟବସ୍ଥା କରନ୍ତୁ ।
- ଶୀତଦିନେ କୁକୁଡ଼ା ମାନଙ୍କୁ ଉଷୁମ ସ୍ଥାନରେ ରଖିବା ସହିତ, ସେମାନଙ୍କ ପାଇଁ ଯଥେଷ୍ଟ ଆଲୋକ ବ୍ୟବସ୍ଥା କରନ୍ତୁ ।
- ପ୍ରାଣୀମାନଙ୍କ ଶରୀରରେ କୌଣସି ରୋଗର ଲକ୍ଷଣ ଦେଖାଦେଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହିତ ଯୋଗାଯୋଗ କରନ୍ତୁ ।

**ମନେରଖନ୍ତୁ, ଶୀତଋତୁରେ ପ୍ରାଣୀସମ୍ପଦର ଉପଯୁକ୍ତ ପରିଚାଳନା ହିଁ ପଶୁପକ୍ଷୀଙ୍କୁ ମୃତ୍ୟୁମୁଖରୁ ବଂଚାଇବା ସହ ଆପଣଙ୍କ ଆୟରେ ଉଲ୍ଲେଖନୀୟ ଅଭିବୃଦ୍ଧି ଆଣିପାରିବ ।**

ନିର୍ଦ୍ଦେଶକ
ପ୍ରାଣୀପାଳନ ଓ ପ୍ରାଣୀଚିକିତ୍ସା
ଓଡ଼ିଶା, କଟକ

06014/13/0014/1920



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ

ମହିଳାଙ୍କୁ ଗଣବଳାତ୍କାର ଘଟଣା

### ଧରା ପଡିଲେ ଆଉ ୨ ନାବାଳକ ଅଭିଯୁକ୍ତ

ସମ୍ବଲପୁର,୧୦।୧୨(ବ୍ୟୁରୋ) ସମ୍ବଲପୁରରେ ଶନିବାର ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ପୋଲିସ ମଙ୍ଗଳବାର ଆଉ ୨ ଜଣ ନାବାଳକ ଅଭିଯୁକ୍ତଙ୍କୁ ଧରିଛି। ସେମାନଙ୍କ ଡାକ୍ତରୀ ମାଇନା ପରେ ପୋଲିସ ସ୍ୱତନ୍ତ୍ର କୋର୍ଟରେ ହାଜର କରିଛି। ଅନ୍ୟପକ୍ଷେ ପୀଡିତାଙ୍କ ପରିବାର ଲୋକେ ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂଙ୍କୁ ଭେଟିଛନ୍ତି। ଶୀଘ୍ର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ତେବେ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ପାଇଁ କୋର୍ଟରେ ଅନୁରୋଧ କରାଯିବ। ପୋଲିସ ୨୦ ଦିନ ଭିତରେ ସମସ୍ତ ଦିଗରେ ତଦନ୍ତ କରି ଚାର୍ଜସିଟ ଦାଖଲ କରିବ। ପୀଡିତାଙ୍କୁ ସରକାରୀ ସହାୟତା ପାଇଁ ସହଯୋଗ କରାଯିବ ବୋଲି ଏସ୍‌ପି ସିଂ ସେମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଜିଲା ରେଡକ୍ରସ ପାଣ୍ଠିରୁ ପୀଡିତାଙ୍କ ଚିକିତ୍ସା ପାଇଁ ୨୦ ହଜାର ଟଙ୍କା ଦିଆଯାଇଛି।

### ଟୋକନ ବ୍ୟବସ୍ଥାରେ ଅସୁବିଧା ଭୋଗୁଛନ୍ତି ଚାଷୀ: କଂଗ୍ରେସ

ଭୁବନେଶ୍ୱର,୧୦।୧୨(ବ୍ୟୁରୋ): ରାଜ୍ୟ ସରକାର ଚଳିତବର୍ଷ ଧାନ ବିକ୍ରି ପାଇଁ ଟୋକନ୍ ବ୍ୟବସ୍ଥା କରିଥିବାରୁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଥର ଧାନ କ୍ରୟ ବ୍ୟବସ୍ଥାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଏକ ତଥ୍ୟ ଅନୁଧାନକାରୀ କମିଟି ଗଠନ ହୋଇଥିଲା। ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ଆବାହକତ୍ୱରେ ଗଠିତ ଏହି ୫ଜଣିଆ ଟିମ୍ ଇତିମଧ୍ୟରେ ସୁବର୍ଣ୍ଣପୁର, ବଲାଙ୍ଗୀର ଓ ବରଗଡ଼ ଜିଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ମଣ୍ଡି ପରିଦର୍ଶନ ସମୟରେ ଏହି ଟିମ୍ ଚାଷୀଙ୍କଠାରୁ ଟୋକନ୍ ପ୍ରକ୍ରିୟାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଛନ୍ତି। ସରକାର ଚାଷୀଙ୍କଠାରୁ ସବୁ ବଳକା ଧାନ କିଣିବାକୁ ଡିଣ୍ଡିମ ପିଟୁଥିବା ବେଳେ ଜିଲାପାଳ କେଉଁ ଅଞ୍ଚଳରୁ କେତେ ଧାନ କିଣାଯିବ ନିଷ୍ପତ୍ତି କରିବା ସହ ଜଳସେଚିତ ଅଞ୍ଚଳରୁ ୧୯ କ୍ୱିଣ୍ଟାଲ ଓ ଅଣଜଳସେଚିତ ଅଞ୍ଚଳରୁ ୧୩ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ଏଥିରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଚାଷୀ ଏବେ କେତେ ଧାନ ବିକିବେ ଜାଣିବା କାଠିକର ପାଠ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଧାନମଣ୍ଡିର ଭିତ୍ତିଭୂମି ନ ଥିବା, ଜଙ୍ଗଲ ଅଞ୍ଚଳକୁ ଫୋନ୍ ମେସେଜ୍ ନ ପହଞ୍ଚିବା ଏବଂ ବହୁ ସମୟରେ ଇଣ୍ଟରନେଟ୍ ଧିମା ଥିବା କାରଣରୁ ଚାଷୀଙ୍କ ଧାନ ବିକ୍ରି କରାଯାଇ ପାରୁନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ପକ୍ଷରୁ ଆହୁରି କୁହାଯାଇଛି ଯେ, ଧାନ କ୍ରୟ ସୀମା ଏହି ଅଞ୍ଚଳ ପାଇଁ ନଭେମ୍ବର ୧୫ରୁ ଫେବୃୟାରୀ ୧୫ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବେଳେ ହୀରାକୁଦ କେନାଲ ଜଳସେଚିତ ଅଞ୍ଚଳରୁ ଉତ୍ପାଦିତ ଧାନ ଯଦି ଜାନୁୟାରୀ ସୁଦ୍ଧା କିଣା ନ ଯାଏ, ତେବେ ଚାଷୀ ରବି ଧାନ ବିକିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏବେ ସୁଦ୍ଧା ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ି ରହିଥିବା ବେଳେ ଚାଷୀ ଅନ୍‌ଲାଇନ ସିଷ୍ଟମର ବିଳମ୍ବତା ଦୃଷ୍ଟିରୁ ବାଧ ହୋଇ ମଣ୍ଡିରେ ଦୀର୍ଘ ସମୟ ଧରି ବସି ରହୁଛନ୍ତି। ଅନ୍‌ଲାଇନ୍ ଟୋକନ୍ ପାଇବାକୁ ହେଲେ ପ୍ରଥମେ ସୋସାଇଟି ସମ୍ପାଦକଙ୍କୁ ଜଣାଇବାକୁ ପଡୁଛି। ସମ୍ପାଦକ ଭୁବନେଶ୍ୱର କର୍ତ୍ତୃପକ୍ଷଙ୍କୁ ଜଣାଇଲା ପରେ ଟୋକନ୍ ଆସୁଛି। ଫଳରେ ଏହି ବ୍ୟବସ୍ଥାରେ ମଧ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଛି। ଉକ୍ତ ସମସ୍ୟାର ସମାଧାନ ସରକାର ତୁରନ୍ତ କରିବା ପାଇଁ କଂଗ୍ରେସ ଦାବି କରିଛି।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଟ୍ରକ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା, ରାସ୍ତାରୋକୋ

# ପୋଲିସ ଉପସ୍ଥିତିରେ ଟ୍ରକ୍‌କୁ ଜାଳିଦେଲେ ଲୋକେ





ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି (ବାମ)। ଟ୍ରକ୍ ଜଳୁଛି।

**ଲହୁଣୀପଡା, ୧୦।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଦର୍ଜିଂଠାରେ ମଙ୍ଗଳବାର ଅପରାହ୍ଣ ପ୍ରାୟ ୪ଟାରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ଜଣେ ଛାତ୍ର ବିର୍ସା ମୁଣ୍ଡା (୧୧)ଙ୍କ ମୃତ୍ୟୁକୁ କେନ୍ଦ୍ରକରି ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ଜିଦରେ ଅଟଳ ରହିଥିଲେ। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିବା ସହ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟ୍ରକ୍‌କୁ ଜାଳି ଦେଇଛନ୍ତି। ଦାବିପୂରଣର ପ୍ରତିଶ୍ରୁତି ମିଳିବା ପରେ ରାତି ପ୍ରାୟ ୯ଟାରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଛି।

ସୂଚନା ଅନୁସାରେ, ସାଲେଇପାଲି ଗ୍ରାମର ରାସାଇ ମୁଣ୍ଡାଙ୍କ ପୁଅ ବିର୍ସା ଓ ପାଣ୍ଡୁ ମୁଣ୍ଡାଙ୍କ ପୁଅ ସଞ୍ଜୟ ଦର୍ଜିଂସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢ଼ନ୍ତି। ମଙ୍ଗଳବାର ବିଦ୍ୟାଳୟ ଛୁଟି ପରେ ନିଜ ଗ୍ରାମକୁ ଉଭୟ ଏକ ସାଇକେଲ ଯୋଗେ ଫେରୁଥିଲେ। ରାଉରକେଲାଠାରୁ ଲୁହାଛଡ ବୋଝେଇ କରି ଯାଜପୁର ଅଞ୍ଚଳକୁ ଯାଉଥିବା ଓଆର୍ ୧୪ ଟି- ୦୬୭୦ ଦଶଚକିଆ ଟ୍ରକ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ସଞ୍ଜୟ ଛିଟିକି ପଡି ଗୁରୁତର ଆହତ ହୋଇଥିବାବେଳେ ବିର୍ସା ଉପରେ ଟ୍ରକ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ବିର୍ସାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଯାଇଥିଲା ଏବଂ ଚାଳକ ଦେଓଶଙ୍କର କୁମାର (୩୨)ଙ୍କୁ ଲୋକେ ନିଘୁଞ୍ଚ ମାଡ ଦେଇଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଚାଳକଙ୍କୁ ଉଦ୍ଧାର କରିଥିଲା। ଘଟଣା ପ୍ରଚାରିତ ହେବା ପରେ ପ୍ରବଳ ଉତ୍ତେଜନା ହେବା ସହିତ କ୍ଷତିପୂରଣ ଦାବିରେ ଲୋକମାନେ ରାସ୍ତାରେ ଗଛ ପକାଇ ନିଆଁ ଜାଳି ଅବରୋଧ କରିଥିଲେ। ପୋଲିସ ଫୋର୍ସ ସହିତ ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ ସରୋଜ କୁମାର ପୃଷ୍ଟେଠ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଲୋକମାନେ ଆନ୍ଦୋଳନ ଚଳାଇଥିଲେ। ଏପରିକି ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଖାତିର ନ କରି ଦୁର୍ଘଟଣା ଘଟାଇଥିବା ଟ୍ରକରେ ନିଆଁ ଲଗାଇ ଦେଇଥିଲେ।

# ସଂସ୍କୃତ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କର

## ସ୍କୁଲ କାର୍ଯ୍ୟାଳୟରେ ତାଲା ପକାଇଦେଲେ ବିଶ୍ୱ ସେବା ହାଇସ୍କୁଲ ଛାତ୍ରୀଛାତ୍ର

**ଜମନକିରା,୧୦।୧୨ (ଡି.ଏନ୍.ଏ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ କୁଲୁଣ୍ଡି ପଞ୍ଚାୟତରେ ଥିବା ବିଶ୍ୱ ସେବା ହାଇସ୍କୁଲର ସଂସ୍କୃତ ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ମଙ୍ଗଳବାର ଛାତ୍ରୀଛାତ୍ର ସ୍କୁଲ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ତାଙ୍କ ବଦଳି ବାତିଲ ନ କଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟାଳୟରେ ତାଲା ପଡିବ ବୋଲି ଅଭିଭାବକମାନେ ମଧ ଚେତାବନୀ ଦେଇଛନ୍ତି। ଅଭିଯୋଗ ଅନୁସାରେ ଏହି ହାଇସ୍କୁଲରେ ହିନ୍ଦୀ ଶିକ୍ଷକ ନାହାନ୍ତି। ଏଣୁ ପିଲାମାନେ କେବଳ ସଂସ୍କୃତ ପଢୁଛନ୍ତି। କିଛି ଦିନ ହେବ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକଙ୍କ ବଦଳି କରାଯିବ ବୋଲି ଜଣା ପଡ଼ିଥିଲା। ଏହି ଖବର ଶୁଣି କୌଣସି ଶିକ୍ଷକଙ୍କ ଯଦି ବଦଳି ଲାଗି ପତ୍ର ଆସେ ତେବେ ପରିଚାଳନା କମିଟି ନିଷ୍ପତ୍ତି ନେବ। ଏହାପରେ ତାଙ୍କୁ ବଦଳି କରାଯିବ କି ନାହିଁ ତାହା ବିଚାରକୁ ନିଆଯିବ ବୋଲି ପରିଚାଳନା କମିଟି ପକ୍ଷରୁ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ କୁହାଯାଇଥିଲା। ହେଲେ ପ୍ରଧାନ ଶିକ୍ଷକ ସ୍କୁଲର ଅବସ୍ଥାପିତ ସଂସ୍କୃତ ଶିକ୍ଷୟିତ୍ରୀଙ୍କୁ ବଦଳି କରିଦେଇଥିଲେ। ଏହା ଜାଣି ପରିଚାଳନା କମିଟିର କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଏ ସଂକ୍ରାନ୍ତରେ ସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷ ସାହୁଙ୍କ ପ୍ରତିକ୍ରିୟା ନେବାକୁ ତାଙ୍କ ମୋବାଇଲ ଫୋନ୍‌କୁ ଯୋଗାଯୋଗ କରାଯାଇଥିଲା। ହେଲେ ଉତ୍ତର ମିଳି ପାରି ନାହିଁ।



ସଂସ୍କୃତ ଶିକ୍ଷୟିତ୍ରୀଙ୍କ ବଦଳିକୁ ପ୍ରତିବାଦ କରି ଛାତ୍ରୀଛାତ୍ର ସ୍କୁଲରେ ତାଲା ପକାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ ବୋଲେ ରାଉ ରାଉ;**
**କଥାଏ ଦି' କଥା କହି ଥାଆନ୍ତି,**
**ବଣା କଲା ଭାଇ ବୋହୂ।**

ସମୟ ସୁବିଧା ଦେଖି ମଣିଷ ନିଜ ମନର କଥା ଅନ୍ୟ ସହ ବାଣ୍ଟିଥାଏ। ତେବେ ପାଖରେ ଯଦି କେହି ନିଜ ଲୋକ ରହିଥାଏ ତା'ହେଲେ ଗୋପନ କଥା ଗୋପନରେ ରହିଯାଇଥାଏ। କାଳେ କିଛି ଜଣା ପଡ଼ିଯିବ ସେ ନେଇ ମନରେ ଭୟ ସୃଷ୍ଟି ହୋଇଥାଏ। ନିଜର ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ନେଇ ଆତ୍ମୀୟ ପ୍ରତିବନ୍ଧକ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କବି ତୁଣ୍ଡ,**
**ମେଣ୍ଢା ମୁଣ୍ଡ ।**

ମେଣ୍ଢା ମୁଣ୍ଡ ଭାରି ଟାଣ। ସେ ତାଳ ପକେଇ ଲଢ଼େଇ କଲାବେଳେ ଠୋ ଠୋ ଶବ୍ଦ ଶୁଭେ। ମେଣ୍ଢା ମୁଣ୍ଡ ଟାଣ ହେଲା ଭଳି କବିଙ୍କର ଲେଖା ମଧ ଟାଣ। ତାଙ୍କ ଲେଖା ଭାରି ଅର୍ଥପୂର୍ଣ୍ଣ, ଟାଣୁଆ ଭାଷା। ସର୍ବୋପରି କବିଙ୍କ ଲେଖା ଗଭୀର ଅର୍ଥ ବିଶିଷ୍ଟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜବାବ ଦାଖଲ କଲେ ସରକାର

**ହାଇକୋର୍ଟରେ ପଶ୍ଚିମ ଓଡ଼ିଶା ବନ୍ଦ ମାମଲା**

**କଟକ ଅଫିସ,୧୦।୧୨**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସେଠାରେ ଓକିଲମାନେ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ ସେଠାକାର ବିଭିନ୍ନ କାର୍ଯ୍ୟାଳୟ ବନ୍ଦ ରହୁଛି। ଏହି ପରିସ୍ଥିତି ସମ୍ପର୍କରେ ହାଇକୋର୍ଟ ପୂର୍ବରୁ ସରକାରଙ୍କୁ ରିପୋର୍ଟ ମାଗିଥିଲେ। ଜବାବରେ ପରିସ୍ଥିତି ଠିକଠାକ୍ ଥିବା ସରକାର ଦର୍ଶାଇ ଥିଲେ। ମାତ୍ର ଆୟକର ବିଭାଗ ସରକାରଙ୍କ ଗୁମର ଖୋଲି ଦେଇଥିଲା। ଆନ୍ଦୋଳନ ଯୋଗୁ ସେଠାରେ ଆୟକର କାର୍ଯ୍ୟାଳୟର କାମ ବାଧାପ୍ରାପ୍ତ ହେଉଥିବା ବିଭାଗ କୋର୍ଟଙ୍କୁ ଅବଗତ କରାଇଥିଲା। ବିଭାଗର ଏଭଳି ସତ୍ୟପାଠ ପରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପ୍ରକୃତ ସ୍ଥିତି ସମ୍ପର୍କରେ ଜଣାଇବାକୁ ପୂର୍ବ ଶୁଣାଣିରେ ଆଦେଶ ଦେଇଥିଲେ। ଏହି ଅନୁଯାୟୀ ମଙ୍ଗଳବାର ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଅଶୋକ ପରିଜା କୋର୍ଟଙ୍କୁ ଦର୍ଶାଇଥିଲେ ଯେ, ପଶ୍ଚିମ ଓଡ଼ିଶା ଓକିଲଙ୍କ ଆନ୍ଦୋଳନକୁ ନେଇ ସୁପ୍ରିମ୍‌କୋର୍ଟରେ ଏକ ମାମଲା ଚାଲିଛି। ଗତ ୬ତାରିଖରେ ଏହାର ଶୁଣାଣି କରି କୋର୍ଟ କେତେକ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଦୋଳନକାରୀ ଓକିଲଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସଂକ୍ରାନ୍ତରେ ରାଜ୍ୟ ଆଇନଜୀବୀ ପରିଷଦଠାରୁ ଜବାବ ମାଗିଛନ୍ତି। ଆସନ୍ତା ଜାନୁୟାରୀ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ଏହାପରେ ହାଇକୋର୍ଟ ଆସନ୍ତା ଜାନୁୟାରୀ ଶେଷ ସପ୍ତାହକୁ ଆନ୍ଦୋଳନ ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯାଉଛି। ସୂଚନାଥାଉ କି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଦୀର୍ଘଦିନ ହେଲା ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଅଚଳ ହୋଇ ପଡ଼ିଥିବା ନେଇ ଆଡଭୋକେଟ ଶିବଶଙ୍କର ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଁପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣି
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ASTROLOGY

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଳେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ୨ ଯୁବକଙ୍କ ମଧ୍ୟରେ ମାରପିଟ, ଜଣେ ଗିରଫ

ରେଢାଖୋଲ,୧୦।୧୨(ଡି.ଏନ.ଏ.)

ରେଢାଖୋଲ ଥାନା ଅନ୍ତର୍ଗତ ଡଇଁଚା ଗ୍ରାମରେ ୨ ଯୁବକଙ୍କ ମଧ୍ୟରେ ମାଡପିଟ ହୋଇଛି। ଏ ନେଇ ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ପୋଲିସ ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ କରିଛି। ଏହି ଘଟଣାରେ ଡଇଁଚା ଗ୍ରାମର ରଞ୍ଜିତ ଧଳ (୨୫) ନାମକ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ପୋଲିସ ସୂତ୍ରରୁ ଜଣାପଡିଛି ଯେ, ହିନ୍ତରାଇ ଗ୍ରାମର ବିନୋଦ ଗଡନାୟକ (୩୨) ନାମକ ଜଣେ ଯୁବକ ସୋମବାର ସନ୍ଧ୍ୟାରେ ଡଇଁଚା ଗ୍ରାମକୁ ତାଙ୍କ ପୁଅକୁ ଟିଉସନ ପାଇଁ ଛାଡିବାକୁ ଆସିଥିଲେ। ପୁଅକୁ ଟିଉସନ ଛାଡି ଡଇଁଚା ଗ୍ରାମ ରାସ୍ତାରେ ଛିଡା ହୋଇଥିବା ବେଳେ ରଞ୍ଜିତ ବାଇକ୍‌ରେ ଆସି ବିନୋଦଙ୍କୁ କଟ୍ ମାରି ଚାଲି ଯାଇଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ରଞ୍ଜିତ ବିନୋଦଙ୍କ ଓଠକୁ କାମୁଡି ଦେବା ସହ ଏକ ପଥରରେ ମୁଣ୍ଡକୁ ଛେଚି ଦେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ବିନୋଦଙ୍କ ଅଭିଯୋଗ କ୍ରମେ ପୋଲିସ ରଞ୍ଜିତଙ୍କ ବିରୋଧରେ ମାମଲା (ନଂ. କେସ ନଂ.୨୮୩/୧୯)ରୁଜୁ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପର ପକ୍ଷରେ ରଞ୍ଜିତଙ୍କୁ ବିନୋଦ ମାଡ ମାରିଥିବା ନେଇ ଥାନାରେ ଆଉ ଏକ ଅଭିଯୋଗ ହୋଇଛି। ଏ ନେଇ ୩୨୩, ୨୯୪ ରେ ଏକ ମାମଲା ବିନୋଦଙ୍କ ବିରୋଧରେ ରୁଜୁ ହୋଇଛି।

# ଗଛକଟା, କୋଇଲା ଉତ୍ତୋଳନକୁ ବିରୋଧ

ସମ୍ବଲପୁର,୧୦।୧୨(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅଧୀନ ତଲାବିରା କୋଇଲା ଖଣି-୨ ଦ୍ୱାରା ବିସ୍ଥାପିତ ଜନସଧାରଣ ଓ ଏନଏଲସି ଇଣ୍ଡିଆ ଲିମିଟେଡ କମ୍ପାନୀ ମଧ୍ୟରେ ପୁଣି ବିବାଦ ମୁଣ୍ଡ ଟେକିଛି। କ୍ଷତିପୂରଣ ରାଶି ନ ଦେଇ ଗଛ କାଟିବା ଓ କୋଇଲା ଉତ୍ତୋଳନ ଲାଗି ପ୍ରୟାସ କରାଯିବାକୁ ବିସ୍ଥାପିତମାନେ ବିରୋଧ କରିଛନ୍ତି। ସେମାନେ ମଙ୍ଗଳବାର ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ଭେଟି ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ବରିଷ୍ଠ ଅଧିକାରୀ, ଏନଏଲସିର ଅଧିକାରୀ ଓ କେତେକ ବିସ୍ଥାପିତଙ୍କୁ ନେଇ ଗତ ୫ ତାରିଖରେ ଏକ ତ୍ରିପାକ୍ଷିକ ବୈଠକ ହୋଇଥିଲା। ଏହି ବୈଠକରେ ବିସ୍ଥାପିତମାନଙ୍କ ସମସ୍ତ କିସମ ଜମିକୁ ସମାନ କ୍ଷତିପୂରଣ ଦେବା, ପାନୀୟଜଳ, ରାସ୍ତାଘାଟ, ବିଦ୍ୟୁତ୍ ଭଳି ସେବା ପ୍ରଭାବିତ ଗ୍ରାମଗୁଡିକରେ ଯୋଗାଇଦେବା ଭଳି ଦାବିଗୁଡିକୁ ପ୍ରଶାସନ ମାନି ନେଇଥିଲା । ହେଲେ ତଲାବିରା ଗ୍ରାମକୁ ଅଧିଗ୍ରହଣ କରିବାକୁ ଏ ପର୍ଯ୍ୟନ୍ତ ନିଷ୍ପତ୍ତି ହୋଇନାହିଁ।




ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ତଲାବିରା କୋଇଲା ଖଣି ପାଇଁ କଟା ଯାଇଥିବା ଗଛ (ବାମ)। ଜିଲାପାଳଙ୍କ ଅଫିସକୁ ଅଭିଯୋଗ କରି ଆସିଥିବା ଅଞ୍ଚଳବାସୀ ।

## ପୁଣି ମୁଣ୍ଡ ଟେକିଲା ବିବାଦ

ଅନ୍ୟପଟେ ବିସ୍ଥାପିତମାନଙ୍କୁ ଟଙ୍କା ଦିଆଯାଉନାହିଁ କିମ୍ବା ତାଲିକା ଘୋଷଣା କରାଯାଇନାହିଁ । ଫଳରେ ଏନଏଲସି କମ୍ପାନୀ ଓ ପ୍ରଶାସନ ଉପରେ ସନ୍ଦେହ ଉପୁଜିଛି । ସେପଟେ ଗତ ୬ ତାରିଖରୁ ଗଛକଟା ଆରମ୍ଭ କରାଯାଇଛି। କମ୍ପାନୀ କୋଇଲା ଉତ୍ତୋଳନ କରିବା ପାଇଁ ବଡ ବଡ ମେଶିନ ଗୁଡିକୁ ଜଙ୍ଗଲ ଭିତରକୁ ନେଉଛି । କମ୍ପାନୀ କ୍ଷତିପୂରଣ ନ ଦେଇ କୋଇଲା ଉତ୍ତୋଳନ କରିବାକୁ ଚେଷ୍ଟା କରୁଛି । ଏଭଳି ହେଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି । ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ଗ୍ରାମସଭାରେ ଯାହା ସ୍ଥିର ହୋଇଥିଲା ତାହା ପାଳନ କରାଯାଉନାହିଁ । ତଲାବିରା ବନ ସୁରକ୍ଷା କମିଟି ବନ ବିଭାଗ ସହଯୋଗରେ ଜଙ୍ଗଲକୁ ସବୁଜ ସୁନ୍ଦର କରିଥିଲା । ଜଙ୍ଗଲ ବୃଦ୍ଧି କରିବାରେ ସମ୍ବଲପୁଲ ଜିଲା ଓ ଝାରସୁଗୁଡା ଜିଲାର ବନ ବିଭାଗ ପକ୍ଷରୁ ଯଥାକ୍ରମେ ୭୪ ଲକ୍ଷ ଓ ୧୪ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ବର୍ତ୍ତମାନ ପ୍ରାୟ ୧୭ ହଜାର ୭୦୪ ଗଛ କଟାଯିବ ବୋଲି ବନ ବିଭାଗ ରିପୋର୍ଟ ଦେଇଛି । ହେଲେ ବାସ୍ତବରେ ପ୍ରାୟ ୪୦ ହଜାର ଛୋଟ ବଡ ଗଛ କଟାଯିବ। ଏଭଳି ଜଙ୍ଗଲ କଟାଗଲେ ଏହି ଜଙ୍ଗଲ ଉପରେ ନିର୍ଭର କରୁଥିବା ପରିବାର ନିଜର ଜୀବିକା ହରାଇବେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କୁ ଭେଟିବା ବେଳେ ଖିଣ୍ଡା ସରପଞ୍ଚ ନୀଳାବତୀ ଓରାମ, ସୁଷମା ପାତ୍ର, କୈଳାସ ଚନ୍ଦ୍ର ପ୍ରଧାନ, ପ୍ରଫୁଲ୍ଲ ପ୍ରଧାନ, ରାଜାରାମ ବୁଧିଆ, ଇନ୍ଦ୍ରଜିତ ପ୍ରଧାନ, ସତ୍ୟଭାମା ସାହୁ, ଯାଜ୍ଞସେନୀ ସାହୁ, ଆଶୋକ କୁମାର ସାହୁ, ମହେନ୍ଦ୍ର ବଢେଇ, ଲଳିତ ବୁଧିଆ, ଅଜୟ କୁମାର ନାଥ, ସରୋଜ ଭୋଇ, ସୁଶୀଲ ପାତ୍ର, ଅଶାନ୍ତୁ ସାହୁ ପ୍ରମୁଖ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏନଏଲସି ଇଣ୍ଡିଆ ଲିମିଟେଡ କମ୍ପାନୀର ତଲାବିରା କୋଇଲା ଖଣି-୨ ଯୋଗୁ ୫ଟି ଗ୍ରାମର ଲୋକେ ବିସ୍ଥାପିତ ହେଉଛନ୍ତି । ୨ ବର୍ଷ ଧରି ବିରୋଧ ହେବାରୁ କମ୍ପାନୀ କାମ ଆରମ୍ଭ କରି ପାରି ନ ଥିଲା ।

- କୋଇଲା ପାଇଁ ୧୭,୭୦୪ ଗଛ କଟାଯିବ
- ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ବିସ୍ଥାପିତ
- କ୍ଷତିପୂରଣ ରାଶିର ତାଲିକା ଦିଅ

### ଯୁବତୀଙ୍କୁ ପ୍ରତାରଣା କରି ଅଭିଯୁକ୍ତ ଗିରଫ

ଜମନକିରା,୧୦।୧୨ (ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ଥାନା ଛେମୁଣ୍ଡା ଗାଁ ତେନ୍ତୁଳିଗୁଡ଼ାର ହୁସେନ ବୁଢ଼ (୩୦) ନାମକ ଜଣେ ଯୁବକ କୁଚିଣ୍ଡା ଥାନା ଧୁଡ଼ିପାଲି ପଞ୍ଚାୟତ ଅଧୀନ ଏକ ଗାଁର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ପ୍ରେମ ପ୍ରତାରଣା କରିଛନ୍ତି। ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ମାଡ଼ପିଟ କରିଥିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଅଭିଯୁକ୍ତ ହୁସେନଙ୍କୁ ଗିରଫ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ କୋର୍ଟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ପୋଲିସ କହିଛି ଯେ, ଅଭିଯୁକ୍ତ ହୁସେନ ପ୍ରାୟ ୩ ବର୍ଷ ହେବ ଉକ୍ତ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଅନ୍ତରଙ୍ଗ ମୁହୂର୍ତ୍ତର ଭିଡ଼ିଓ ଉତ୍ତୋଳନ କରି ଯୁବତୀଙ୍କୁ ବ୍ଲାକ୍‌ମେଲ କରି ଆସୁଥିଲେ। କଥା ନ ଶୁଣିଲେ ସୋସିଆଲ ମିଡ଼ିଆରେ ଭିଡିଓ ଛାଡ଼ି ଦେବେ ବୋଲି ଧମକ ଦେଇ ନିର୍ଯାତନା ଦେଉଥିଲେ। ଗତ ଶନିବାର ସେ ଫୋନ୍‌ରେ ଯୁବତୀଙ୍କୁ ଜମନକିରା ଛେମୁଣ୍ଡା ଗାଁକୁ ଡାକିଥିଲେ। ସେ ଆସିବା ପରେ ତାଙ୍କୁ ଗୋଡ଼ହାତ ବାନ୍ଧି ଶାରୀରିକ ସମ୍ପର୍କ ରଖିବା ସହ ଜଙ୍ଗଲରେ ନିର୍ଯାତନା ଦେଇଥିଲେ ବୋଲି ଯୁବତୀ ଜଣକ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

# ୫୨ ଡୋମେଷ୍ଟିକ୍ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ

ସମ୍ବଲପୁର,୧୦।୧୨(ବ୍ୟୁରୋ)

## ବେଦିକ୍ କଲେଜ

ସମ୍ବଲପୁର ଶାସନ ଥାନା ଅଧୀନ ପାପପାଲିସ୍ଥିତ ବେଦିକ କଲେଜରେ ମଙ୍ଗଳବାର ଅପରାହ୍ନ ୧ଟାରେ ଯୋଗାଣ ବିଭାଗ ଚଢାଉ କରିଛି। କଲେଜ ରୋଷେଇ ଘରୁ ଇଣ୍ଡେନ ଗ୍ୟାସ୍ କମ୍ପାନୀର ୫୨ଟି ଡୋମେଷ୍ଟିକ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି, ଯାହା ବେଆଇନ ବୋଲି ଯୋଗାଣ ବିଭାଗ କହିଛି। ଏଠାରେ କମର୍ସିଆଲ ରନ୍ଧନ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯିବା କଥା। ହେଲେ ତାହା କରା ନ ଯାଇ ବେଆଇନ ଭାବେ ଘରୋଇ ଭାବେ ବ୍ୟବହୃତ ଡୋମେଷ୍ଟିକ ରନ୍ଧନ ଗ୍ୟାସ ସିଲିଣ୍ଡର ନିର୍ଭୟରେ ବ୍ୟବହାର କରାଯାଉଛି ବୋଲି କୁହା ଯାଇଛି। ତେବେ ଜବତ ସିଲିଣ୍ଡର ମଧ୍ୟରେ ୨୭ଟି ସିଲିଣ୍ଡରେ ଗ୍ୟାସ୍ ଭର୍ତ୍ତି ଥିବାବେଳେ ୨୫ଟି ଖାଲି ରହିଥିଲା। ଯୋଗାଣ ବିଭାଗ ପାଖରେ ପୂର୍ବରୁ ଏନେଇ ସୂଚନା ରହିଥିଲା। ସେହି ଆଧାରରେ ଚଢାଉ କରାଯାଇଛି। କଲେଜ ଅଧ୍ୟକ୍ଷଙ୍କ ନାମରେ ମଧ ମାମଲା ରୁଜୁ ହେବ। ଅନ୍ୟପକ୍ଷେ ଏଠାକୁ ଗ୍ୟାସ୍ ଯୋଗାଇ ଦେଉଥିବା ଗ୍ୟାସ୍ ଏଜେନ୍ସି ଉପରେ ମଧ ଚଢାଉ କରାଯାଇ ଷ୍ଟକ ଯାଞ୍ଚ କରାଯିବ। ଯଦି ଷ୍ଟକ୍ ମ୍ୟାଚ ନ ହେଲା ତାହା ହେଲେ ଏଜେନ୍ସି ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ଅଧିକାରୀ ରଞ୍ଜନ ସେଠ କହିଛନ୍ତି।



ସମ୍ବଲପୁର ବେଦିକ୍ କଲେଜରୁ ଜବତ ହୋଇଥିବା ଡୋମେଷ୍ଟିକ୍ ରନ୍ଧନ ଗ୍ୟାସ ସିଲିଣ୍ଡର ।

# ରେଢାଖୋଲ ଡାକ୍ତରଖାନାରେ କାୟାକଳ୍ପ ଟିମ୍

## ରୋଗୀଙ୍କ ସହ କଥା ହେଲେ, ଅଭାବ ଅସୁବିଧା ପରଖିଲେ

ରେଢାଖୋଲ,୧୦।୧୨(ଡି.ଏନ.ଏ.)

ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାକୁ ମଙ୍ଗଳବାର କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। କାୟାକଳ୍ପ ଟିମ୍‌ର ସଦସ୍ୟା ଡା. ପୂର୍ଣ୍ଣିମା ଉଦ୍‌ଗାତା, ଡା. ଆଶାଲତା ପତି, ଡା. ଜ୍ୟୋତ୍ସ୍ନା ପଟ୍ଟନାୟକ ପ୍ରମୁଖ ଡାକ୍ତରଖାନାରେ ଚାଲିଥିବା ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନାକୁ ତଦାରଖ କରିବା ସହିତ ବିଭିନ୍ନ ୱାର୍ଡ ପରିଦର୍ଶନ କରି ଚିକିତ୍ସାଧୀନ ରୋଗୀମାନଙ୍କୁ କିଭଳି ଚିକିତ୍ସା ସୁବିଧା ମିଳୁଛି ସେ ନେଇ ପଚାରି ବୁଝିଥିଲେ। ସେହିପରି ନିରାମୟ ଯୋଜନା, ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନା ସମ୍ପର୍କରେ ତଦନ୍ତ କରିଥିଲେ। ଡାକ୍ତରଖାନାରେ ଖାଲିଥିବା ଡାକ୍ତର ଓ ଅନ୍ୟାନ୍ୟ ପଦବୀ ନେଇ ପଚାରି ବୁଝିଥିଲେ। ପୋଷ୍ଟମର୍ଟମ କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ଓ ପାନିୟଜଳ ବ୍ୟବସ୍ଥା ନେଇ ତଦାରଖ କରିଥିଲେ। ରକ୍ତଭଣ୍ଡାର ଓ ଏକ୍ସରେ କେନ୍ଦ୍ରରେ ଟେକ୍‌ନିସିଆନ ପଦବୀ ପୂରଣ ନେଇ ମଧ ଆଲୋଚନା କରିଥିଲେ। କାୟାକଳ୍ପ ଟିମ୍ ସହିତ ଡିପିଏମ ଡା. ମୌସୁମୀ ମିଶ୍ର, ଅଶ୍ୱିନୀ ମହାନନ୍ଦ, ସୁସ୍ମିତା ପ୍ରିୟଦର୍ଶିନୀ ପ୍ରମୁଖ ଗସ୍ତ କରିଥିଲେ। ଏସ୍‌ଡିଏମଓ ଡା. ବିପିନ ବିହାରୀ ସାହୁ, ଡା.ରାମକୃଷ୍ଣ ପତି, ମ୍ୟାନେଜର ଦୀପକ କୁମାର ନନ୍ଦ ପ୍ରମୁଖ ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ କାୟାକଳ୍ପ ଟିମ୍‌ର ସଦସ୍ୟାଙ୍କୁ ଅବଗତ କରିଥିଲେ।



ରେଢାଖୋଲ ଉପଖଣ୍ଡ ଡାକ୍ତରଖାନାକୁ ମଙ୍ଗଳବାର କାୟାକଳ୍ପ ଟିମ୍ ପରିଦର୍ଶନ କରୁଛନ୍ତି।

# ଗଞ୍ଜେଇ ଚାଷ, ଚୋରା ଚାଲାଣ ରୋକିବାକୁ ପରାମର୍ଶ



ବାମରା ବ୍ଲକ ସଭାଗୃହରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚାଷ ଓ ଏହାର ଚୋରା ଚାଲାଣ ରୋକିବା ନେଇ ଅନୁଷ୍ଠିତ ସଚେତନତା ସଭାରେ ଅତିଥିମାନେ।

ବାମରା,୧୦।୧୨(ଡି.ଏନ.ଏ.)

ବାମରା ବ୍ଲକ ସଭାଗୃହରେ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚାଷ ଓ ଏହାର ଚୋରା ଚାଲାଣ ରୋକିବା ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବନ ବିଭାଗ, ପୋଲିସ ବିଭାଗ, ରାଜସ୍ୱ ବିଭାଗ, ସ୍ଥାନୀୟ ପ୍ରଶାସନ ସହ ସମସ୍ତ ପଞ୍ଚାୟତରୁ ସମସ୍ତ ଜନପ୍ରତିନିଧିମାନେ ଯୋଗ ଦେଇଥିଲେ । ଗଞ୍ଜେଇ ଚାଷର ବହୁଳ ପ୍ରସାର, ଚୋରା ଚାଲାଣ ଓ ବିକ୍ରି ବିଷୟରେ ଆଇନରେ ଥିବା ବିଭିନ୍ନ ଧାରା ବିଷୟରେ ଉପସ୍ଥିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର, ପ୍ରତିନିଧି ଓ ଜନସାଧାରଣଙ୍କୁ ଆଲୋଚନା ମାଧ୍ୟମରେ ଅବଗତ କରାଯାଇଛି। ପ୍ରତ୍ୟେକ ସାଧାରଣ ବ୍ୟକ୍ତି, ସରକାରୀ କର୍ମଚାରୀ, ସରପଞ୍ଚ ଓ ଜନପ୍ରତିନିଧିମାନେ ଗଞ୍ଜେଇ ଚୋରା ଚାଲାଣ କିମ୍ବା ଚାଷ ବିଷୟରେ ନିକଟସ୍ଥ ଅବକାରୀ ବିଭାଗ କିମ୍ବା ପୋଲିସ ବିଭାଗକୁ କାର୍ଯ୍ୟାନୁଷ୍ଠାନ ପାଇଁ କହି ପାରିବେ ବୋଲି କୁହାଯାଇଥିଲା। ଏହା ସହିତ ଗଞ୍ଜେଇ ଚାଷ ଓ ଏହାର ଚୋରା ଚାଲାଣକୁ ରୋକିବା ପାଇଁ ଆଇନର ଧାରା ଗୁଡିକ ନେଇ ଏକ ପ୍ରଚାର ପତ୍ର ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସମ୍ବଲପୁର ଅବକାରୀ ଅଧକ୍ଷକ ହରିଶ୍ଚନ୍ଦ୍ର ସେଠୀ ଉପସ୍ଥିତ ଜନପ୍ରତିନିଧି ଓ ଲୋକଙ୍କୁ ଗଞ୍ଜେଇ ଚାଷ ଓ ଏହାର ଚୋରାଚାଲାଣ ରୋକିବା ପାଇଁ ବିଭାଗକୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ। ବିଡିଓ ସୁଶୀଲ କୁଜୁର, ଗୋବିନ୍ଦପୁର ଥାନା ଅଧିକାରୀ ପ୍ରତାପ କୁମାର ରଣା, ରେଞ୍ଜର ରାଜଶ୍ରୀ ତିର୍କି, କୁଚିଣ୍ଡା ଅବକାରୀ ନିରୀକ୍ଷକ ଅନ୍ନପୂର୍ଣ୍ଣା ରଣ, ଗୋବିନ୍ଦପୁର ଅବକାରୀ ଏସଆଇ ଗୋକୁଳା ଧର ଓ ମାନସୀ ନାୟକ ପ୍ରମୁଖ ଯୋଗଦେଇ ଗଞ୍ଜେଇ ଚାଷ ଓ ଚାଲାଣ ରୋକିବା ପାଇଁ ରହିଥିବା ବିଭିନ୍ନ ବିଭାଗର ଆଇନ ବିଷୟରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ ।

# ରକ୍ତ ଦେଲେ ଆଇନଜୀବୀ, କୋର୍ଟ କର୍ମଚାରୀ

ରେଢାଖୋଲ, ୧୦।୧୨ (ଡି.ଏନ.ଏ.)



ରେଢାଖୋଲ ଉପଖଣ୍ଡ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ମଙ୍ଗଳବାର ଅନୁଷ୍ଠିତ ରକ୍ତଦାନ ଶିବିରରେ ଉପସ୍ଥିତ ବିଚାରପତିଙ୍କ ସମେତ ଅନ୍ୟମାନେ।

ରେଢାଖୋଲ ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ମଙ୍ଗଳବାର ଉପଖଣ୍ଡ ଚିକିତ୍ସାଳୟ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୧୫ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ସମିତି ର ଅଧ୍ୟକ୍ଷା ତଥା ସବ୍‌ଜଜ୍ ଅପୂର୍ବା ଚୌଧୁରୀ ଏହାକୁ ଉଦ୍‌ଘାଟନ କରିଥିଲେ। ସରକାରୀ ଓକିଲ ଜନକ କୁମାର ବାଗ, ପ୍ରେମଚାନ୍ଦ କୁଲୁ, ଆଇନଜୀବୀ ତୁଷାରକାନ୍ତ କର, ଆନନ୍ଦ କୁମାର ସାମଲ, କୋର୍ଟ କର୍ମଚାରୀ ସୂର୍ଯ୍ୟ ନାରାୟଣ ଶତପଥୀ, ପ୍ରମୋଦ ମହାନନ୍ଦ, ପ୍ରଶାନ୍ତ କୁମାର ମଲ୍ଲିକ, ଫେଡରିକ କାଣ୍ଡୁଲନା, ଅଜିତ କୁମାର ମହାକୁଡ, ରାକେଶ ସାମଲ, ପୋଲିସ କର୍ମଚାରୀ ପ୍ରଭାତ ଦାଶ ପ୍ରମୁଖ ରକ୍ତଦାନ କରିଥିଲେ। ଲିଗାଲ ଏଡ ରିଟେନର ଆଇନଜୀବୀ ଉମାକାନ୍ତ ମହାନନ୍ଦ ଶିବିର ପରିଚାଳନା କରିଥିଲେ। ଶିଶୁରୋଗ ବିଶେଷଜ୍ଞ ତଥା ରକ୍ତଭଣ୍ଡାର ଇନଚାର୍ଜ ଡା.ରାମକୃଷ୍ଣ ପତି, ଟେକ୍‌ନିସିଆନ ଇନ୍ଦ୍ରମଣି ବେହେରା, କର୍ମଚାରୀ ମନୋରମା ଧଳ, ଯାମିନି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଜଙ୍ଗଲ ସୁରକ୍ଷାରେ ବନ ସୁରକ୍ଷା ସମିତିର ଗୁରୁ ଦାୟିତ୍ୱ ରହିଛି

ବାମରା, ୧୦।୧୨ (ଡି.ଏନ.ଏ.)

ବାମରା ବନ୍ୟପ୍ରାଣୀ ବନାଞ୍ଚଳ ଏବଂ ହରିପଡା ବନ ସୁରକ୍ଷା ସମିତିର ଆନୁକୂଲ୍ୟରେ ଗୋବିନ୍ଦପୁର ପଞ୍ଚାୟତ ହରିପଡାରେ ଏକ ସଭା ଅନୁଷ୍ଠିତ ହୋଇ ଯାଇଛି। ବାମରା ବନ୍ୟାପ୍ରାଣୀ ବନାଞ୍ଚଳ ଅଧିକାରୀ ରାଜଶ୍ରୀ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜଙ୍ଗଲ ସୁରକ୍ଷାରେ ବନ ସୁରକ୍ଷା ସମିତିର ଭୂମିକା ଯଥେଷ୍ଟ ରହିଛି। ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ସେ ଆଲୋଚନା କରିଥିଲେ। ଏହି ଅବସରରେ ମହିଳାଙ୍କୁ ନେଇ ଝାଡୁ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୦ଜଣ ମହିଳା ଅଂଶ ଗ୍ରହଣ କରିଥିଲେ । କୁଆରୀ ସୁରିନ ପ୍ରଥମ, ଆସିମାନ କାଣ୍ଡୁଲନା ଦ୍ୱିତୀୟ ଓ ଭଜାର୍ମାନୀ ସାମଦ ଓ ଜୟନ୍ତୀ କାଣ୍ଡୁଲନା ତୃତୀୟ ସ୍ଥାନ ଅଧିକାର କରିଥିଲେ। ବନ ସୁରକ୍ଷା ସମିତି ସଭାପତି ଶଙ୍କର ପିଙ୍ଗଙ୍କ ଅଧ୍ୟକ୍ଷତାରେ ଦୋଳମଣି ଷଣ୍ଢ ସଭା ପରିଚାଳନା କରିଥିଲେ। ସମ୍ମାନୀୟ ଅତିଥି ଭାବେ ଉପବନାଞ୍ଚଳ ଅଧିକାରୀ ବିଶ୍ୱନାଥ ମେହେର, ଗୋବିନ୍ଦପୁର ବନପାଳ ବିଶାଳ ନାୟକ ଓ ବନରକ୍ଷୀ ଜସପାଲ ପଟେଲ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିକାଶ କର୍ମୀ, ହିତିରଞ୍ଜନ ପତି, ନବୀନ ଚନ୍ଦ୍ର ଭିତରିଆ, ବିମଳ ଲାକ୍ରା, ମନୀଷା କାଣ୍ଡୁଲାନା ଓ ଡେଜିରାଣୀ ଏକ୍କା ପ୍ରମୁଖ ସହଯୋଗ କରିଥିଲେ।



ଗୋବିନ୍ଦପୁର ପଞ୍ଚାୟତ ହରିପଡା ସଭାରେ ଅତିଥିମାନେ।

# ଖରିଫ ଧାନ ଶସ୍ୟବୀମା ଦିଅ

## ମହଦା, କେନାଢ଼ିପା ପଞ୍ଚାୟତ ଅଫିସରେ ତାଲା ମାରିଲେ ଚାଷୀ

ଜମନକିରା, ୧୦।୧୨( ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ମିଳିତ ଚାଷୀ ସଂଗଠନର ନିଷ୍ପତ୍ତି କ୍ରମେ ମଙ୍ଗଳବାର ମହଦା ଓ କେନାଢ଼ିପା ପଞ୍ଚାୟତର ଚାଷୀ ଉଭୟ ପଞ୍ଚାୟତ ଅଫିସରେ ତାଲା ପକାଇଛନ୍ତି। ବୀମା ଟଙ୍କା ପ୍ରଦାନ କରା ନ ଯିବା ଯାଏ ପଞ୍ଚାୟତ ବନ୍ଦ ରହିବ। ଏହା ସାଙ୍ଗକୁ ଆଇନ ଅମାନ୍ୟ କରାଯିବ ବୋଲି ଆଜି ଚାଷୀ ସଂଗଠନ ପକ୍ଷରୁ କୁହାଯାଇଛି। କୁଚିଣ୍ଡା ଉପଖଣ୍ଡର ଚାଷୀ ଭୟାଭୟ ମରୁଡ଼ିର ଶିକାର ହୋଇଥିବା କ୍ରପ୍ କଟିଂ ରିପୋର୍ଟରେ ଜଣାପଡ଼ିଥିଲା। ହେଲେ ଚାଷୀଙ୍କୁ ବୀମାରାଶି ପ୍ରଦାନ କରାଯାଇ ନ ଥିଲା। ଏନେଇ ସରକାର ଓ ପ୍ରଶାସନକୁ ବାରମ୍ବାର ଚାଷୀ ଜଣାଇ ଆସୁଥିବା ସତ୍ତ୍ୱେ ବୀମା ସହାୟତା ରାଶି ମିଳି ପାରିନାହିଁ। ପ୍ରତିକାର ସ୍ୱରୂପ କିଛି ଦିନ ପୂର୍ବରୁ କୁଚିଣ୍ଡା ଉପଖଣ୍ଡର ଚାଷୀ ମିଳିତ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୩ ଦିନ ଧରି ଧାରଣାରେ ବସିଥିଲେ। ମାତ୍ର ସରକାର ତଥା ପ୍ରଶାସନ ପକ୍ଷରୁ ସେଭଳି କିଛି ପଦକ୍ଷେପ ନିଆ ଯାଇ ନ ଥିଲା। ଅକ୍ଟୋବର ୧୧ ତାରିଖ ମହାବନ୍ଦ ଘୋଷଣା କରାଯାଇ ଜମନକିରା ବ୍ଲକ୍ ଛକ, ଗୌଡ଼ପାଲି, ଭୋଜପୁର, ରେଙ୍ଗାଲବେଡ଼ା, ମହଦା, ଟିକିଲିପଡ଼ାରେ ପୂର୍ବାହ୍ନ ୬ଟାରୁ ଅପରାହ୍ନ ୬ଟା ସମୟ ଦୀର୍ଘ ୧୨ଘଣ୍ଟା ଅବରୋଧ କରାଯାଇଥିଲା। ଶେଷରେ ରେଳ ରୋକ ସାଙ୍ଗକୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୪୨ ଦିନ ୨୪ ଘଣ୍ଟିଆ ରିଲେ ଅନଶନ କରାଗଲା। ଏହା ପରେ ବି କେନ୍ଦ୍ର, ରାଜ୍ୟ ତଥା ବୀମା କମ୍ପାନୀ ଚାଷୀଙ୍କ ଦୁଃଖ ଶୁଣିଲାନି। ବାଧ୍ୟ ହୋଇ ମିଳିତ ଚାଷୀ ସଂଗଠନର ନିଷ୍ପତ୍ତି କ୍ରମେ ମଙ୍ଗଳବାର କେନାଢ଼ିପା ଓ ମହଦା ପଞ୍ଚାୟତ କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକାଇଛନ୍ତି। କୁଚିଣ୍ଡା ଉପଖଣ୍ଡର ସମସ୍ତ ୫୫ଟି ପଞ୍ଚାୟତରେ ଚାଷୀମାନେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆଇନ ଅମାନ୍ୟ ଆନ୍ଦୋଳନ କରିବେ ବୋଲି କୁଚିଣ୍ଡା ଉପଖଣ୍ଡସ୍ତରୀୟ ଚାଷୀ ସଂଗଠନର ଆବାହକ କୁଶଧ୍ୱଜ ଚୌଧରୀ ପ୍ରକାଶ କରିଛନ୍ତି।




ଖରିଫ ଧାନ ଶସ୍ୟବୀମା ପ୍ରଦାନ ଦାବିରେ ମଙ୍ଗଳବାର ମହଦା ପଞ୍ଚାୟତର ଚାଷୀ ଶୋଭାଯାତ୍ରାରେ ବାହାରିଛନ୍ତି।

### ଗରଡେଗାରେ ମାନବାଧିକାର ଦିବସ

ବାମରା,୧୦।୧୨(ଡି.ଏନ.ଏ.)

ବାମରା ବ୍ଲକ୍ ରଙ୍ଗିଆଟିକ୍ରା ପଞ୍ଚାୟତ ଗରଡେଗାରେ ମଙ୍ଗଳବାର ଜଙ୍ଗଲ ଅଧିକାର କମିଟି ଓ ଲୋକମୁକ୍ତି ସଂଗଠନ ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମରେ କ୍ଲେମେଟ ଡୁଙ୍ଗଡୁଙ୍ଗ ସଭାପତିତ୍ୱ କରିଥିଲେ। ଜଙ୍ଗଲ ଅଧିକାର ଆଇନ, ପେଶା ଆଇନ ଓ ମାନବାଧିକାର ବିଷୟ ଉପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ଲୋମୁସଂର ଉପଦେଷ୍ଟା ଅନନ୍ତ ପଣ୍ଡା, ସଂଯୋଜକ ଜିନିତ ସାମଦ ଓ ଉମାକାନ୍ତ ନାୟକ ଯୋଗଦେଇ ମାନବାଧିକାର ଆଇନର ବିଶେଷ ଅଧିକାର ବିଷୟରେ ସଚେତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବାମରା ବ୍ଲକ ଅଧକ୍ଷ ପ୍ରଫୁଲ୍ଲ ପଟେଲ, ଜଗବନ୍ଧୁ କାଲୋ, ଫ୍ରାନ୍ସିସ କୁଲୁ, ଉମ୍ଲାନ ତୋପ୍ନ ଓ ପାତ୍ର ବାଘ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତ ପ୍ରକାଶ କରିଥିଲେ । ସୀମନ ସାମଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଲଟୁସ ସାମଦ ଧନ୍ୟବାଦ ଜ୍ଞାପନ କରିଥିଲେ। ଗରଡେଗା ଗ୍ରାମର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଜଙ୍ଗଲ ଅଧିକାର କମିଟି ଓ ଶତାଧିକ ଗ୍ରାମବାସୀମାନେ ଯୋଗ ଦେଇଥିଲେ।



ସମ୍ବିଧାନର ଅନୁଚ୍ଛେଦ ୩୭୦ ପୁନଃ ଅବସ୍ଥାପିତ ନ ହେବା ଯାଏ ରାଜନୈତିକ ପ୍ରକ୍ରିୟାରେ ଭାଗନେବ ନାହିଁ ନ୍ୟାଶନାଲ କନ୍‌ଫରେନ୍ସ।

-ମୁସ୍ତାଫା କମାଲ,
ବରିଷ୍ଠ ଏନ୍‌ସି ନେତା





ନାଗରିକତ୍ୱ ସଂଶୋଧନ ବିଲ୍‌କୁ ବିରୋଧ କରି ଆସାମର କାମରୂପରେ ନର୍ଥ ଇଷ୍ଟ ଷ୍ଟୁଡେଣ୍ଟ ୟୁନିୟନ୍ (ଏନ୍‌ଇଏସ୍‌ୟୁ) ପକ୍ଷରୁ କୁଶ ପୁତ୍ତଳିକା ଦାହ କରି ସ୍ଲୋଗାନ ଦିଆଯାଉଛି।




ପ୍ରୟାଗରେ ସମାଜବାଦୀ ପାର୍ଟି (ଏସ୍‌ପି) କର୍ମୀମାନେ ପ୍ଲାକର୍ଡ ଧରି ବିକ୍ଷୋଭ କରୁଛନ୍ତି।




ଦିଲ୍ଲୀର ଜନ୍ତରମନ୍ତରରେ ସିଏବି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

## ନାଗରିକତ୍ୱ ସଂଶୋଧନ ବିଲ୍: ଶିବସେନାର ୟୁ-ଟର୍ନ

# ରାଜ୍ୟ ସଭାରେ ଅସଲ ପରୀକ୍ଷା ଆଜି

ନୂଆଦିଲ୍ଲୀ,୧୦ା୧୨

ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଭାରତକୁ ଆସିଥିବା ଅଣମୁସଲିମ୍ ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ ସକାଶେ ଉଦ୍ଦିଷ୍ଟ ନାଗରିକତ୍ୱ ସଂଶୋଧନ ବିଲ୍ ସୋମବାର ମଧ୍ୟରାତ୍ରିରେ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟ ସଭାରେ ଅସଲ ପରୀକ୍ଷା ବାକି ଅଛି। ଉଚ୍ଚ ସଦନରେ ଏହାକୁ ବୁଧବାର ଅନୁମୋଦନ ପାଇଁ ଉପସ୍ଥାପନ କରାଯିବ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏହାକୁ ଗୃହରେ ଉପସ୍ଥାପନ କରିଥିଲେ। ଲୋକ ସଭାରେ ନାଗରିକତ୍ୱ ସଂଶୋଧନ ବିଲ୍ ସପକ୍ଷରେ ୩୧୧ ଭୋଟ ପଡ଼ିଥିବାବେଳେ ୮୦ ସଦସ୍ୟ ଏହାକୁ ବିରୋଧ କରିଥିଲେ। ଉକ୍ତ ବିଧେୟକରେ ସଂଶୋଧନ ପାଇଁ ଶିବସେନା, କଂଗ୍ରେସ ସମେତ ଅନେକ ଦଳ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସେଗୁଡ଼ିକ ଧ୍ୱନିମତ ଅଥବା ମତ ବିଭାଜନରେ କାଟ୍ ଖାଇଯାଇଥିଲା। ରାଜ୍ୟ ସଭାର ୨୪୫ ଆସନ ମଧ୍ୟରୁ ୫ ଆସନ ଖାଲି ପଡ଼ିଛି।



ଉଦ୍ଧବ ଠାକ୍‌ରେ



ଫଳରେ ଉଚ୍ଚ ସଦନରେ ଏହି ବିଲ୍‌କୁ ପାସ୍ କରାଇବା ପାଇଁ ସଂଖ୍ୟାଗରିଷ୍ଠ ୧୨୦ ସଦସ୍ୟଙ୍କ ସମର୍ଥନ ଜରୁରୀ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସପକ୍ଷରେ ସଂଖ୍ୟାଗରିଷ୍ଠତା ଥିବାରୁ ଗୃହରେ ଏହାକୁ ଗୃହୀତ କରାଇବା ପାଇଁ ଅସୁବିଧା ହେବ ନାହିଁ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସୋମବାର ବିଲ୍‌କୁ ସମର୍ଥନ କରିଥିବା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଓ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ରାଜ୍ୟ ସଭାରେ ଏହାକୁ ବିରୋଧ କରିବା ପାଇଁ ସଙ୍କେତ ଦେଇଛନ୍ତି। ଏହି ପ୍ରସଙ୍ଗରେ ଶିବସେନା ୟୁ-ଟର୍ନ କରିଛି। ଉଦ୍ଧବ କହିଛନ୍ତି, ଲୋକ ସଭାରେ ଦଳ ପକ୍ଷରୁ କରାଯାଇଥିବା ପ୍ରଶ୍ନର ଉତ୍ତର ମିଳିନାହିଁ। ଏଥିରେ ଅନେକ ସଂଶୋଧନ ପାଇଁ ପ୍ରସ୍ତାବ ଦେଇଛୁ। ଆମ ପ୍ରଶ୍ନର ଉତ୍ତର ନ ମିଳିବା ଯାଏ ଏହାକୁ ବିରୋଧ କରିବୁ। ସେହିପରି ଜେଡିୟୁ ଉପାଧ୍ୟକ୍ଷ ପ୍ରଶାନ୍ତ କିଶୋର ଓ ବରିଷ୍ଠ ନେତା ପବନ ବର୍ମା ମଧ୍ୟ ବିଲ୍‌କୁ ଭେଦଭାବପୂର୍ଣ୍ଣ ଅଭିହିତ କରି ସମର୍ଥନ ନେଇ ପୁନର୍ବିଚାର କରିବା ପାଇଁ ଜେଡିୟୁ ଅଧ୍ୟକ୍ଷ ନୀତୀଶଙ୍କୁ ଅନୁରୋଧ କରିଛନ୍ତି। ଶିବସେନାର ଆଭିମୁଖ୍ୟରେ ପରିବର୍ତ୍ତନକୁ ଏହାର ମହାରାଷ୍ଟ୍ର ସହଯୋଗୀ କଂଗ୍ରେସ ସ୍ୱାଗତ କରିଛି। ନାଗରିକତ୍ୱ ସଂଶୋଧନ ବିଲ୍ ସମ୍ବିଧାନ ବିରୋଧୀ ହୋଇଥିବାରୁ ଏହାକୁ ଶିବସେନା ବିରୋଧ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କଂଗ୍ରେସ ମୁଖପାତ୍ର ମନୀଷ ତିୱାରୀ କହିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ପ୍ରସ୍ତାବିତ ଆଇନ ସମ୍ବିଧାନ ଉପରେ ଏକ ଆକ୍ରମଣ। ଏହାକୁ ସମର୍ଥନ କରୁଥିବା ଲୋକେ ଦେଶର ମୂଳଦୁଆକୁ ଧ୍ୱଂସ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ସେହିପରି ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଆମ ପୂର୍ବପୁରୁଷମାନେ ସେମାନଙ୍କ ଜୀବନ ଓ ରକ୍ତ ଦେଇ ଆମ ପାଇଁ ସ୍ୱାଧୀନତା ଆଣିଦେଇଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ ହେବା ସହ ଭାରତର କଠୋରପନ୍ଥୀ ଓ ସଂକୀର୍ଣ୍ଣ ଚିନ୍ତାଧାରା ସୁନିଶ୍ଚିତ ହୋଇଛି। ଅନୁରୂପ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ କହିଛନ୍ତି, ଏହି ବିଲ୍ ସ୍ପଷ୍ଟଭାବେ ଅସାମ୍ବିଧାନିକ। ପାର୍ଲାମେଣ୍ଟରେ ଏହା ଗୃହୀତ ହେଲେ ଯୁଦ୍ଧଭୂମି ସୁପ୍ରିମକୋର୍ଟକୁ ସ୍ଥାନାନ୍ତର ହେବ। ଅର୍ଥାତ୍ କଂଗ୍ରେସ ପକ୍ଷରୁ ଉକ୍ତ ବିଲ୍‌କୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯିବ। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓ୍ୱାଇସି କହିଛନ୍ତି, କେନ୍ଦ୍ର ସରକାର ଏହି ବିଲ୍ ଆଣିବା ସହ ପାକିସ୍ତାନର ଜନକ ମହମ୍ମଦ ଅଲି ଜିନ୍ନାଙ୍କୁ ଜୀବିତ କରାଉଛନ୍ତି। ରାଜ୍ୟ ସଭାରେ ଯଦି ଏହା ଗୃହୀତ ହୁଏ ତେବେ ଆମେ ସମସ୍ତ ପନ୍ଥା ଆପଣାଇବୁ ବୋଲି ସେ ଚେତାବନୀ ଦେଇଛନ୍ତି।

## ଆମେରିକା ସଂଘୀୟ କମିଶନଙ୍କ ସୁପାରିସ

# ସିଏବି ପାସ୍ ହେଲେ ଶାହାଙ୍କ ଉପରେ କଟକଣା

ଓ୍ୱାଶିଂଟନ/ନୂଆଦିଲ୍ଲୀ, ୧୦ା୧୨(ପି.ଟି./ଆଇଏଏନ୍‌ଏସ୍)

ଭାରତର ପାର୍ଲାମେଣ୍ଟରେ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏବି) ଗୃହୀତ ହେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଉପରେ କଟକଣା ଜାରି କରିବାକୁ ଆମେରିକାର ଅନ୍ତର୍ଜାତୀୟ ଧର୍ମୀୟ ସ୍ୱାଧୀନତା କମିଶନ (ୟୁଏସ୍‌ସିଆଇଆର୍‌ଏଫ୍) ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଅନ୍ୟପକ୍ଷରେ ନୂଆଦିଲ୍ଲୀ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି। ଏହି ପ୍ରସଙ୍ଗ ଉପରେ ହସ୍ତକ୍ଷେପ କରିବା ଅଧିକାର ଆମେରିକୀୟ ସଂସ୍ଥାର ନାହିଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ସମାଲୋଚନା କରିଛି।

ନାଗରିକତ୍ୱ ସଂଶୋଧନ ବିଲ୍ ସୋମବାର ମଧ୍ୟରାତ୍ରିରେ ଲୋକ ସଭାରେ ଗୃହୀତ ହୋଇଛି। ବୁଧବାର ଉକ୍ତ ବିଲ୍ ରାଜ୍ୟ ସଭାରେ ଗୃହୀତ ହେବା ପରେ ଆଇନରେ ପରିଣତ ହେବ। ପ୍ରସ୍ତାବିତ ଆଇନାନୁସାରେ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଆସି ଏଠାରେ ଧାର୍ମିକ ଅତ୍ୟାଚାରର ଶିକାର ହେଉଥିବା ହିନ୍ଦୁ, ଶିଖ୍, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିୟାନ ସମ୍ପ୍ରଦାୟର ଲୋକେ ଭାରତରେ ଶରଣାର୍ଥୀ ଭାବେ ପରିଗଣିତ ହେବେ ନାହିଁ। ସେମାନଙ୍କୁ ଭାରତର ନାଗରିକତ୍ୱ ପ୍ରଦାନ କରାଯିବ। ତେଣୁ ୟୁଏସ୍‌ସିଆଇଆର୍‌ଏଫ୍ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଉକ୍ତ ବିଲ୍‌ରେ ନିର୍ଦ୍ଦିଷ୍ଟ ଭାବେ ମୁସଲମାନ ସମ୍ପ୍ରଦାୟର ଲୋକଙ୍କୁ ବାଦ୍ ଦିଆଯିବା ଦୁର୍ଭାଗ୍ୟଜନକ। ଏହି ବିଧେୟକ ଏକ ବିପଜ୍ଜନକ ଦିଗ ଦେଇ



ଅମିତ୍ ଶାହା

ଗତି କରୁଛି। ଏହା ଭାରତର ମହାନ୍ ଇତିହାସ, ଧର୍ମନିରପେକ୍ଷ ବହୁଳବାଦ ଓ ଭାରତୀୟ ସମ୍ବିଧାନର ପରିପନ୍ଥୀ।

ପ୍ରକାଶ ଯେ, ୧୯୯୮ରେ ଗଠିତ ୟୁଏସ୍‌ସିଆଇଆର୍‌ଏଫ୍ ହେଉଛି ଆମେରିକାର ଏକ ସ୍ୱାଧୀନ ଦ୍ୱିଦଳୀୟ ସଂଘୀୟ ସରକାର କମିଶନ, ଯାହା ଅନ୍ତର୍ଜାତୀୟ ସ୍ତରରେ ଧର୍ମୀୟ ସ୍ୱାଧୀନତା ଉଲ୍ଲଂଘନ ପ୍ରସଙ୍ଗଗୁଡ଼ିକର ସମୀକ୍ଷା କରିଥାଏ। ୨୦୦୨ ଗୁଜରାଟ ଦଙ୍ଗା ପରିପ୍ରେକ୍ଷୀରେ ଏହି କମିଶନ ୨୦୦୫ରେ ନରେନ୍ଦ୍ର ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ତାଙ୍କର ଭିଜା ପ୍ରତ୍ୟାହାର ପାଇଁ ଆମେରିକାକୁ ସୁପାରିସ କରିଥିଲା। ପାର୍ଲାମେଣ୍ଟର ଉଭୟ ଗୃହରେ ସିଏବି ଗୃହୀତ ହେଲେ ଆମେରିକା ସରକାର ଭାରତର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଓ ଅନ୍ୟ ପ୍ରମୁଖ ନେତାମାନଙ୍କ ଉପରେ କଟକଣା ଜାରି କରିବା ଉଚିତ ବୋଲି ଏହି କମିଶନ କହିଛି। ଅନ୍ୟପକ୍ଷରେ ବିଲ୍ ଉପରେ ୟୁଏସ୍‌ସିଆଇଆର୍‌ଏଫ୍‌ର ଏହି ମନ୍ତବ୍ୟ ଠିକ୍ ନୁହେଁ କି ଆବଶ୍ୟକ ମଧ୍ୟ ନୁହେଁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରବୀଶ କୁମାର ଏକ ଖବରଦାତା ସମ୍ମିଳନୀରେ ସମାଲୋଚନା କରିଛନ୍ତି।

## ଇତିହାସର ଆଇନାରେ

### ଡିସେମ୍ବର ୧୧ର ପ୍ରମୁଖ ଘଟଣା

### ବିମାନ ଦୁର୍ଘଟଣାରେ ଶତାଧିକ ମୃତ

୧୯୯୮ ଡିସେମ୍ବର ୧୧ରେ ଦକ୍ଷିଣ ଥାଇଲାଣ୍ଡର ସୁରଟ ଥାନି ବିମାନବନ୍ଦର ନିକଟରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଶତାଧିକ ଯାତ୍ରୀ ପ୍ରାଣ ହରାଇଥିଲେ। ବିମାନଟି ଘରୋଇ ଯାତ୍ରୀଙ୍କୁ ନେଇ ହଂକଂରୁ ଯାଉଥିଲା। ୧୩୨ ଯାତ୍ରୀଙ୍କ ମଧ୍ୟରୁ ୪୫ ଅଳ୍ପକେ ବର୍ତ୍ତିଯାଇଥିଲେ।

### ବିସ୍ଫୋରଣରେ ୧୨୫ ନିହତ

୨୦୧୨ ଡିସେମ୍ବର ୧୧ରେ ସିରିଆର ଅକରବରେ ବୋମା ବିସ୍ଫୋରଣ ହେବା ଫଳରେ ୧୨୫ ଜଣ ପ୍ରାଣ ହରାଇଥିଲେ। ଏଥିରେ ୨୦୦ରୁ ଅଧିକ ବ୍ୟକ୍ତି ଆହତ ହୋଇଥିଲେ। ସିରିଆ ଗୃହଯୁଦ୍ଧ ସମୟରେ ଏଭଳି ବିସ୍ଫୋରଣ ହୋଇଥିଲା।

# ଉତ୍ତରପୂର୍ବରେ ବନ୍ଦ ପାଳନ

ନୂଆଦିଲ୍ଲୀ,୧୦ା୧୨

ନାଗରିକତ୍ୱ ସଂଶୋଧନ ବିଲ୍ ଲୋକ ସଭାରେ ଗୃହୀତ ହେବାର ଦିନକ ପରେ ଓ ରାଜ୍ୟ ସଭାରେ ଉପସ୍ଥାନ କରାଯିବାର ଦିନକ ପୂର୍ବରୁ ଏହାକୁ ଉତ୍ତର-ପୂର୍ବାଞ୍ଚଳରେ ପ୍ରବଳ ବିରୋଧ କରାଯାଇଛି। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ମଙ୍ଗଳବାର ଏହା ବିରୋଧରେ ବନ୍ଦ ପାଳନ କରାଯାଇଛି। ବିଲ୍ ପ୍ରତିବାଦରେ ଆସାମ ଓ ଦିଲ୍ଲୀରେ ବିକ୍ଷୋଭ କରାଯାଇଛି। ତ୍ରିପୁରାରେ ମୋବାଇଲ ଇଣ୍ଟରନେଟ ସେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୨ଟାରୁ ୪୮ ଘଣ୍ଟା ପାଇଁ ବନ୍ଦ କରାଯାଇଛି।

ଲୋକ ସଭାରେ କଂଗ୍ରେସ, ଟିଏମ୍‌ସି ସମେତ ଉତ୍ତର-ପୂର୍ବର ମୁଖ୍ୟ ବିରୋଧୀ ଦଳଗୁଡ଼ିକ ବିଲ୍ ବିରୋଧରେ ଭୋଟ ଦେଇଥିଲେ। ଦୁଇଟି ପ୍ରମୁଖ ଛାତ୍ର ସଙ୍ଗଠନ ନର୍ଥ ଇଷ୍ଟ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ୍ (ଏନ୍‌ଇଏସ୍‌ଓ) ଏବଂ ଅଲ୍ ଆସାମ ଷ୍ଟୁଡେଣ୍ଟ ୟୁନିୟନ୍ (ଏଏଏସ୍‌ୟୁ) ବିଲ୍ ବିରୋଧୀ ବିକ୍ଷୋଭର ନେତୃତ୍ୱ ନେଇଛନ୍ତି। ମଣିପୁରରେ ଭୋର ୩ଟାରୁ ସନ୍ଧ୍ୟା ୬ଟା



ଗୁଆହାଟୀରେ ଏନ୍‌ଇଏସ୍‌ଓର ବିକ୍ଷୋଭ।

- ତ୍ରିପୁରାରେ ମୋବାଇଲ ଉପରେ ୪୮ ଘଣ୍ଟିଆ କଟକଣା
- ବିଲ୍ ବିରୋଧରେ ଆସାମ, ଦିଲ୍ଲୀରେ ବିକ୍ଷୋଭ

ପର୍ଯ୍ୟନ୍ତ ବନ୍ଦ ପାଳନ ପାଇଁ ଅଲ୍ ମଣିପୁର ଷ୍ଟୁଡେଣ୍ଟ ୟୁନିୟନ୍ (ଏଏମ୍‌ଏସ୍‌ୟୁ) ପକ୍ଷରୁ ଡାକରା ଦିଆଯାଇଥିଲା। ବିଲ୍‌କୁ ତୁରନ୍ତ ପ୍ରତ୍ୟାହାର ପାଇଁ ଏଏମ୍‌ଏସ୍‌ୟୁ ଦାବି କରିଛି। ବନ୍ଦ ପାଳନ ଯୋଗୁ ମଣିପୁରରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ଦୋକାନବଜାର, ଶିକ୍ଷାନୁଷ୍ଠାନ ଓ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବିଭିନ୍ନ ସ୍ଥାନରେ ବିକ୍ଷୋଭକାରୀମାନେ ରାସ୍ତା ଅବରୋଧ କରିଥିଲେ। ସେହିପରି ଦିଲ୍ଲୀରେ ସିପିଆଇଏମ୍‌ର ଷ୍ଟେଟ୍ କମିଟି ସଦସ୍ୟମାନେ ମଧ୍ୟ ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ଉନ୍ନାଓ ରାୟ ୧୬ରେ

ନୂଆଦିଲ୍ଲୀ,୧୦ା୧୨

ଉନ୍ନାଓ ବଳାତ୍କାର ମାମଲାରେ ଦିଲ୍ଲୀର ଏକ କୋର୍ଟ ମାମଲାର ଶୁଣାଣି ଶେଷ କରିଥିବାବେଳେ ରାୟ ସଂରକ୍ଷିତ ରଖିଛନ୍ତି। ଭାଜପାର ପୂର୍ବତନ ବିଧାୟକ କୁଲଦୀପ ସିଂ ସେନ୍‌ଗାର ଏହି ମାମଲାରେ ଅଭିଯୁକ୍ତ ଥିବାବେଳେ କୋର୍ଟ ଶୁଣାଣି ୧୬ରେ କରାଯିବ ବୋଲି ଜିଲା ଜଜ୍ ଧର୍ମେଶ ଶର୍ମା ଘୋଷଣା କରିଛନ୍ତି। ସୋମବାର ସିବିଆଇ ପକ୍ଷରୁ ମାମଲାର ସବୁ ଯୁକ୍ତି ଉପସ୍ଥାପନ କରାଯାଇଛି। ୨୦୧୭ରେ ଉନ୍ନାଓ ପୀଡ଼ିତା ନାବାଳିକା ଥିବାବେଳେ ତାଙ୍କୁ ସେନ୍‌ଗାର ଅପହରଣ ଓ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଗତ ଜୁଲାଇରେ ପୀଡ଼ିତା ଆସୁଥିବା କାର୍‌କୁ ଏକ ଟ୍ରକ୍ ଧକ୍କା ଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ହେଲେ ପୀଡ଼ିତାଙ୍କ ଦୁଇ ମାଉସୀ ମୃତ୍ୟୁବରଣ କରିଥିଲେ। ଏହା ପଛରେ ସେନ୍‌ଗାରଙ୍କ ହାତ ଥିବା ଅଭିଯୋଗ କରାଯାଇଥିଲା।

## ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲା

# ପୁଣି ରିଭ୍ୟୁ ପିଟିଶନ ଦାଖଲ

ନୂଆଦିଲ୍ଲୀ,୧୦ା୧୨

ବହୁଚର୍ଚ୍ଚିତ ୨୦୧୨ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ଫାଶୀ ଦଣ୍ଡାଦେଶ ପାଇଥିବା ୪ ଦୋଷୀଙ୍କ ମଧ୍ୟରୁ ୩ଜଣ କରିଥିବା ରିଭ୍ୟୁ ପିଟିଶନକୁ ସର୍ବୋଚ୍ଚ ଅଦାଲତ ଖାରଜ କରିଦେବା ପରେ ମଙ୍ଗଳବାର ଚତୁର୍ଥ ବ୍ୟକ୍ତି ଅକ୍ଷୟ କୁମାର ସିଂ(୩୧) ୨୦୧୭ ରାୟର ପୁନଃ ସମୀକ୍ଷା କରିବା ଲାଗି ଆବେଦନ କରିଛନ୍ତି। ଏନେଇ ଅକ୍ଷୟଙ୍କ ଓକିଲ ଏ.ପି. ସିଂ ପ୍ରକାଶ କରିଛନ୍ତି।

୨୩ ବର୍ଷୀୟ ପାରାମେଡିକାଲ ଛାତ୍ରୀଙ୍କୁ ଚଳନ୍ତା ବସ୍ ଭିତରେ ଅତି ଅମାନୁଷିକ ଭାବେ ଦିଲ୍ଲୀରେ ଗଣବଳାତ୍କାର କରାଯାଇ ରାସ୍ତା କଡ଼କୁ ଫିଙ୍ଗି ଦିଆଯାଇଥିଲା। ୨୦୧୨ ଡିସେମ୍ବର ୨୯ରେ ପୀଡ଼ିତାଙ୍କ ଦେହାନ୍ତ ହୋଇଥିଲା। ଟ୍ରାଏଲ କୋର୍ଟ ଓ ଦିଲ୍ଲୀ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟ କାଏମ ରଖି ୬ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ ଲାଗି ନିର୍ଦ୍ଦେଶ ଦେଇଥିଲେ। ଜଣେ ଅଭିଯୁକ୍ତ ରାମ୍ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ଜଣେ ନାବାଳକ ୩ ବର୍ଷ ଜେଲ୍ ଦଣ୍ଡ ଭୋଗିସାରିଛନ୍ତି।

## ଚିଲି ବାୟୁସେନା ବିମାନ ନିଖୋଜ

# ଦୁର୍ଘଟଣାରେ ୩୮ ଜଣଙ୍କ ମୃତ୍ୟୁ ଆଶଙ୍କା



**ସାଣ୍ଟିଆଗୋ,୧୦ା୧୨:** ୩୮ ଜଣ ଯାତ୍ରୀଙ୍କୁ ନେଇ ଆଣ୍ଟାର୍କଟିକା ଯାଉଥିବା ଚିଲିର ଏକ ସେନା ବିମାନ ନିଖୋଜ ହୋଇଯାଇଛି। ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ସମସ୍ତ ୧୭ ଅଧିକାରୀ ଓ ବିମାନ କର୍ମଚାରୀଙ୍କ ସହ ୨୧ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଏହାକୁ ଠାବ କରିବା ପାଇଁ ତଲାସି ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି।

ଚିଲି ବାୟୁସେନାର ହାର୍କ୍ୟୁଲିସ୍ ସି-୧୩୦ ଏୟାରକ୍ରାଫ୍ଟ ସୋମବାର ଅପରାହ୍ନ ୪ଟା ୫୫ ମିନିଟରେ ପୁଣ୍ଟା ଏରେନାସ୍ଥିତ ଚାବୁନ୍‌କୋ ବାୟୁସେନା ଘାଟିରୁ ଉଡ଼ାଣ କରିଥିଲା। ବିମାନଟି ୭୭୦ ମାଇଲ ଯାତ୍ରା କରି ଆଣ୍ଟାର୍କଟିକାର ସବୁଠୁ ବଡ଼ ଘାଟି ଏଡୁଆର୍ଡୋ ଫ୍ରେଇରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଥିଲା। ହେଲେ ୪୫୦ ମାଇଲ ଅତିକ୍ରମ କରିବା ପରେ ବିମାନ ସହ ସନ୍ଧ୍ୟା ୬ଟା ୧୩ରେ କଣ୍ଟ୍ରୋଲ ରୁମ୍‌ର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ରାଡାର ବାହାରକୁ ଚାଲିଯିବା ପରେ ଏହା ନିଖୋଜ ହୋଇଯାଇଥିବା କୁହାଯାଉଛି। ବିମାନ ଦୁର୍ଘଟଣାରେ ୩୮ ଜଣଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ତେବେ ବିମାନର ତଲାସି କାର୍ଯ୍ୟକୁ ଜୋର୍‌ଦାର କରାଯାଇଛି।

ଚିଲି ବାୟୁସେନା ପକ୍ଷରୁ କୁହାଯାଇଛି ଯେ, ବିମାନରେ ବାୟୁସେନାର ୧୫ ଅଧିକାରୀ, ୩ ସେନା ଅଧିକାରୀ, ଦୁଇଜଣ ନିର୍ମାଣ କମ୍ପାନୀର ଯାତ୍ରୀ ଓ ଚିଲି ବିଶ୍ୱବିଦ୍ୟାଳୟର ଜଣେ ଅଧିକାରୀ ଥିଲେ। ଯାତ୍ରୀଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରାଯାଉଛି। ବିମାନରେ ଏମର୍ଜେନ୍ସି ପୋଜିଶନିଂ ସିଷ୍ଟମ୍ ଥିଲେ ମଧ୍ୟ ମଙ୍ଗଳବାର ଭୋର ସମୟରେ ତଲାସି ବେଳେ ଏହା କାର୍ଯ୍ୟ କରୁ ନ ଥିଲା ବୋଲି ଫୋର୍ଥ ଏୟାର ବ୍ରିଗେଡିୟର୍ କମାଣ୍ଡର ଏଡୁଆର୍ଡୋ ମୋସ୍କେଇରା କହିଛନ୍ତି। ଚିଲି ରାଷ୍ଟ୍ରପତି ସେବାସ୍ତିଆନ୍ ପିନେରା ଏଡୁଆର୍ଡୋ ଫ୍ରେଇ ମୋଣ୍ଟାଲ୍‌ଭା ଯାଇଛନ୍ତି।

## ମହିଳା ବିରୋଧୀ ଅପରାଧରେ ରାଜନେତାଙ୍କ ସମ୍ପୃକ୍ତି

# ଭାଜପା ପ୍ରଥମ, କଂଗ୍ରେସ ଦ୍ୱିତୀୟରେ

ନୂଆଦିଲ୍ଲୀ,୧୦ା୧୨

ଦେଶବ୍ୟାପୀ ମହିଳା ବିରୋଧୀ ହିଂସା ଓ ଅପରାଧର ମାତ୍ରା ବଢ଼ି ବଢ଼ି ଚାଲିଛି। ଦିଲ୍ଲୀରୁ ପଲ୍ଲୀ ଯାଏ ଏହାକୁ ନେଇ ତୀବ୍ର ପ୍ରତିବାଦର ସ୍ୱର ମଧ୍ୟ ଦେଖିବାକୁ ମିଳୁଛି। ସାଧାରଣ ଜନତାଙ୍କ କଥା ଛାଡ଼ନ୍ତୁ, ବିଭିନ୍ନ ଦଳର ରାଜନେତାମାନେ ମଧ୍ୟ ମହିଳା ବିରୋଧୀ ଅପରାଧରେ ସାମିଲ ଥିବା ଜଣାଯାଏ। ଇଲେକ୍ସନ ଓ୍ୱାଚ୍‌ଡଗ୍ ଏଡିଆର୍( ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ ରିପୋର୍ଟ ଅନୁଯାୟୀ ଭାଜପାର ୨୧ ନେତା ମହିଳା ବିରୋଧୀ ଅପରାଧ ମାମଲାରେ ଛନ୍ଦିହୋଇ ରହିଥିବାବେଳେ କଂଗ୍ରେସର ୧୬, ଓ୍ୱାଇଏସ୍‌ଆର୍‌ସିପି ୭ ଅଛନ୍ତି।

୨୦୦୯ରେ ୨ ଏମ୍‌ପିଙ୍କ ବିରୋଧରେ ଏଭଳି ମାମଲା ରହିଥିବାବେଳେ ୨୦୧୯ରେ ଏହା ବଢ଼ି ୧୯ରେ ପହଞ୍ଚିଛି। ଏବେ ୩ ଏମ୍‌ପି ଓ ୬ ବିଧାୟକଙ୍କ ବିରୋଧରେ ବଳାତ୍କାର ମାମଲା ଚାଲିଥିବା ଜଣାପଡ଼ିଛି। ଗତ ୫ ବର୍ଷ ମଧ୍ୟରେ ବଳାତ୍କାର ମାମଲାରେ ଫସିଥିବା ୪୧ ପ୍ରାର୍ଥୀଙ୍କୁ ବିଭିନ୍ନ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ଟିକେଟ୍ ଦିଆଯାଇଥିବା ପ୍ରକାଶ। ମହିଳା ବିରୋଧୀ ହିଂସା ଓ ଅପରାଧ ମାମଲା ଚାଲିଥିବା ୬୬ ଜଣଙ୍କୁ ଭାଜପା ଟିକେଟ୍ ଦେଇଥିବା ଜଣାପଡ଼ିଛି। କଂଗ୍ରେସରୁ ଏଭଳି ୪୬ ଓ ବିଏସ୍‌ପିରୁ ୪୦ ପ୍ରାର୍ଥୀ ଥିବା ଏଡିଆର୍ ରିପୋର୍ଟରେ ଦର୍ଶାଯାଇଛି। ୭୫୯ ଏମ୍‌ପି ଓ ୪୦୬୩ ବିଧାୟକଙ୍କ ସତ୍ୟପାଠ ତର୍ଜମା କରାଯିବା ପରେ ଏଭଳି ତଥ୍ୟ ଲୋକଲୋଚନକୁ ଆସିଛି। ବିଗତ ଲୋକ ସଭା ନିର୍ବାଚନରେ ଏଭଳି ୩୮ ପ୍ରାର୍ଥୀ ଜନମତ ଲୋଡ଼ିଥିଲେ।

ପଶ୍ଚିମବଙ୍ଗରେ ଏଭଳି ସର୍ବାଧିକ ଏମ୍‌ପି ଓ ବିଧାୟକ(୧୬) ରହିଥିବାବେଳେ ଓଡ଼ିଶା ଓ ମହାରାଷ୍ଟ୍ରରେ ୧୨ ଲେଖାଏ ବିଧାୟକ ଥିବା ଜଣାପଡ଼ିଛି। ଗତ ୫ ବର୍ଷ ମଧ୍ୟରେ ମୋଟ ୫୭୨ ଏଭଳି ପ୍ରାର୍ଥୀ ଲୋକ ସଭା, ରାଜ୍ୟ ସଭା ଓ ବିଧାନସଭା ନିର୍ବାଚନ ଲଢ଼ିଥିବା କୁହାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଏ ପର୍ଯ୍ୟନ୍ତ ଏମାନଙ୍କ ମଧ୍ୟରୁ କେହି ଦୋଷୀ ସାବ୍ୟସ୍ତ ହୋଇନାହାନ୍ତି। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ପକ୍ଷରୁ ଏଭଳି ୪୧୦ ପ୍ରାର୍ଥୀଙ୍କ ମଧ୍ୟରୁ ଲୋକ ସଭା ଓ ରାଜ୍ୟ ସଭାକୁ ୮୯ ମନୋନୀତ ହୋଇଛନ୍ତି। ବିଗତ ୫ ବର୍ଷ ମଧ୍ୟରେ ମହିଳା ବିରୋଧୀ ଅପରାଧ କରିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ମହାରାଷ୍ଟ୍ରରେ ସର୍ବାଧିକ ୮୫, ବିହାରରେ ୭୫ ଜଣଙ୍କୁ ଦଳ ପକ୍ଷରୁ ଟିକେଟ ଦିଆଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି।



"ସଲମାନ୍‌ଙ୍କୁ ଅଭିନୟ ଆରମ୍ଭ କରିବା ପୂର୍ବରୁ ଜାଣିଛି। ତାଙ୍କ ସହ ମୋ ସମ୍ପର୍କ ବହୁତ୍ ଭଲ। ଉଭୟଙ୍କ ପରିବାର ମଧରେ ଭଲ ସମ୍ପର୍କ ରହିଆସିଛି।

-ସୋନାକ୍ଷୀ ସିହ୍ନା,
ବଲିଉଡ୍ ଅଭିନେତ୍ରୀ

# ଭୁଲରେ ଅପରିଚିତଙ୍କୁ କୁଣ୍ଢାଇ ଅଡୁଆରେ ପଡ଼ିଥିଲେ



ଆମେରିକୀୟ ବ୍ଲଗର ମେରି କ୍ୟାଥେରିନ ବ୍ୟାକ୍‌ଷ୍ଟ୍ରମଙ୍କ ସହ ଘଟିଥିବା ଏକ ମଜାଦାର ଘଟଣା ସମ୍ପର୍କିତ ଭିଡିଓ ସମ୍ପ୍ରତି ଫେସ୍‌ବୁକ୍‌ରେ ଭାଇରାଲ ହୋଇଛି। ସେ କିଭଳି ଭୁଲରେ ଜଣେ ଅପରିଚିତଙ୍କୁ କୁଣ୍ଢାଇ ପକାଇଥିଲେ ତାହା ଭିଡିଓରେ ବର୍ଣ୍ଣନା କରିଛନ୍ତି। ଗତ ୬ ତାରିଖରେ ପୋଷ୍ଟ ହୋଇଥିବା ଉକ୍ତ ଭିଡିଓ ମଙ୍ଗଳବାର ସୁଦ୍ଧା ୩୨ ମିଲିୟନ ଭ୍ୟୁ ହୋଇସାରିଛି। ଏହାକୁ ନେଇ ଅନେକ ମଜାଳିଆ କମେଣ୍ଟ ମଧ୍ୟ ମିଳିଛି। ଫ୍ଲୋରିଡାରେ ରହୁଥିବା ମେରି ଗତ ଶୁକ୍ରବାର 'ୱାୱା' ନାମକ ଏକ ଗ୍ୟାସ୍ ଷ୍ଟେଶନ କନଭିନିଏନ୍ସ ଷ୍ଟୋରରେ ଥିବାବେଳେ ଏକ ପୁସ୍ତକ ପଢୁଥିଲେ, ଯାହାର ବିଷୟବସ୍ତୁ ଥିଲା ଫେଷ୍ଟିଭ୍ ସିଜନରେ ଉଦାର ରହିବା ଉଚିତ। ତାହା ତାଙ୍କୁ ଅନୁପ୍ରାଣିତ କରିଥିଲା। ଫଳରେ ସେ ସେଠାରେ ଥିବା ଜଣେ ମହିଳାଙ୍କ ପାନୀୟ ବିଲ୍ ପୈଠ କରିଥିଲେ। ହେଲେ ଉକ୍ତ ଷ୍ଟୋରରୁ ବାହାରିବା ପରେ ଦେଖିଲେ ଯେ, ତାଙ୍କ କାର କାଚକୁ ଜଣେ ବ୍ୟକ୍ତି ସଫା କରୁଛନ୍ତି। ଏହାକୁ ସେ ଖ୍ରୀଷ୍ଟମାସ୍ ମ୍ୟାଜିକ୍ ଭାବିଲେ। ଖ୍ରୀଷ୍ଟମାସ୍ ସମୟ ହୋଇଥିବାରୁ ଉକ୍ତ ବ୍ୟକ୍ତିଜଣକ ଉଦାର ଭାବନାରେ ପ୍ରେରିତ ହୋଇ ଏଭଳି କରୁଥିବା ମେରି ଭାବିନେଲେ। କୃତଜ୍ଞତା ଜଣାଇବା ପାଇଁ ମେରି ଉକ୍ତ ବ୍ୟକ୍ତିଙ୍କ ପାଖକୁ ଯାଇ ତାଙ୍କୁ କୁଣ୍ଢାଇ ପକାଇଥିଲେ ଏବଂ କହିଥିଲେ, 'ଏଭଳି ମାନବିକତା ଭାବନାକୁ ମୁଁ ପସନ୍ଦ କରେ। ଖ୍ରୀଷ୍ଟମାସ୍‌କୁ ବହୁତ ଭଲ ପାଏ। ଏଭଳି କାର୍ଯ୍ୟ କରିଥିବାରୁ ଧନ୍ୟବାଦ'। କିନ୍ତୁ ଏହାର କିଛି କ୍ଷଣ ଭିତରେ ସେ ନିଜକୁ ଅଡୁଆ ଅନୁଭବ କଲେ, ଯେତେବେଳେ ସେ ଜାଣିବାକୁ ପାଇଲେ ଯେ ଉକ୍ତ କାର ତାଙ୍କର ନୁହେଁ। ବ୍ୟକ୍ତିଜଣକ ନିଜ କାରର କାଚକୁ ସଫା କରୁଥିଲେ। ମେରି ଉକ୍ତ ଘଟଣାକୁ ବର୍ଣ୍ଣନା କରି ଯେଉଁ ଭିଡିଓ ପୋଷ୍ଟ କଲେ ତାହାକୁ ଅନେକେ ପସନ୍ଦ କରିଛନ୍ତି। ଜଣେ ବ୍ୟକ୍ତି କମେଣ୍ଟ କରିଛନ୍ତି ଯେ, ଏଭଳି ଘଟଣା ତାଙ୍କ ଜୀବନରେ ସବୁଠୁ ମଜାଳିଆ। ସେହିପରି ଆଉ ଜଣେ କହିଛନ୍ତି 'ହେ ଭଗବାନ୍! ଖ୍ରୀଷ୍ଟମାସ ମ୍ୟାଜିକ୍ ସେହି ବ୍ୟକ୍ତିଙ୍କ ପାଇଁ କାମ କଲା। ସେ ମାଗଣାରେ ଆଲିଙ୍ଗନ ସ୍ନେହ ପାଇଲେ।' ମେରି କହିଛନ୍ତି ଯେ, ଏହି ଘଟଣାରେ ତାଙ୍କୁ ବହୁତ ଖୁସି ମିଳିଛି।

## ଆମେରିକୀୟ ବ୍ଲଗରଙ୍କ ଭିଡିଓକୁ ୩୨ ମିଲିୟନ ଭ୍ୟୁ

# 'ଛପାକ୍' ଟ୍ରେଲର୍ ରିଲିଜ୍

**ମୁମ୍ବାଇ:** ବହୁ ପ୍ରତୀକ୍ଷିତ ବଲିଉଡ୍ ଫିଲ୍ମ 'ଛପାକ୍'ର ଟ୍ରେଲର୍ ଆସିଯାଇଛି। ହୃଦୟ ବିଦାରକ ଏକ ସତ୍ୟ କାହାଣୀ ଉପରେ ଆଧାରିତ ଏହି ଫିଲ୍ମ ଘୋଷଣା ହେବା ଦିନରୁ ହିଁ ଚର୍ଚ୍ଚାରେ ରହିଥିଲା। ଏବେ ଫିଲ୍ମର ଟ୍ରେଲର୍ ରିଲିଜ୍ ପରେ, ଦର୍ଶକ ଯେତିକି ଉତ୍ସାହିତ ସେତିକି ଭାବୁକ ମଧ୍ୟ ହୋଇପଡ଼ିଛନ୍ତି।

## ଭାବୁକ କରୁଛି ଦୀପିକାଙ୍କ ଅଭିନୟ



ତେବେ ଅନେକ ଦିନ ପରେ ବଲିଉଡ୍ ମସ୍ତାନୀ ଦୀପିକା ପାଦୁକୋନ୍‌ଙ୍କୁ ଫିଲ୍ମରେ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ।

ମେଘନା ଗୁଲ୍‌ଜାରଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଛପାକ୍'ର ଟ୍ରେଲରକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଫିଲ୍ମଟି ଏସିଡ୍ ଆଟାକ୍ ପୀଡ଼ିତା ଲକ୍ଷ୍ମୀ ଅଗ୍ରୱାଲଙ୍କ କାହାଣୀ ଉପରେ ଆଧାରିତ। ଲକ୍ଷ୍ମୀଙ୍କ ଭୂମିକାରେ ଦୀପିକା ଅଭିନୟ କରିଛନ୍ତି। ତେବେ ଫିଲ୍ମରେ ଦୀପିକାଙ୍କ ନାଁ ମାଳତୀ ରହିଛି। କେବଳ ଟ୍ରେଲର୍‌ରେ ମାଳତୀ ଭୂମିକାରେ ଦୀପିକାଙ୍କ ଅଭିନୟ ସାରା ବଲିଉଡ୍ ସମେତ ଅଗଣିତ ସିନେପ୍ରେମୀଙ୍କ ହୃଦ୍‌ସ୍ପନ୍ଦନ ବଢ଼ାଇଦେଇଛି। ଟ୍ରେଲର୍ ରିଲିଜ୍ ପରଠାରୁ ହିଁ ସୋସିଆଲ ମିଡିଆରେ ଆଲୋଚନା ଚାଲିଛି। ଲୋକେ ଟ୍ରେଲର୍ ଦେଖି ଭାବୁକ ହୋଇଉଠିଛନ୍ତି ଓ ନିଜ ନିଜର ଭାବନା ବ୍ୟକ୍ତ ମଧ୍ୟ କରୁଛନ୍ତି। ଏପରି କି ଅନେକେ ଦୀପିକାଙ୍କୁ 'ଆକ୍ଟିଂ କୁଇନ୍' କହିବା ସହ ଫିଲ୍ମକୁ 'ମାଷ୍ଟରପିସ୍' ବୋଲି ମଧ୍ୟ ମତବ୍ୟକ୍ତ କରୁଛନ୍ତି।

ଫିଲ୍ମରେ ଏସିଡ୍ ଆଟାକ୍ ପୀଡ଼ିତା ଲକ୍ଷ୍ମୀଙ୍କ କାହାଣୀ ଦେଖିବାକୁ ମିଳିବ। ସାଧାରଣ ଜୀବନ ବିତାଉଥିବା ଜଣେ ଯୁବତୀଙ୍କ ଜୀବନ ହଠାତ୍ ଏକ ଦୁର୍ଘଟଣା ପରେ କିଭଳି ବଦଳିଯାଏ। ଆଖିରେ ଆଖିଏ ନିରୀହ ସ୍ୱପ୍ନ ଦେଖିଥିବା ଲକ୍ଷ୍ମୀ ଯେତେବେଳେ ଜୀବନର ସବୁଠାରୁ ବଡ଼ ପରୀକ୍ଷା ଦେଉଥାଆନ୍ତି, ସେତେବେଳେ ଏ ସମାଜ ତଥା ପାରିପାର୍ଶ୍ୱିକ ସ୍ଥିତି ତାଙ୍କୁ କିଭଳି ପ୍ରତିକ୍ରିୟା ଦେଇଛି ଏବଂ କେତେ ଦୂର ଗ୍ରହଣ କରିଛି। କିଛି ଏଭଳି ହୃଦୟସ୍ପର୍ଶୀ ତଥା ଲୋମହର୍ଷକ କାହାଣୀକୁ ନେଇ ନିଜ ଚମତ୍କାର ଅଭିନୟ ଦ୍ୱାରା ଅତି ବାସ୍ତବିକ ଭାବରେ ପରଦାରେ ପରଷିବେ ଦୀପିକା, ଯାହାକୁ ଦେଖିବାକୁ ଆଉ ଜଣେ ଏସିଡ୍ ଆଟାକ୍ ପୀଡ଼ିତାଙ୍କ ଭାବନାକୁ ଆହୁରି ନିକଟରୁ ଜାଣିବାକୁ ଅପେକ୍ଷା କରିଛନ୍ତି ଦର୍ଶକ। ଦୀପିକାଙ୍କ ସହ ଫିଲ୍ମରେ ବିକ୍ରାନ୍ତ ମାସୀ ମଧ୍ୟ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଫିଲ୍ମ 'ଛପାକ୍' ୨୦୨୦ ଜାନୁୟାରୀ ୧୦ରେ ରିଲିଜ୍ ହେବ।

# ପୋଲିସ ହେବ ତ ଏମିତି

**ଜୟପୁର:** ରାଜସ୍ଥାନ ପୋଲିସର ସହାୟକ ପୋଲିସ ନିରୀକ୍ଷକ(ଏଏସଆଇ)ପଦମ୍ ସିଂଙ୍କ କାର୍ଯ୍ୟ ନିଶ୍ଚୟ ପ୍ରେରଣାଦାୟକ। ସେ ୩୦୦ରୁ ଊର୍ଦ୍ଧ୍ୱ ଝିଅଙ୍କୁ ଉଦ୍ଧାର କରିଛନ୍ତି। ଏହା ଦ୍ୱାରା ଅନେକ ପରିବାରକୁ ଖୁସି ଫେରାଇ ଦେବାରେ ସକ୍ଷମ ହୋଇଛନ୍ତି। ଜୟପୁର ପୋଲିସ କମିଶନରେଟର ଝୋଟବାଡା ଥାନାରେ ଏବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ମୁଖ୍ୟତଃ ଅପହୃତ ଓ ନିଖୋଜ ହେଉଥିବା ଝିଅମାନଙ୍କ କେସ୍‌କୁ ଗ୍ରହଣ କରି କେବଳ ଜୟପୁର ସହରରେ ଏଭଳି ୧୭୫୫ ଝିଅଙ୍କୁ ଉଦ୍ଧାର କରିଛନ୍ତି। ରାଜ୍ୟର ଅନ୍ୟ ଜିଲାରେ ଅପହୃତ ହୋଇଥିବା ୧୫୦ ଝିଅଙ୍କୁ ମଧ୍ୟ ଉଦ୍ଧାର କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ୧୯୭୮ରେ ସେ ୧୯ ବର୍ଷ ବୟସରେ ରାଜସ୍ଥାନ ପୋଲିସରେ ଯୋଗ ଦେଇଥିଲେ। ସେ ଇଞ୍ଜିନିୟରିଂ ଡିପ୍ଲୋମା କରିଥିଲେ ମଧ୍ୟ ପୋଲିସରେ ଯୋଗ ଦେଇଥିଲେ। ସେ ୩୧ ଡିସେମ୍ବରେ ୨୦୧୯ରେ ଅବସର ନେବେ। ଦେଶର ବିଭିନ୍ନ ସହରକୁ ଯାଇ ସେ ଝିଅମାନଙ୍କ ଅପହରଣ ଘଟଣାରେ ସାମିଲ ଅପରାଧୀଙ୍କୁ ଧରିଛନ୍ତି। ଏଥିପାଇଁ ନେପାଳ ଓ କଶ୍ମୀର ଯାଏ ବି ଯାଇଛନ୍ତି। ଅବସର ନେବା ପରେ ଝିଅମାନେ ହଜିଗଲେ କି ଅପହୃତ ହେଲେ ସେମାନଙ୍କୁ ଖୋଜିବାରେ ପୋଲିସ ବିଭାଗକୁ ସାହାଯ୍ୟ କରିବେ ବୋଲି କହିଛନ୍ତି ପଦମ୍।



# ପାହାଡ଼ ହିଁ ଜୀବନ

## ପାହାଡ଼ ସୁରକ୍ଷା ଜୀବନ ରକ୍ଷା

## ଆନ୍ତର୍ଜାତିକ ପର୍ବତ ଦିବସ



ବିଶ୍ୱରେ ପ୍ରତିବର୍ଷ ୧୧ ଡିସେମ୍ବରରେ ପାଳନ କରାଯାଉଛି 'ଆନ୍ତର୍ଜାତିକ ପର୍ବତ ଦିବସ'। ଅନ୍ତଃରାଷ୍ଟ୍ରୀୟ ସମୁଦାୟ ପର୍ବତୀୟ କ୍ଷେତ୍ରର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଏହାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ପାର୍ବତାଞ୍ଚଳ ପ୍ରତି ସମସ୍ତଙ୍କର ଦାୟିତ୍ୱ ସମ୍ପର୍କରେ ଏହି ଦିବସରେ ସଚେତନ କରାଯାଇଥାଏ। ପୃଥିବୀର ପାଖାପାଖି ୨୨ ପ୍ରତିଶତରେ ପାହାଡ଼ ରହିଛି ଯେଉଁଠି ବିଶ୍ୱ ଜନସଂଖ୍ୟାର ୧୩ ପ୍ରତିଶତରୁ ଊର୍ଦ୍ଧ୍ୱ ବା ୯୧୫ ମିଲିୟନରୁ ଅଧିକ ଲୋକ ବାସ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ୧୯୯୨ରେ ଜାତିସଂଘ ଏହା ଉପରେ ଗୁରୁତ୍ୱ ଦେଇ ଏକ ପ୍ରସ୍ତାବ ଆଗତ କରିଥିଲା। ଏହି ପ୍ରସ୍ତାବ କ୍ରମେ ପର୍ବତାଞ୍ଚଳରେ ରହୁଥିବା ଲୋକମାନଙ୍କ ବିକାଶ ଓ ସୁରକ୍ଷା ଉପରେ ଧ୍ୟାନ ରଖିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଉଲ୍ଲେଖ କରାଯାଇଥିଲା। ଏହାକୁ ଆଗକୁ ବଢାଇବା ଲାଗି ୨୦୦୩ରେ ଏହିଦିବସ ପାଳନ କରାଯିବା ଲାଗି ସ୍ଥିର କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ସ୍ଲୋଗାନ୍ ନେଇ ଏହି ଦିବସ ପାଳନ କରାଯାଉଛି। ପୃଥିବୀର ଅଧିକାଂଶ ନଦୀ ଓ ଝରଣା ପାହାଡ଼ରୁ ଉଦ୍‌ଗମ ହୋଇଛି। କୃଷିର ବିକାଶ ତଥା ପାନୀୟ ଜଳ ଯୋଗାଇବାରେ ପାହାଡର ଭୂମିକା ରହିଛି। କିନ୍ତୁ ଦୁଃଖର କଥା ଏବେ ବିକାଶ ନାଁରେ ପାହାଡ଼କୁ ଧ୍ୱଂସ କରାଯାଉଛି। ମୁଖ୍ୟତଃ ବିକାଶଶୀଳ ଦେଶଗୁଡିକରେ ପାହାଡିଆ ଅଞ୍ଚଳରେ ରହୁଥିବା ଲୋକମାନେ ଅଧିକ ପ୍ରଭାବିତ ହେଉଛନ୍ତି। ପାହାଡ ଧ୍ୱଂସ କରାଯାଉଥିବାରୁ ଏହାର ପ୍ରଭାବ ମଧ୍ୟ ଜଳବାୟୁ ଉପରେ ପଡୁଛି। ଏବେ ବୃଦ୍ଧି ପାଉଥିବା ଅନାହାର,ପ୍ରଦୂଷଣ ଓ ପାନୀୟ ଜଳ ଅଭାବର ସମ୍ବନ୍ଧ କେଉଁଠି ନା କେଉଁଠି ପାହାଡ ସହ ରହିଛି। ପାହାଡ଼ରୁ ଶକ୍ତି ଓ ଖାଦ୍ୟ ବି ମିଳୁଛି। ଅର୍ଥନୈତିକ, ସାମାଜିକ ତଥା ସଂସ୍କୃତି କ୍ଷେତ୍ରରେ ପାହାଡ଼ର ଗୁରୁତ୍ୱ ରହିଆସିଛି। ଅନ୍ୟ ପକ୍ଷରେ ମାନବକୃତ ପ୍ରଦୂଷଣ ଓ ବିଶ୍ୱତାପନ ବୃଦ୍ଧିର ପ୍ରଭାବ ପାହାଡ ଉପରେ ପଡୁଛି। ଯାହାର ପ୍ରମାଣ ହେଉଛି ମେରୁ ଅଞ୍ଚଳର ବରଫ ପାହାଡ଼ ଓ ହିମାଳୟ। ଏଣୁ ବିଶ୍ୱତାପନ ହ୍ରାସ କରି ପାହାଡର ସୁରକ୍ଷା କରାଯାଇପାରିବ। ପାହାଡ଼ର ସୁରକ୍ଷା ପ୍ରତି ଧ୍ୟାନ ଦେଲେ ପରିବେଶ ସୁରକ୍ଷିତ ରହିବ ଓ ଜୀବନ ରକ୍ଷା ମଧ୍ୟ ହୋଇପାରିବ ।ପାହାଡର ସୁରକ୍ଷା ଲାଗି ଯୁବପିଢି ଉପରେ ଗୁରୁତ୍ୱ ଦେଇ ଚଳିତ ବର୍ଷ ଏହି ଦିବସର ସ୍ଲୋଗାନ୍ ରଖାଯାଇଛି 'ମାଉଣ୍ଟେନ୍ସ ମ୍ୟାଟର ଫର୍ ୟୁଥ'।

# ବରେଲି ବଜାରରେ ୩୦ ଫୁଟର ଝୁମ୍‌କା

**ଲକ୍ଷ୍ନୌ:** ବଲିଉଡ୍ ମୁଭି 'ମେରା ଶାୟା' କେହି ଦେଖନ୍ତୁ ଅବା ନ ଦେଖନ୍ତୁ ହେଲେ ଏହାର ଗୀତ 'ଝୁମ୍‌କା ଗିରା ରେ ବରେଲି କେ ବାଜାର ମେଁ' ସମସ୍ତେ ଶୁଣିଥିବେ। ଏବେ ଏହି ଝୁମ୍‌କାକୁ ନେଇ ପୁଣିଥରେ ଚର୍ଚ୍ଚାକୁ ଆସିଛି ବରେଲି। ଏଠାରେ ନିର୍ମାଣ କରାଯାଉଥିବା ୩୦ ଫୁଟର ଝୁମ୍‌କା ଏବେ ଦର୍ଶକଙ୍କୁ ଆକର୍ଷିତ କରୁଛି। ଝୁମକା ପାଇଁ ବରେଲି ପରିଚିତ ଥିବାରୁ ଏବେ ସେଠାରେ ଝୁମ୍‌କା ସ୍କୋୟାର ତିଆରି କରାଯାଉଛି। ବିଡିଏର ବିଦ୍ୟା ମିତ୍ତଲ ଓ ଡାକ୍ତର କେଶବ ଅଗ୍ରୱାଲଙ୍କ ମିଳିତ ଉଦ୍ୟମରେ ଜିରୋ ପଏଣ୍ଟର ପରସାଖେଡାରେ ଝୁମ୍‌କା ସ୍କୋୟାର ନିର୍ମାଣ କରାଯାଉଛି। ଏହାର ଉଚ୍ଚତା ପାଖାପାଖି ୩୦ ଫୁଟ ଥିବା ବେଳେ ଏଥିପାଇଁ ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି ଓ ଏହା ପିତ୍ତଳରେ ନିର୍ମାଣ କରାଯାଇଛି ବୋଲି କୁହାଯାଉଛି। ଏହାକୁ ନିର୍ମାଣ କରିବା ପାଇଁ ବହୁ ଆଗରୁ କାମ ଆରମ୍ଭ କରାଯାଇଛି। ଏତେବଡ ଝୁମ୍‌କାର ଡିଜାଇନ ଗୁରୁଗ୍ରାମରେ କରାଯାଇଛି। ଏବେ ଏହା ଶେଷ ପର୍ଯ୍ୟାୟରେ ଥିବା ବେଳେ ଏହା ଦିଲ୍ଲୀ ଆଡକୁ ଯାଉଥିବା ରାସ୍ତା ଜିରୋ ପଏଣ୍ଟରେ ଲଗାଯାଇଛି।



## ଲୋକପ୍ରିୟତା ସାଉଁଟୁଛି

# ଷ୍ଟାଚ୍ୟୁ ଅଫ୍ ୟୁନିଟି

**ନୂଆଦିଲ୍ଲୀ:** ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସ୍ମୃତିରେ ଗୁଜରାଟଠାରେ ତିଆରି ହୋଇଛି ଷ୍ଟାଚ୍ୟୁ ଅଫ୍ ୟୁନିଟି। ଏହା ଦୁନିଆର ସବୁଠୁ ଉଚ୍ଚ ପ୍ରତିମୂର୍ତ୍ତି। ୧୮୨ ମିଟର ଉଚ୍ଚତା ବିଶିଷ୍ଟ ଏହି ମୂର୍ତ୍ତିକୁ ଦେଖିବା ପାଇଁ ପ୍ରତିଦିନ ଦେଶବିଦେଶରୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ବର୍ଷକ ପୂର୍ବେ ଅନାବରଣ କରାଯାଇଥିବା ଏହି ମୂର୍ତ୍ତି ଆମେରିକାର ୧୩୩ ବର୍ଷ ପୁରୁଣା ଷ୍ଟାଚ୍ୟୁ ଅଫ୍ ଲିବର୍ଟିଠାରୁ ଅଧିକ ଲୋକପ୍ରିୟ ହେବାରେ ଲାଗିଛି। ଦୈନିକ ଏଠାକୁ ପାଖାପାଖି ୧୫ ହଜାର ପର୍ଯ୍ୟଟକ ଆସୁଛନ୍ତି। ୧ ନଭେମ୍ବର ୨୦୧୮ରୁ ୩୧ ଅକ୍ଟୋବର ୨୦୧୯ ମଧ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟା ୭୪ ପ୍ରତିଶତ ବୃଦ୍ଧି ପାଇଥିଲା। ଏବେ ପ୍ରତିଦିନ ପ୍ରାୟ ୧୫,୦୩୬ ଜଣ ପର୍ଯ୍ୟଟକ ଷ୍ଟାଚ୍ୟୁ ଅଫ୍ ୟୁନିଟି ଦେଖିବାକୁ ଆସୁଛନ୍ତି ବୋଲି ସର୍ଦ୍ଦାର ସରୋବର ନର୍ମଦା ନିଗମ ଲିମିଟେଡ ପକ୍ଷରୁ କୁହାଯାଇଛି। ଏଥିସହ ସପ୍ତାହ ଶେଷ ବେଳକୁ ପର୍ଯ୍ୟଟକଙ୍କ ସଂଖ୍ୟା ୨୨,୪୩୦ରେ ପହଞ୍ଚିଛି। ନ୍ୟୁୟର୍କର ଷ୍ଟାଚ୍ୟୁ ଅଫ୍ ଲିବର୍ଟି ଦେଖିବା ପାଇଁ ପ୍ରତିଦିନ ପ୍ରାୟ ୧୦ହଜାର ପର୍ଯ୍ୟଟକ ଆସିଥାନ୍ତି।





# ବିବାହ ବାର୍ଷିକୀ ପୂର୍ବରୁ ପିତା ହେଲେ କପିଲ

**ମୁମ୍ବାଇ:** କମେଡି କିଙ୍ଗ୍ କପିଲ ଶର୍ମା ଏବେ ପିତା ହୋଇଯାଇଛନ୍ତି। ତାଙ୍କ ସ୍ତ୍ରୀ ଗିନି ଛତରାଥ ମଙ୍ଗଳବାର ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଏନେଇ ନିଜେ କପିଲ ଟୁଇଟ୍ କରି ଜଣାଇଛନ୍ତି। ଏହି ଖବର ଜାଣିବା ପରେ କପିଲଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି। ବଲିଉଡ୍ ଗାୟକ ଗୁରୁ ରନ୍‌ଧ୍ୱା କପିଲଙ୍କୁ ଶୁଭେଚ୍ଛା ଜଣାଇବା ସହ ସେ ନିଜେ ଚାଚା ହୋଇଯାଇଛନ୍ତି ବୋଲି ଲେଖିଛନ୍ତି। ସୂଚନାଯୋଗ୍ୟ, କପିଲ ଓ ଗିନି କଲେଜ ମେଟ୍ ହୋଇଥିବା ବେଳେ ୨୦୧୮ ଡିସେମ୍ବର ୧୨ରେ ଜଳନ୍ଧରରେ ବିବାହ କରିଥିଲେ।

# ବଲିଉଡ୍‌ରେ ୯ ବର୍ଷ ପୂରଣ କଲେ ରଣବୀର୍

**ମୁମ୍ବାଇ:** ବଲିଉଡ୍ ନାୟକ ରଣବୀର ସିଂ ବଲିଉଡ୍‌ରେ ମଙ୍ଗଳବାର ୯ ବର୍ଷ ପୂରଣ କରିଛନ୍ତି। ଏହାକୁ ନେଇ ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ଏଥିରେ ସେ ତାଙ୍କ ବ୍ଲକ୍‌ବୁଷ୍ଟର ଫିଲ୍ମ 'ବ୍ୟାଣ୍ଡ୍ ବାଜା ବାରାତ୍'ର ଏକ ଫଟୋ ସହ କ୍ୟାପ୍‌ଶନ ଲେଖିଛନ୍ତି, ବଲିଉଡ୍‌ରେ ୯ ବର୍ଷ ପୂରଣ କରିବା ତାଙ୍କର ଏକ ସ୍ୱପ୍ନ। ୟଶ୍ ରାଜ ବ୍ୟାନରେ ପ୍ରସ୍ତୁତ ଫିଲ୍ମ 'ବ୍ୟାଣ୍ଡ୍ ବାଜା ବାରାତ୍'ରେ ରଣବୀରଙ୍କ ଅପୋଜିଟ୍‌ର ନାୟିକା ଥିଲେ ଅନୁଷ୍କା ଶର୍ମା। ଆଉ ଏହି ଫିଲ୍ମ ବେଶ୍ ଦର୍ଶକୀୟ ସ୍ୱୀକୃତି ପାଇଥିଲା। ଥରେ ବଲିଉଡ୍‌ରେ ନାଁ କମାଇବା ପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ ରଣବୀର। ଗୋଟିଏ ପରେ ଗୋଟିଏ ହିଟ୍ ଫିଲ୍ମ ଭେଟିଦେଇ କେତେବେଳେ ସେ ଦର୍ଶକଙ୍କର ପ୍ରିୟ ଅଭିନେତା ପାଲଟି ଯାଇଥିଲେ ତାହା ମଧ୍ୟ ଜାଣି ପାରି ନ ଥିଲେ। ଶେଷ ଥର ପାଇଁ ତାଙ୍କୁ 'ଗଲି ବୟ'ରେ ଦେଖିବାକୁ ମିଳିଥିବା ବେଳେ ଏବେ ତାଙ୍କ ହାତରେ କିଛି ଅଫର୍ ମଧ୍ୟ ରହିଛି।





ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।
- ମେନାଣ୍ଡର



## ସଂକ୍ଷେପରେ

### ଲଇକେରାରେ ଗୀତା ଜୟନ୍ତୀ

ଲଇକେରା,୧୦।୧୨ (ଡିଏନଏ): ଝାରସୁଗୁଡା ଜିଲା ଲଇକେରା ଜଗନ୍ନାଥ ମନ୍ଦିର ସମ୍ମୁଖରେ ମଙ୍ଗଳବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଭଗବାନଙ୍କ ବିଶ୍ୱରୂପ ପୂଜାର୍ଚ୍ଚନା କରାଯାଇଥିବାବେଳେ ଗୀତା ପୁରାଣ ପାଠ କରାଯାଇଥିଲା। ପଣ୍ଡିତ ବିଜୟ କୁମାର ମିଶ୍ର ମୁଖ୍ୟପୂଜକ ଭାବେ ଯୋଗଦେଇ ହୋମାଗ୍ନିରେ ଘୃତାହୂତି ଦେଇଥିଲେ । ପୂଜକ ବନମାଳି ମିଶ୍ର ଓ କୃଷ୍ଣଚନ୍ଦ୍ର ମିଶ୍ର ସହଯୋଗ କରିଥିଲେ। ସତ୍ୟ ପ୍ରକାଶ ନାଏକ ମୁଖ୍ୟ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ ।



ଗୀତା ଜୟନ୍ତୀରେ ହୋମଯଜ୍ଞ ।

■ ଓପିଜିସି ପାଉଁଶ ପୋଖରୀ ନିର୍ମାଣକୁ ନେଇ ଏନ୍‌ଜିଟିରେ ମାମଲା

# କ୍ଷେତ୍ର ପରିଦର୍ଶନ କଲା ଜିଲା ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

ଲଖନପୁର,୧୦।୧୨(ଡି.ଏନ.ଏ)

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି) ତରଫରୁ ତିଳିଆ ମୌଜା ହୀରାକୁଦ ଜଳଭଣ୍ଡାର କୂଳରେ ଏକ ବୃହତ ପାଉଁଶ ପୋଖରୀ ନିର୍ମାଣ ଚାଲିଛି । ଏହି ପାଉଁଶ ପୋଖରୀ ନିର୍ମାଣ ଫଳରେ ହୀରାକୁଦ ଜଳଭଣ୍ଡାର ଓ ସଂସରାଟିକ୍ରା ଗ୍ରାମ ପ୍ରଭାବିତ ହେବ । ଏହାକୁ ବିରୋଧ କରି ମା ଅମ୍ବିକା ଏସ୍‌ଏଚ୍‌ଜି ଗ୍ରୁପ୍ କଲିକତା ସ୍ଥିତ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ରେ ମାମଲା ରୁଜୁ କରିଛି । ଏସ୍‌ଏଚ୍‌ଜି ଗ୍ରୁପ୍‌ର ଅଭିଯୋଗକୁ ଭିତ୍ତିକରି ଏନ୍‌ଜିଟି ମୁଖ୍ୟ ଖଣ୍ଡପୀଠ ଝାରସୁଗୁଡା ଜିଲାପାଳ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପାଉଁଶ ପୋଖରୀ କ୍ଷେତ୍ର ପରିଦର୍ଶନ କରି ଏହାର ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏନ୍‌ଜିଟିର ନିର୍ଦ୍ଦେଶ ଯୋଗୁ ଜିଲା ପ୍ରଶାସନ ତରଫରୁ ଉପଜିଲାପାଳ ଶିବ ଟପ୍ପୋ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ନିରଞ୍ଜନ ମଲ୍ଲିକ, ବନହରପାଲି ଆଇଆଇସି ପ୍ରଶାନ୍ତ ମେହେର, କୁମ୍ଭାରବନ୍ଧ ଆର୍‌ଆଇ ସସ୍ମିତା ନାୟକ ଓ ଓପିଜିସି ଅଧିକାରୀ ପି. କୋରେଶ ପାତ୍ର ପ୍ରମୁଖ ମଙ୍ଗଳବାର ସନ୍ଧ୍ୟାରେ ପାଉଁଶ ପୋଖରୀ ଅଞ୍ଚଳରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି । ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀମାନେ ଦିନରେ ନ ଆସି ସନ୍ଧ୍ୟାରେ ଆସି କ୍ଷେତ୍ର ପରିଦର୍ଶନ କରିବାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ନେଇ ମା ଅମ୍ବିକା ଏସ୍‌ଏଚ୍‌ଜି ଗ୍ରୁପ୍ ସଭାପତି ଲିଲି ସେଠ୍ ଓ ସମ୍ପାଦୀକା ତୁଳସୀ ସେଠ୍ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ମାମଲା । ଏହାକୁ ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗୁରୁତ୍ୱ ନ ଦେଇ ସନ୍ଧ୍ୟାରେ କ୍ଷେତ୍ର ପରିଦର୍ଶନ କରି ଯଥାକଥା ଭାବେ ରିପୋର୍ଟ ପ୍ରଦାନ କରିବା ପାଇଁ ପ୍ରୟାସ ଚଳାଇଛନ୍ତି । କ୍ଷେତ୍ର ପରିଦର୍ଶନ କରିବା ପାଇଁ ଆସିଥିବା ବେଳେ ପ୍ରଶାସନ ତରଫରୁ ପୂର୍ବରୁ ଗ୍ରାମବାସୀକୁ କୌଣସି ସୂଚନା ଦିଆଯାଇନାହିଁ । ଖବର ପାଇ ଗ୍ରାମବାସୀ ତଦନ୍ତ ସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଅଧିକାରୀମାନେ ଗ୍ରାମବାସୀଙ୍କ ସହିତ କୌଣସି ଆଲୋଚନା କରି ନ ଥିଲେ । ଏ ନେଇ ଉପଜିଲାପାଳ ଟପ୍ପୋ କହିଛନ୍ତି, ସନ୍ଧ୍ୟାରେ ପାଉଁଶ ପୋଖରୀ ପରିଦର୍ଶନ ପାଇଁ ପହଞ୍ଚିଥିଲୁ । ଯେଉଁସବୁ ସ୍ଥାନ ଦେଖିବା କଥା ସେସବୁ ଦେଖିଲୁ । ଏହାର ନୀତିନିୟମ ସାଙ୍ଗକୁ ମାନଚିତ୍ର ଦେଖି ମାପଚୁପ କଲା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ କହିଛନ୍ତି । ଏହି ଆଧାରରେ ସେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି ।



ତଦନ୍ତକାରୀ ଦଳ ପାଉଁଶ ପୋଖରୀ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
## 'ଅକଳରେ ଅର୍ଥନୀତି'

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି– ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଷ୍ଟେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

ମୂଲ୍ୟ: ଟ ୮୦/-

**ଯୋଗାଯୋଗ: ସମ୍ବଲପୁର:** ନରୋତ୍ତମ ଜେନା (୯୪୩୮୦୯୮୩୫୫), ମନୋଜ ମହାନ୍ତି (୭୦୦୮୫୦୬୮୧୦)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨


## ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୩୬ ପ୍ରକଳ୍ପ ପ୍ରଦର୍ଶିତ

ଲଖନପୁର,୧୦।୧୨(ଡି.ଏନ୍.ଏ)

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ୧୯ଖଣ୍ଡ ମୌଜା କଣ୍ଟେଇକେଲା ନଟବର ହାଇସ୍କୁଲ ପରିସରରେ ମଙ୍ଗଳବାର ୨୬ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସମୁଦାୟ ୧୩୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ମେଳାକୁ ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ଉଦ୍‌ଘାଟନ କରିଥିଲେ । ଏଥିରେ ଡିପିସି ମୀନାରାଣି ମଙ୍ଗଳ, ବିଇଓ ଗିରିଧାରୀ ଭୋଇ, ଅଧ୍ୟାପକ ତପନ କୁମାର ବାରିକ, ବ୍ଲକ ଉପାଧ୍ୟକ୍ଷ ମୋହନ ସାହୁ, ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ରଞ୍ଜୁ ମଲ୍ଲିକ, ପଙ୍କଜିନୀ ପ୍ରଧାନ, ସରପଞ୍ଚ ଯାଜ୍ଞସେନୀ ଖଡିଆ, ଜାନକୀ ଭୋଇ, ପ୍ରଦୀପ ବିଶ୍ୱାଳ, ଲକ୍ଷ୍ମଣ ଦେହେରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏବିଇଓ ଅଭିନ୍ନ ରାଉତ ଓ ଶିକ୍ଷକ ରମେଶ ପଶାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍ଥାନୀୟ ପ୍ରଧାନଶିକ୍ଷକ ବଲ୍ଲଭ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିନୋଦ ବିଶ୍ୱାଳ, ସତ୍ୟାନନ୍ଦ ବେହେରା, ମନୋହର କୁମ୍ଭାର, ରାମଚନ୍ଦ୍ର ମେହେର, ମୁରଲିଧର ବିଶ୍ୱାଳ ପ୍ରମୁଖ ଶିକ୍ଷକ ସହଯୋଗ କରିଥିଲେ ।




ଜିଲାସ୍ତରୀୟ ମିଳିତ ଏକାଭିମୁଖୀ କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

## ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାର ଜିଲାସ୍ତରୀୟ ମିଳିତ ଏକାଭିମୁଖୀ କମିଟି ବୈଠକ

ଦେବଗଡ଼,୧୦।୧୨(ଡ଼ି.ଏନ୍.ଏ.)–ସ୍ଥାନୀୟ ଡ଼ିଆର୍‌ଡ଼ିଏ ସମ୍ମିଳନୀ କକ୍ଷରେ ରାଜ୍ୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଅର୍ଥ ସମବାୟ ନିଗମ, ଦେବଗଡ଼ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ୍ୟ ଯୋଜନାର ଜିଲାସ୍ତରୀୟ ମିଳିତ ଏକାଭିମୁଖୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମନୋନିତ ହୋଇଥିବା ୧୦ଟି ଗ୍ରାମର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଭିନ୍‌ସେଣ୍ଟ ପୁନମ୍‌କାନ୍ତ ଏକ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ସମାଜମଙ୍ଗଳ ଅଧିକାରୀ ବନମାଳି ଭୂୟାଁ, ଡ଼ବ୍ଲୁଇଓ ଅନିଭା ନାୟକ ଓ ସ୍ୱପ୍ନେଶ୍ୱର ନାୟକ, ବୁଢ଼ାପାଳ, କଂଟାବାହାଳ, ଛେପିଲିପାଲି, ବଡ଼ଛପାଲ, ଝରାକଣ୍ଟେଲ, କାଉଁସିବାହାଳ, ମଧୁପୁର, ବଲଣ୍ଡା, ଦଣ୍ଡାସିଂହା ଗ୍ରାମ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ ବୋଲେ ରାଉ ରାଉ;
କଥାଏ ଦି' କଥା କହି ଥାଆନ୍ତି,
ବଣା କଲା ଭାଇ ବୋହୂ ।**

ସମୟ ସୁବିଧା ଦେଖି ମଣିଷ ନିଜ ମନର କଥା ଅନ୍ୟ ସହ ବାଣ୍ଟିଥାଏ। ତେବେ ପାଖରେ ଯଦି କେହି ନିଜ ଲୋକ ରହିଥାଏ ତା'ହେଲେ ଗୋପନ କଥା ଗୋପନରେ ରହିଯାଇଥାଏ। କାଳେ କିଛି ଜଣା ପଡ଼ିଯିବ ସେ ନେଇ ମନରେ ଭୟ ସୃଷ୍ଟି ହୋଇଥାଏ। ନିଜର ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ନେଇ ଆତ୍ମୀୟ ପ୍ରତିବନ୍ଧକ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କବି ତୁଣ୍ଡ,
ମେଣ୍ଢା ମୁଣ୍ଡ ।**

ମେଣ୍ଢା ମୁଣ୍ଡ ଭାରି ଟାଣ। ସେ ତାଳ ପକେଇ ଲଢ଼େଇ କଲାବେଳେ ଠୋ ଠୋ ଶବ୍ଦ ଶୁଭେ। ମେଣ୍ଢା ମୁଣ୍ଡ ଟାଣ ହେଲା ଭଳି କବିଙ୍କର ଲେଖା ମଧ୍ୟ ଟାଣ। ତାଙ୍କ ଲେଖା ଭାରି ଅର୍ଥପୂର୍ଣ୍ଣ, ଟାଣୁଆ ଭାଷା। ସର୍ବୋପରି କବିଙ୍କ ଲେଖା ଗଭୀର ଅର୍ଥ ବିଶିଷ୍ଟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

{ ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ନୀଳଗଣ୍ଡିଆରେ ପ୍ରାଣୀ ଚିକିତ୍ସା ଶିବିର

ରିଆମାଳ, ୧୦।୧୨ (ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅନ୍ତର୍ଗତ ନୀଳଗଣ୍ଡିଆ ଗ୍ରାମରେ ଗୋ–ମଡକ ଘଟଣା ପରେ ମଙ୍ଗଳବାର ପ୍ରାଣୀ ଚିକିତ୍ସାଳୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଡାକ୍ତର ସ୍ୱପ୍ନେଶ୍ୱର ନାଏକଙ୍କ ତତ୍ୱାବଧାନରେ ଗାଈ, ବାଛୁରୀଙ୍କ ପରୀକ୍ଷା କରାଯାଇଥିଲା। ଉକ୍ତ ଶିବିରରେ ଦୁଇଶହ ଗାଈ, ଏକଶହ ବଳଦ ଓ ଏକ ଶହ ବାଛୁରିକୁ ଚିକିତ୍ସା କରାଯାଇଥିଲା। ଦୁଇଶହ ବଳଦ ଓ ବାଛୁରୀକୁ ବଜବଜିଆରୋଗର ପ୍ରତିଷେଧକ ବ୍ୟବସ୍ଥା କରାଯାଇଥିଲା। ଡାକ୍ତର ଶୁଭଶ୍ରୀ ଷଡଙ୍ଗୀ, ନିରୀକ୍ଷକ ତରୁଣ କୁମାର ନାଏକ, ପ୍ରଦୀପ କୁମାର ବେହେରା ଉକ୍ତ ଶିବିରରେ ଯୋଗ ଦେଇଥିଲେ।



ପ୍ରାଣୀ ଚିକିତ୍ସାଳୟ ଶିବିରରେ ଗାଈବଳଦଙ୍କ ଚିକିତ୍ସା କରାଯାଉଛି।

## ହାତୀ ଆକ୍ରମଣରେ ଗାଈ ମୃତ, ଫସଲ ନଷ୍ଟ

ଦେବଗଡ,୧୦।୧୨(ଡି.ଏନ.ଏ)

ଦୀର୍ଘଦିନ ହେଲା ଦେବଗଡ ଜିଲାର ବିଭିନ୍ନ ସ୍ଥାନରେ ଲାଗି ରହିଥିବା ହାତୀ ଉପଦ୍ରବ ଥମିବାର ନା' ନେଉନାହିଁ । ହାତୀପଲ ଗାଁଗାଁରେ ବ୍ୟାପକ ଧାନ ଫସଲ ନଷ୍ଟ କରିବାସହ ବହୁ ଘରଦ୍ୱାର ମଧ ନଷ୍ଟ କରୁଛନ୍ତି। ଫଳରେ ଜିଲାର ଚାଷୀ ଓ ଜଙ୍ଗଲ ନିକଟରେ ବସବାସ କରୁଥିବା ଜନସାଧାରଣ ଚିନ୍ତିତ ଓ ଆତଙ୍କିତ ହୋଇପଡିଛନ୍ତି। ପୁଣି ସୋମବାର ରାତିରେ ଗୁଣ୍ଡୁରୁପୋଷି ଗ୍ରାମର ହେମନ୍ତ ସାହୁଙ୍କ ଘରେ ହାତୀପଲ ପଶି ଗୁହାଳ ଭାଙ୍ଗି ଦେଇଥିଲେ। ଫଳରେ ଏକ ଗାଈ ମୃତ ବରଣ କରିଥିଲା । ଏପଟେ ସୁଗୁଡା ଗ୍ରାମର ପ୍ରଦୀପ ପ୍ରଧାନ, ଲକ୍ଷ୍ମୀଧର ସାହୁ, ବିସିକେସନ ସାହୁ, ବସନ୍ତ ସାହୁଙ୍କ ଧାନ ନଷ୍ଟ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ବନ ବିଭାଗ ହାତୀମାନଙ୍କୁ ଜଙ୍ଗଲକୁ ଘଉଡାଇବା ସହ କ୍ଷତିଗ୍ରସ୍ତମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି।

■ ଝାରସୁଗୁଡ଼ାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମୀକ୍ଷା

# ପ୍ରସନ୍ନ ପଣ୍ଡା ଛକରେ ନିର୍ମାଣହେବ ଓଭରବ୍ରିଜ

ଝାରସୁଗୁଡା ଅଫିସ୍/ଲଖନପୁର,୧୦।୧୨(ଡି.ଏନ.ଏ)

ଝାରସୁଗୁଡା ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ନେଇ ସ୍ଥାନୀୟ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଡେପୁଟି କଲେକ୍ଟର ଆଲୋମଣି ସେଠି, ମନ୍ତ୍ରୀଙ୍କ ପ୍ରତିନିଧି ଦୀପାଳି ଦାସ, ହରିଶ ଗଣତ୍ରା, ତ୍ରିନାଥ ଗୁଆଲ, ରବି ସିଂହ ଓପିଟିସିଏଲ୍, ଏଲ୍‌ଆଣ୍ଡଟି, ଏନ୍‌ଏଚ୍ ଓ ୱେଷ୍କୋର ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ରାଜ୍ୟ ରାଜପଥ ଓ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପ୍ରସନ୍ନ ପଣ୍ଡା ଛକରେ ବାରମ୍ବାର ଦୁର୍ଘଟଣା ଘଟି ବହୁଧନ ଜୀବନ ହାନି ଘଟୁଛି । ଏ ନେଇ ଅନେକ ସମୟରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରୁଛନ୍ତି । ଏଥିପାଇଁ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ଏହି ସ୍ଥାନରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏହାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ସମର୍ଥନ ଜଣାଇ ଏଠାରେ ଏକ ଓଭରବ୍ରିଜ୍ ନିର୍ମାଣ ହେବା ଯୁକ୍ତିଯୁକ୍ତ ବୋଲି ମତ ଦେଇଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଓଭରବ୍ରିଜ୍ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ମଧୁବାବୁ ପେନସନ ଯୋଜନା, ଜାତୀୟ ପରିବାର କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ହରିଶ୍ଚନ୍ଦ୍ର ଯୋଜନା ଆଦି କିଭଳି କାର୍ଯ୍ୟକାରୀ ହେଉଛି । ଏଥିରେ ହିତାଧିକାରୀମାନେ କେତେ ଉପକୃତ ହେଉଛନ୍ତି ମନ୍ତ୍ରୀ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଆଗାମୀ ଦିନରେ ଝାରସୁଗୁଡା ପୌରପାଳିକାକୁ ଏକ ଆଦର୍ଶ ପୌରପାଳିକାରେ ପରିଣତ କରିବା ପାଇଁ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ମନ୍ତ୍ରୀ ଦାସ କହିଥିଲେ। ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବ୍ୟବସ୍ଥା, ପାନୀୟଜଳ, ପରିମଳ, ଷ୍ଟ୍ରିଟ୍‌ଲାଇଟ୍, ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହ ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ।



ସମୀକ୍ଷା ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ଜିଲାପାଳ ସରୋଜ କୁମାର ସାମଲ ।


ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**Urgently Required**
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact : 9871421149 / 8144146705

Cuttack Office କାମପାଇଁ Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

**OFFICIALLY JOB**
Qualification 10th above
Salary up to Rs. 25,000/-
For BBSR, Cuttack, Puri, Berhampur.
M-9938699963

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

**OFFICIALLY JOB**
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

Required Male & Female Security Guards
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705, 6372600373

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ ।
Contact Immediately
7978427621

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

**BACK OFFICE EXECUTIVE**
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :- recruitments@elmechindia.in

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍ଚର କନ୍‌ଷ୍ଟ୍ରକ୍ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

**WANTED**
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

**URGENT REQUIRED**
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary: 30,000/-
Qual: 7th to 10th & above
Contact: 8339922964

**DIRECT JOIN JOB**
JOB LOCATION BBSR+CTC
• CUSTOMER SERVICE
• DATA ENTRY
• RECEPTION (Back/Office)
• SECURITY GUARD
Mob : 9114090108

**WANTED ... WANTED**
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍, +୨, +୩, BCA, BBA, MBA ଏବଂ ତଦୂର୍ଦ୍ଧ
CONTACT
9938826988, 7064545450, 8338055696
www.demandbazaar.com & www.demandmasala.com

**VIGEN INDIA REQUIRED**
BOYS & GIRLS FOR OFFICE JOB
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ଅନ୍ତର୍ଜାତୀୟ ମାନବାଧିକାର ଦିବସ

**ସମ୍ବଲପୁର, ୧୦।୧୨ (ବ୍ୟୁରୋ):** ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର ଅନ୍ତର୍ଜାତୀୟ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ ସନ୍ତୋଷ କୁମାର ଜେନା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରିବାର ଅଦାଲତ ଜଜ ଅନୁପ କୁମାର ଚନ୍ଦନଙ୍କ ସମେତ ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ସରକାରୀ ଆଇନଜୀବୀ, ପାରାଲିଗାଲ ସାମାଜିକ କର୍ମୀ, ବୁଢ଼ାରଜା ନୋଡାଲ ହାଇସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ । ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା । ଶକ୍ତିରାମ ପାଣିଗ୍ରାହୀ, କୁମାରୀ ଲକ୍ଷ୍ମୀପ୍ରିୟା ଦାଶ ଓ କେ ରୁଦ୍ରପ୍ରସାଦ ଆଚାରୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ । ପ୍ରାଧିକରଣ ସଚିବ ଲିଲି ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ରାମକୃଷ୍ଣ ବିବେକାନନ୍ଦ ସେବା ସଂଘର ବୈଠକ

**ସମ୍ବଲପୁର, ୧୦।୧୨ (ବ୍ୟୁରୋ)** ଶ୍ରୀରାମ କୃଷ୍ଣ ବିବେକାନନ୍ଦ ସେବା ସଂଘର ବୈଠକ ମଙ୍ଗଳବାର କାଇଁଶିରସ୍ଥିତ ରାମକୃଷ୍ଣ ମିଶନଠାରେ ଅନୁଷ୍ଠିତ ହୋଇଯାଇଛି । ଏହାପରେ କର୍ମକର୍ତ୍ତା ଓ ସଭ୍ୟମାନେ ସିଂଘପାଲି, କାଇଁଶିର, ଦୁର୍ଗାପାଲି, ଢୁକୁପଡା ଅଞ୍ଚଳରେ ୨ଶହ ଜଣଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ । ସଂଘ ସମ୍ପାଦକ ଅଶୋକ ହୋତା, ସଭାପତି ସଞ୍ଜିବ ସୋମ, ସୁବୀରସେନ ଗୁପ୍ତା, କାଳୀପ୍ରସାଦ ସିହ୍ନା, ଅଶୋକ କୁମାର ବେହେରା, ପିସି ଦାଶ, ତରୁଣକାନ୍ତି ଦେ, ମାନଭଞ୍ଜନ ପଟ୍ଟନାୟକ ଓ ସୌଭାଗ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନାଟ୍ୟ ନିର୍ଦ୍ଦେଶକ ସମ୍ମାନିତ

ସମ୍ବଲପୁର, ୧୦।୧୨ (ବ୍ୟୁରୋ) ସମ୍ବଲପୁରର ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ, ମଞ୍ଚ କଳାକାର ଓ ଚଳଚ୍ଚିତ୍ର ଅଭିନେତା ରାଜେନ୍ଦ୍ର ପଣ୍ଡାଙ୍କୁ ନାଟ୍ୟକ୍ଷେତ୍ରରେ ଜୀବନ ବ୍ୟାପି ସାଧନା ପାଇଁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଭଞ୍ଜକଳା ମଣ୍ଡପଠାରେ ରାଜ୍ୟସ୍ତରୀୟ ଓଡିଆ ନାଟ୍ୟ ଉତ୍ସବରେ ରାଜେନ୍ଦ୍ରଙ୍କୁ ସ୍ୱର୍ଗତ ଗୋଲକ ବିହାରୀ ମାନଧାତା ସମ୍ମାନ ପ୍ରଦାନ କରାଯାଇଛି । ସେ ଅତିଥିଙ୍କ ଠାରୁ ମାନପତ୍ର, ଉତ୍ତରୀୟ ଓ ଅର୍ଥରାଶି ଗ୍ରହଣ କରିଥିଲେ । ୮୫ ବର୍ଷ ବୟସରେ ମଧ ରାଜେନ୍ଦ୍ର ମଞ୍ଚ ଅଭିନୟରେ ସକ୍ରିୟ ରହିଛନ୍ତି। ଏନେଇ ତାଙ୍କୁ ସମ୍ବଲପୁରର ବିଭିନ୍ନ ନାଟ୍ୟ ଅନୁଷ୍ଠାନ, ଅଭିନେତ୍ରୀ, ଅଭିନେତାମାନେ ଶୁଭେଚ୍ଛା ଜଣାଇଛନ୍ତି।



### ରେଲୱେ ଟ୍ରାକ ମ୍ୟାଣ୍ଟେନର୍ ପୁରସ୍କୃତ

ସମ୍ବଲପୁର,୧୦।୧୨(ବ୍ୟୁରୋ)- ସମ୍ବଲପୁର ରେଳ ମଣ୍ଡଳ ଅଫିସ ପରିସରରେ ସୋମବାର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ସମ୍ବଲପୁର ଷ୍ଟେଶନରେ କାର୍ଯ୍ୟରତ ଟ୍ରାକ ମ୍ୟାଣ୍ଟେନର ହେମନ୍ତ ସିଂ ଓ ଟିଟିଲାଗଡର କୈଳାସ ଠାକୁରଙ୍କୁ ପ୍ରମାଣ ପତ୍ର ଏବଂ ଅର୍ଥରାଶି ଦେଇ ପୁରସ୍କୃତ କରିଛନ୍ତି । ନିରାପତ୍ତା ପ୍ରତି ସଜାଗ ଓ ଟ୍ରେନ ଚଳାଚଳରେ ନିଷ୍ଠା ଏବଂ ନିୟମକୁ ତ୍ୱରିତ ଭାବେ କାର୍ଯ୍ୟ କରିବା ଉପରେ ରେଳୱେ ଗୁରୁତ୍ୱ ଦେଇ ଆସିଛି ବୋଲି ରେଳ ମଣ୍ଡଳ ପ୍ରବନ୍ଧକ କହିଥିଲେ ।

### ରାସ୍ତାକଡରେ ମୋରମ ବିଛାକୁ ନେଇ ଅସନ୍ତୋଷ

**କୁଚିଣ୍ଡା, ୧୦।୧୨ (ଡି.ଏନ.ଏ)** କୁଚିଣ୍ଡା-ବାମରା ପାରୁଆଭାଡି ରାସ୍ତାର ମରାମତି କାମ ଚାଲିଛି । ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଖାଲଖମାକୁ ଭର୍ତ୍ତି କରିବା ପାଇଁ ଠିକାଦାର ରାସ୍ତା କଡରୁ ଘାସ ସଫା ନ କରି ତାହା ଉପରେ ମୋରମ ବିଛାଇଥିଲେ। ଗୋଛରା ଗ୍ରାମର କିଛି ଯୁବକ ସେଠାକୁ ଯାଇ ପ୍ରଥମେ ରାସ୍ତା କଡରୁ ଘାସ ସଫା କର ଓ ପରେ ମୋରମ ବିଛାଅ ବୋଲି କହିବାରୁ ଠିକାଦାର ଓ ଉକ୍ତ ଯୁବକମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏସଡିଓ ସତ୍ୟବାନ ପଟେଲ ପହଞ୍ଚି ଅନାବନା ଗଛ, ଘାସ ସଫା କରି ମୋରମ ବିଛାଇବା ପାଇଁ ଠିକାଦାରଙ୍କୁ କହିବା ପରେ ଉତ୍ତେଜନା ଥମିଥିଲା ।





ମଙ୍ଗଳବାର ସମ୍ବଲପୁର ମହୋତ୍ସବରେ ଅତିଥିମାନେ କଣ୍ଠଶିଳ୍ପୀ ପଦ୍ମିନୀ ଦୋରାଙ୍କୁ ଗୁରୁବାରୀ ମିର୍ଦ୍ଧା ସମ୍ମାନ ପ୍ରଦାନ କରୁଛନ୍ତି(ବାମ) । ମହୋତ୍ସବରେ ବଲାଙ୍ଗୀର କଳାକାରମାନେ ଚୁଟ୍‌କୁଟୁଚା ନୃତ୍ୟ ପରିବେଷଣ କରୁଛନ୍ତି ।

## ସମ୍ବଲପୁର ମହୋତ୍ସବ ତୃତୀୟ ସନ୍ଧ୍ୟା

# ଦଣ୍ଡ ଗୀତ ସ୍ୱରରେ ଦର୍ଶକ ବିମୋହିତ

**ସମ୍ବଲପୁର, ୧୦।୧୨ (ବ୍ୟୁରୋ)**

ସମ୍ବଲପୁର ମହୋତ୍ସବ ତୃତୀୟ ସନ୍ଧ୍ୟାରେ ଦଣ୍ଡ ଗୀତ ସ୍ୱରରେ ଦର୍ଶକମାନେ ବିମୋହିତ ହୋଇଥିଲେ। ଅଇଁଠାପାଲି ପିଏଚଡି ପଡିଆ ମଞ୍ଚରେ ମଙ୍ଗଳବାର ପୁରୁଖା କଣ୍ଠଶିଳ୍ପୀ ନବୀନ କୁଅଁର ଓ ପଦ୍ମିନୀ ଦୋରା ଦଣ୍ଡ ଗୀତ ଗାନ କରିଥିଲେ। ସେହିପରି ଅଜିତ ପାଣିଗ୍ରାହୀ ମଧ୍ୟ ସମ୍ବଲପୁରୀ ଭଜନ ଗାନ କରି ଦର୍ଶକଙ୍କୁ ଆନମନା କରିଥିଲେ। ଏଥିସହ ବଲାଙ୍ଗୀରର କଳାକାରମାନେ ଚୁଟ୍‌କୁଚୁଟା ନୃତ୍ୟ ପରିବେଷଣ କରିଥିଲେ। ଆୟୋଜକ ସମ୍ବଲପୁର ସାଂସ୍କୃତିକ ପରିଷଦ ସଂଯୋଜକ ସପନ ମିଶ୍ରଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଗୋପିନାଥ ବାଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆଇନଜୀବୀ ସତ୍ୟନାରାୟଣ ପଣ୍ଡା, ଲଜପତରାୟ ଆଇନ କଲେଜ ଅଧ୍ୟକ୍ଷ ଡ. ବିଜୟାନନ୍ଦ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ପଦ୍ମିନୀ ଦୋରାଙ୍କୁ ଡାଲଖାଇ ନୃତ୍ୟର କିମ୍ବଦନ୍ତୀ ନୃତ୍ୟଶିଳ୍ପୀ ଗୁରୁବାର ମିର୍ଦ୍ଧାଙ୍କ ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଏଥିସହ ରଙ୍ଗୋଲି, ଅଲପିନା, ଝୋଟି, ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସକାଳେ ଅଇଁଠାପାଲି ପିଏଚଡି ପଡିଆ ପରିସରରେ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଥିଲା। ସମ୍ବଲପୁରୀ ସାହିତ୍ୟର ଆଜିର ସ୍ଥିତି, ସମସ୍ୟା ଓ ସମାଧାନ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଜୟଶ୍ରୀ ମିଶ୍ର, ତୁଷାରରଞ୍ଜନ ବାରିକ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।





ମଙ୍ଗଳବାର ସମ୍ବଲପୁର ମହୋତ୍ସବରେ ନବୀନ କୁଅଁର ଓ ଅଜିତ ପାଣିଗ୍ରାହୀ ଗୀତ ଗାଉଛନ୍ତି।

**କଣ୍ଠଶିଳ୍ପୀ ପଦ୍ମିନୀଙ୍କୁ ଗୁରୁବାରି ମିର୍ଦ୍ଧା ସମ୍ମାନ**

### ୬ମାସ ହେଲା ଅନ୍ଧାରରେ ଗଇଲମୁଣ୍ଡି ଗ୍ରାମ

**ନାକଟିଦେଉଳ,୧୦।୧୨(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଗଇଲମୁଣ୍ଡି ଗ୍ରାମ ଆଜକୁ ଦୀର୍ଘ ୬ ମାସ ହେବ ଅନ୍ଧାରରେ ରହିଛି। ଗ୍ରାମରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ଏପରି ସମସ୍ୟା ଦେଖାଦେଇଛି। ବିଭାଗ ପକ୍ଷରୁ ଆଜି ଯାଏଁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଚଳିତବର୍ଷ ଏହି ଗ୍ରାମକୁ ବିଦ୍ୟୁତ କରଣ କରାଯାଇଛି। ଗତ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବିଭାଗ ପକ୍ଷରୁ ବିଦ୍ୟୁତ ଚାର୍ଯ କରାଯାଇଥିଲା। କିନ୍ତୁ ଲାଇନ ଚାର୍ଯ ହେବାର କିଛି ଦିନ ପରେ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିଲା। ବିଭାଗ ପକ୍ଷରୁ ପୁଣି ନୂତନ ଏକ ଟ୍ରାନ୍ସଫର୍ମର ଲଗାଯାଇଥିଲା। ନିୟମିତ ବିଦ୍ୟୁତ ରହୁ ନ ଥିବା ବେଳେ ଦ୍ୱିତୀୟ ଟ୍ରାନ୍ସଫର୍ମର ପୁଣି ଗତ ମେ ମାସରୁ ପୋଡ଼ିଯାଇଛି। ଏ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଆସୁଥିଲେ ସୁଦ୍ଧା ଆଜି ଯାଏ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟୁତ ବିନା ଗ୍ରାମବାସୀ ବହୁ ହଇରାଣ ହେଉଛନ୍ତି। ପ୍ରଶାସନ ତଥା ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଶୀଘ୍ର ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବିକରିଛନ୍ତି।

# ଟୋକନ ମିଳିଲାନି, ବିକି ପାରିଲେନି ଧାନ

**ସମ୍ବଲପୁର,୧୦।୧୨(ବ୍ୟୁରୋ)**

ମାନେଶ୍ୱର ମାର୍କେଟୟାର୍ଡକୁ ଧାନ ବିକ୍ରି କରିବାକୁ ଆସି ଶତାଧିକ ଚାଷୀ ପ୍ରତିଦିନ ଫେରି ଯାଉଛନ୍ତି। ମଙ୍ଗଳବାର ମାର୍କେଟୟାର୍ଡରେ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଧାନ ଆଣିଥିବା ଚାଷୀ କିଭଳି ବିକ୍ରି କରିବେ ସେ ନେଇ ସମବାୟ ସମିତି ଓ ଆରଏମ୍‌ସି କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ। ଶେଷରେ ସମବାୟ ସମିତି କର୍ମଚାରୀ ଚାଷୀଙ୍କ ଧାନ ଗାଡି ସହ ଟୋକନ ପାଇଁ ପଠାଇଥିଲେ। ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଟୋକନ ନ ଆସିବାରୁ କର୍ମଚାରୀ ଚାଲି ଯାଇଥିଲେ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚାଷୀ ରାଧେଶ୍ୟାମ କୁମ୍ଭାର, ଦୀପକ ପୁରୋହିତ, ଜୟ ନାରାୟଣ ବାରିକ, ବିଷ୍ଣୁପ୍ରସାଦ ଦାସ, ଶିବ ଶଙ୍କର ଭୋଇ, ରାଧା ବଲ୍ଲଭ ସାନବଡ, ମିଳନ ପୂଜାରୀ, ପି. ଦେବରାଜୁ, ପି.ପଦ୍ମାବତୀ ପ୍ରମୁଖ ଚାଷୀ ଅଭିଯୋଗ କରିଥିଲେ। ମାର୍କେଟୟାର୍ଡରେ ଜିଲା କୃଷକ ସଂଗଠନ ଉପସଭାପତି ହରିଶଙ୍କର ପୁରୋହିତ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ଯୋଗାଣ ଅଧିକାରୀ ଓ ସମବାୟ ବିଭାଗ ଅଧିକାରୀଙ୍କୁ ଅବଗତ କରିଥିଲେ। ଆସନ୍ତା କାଲି ଭିତରେ ଟୋକନ ସମସ୍ୟାର ସମାଧାନ ନ ହେଲେ ଚାଷୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଡିଆରସିଏସ୍ ଲିଙ୍ଗରାଜ ନାୟକ କହିଛନ୍ତି ଯେ, ଅଭିଯୋଗ ଆସିଛି। ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ଆସନ୍ତା କାଲି ସୁଦ୍ଧା ସମାଧାନ କରାଯିବ।



ମଙ୍ଗଳବାର ସମ୍ବଲପୁର ମାନେଶ୍ୱର ମାର୍କେଟୟାର୍ଡରେ ଟୋକନ ନ ପାଇବାରୁ ଧାନ ବିକ୍ରି କରିପାରି ନ ଥିବା ଚାଷୀ।

### ଯୁଯୁମୁରାରେ ସତ୍ୟବ୍ରତଙ୍କୁ ସ୍ୱାଗତ

**ସମ୍ବଲପୁର, ୧୦।୧୨ (ବ୍ୟୁରୋ)**

ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି ନେଇ ରାଜ୍ୟର ୩୧୪ଟି ବ୍ଲକକୁ ପଦଯାତ୍ରାରେ ବାହାରିଥିବା ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ଭଗବାନ ସିଣ୍ଡୋଲ ଗ୍ରାମର ଯୁବକ ସତ୍ୟବ୍ରତ ଦାସଙ୍କୁ ଯୁଯୁମୁରା ବ୍ଲକରେ ସ୍ୱାଗତ କରାଯାଇଛି। ଗଡଲୁଇସିଂ ପଞ୍ଚାୟତ ସରପଞ୍ଚ ଅଶ୍ୱିନୀ କୁମୁରା, କଂଗ୍ରେସ ଯୁବ ନେତା ବରୁଣ ଦେହୁରୀ, ଦେବଝରନ ବିକାଶ ମଞ୍ଚ ସମ୍ପାଦକ ବୀରେନ ଭୋଇ, ପ୍ରଫୁଲ୍ଲ ମିର୍ଦ୍ଧା ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଜୁଲାଇ ୧୦ ତାରିଖରୁ ସେ ଯାଜପୁର ଜିଲା ବଡଚଣା ବ୍ଲକରୁ ଏହି ପଦଯାତ୍ରା ଆରମ୍ଭ କରି ୧୩୫ ଦିନରେ କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ସୁନ୍ଦରଗଡ, ଝାରସୁଗୁଡା ଓ ଯୁଯୁମୁରା ବ୍ଲକରେ ପହଞ୍ଚିଛନ୍ତି। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବ୍ଲକ୍ ପ୍ରଶାସନିକ ଅଧିକାରୀ ଜୟଦେବ ବଗର୍ତ୍ତିଙ୍କୁ ସେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଦାବିପତ୍ରରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା, ମହାନଦୀ ଜଳ ସମସ୍ୟାର ସମାଧାନ ଶୀଘ୍ର କରିବା ଓ ପୋଲାଭରମ ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଉଲ୍ଲେଖ କରିଛନ୍ତି।



ଯୁଯୁମୁରା ବ୍ଲକ ସମ୍ମୁଖରେ ସତ୍ୟବ୍ରତଙ୍କୁ ସ୍ୱାଗତ କରାଯାଉଛି।

### ସମ୍ବଲପୁର ରେଳ ମଣ୍ଡଳରେ ଶକ୍ତି ସଂରକ୍ଷଣ ସପ୍ତାହ



ମଙ୍ଗଳବାର ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରଦର୍ଶନୀ ବୁଲି ଦେଖୁଛନ୍ତି।

**ସମ୍ବଲପୁର, ୧୦।୧୨ (ବ୍ୟୁରୋ)**

ସମ୍ବଲପୁର ରେଳ ମଣ୍ଡଳ ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଅଫିସ ପରିସରରେ ଶକ୍ତି ସଂରକ୍ଷଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ପ୍ରଦର୍ଶନୀକୁ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ବୁଲି ଦେଖିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁ ଶକ୍ତି ସଂରକ୍ଷଣ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ ସୁନୀଲ କୁମାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜ୍ୟୋତିବିହାରରେ ଛାତ୍ର ଅଶାନ୍ତି

**ସମ୍ବଲପୁର,୧୦।୧୨(ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ (ଜ୍ୟୋତିବିହାର) ପରିସରରେ ମଙ୍ଗଳବାର ଉତ୍ତେଜନା ପ୍ରକାଶ ପାଇଥିଲା। ମେଡିକାଲ ଆଣ୍ଡ ଫିଜିକ୍ସ ବିଭାଗରେ ପୂର୍ବାହ୍ନ ୧୦ଟାରେ ଛାତ୍ରୀଛାତ୍ର ଅଫିସ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଫଳରେ ପ୍ରାୟ ୪୦ ଜଣ ଅଧ୍ୟାପକ, ଛାତ୍ରୀଛାତ୍ର ଓ କର୍ମଚାରୀ ଅଫିସ ଭିତରେ ଫସି ରହିଥିଲେ। ଦାବୀ ପୂରଣ ହେବା ପର୍ଯ୍ୟନ୍ତ ଗେଟ୍‌ରେ ତାଲା ପଡିବ କହି ଆନ୍ଦୋଳନକାରୀ ଛାତ୍ରୀଛାତ୍ର କାହାରିକୁ ଭିତରକୁ ଛାଡି ନ ଥିଲେ। କେହି ଭିତରୁ ବାହାରକୁ ଆସି ପାରିବେ ନାହିଁ ବୋଲି ମଧ୍ୟ ଅଡି ବସି ଗେଟ୍ ସମ୍ମୁଖରେ ହୋ ହାଲ୍ଲା ହୋଇଥିଲା। ୧୨ଟା ବେଳେ ଖବର ପାଇ ପିଜି କାଉନସିଲ ଅଧ୍ୟକ୍ଷ ଏ.କେ. ଦାସ ମହାପାତ୍ର ଆସି ଆଲୋଚନା କରିଥିଲେ। ହେଲେ ଛାତ୍ରୀଛାତ୍ର ଶୁଣି ନ ଥିଲେ। ଏଣୁ ଆଲୋଚନା ବିଫଳ ହୋଇଥିଲା। ଶେଷରେ ପୋଲିସ ଫୋର୍ସ ବଳପୂର୍ବକ ଭାବେ ଛାତ୍ରୀଛାତ୍ରଙ୍କୁ ଘଉଡାଇଥିଲା। ଅପରାହ୍ନ ୪ଟାରେ ପୋଲିସ ଗେଟ୍‌ର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିବା ପରେ ଅଟକ ଅଧ୍ୟାପକ, ଛାତ୍ରୀଛାତ କର୍ମଚାରୀମାନଙ୍କୁ ଉଦ୍ଧାର କରିଥିଲା। ହେଲେ ସନ୍ଧ୍ୟା ୫ଟାରେ ଶତାଧିକ ଛାତ୍ରୀଛାତ୍ର ପୁଣି ବିଭାଗ ମୁଖ୍ୟ ଗେଟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଅଭିଯୋଗ କ୍ରମେ ୨୦୧୭ରୁ ସେଲଫ ଫାଇନାନ୍ସିଂରେ ଏମ୍‌ଏସ୍‌ସି ମେଡିକାଲ ଫିଜିକ୍ସ ପାଠକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ପ୍ରତ୍ୟକ ଛାତ୍ରୀଛାତ୍ର ପ୍ରାୟ ଦେଢ ଲକ୍ଷ ଟଙ୍କା ଖର୍ଚ୍ଚ କରି ନାମ ଲେଖାଇଥିଲେ।ହେଲେ ବିଶ୍ୱବିଦ୍ୟାଳୟ ଏହି ପାଠ୍ୟକ୍ରମ ପାଇଁ ଅନୁମୋଦନ ପାଇ ନାହିଁ। ଏହାର ଅନୁମୋଦନ ନ ଥିଲେ ଏହି ସାର୍ଟିଫିକେଟର କିଛି ଲାଭ ମିଳିବ ନାହିଁ। ପାଠ ପଢା ବେକାର ହୋଇଯିବ ବୋଲି ଅଭିଯୋଗ ହୋଇଛି। ଏବେ ଅନ୍ୟ ପାଠକ୍ରମ ପଢିବାକୁ କୁହାଯାଉଛି। ହେଲେ ଏହା ଏବେ ଆଉ ସମ୍ଭବ ନୁହେଁ। ଯଦି ଅନୁମୋଦନ ନ ଥିଲା କାହିଁକି ପାଠ ପଢାଯାଉଥିଲା ବୋଲି ଅଭିଯୋଗ ହୋଇଛି।



ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ର ଗେଟ୍ ବନ୍ଦ କରି ଆନ୍ଦୋଳନ କରୁଛନ୍ତି।

## ଫଟୋରେ ଖବର





ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳରେ ହୋଇଥିବା ଗଣବଳାତ୍କାରକୁ ନେଇ ମଙ୍ଗଳବାର କଂଗ୍ରେସ ଓ ଭାଜପା କର୍ମକର୍ତ୍ତା ସମ୍ବଲପୁର ଏସ୍‌ପିଙ୍କଠାରେ ଦାବି ଜଣାଇବାକୁ ଆସିଛନ୍ତି।

“ଜାନୁୟାରୀରେ ସୌଦି ଆରବରେ ହେବାକୁଥିବା ୟୁରୋପିଆନ ଟୁର୍ ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ମୋର ଆଗ୍ରହ ନାହିଁ ।

–ରୋରି ମ୍ୟାକଲରୟ, ବିଶିଷ୍ଟ ଗଲ୍ଫ ଖେଳାଳି



“ପ୍ରେସିଡେଣ୍ଟ କପ୍‌ରେ ଖେଳବେଳେ ମୁଁ ଜାଲିଆତି କରିଛି ବୋଲି ଯାହା କୁହାଯାଉଛି ତାହା ଆଦୌ ଠିକ୍ ନୁହେଁ ।

–ପ୍ୟାଟ୍ରିକ୍ ରିଡ୍, ଆମେରିକା ଗଲ୍ଫ ଖେଳାଳି



**ସଂକ୍ଷେପରେ**

## ଇଷ୍ଟବେଙ୍ଗଲର ପ୍ରଥମ ବିଜୟ

**ଇମ୍ଫାଲ, ୧୦।୧୨ (ପି.ଟି.):** ଚଳିତ ଆଇ-ଲିଗ୍ ସିଜନରେ ଇଷ୍ଟ ବେଙ୍ଗଲ ଏହାର ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ଖୁମାନ ଲାମ୍ପାକ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯାଇଥିବା ନେରୋକା ବିପକ୍ଷ ମ୍ୟାଚରେ ଦଳ ୪-୧ ଗୋଲରେ ବିଜୟ ହାସଲ କରି ଘରୋଇ ଦର୍ଶକଙ୍କୁ ହତାଶ କରିଛି। ଇଷ୍ଟବେଙ୍ଗଲ ତରଫରୁ ଜେମି କୋଲାଡୋ (୨୧ ଓ ୫୨ତମ ମିନିଟ୍) ପେନାଲ୍ଟି ସ୍ପଟ୍‌ରୁ ଦୁଟି ଗୋଲ ସ୍କୋର କରିଥିଲେ। ଦଳ ପକ୍ଷରୁ ଅନ୍ୟ ଦୁଇଟି ଗୋଲ୍ ଜୁଆନ୍ ମେରା (୩୩ତମ) ଏବଂ ମାର୍କସ ଏସ୍ପାଡା (୬୫ତମ) ଗୋଲ ସ୍କୋର କରିଥିଲେ। ନେରୋକା ତରଫରୁ ବୋଉ ବାକାରା ଡିଆରା ୩୧ତମ ମିନିଟ୍‌ରେ ଏକମାତ୍ର ସାନ୍ତ୍ୱନାମୂଳକ ଗୋଲ ସ୍କୋର କରିଥିଲେ। ମଙ୍ଗଳବାର ଏହି ବିଜୟ ଦ୍ୱାରା ଇଷ୍ଟବେଙ୍ଗଲ ୩ଟି ମ୍ୟାଚରୁ ୫ ପଏଣ୍ଟ ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ନେରୋକା ୩ ପଏଣ୍ଟ ସହ ପୂର୍ବଭଳି ୭ମ ସ୍ଥାନରେ ରହିଛି।

## ନିରପେକ୍ଷ ଭେନ୍ୟୁରେ ମ୍ୟାଚ ଆୟୋଜନ କରିବନି ପାକିସ୍ତାନ

**ରାୱଲପିଣ୍ଡି, ୧୦।୧୨ (ଏଏପି):** ପାକିସ୍ତାନ ଏହାର ଅନ୍ତର୍ଜାତୀୟ ମ୍ୟାଚଗୁଡ଼ିକର ଆୟୋଜନ ଏଣିକି ନିରପେକ୍ଷ ଭେନ୍ୟୁରେ କରିବ ନାହିଁ। ଅନ୍ୟ ଦଳଗୁଡ଼ିକ କାହିଁକି ପାକିସ୍ତାନରେ ଖେଳିବେ ନାହିଁ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ଏହେସାନ ମନି ପ୍ରଶ୍ନ କରିଛନ୍ତି। ଦଶନ୍ଧି ପୂର୍ବେ ପାକିସ୍ତାନ ଅବସ୍ଥା ଯାହା ଥିଲା ବର୍ତ୍ତମାନ ତାହା ନାହିଁ। ଦେଶରେ ମ୍ୟାଚ ଖେଳାଯିବାରେ କୌଣସି ଅସୁବିଧା ନାହିଁ। ସୁରକ୍ଷାଜନିତ କାରଣରୁ ବିଦେଶୀ ଦଳ ପାକିସ୍ତାନରେ ଖେଳିବାକୁ ରାଜି ନ ଥିବାରୁ ଦେଶରେ ୧୦ ବର୍ଷ ଧରି ଟେଷ୍ଟ ମ୍ୟାଚ ଆୟୋଜନ ସମ୍ଭବ ନ ଥିଲା। ଏବେ ଶ୍ରୀଲଙ୍କା ପାକିସ୍ତାନରେ ଟେଷ୍ଟ ସିରିଜ ଖେଳୁଛି। ବୁଧବାର ପିଣ୍ଡି ଷ୍ଟାଡିୟମରେ ପ୍ରଥମ ଟେଷ୍ଟ ମ୍ୟାଚ ଆରମ୍ଭ ହେବ। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ ସ୍ୱରୂପ ଏହି ସିରିଜ ଖେଳାଯାଉଛି। ସୂଚନାଯୋଗ୍ୟ, ୨୦୦୯ରେ ଶ୍ରୀଲଙ୍କା ଶେଷ ଦଳ ଭାବେ ପାକିସ୍ତାନରେ ଏକ ଟେଷ୍ଟ ମ୍ୟାଚ ଖେଳିଥିଲା। ସେତେବେଳେ ଲାହୋରରେ ଟିମ୍ ବସ୍ ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ଯୋଗୁ ୮ଜଣ ପ୍ରାଣ ହରାଇଥିଲେ। ଟିମ୍ ଅଫିସିଆଲଙ୍କ ସମେତ ଶ୍ରୀଲଙ୍କାର ବହୁ ଖେଳାଳି ଆହତ ହୋଇଥିଲେ। ଏହା ପରଠାରୁ ପାକିସ୍ତାନରେ ଅନ୍ତର୍ଜାତୀୟ କ୍ରିକେଟ ପାଇଁ ରାସ୍ତା ବନ୍ଦ ହୋଇଯାଇଥିଲା। ଫଳରେ ପିସିବି ଏହାର ସମସ୍ତ ମ୍ୟାଚ ୟୁଏଇରେ ଆୟୋଜନ କରି ଆସୁଥିଲା।

# ସୁଜିତଙ୍କ ଅର୍ଦ୍ଧଶତକ: ଓଡ଼ିଶା ଇନିଂସ ଅଗ୍ରଣୀ

**ରଣଜୀ ଟ୍ରଫି**

କଟକ ଅଫିସ,୧୦।୧୨

ରାୟପୁରସ୍ଥିତ ଶହୀଦ ବୀର ନାରାୟଣ ସିଂ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଛତିଶଗଡ଼ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ–ସି’ର ଏକ ମ୍ୟାଚ୍‌ରେ ଓଡ଼ିଶା ପ୍ରଥମ ଇନିଂସ୍ ଅଗ୍ରଣୀ ହାସଲ କରିଛି। ଛତିଶଗଡ଼ର ପ୍ରଥମ ଇନିଂସ ୧୩୪ ରନ ଜବାବରେ ଓଡ଼ିଶା ୨୧୫ ରନରେ ଅଲଆଉଟ ହୋଇଥିଲା। ଉଇକେଟକିପର ସୁଜିତ ଲେଙ୍କା ଓଡ଼ିଶା ନିମନ୍ତେ ସର୍ବାଧିକ ୫୬ ରନ କରିଥିଲେ। ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ ଏହା ତାଙ୍କର ପ୍ରଥମ ଅର୍ଦ୍ଧଶତକ ରହିଥିଲା। ମଙ୍ଗଳବାର ଦ୍ୱିତୀୟ ଦିବସ ଖେଳର ଷ୍ଟମ୍ପ ଅପସାରଣ ସୁଦ୍ଧା ଛତିଶଗଡ଼ ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରି ଗୋଟିଏ ଉଇକେଟ ହରାଇ ୪୫ ରନ କରିଛି।

ଓଡ଼ିଶାର ଅସମାପ୍ତ ପ୍ରଥମ ଇନିଂସ୍ ୪୮/୩ରୁ ଦ୍ୱିତୀୟ ଦିବସର ଖେଳ ଆରମ୍ଭ ହୋଇଥିଲା। ଦୁଇ ଅଭିଜ୍ଞ ଖେଳାଳି ବିପ୍ଳବ ସାମନ୍ତରାୟ(୪ ରନ) ଓ ଗୋବିନ୍ଦ ପୋଦ୍ଦାର(୦) ଅପରାଜିତ ଥିଲେ। ଗୋବିନ୍ଦ ପୋଦ୍ଦାର ୨ ରନ କରିବା ପରେ ପୁନୀତ ଦତେଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ବିପ୍ଳବ ଓ ଅଲରାଉଣ୍ଡର ଅଭିଶେକ ରାଉତ ୫ମ ଉଇକେଟରେ ୨୯ ରନ ଯୋଡ଼ିଥିଲେ ମଧ୍ୟ ଦୀର୍ଘ ସମୟ କ୍ରିଜରେ ତିଷ୍ଠି ରହିଥିଲେ। ଅଭିଶେକ ୬୮ ବଲରୁ ୧୮ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ବିପ୍ଳବ ଓ ସୁଜିତ ୬ଷ୍ଠ ଉଇକେଟରେ ୪୩ ରନର ଭାଗୀଦାରି ସୃଷ୍ଟି କରିଥିଲେ। ବିପ୍ଳବ ୧୦୦ ବଲ ସାମ୍ନା କରି ୩୦ ରନରେ ଆଉଟ ହୋଇଥିଲେ। ନିମ୍ନକ୍ରମର ବ୍ୟାଟ୍ସମ୍ୟାନଙ୍କ ସହ ଭାଗୀଦାରି ସୃଷ୍ଟି କରି ସୁଜିତ ଦଳୀୟ ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ସୂର୍ଯ୍ୟକାନ୍ତ ପ୍ରଧାନ ୨୩ ବଲରୁ ୩୩ ରନ୍ ଦ୍ରୁତ ଇନିଂସ ଖେଳିଥିବା ବେଳେ ରାଜେଶ ମହାନ୍ତି ୧୭ ରନ କରିଛନ୍ତି। ୧୧୭ ବଲରୁ ୧୦ଟି ଚୌକା ବଳରେ ସୁଜିତ ୫୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ବସନ୍ତ ୩ରନରେ ଅପରାଜିତ ଥିଲେ। ଛତିଶଗଡ଼ ପକ୍ଷରୁ ପୁନୀତ ଦତେ ସର୍ବାଧିକ ୪ଟି ଏବଂ ଶଶାଙ୍କ ସିଂ ୨ଟି, ପଙ୍କଜ ରାଓ ଓ ବୀରପ୍ରତାପ ସିଂ ଗୋଟିଏ ଲେଖାଏ ଉଇକେଟ ପାଇଛନ୍ତି। ପ୍ରଥମ ଇନିଂସରେ ଓଡ଼ିଶା ୭୨ ରନର ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ବ୍ୟାଟିଂ ଆରମ୍ଭ କରିଥିବା ଛତିଶଗଡ଼ ୧୩ ରନରେ ଓପନର ଅବିନାଶ ଧାଲିୱାଲଙ୍କ ଉଇକେଟ ହରାଇଛି। ଅବିନାଶ ୫ ରନରେ ବସନ୍ତଙ୍କ ଶିକାର ହୋଇଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଜୀବନଜ୍ୟୋତ୍ ସିଂ ୧୨ ରନରେ ଓ ଆଶୁତୋଷ ସିଂ ୨୬ ରନରେ ଅପରାଜିତ ଅଛନ୍ତି।




# ଲାଞ୍ଚ ନେବା କଥା ସ୍ୱୀକାର କଲେ ଜାମ୍‌ସେଦ

ଲଣ୍ଡନ,୧୦।୧୨(ଏଏଫ୍‌ପି)

ପାକିସ୍ତାନ ପୂର୍ବତନ ଓପନିଂ ବ୍ୟାଟ୍ସମ୍ୟାନ ନାସିର ଜାମସେଦ ଫିକ୍ସିଂ କରିବା ପାଇଁ ଷଡଯନ୍ତ୍ରରେ ସାମିଲ ହୋଇଥିବା ସ୍ୱିକାର କରିଛନ୍ତି। ସେ ଏଥିପାଇଁ ଲାଞ୍ଚ ମଧ୍ୟ ନେଇଛନ୍ତି ବୋଲି ସୋମବାର ମାନିଛନ୍ତି। ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ର ଏକ ଟି୨୦ ମ୍ୟାଚ୍‌ରେ ସ୍ପଟ୍ ଫିକ୍ସିଂ ନେଇ ଚାଲିଥିବା ଶୁଣାଣି ଅବସରରେ ସେ ଏହି କଥା କହିଛନ୍ତି। ୩୩ ବର୍ଷୀୟ ଜାମସେଦ ପିଏସ୍‌ଏଲ ଉପରେ ଫୋକସ କରିବା କାରଣରୁ ପ୍ରଥମେ ଏହି କଥା ସ୍ୱୀକାର କରୁ ନ ଥିଲେ। ତେବେ ମାଞ୍ଚେଷ୍ଟରରେ ଏ ନେଇ ଚାଲିଥିବା ଶୁଣାଣିରେ ଏବେ ସେ ନିଜର ବୟାନ ବଦଳାଇଛନ୍ତି।

ପୂର୍ବରୁ ୟୁସୁଫ୍ ଅନଓ୍ୱର ଓ ମହମ୍ମଦ ଇଜଜା ନାମକ ଦୁଇ ବ୍ୟକ୍ତି ଗତ ସପ୍ତାହରେ ପିଏସ୍‌ଏଲ୍ ଖେଳାଳିଙ୍କୁ ଲାଞ୍ଚ ଯାଚିବା କଥା ସ୍ୱୀକାର କରିଥିଲେ। ଆସନ୍ତା ଫେବୃୟାରୀରେ ଏହି ୩ଜଣଙ୍କୁ ଦଣ୍ଡିତ କରାଯିବ। ପୋଲିସ୍ ପାଖରେ ମଧ୍ୟ ଏ ନେଇ ଯଥେଷ୍ଟ ପ୍ରମାଣ ରହିଛି ବୋଲି କୁହାଯାଇଛି। ୨୦୧୬ ଶେଷ ଆଡକୁ ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ୍)ରେ ମଧ୍ୟ ଫିକ୍ସିଂ ପାଇଁ ପ୍ରୟାସ ହୋଇଥିଲା। ଦୁଇଟି ଯାକ ମାମଲାରେ ଓପନିଂ ବ୍ୟାଟ୍ସମ୍ୟାନ ଏକ ଓଭରର ପ୍ରଥମ ଦୁଇଟି ବଲ୍‌ରେ ରନ୍ ସ୍କୋର ନ କରିବାକୁ ଓ ପ୍ରତିବଦଳରେ ଅର୍ଥ ନେବାକୁ ରାଜି ହୋଇଥିଲେ ବୋଲି କୁହାଯାଇଛି। ଉଲ୍ଲେଖଥାଉ କି, ଜାମ୍‌ସେଦ ପାକିସ୍ତାନ ପାଇଁ ଟେଷ୍ଟ, ଦିନିକିଆ ଓ ଟି୨୦ ଖେଳିଛନ୍ତି।



# ଆଜି ହାଇଦ୍ରାବାଦ୍‌କୁ ଭେଟିବ ଓଡ଼ିଶା ଏଫ୍‌ସି

ପୁଣେ, ୧୦।୧୨ (ପି.ଟି.)

ଇଣ୍ଡିଆନ୍ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ବୁଧବାର ଖେଳାଯିବାକୁ ଥିବା ଏକ ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ଓ ହାଇଦ୍ରାବାଦ ଏଫ୍‌ସି ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଚଳିତ ସିଜନରେ ପଦାର୍ପଣ କରିଥିବା ଓଡ଼ିଶା ଏଫ୍‌ସି ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ ସେଭଳି ପ୍ରଭାବୀ ପ୍ରଦର୍ଶନର ଛାପ ଛାଡ଼ିପାରି ନାହିଁ। ଦଳ ୭ ମ୍ୟାଚରୁ ଗୋଟିଏ ବିଜୟ ଓ ୩ଟି ଲେଖାଏ ଡ୍ର ଓ ପରାଜୟ ସହ ୬ ପଏଣ୍ଟ ପାଇ ଟେବୁଲ ତାଲିକାର ୭ମ ସ୍ଥାନରେ ରହିଛି। ଅପରପକ୍ଷରେ ହାଇଦ୍ରାବାଦ ମଧ୍ୟ ଅନୁରୂପ ଭାବେ ୭ ମ୍ୟାଚ୍‌ରୁ ୫ ପରାଜୟ ସହ ୪ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲ ତାଲିକାର ସର୍ବନିମ୍ନ ସ୍ଥାନ ଲାଭ କରିଛି। ତେଣୁ ଉଭୟ ଦଳ ଏହି ମ୍ୟାଚ୍ ଜିତି ପଏଣ୍ଟ ଟେବୁଲରେ ସ୍ଥାନ ସୁଦୃଢ଼ କରିବା ଲକ୍ଷ୍ୟରେ ରହିଛନ୍ତି।

ଓଡ଼ିଶା ଏଫ୍‌ସି ଏହାର ଶେଷ ୪ ମ୍ୟାଚ୍‌ରୁ ମାତ୍ର ୧ ପଏଣ୍ଟ ହାସଲ କରିଛି। ଚେନ୍ନାଇ ଏଫ୍‌ସି ବିପକ୍ଷ ମ୍ୟାଚ୍‌ରୁ ଓଡ଼ିଶା ଏହି ପଏଣ୍ଟ ଲାଭ କରିଥିଲା। କୋଚ୍ ଜୋସେପ୍ ଗୋମ୍ବାଉ ବର୍ତ୍ତମାନ ମଧ୍ୟ ଫଳାଫଳକୁ ଗୁରୁତ୍ୱ ଦେଉନାହାନ୍ତି। ‘ବୁଧବାର ମ୍ୟାଚ୍ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଏକ ବଡ଼ ମ୍ୟାଚ୍। ଆମ ପାଖରେ ୯ ପଏଣ୍ଟ ହାସଲ କରିବା ସହ ପ୍ଲେ-ଅଫ୍ ଖେଳିବାର ବଡ଼ ସୁଯୋଗ ରହିଛି। ମାନସିକସ୍ତରରେ ସୁଦୃଢ଼ ରହି ନିଜ ଉପରେ ଚାପ ନ ପକାଇବା ଦରକାର’ ବୋଲି ମଙ୍ଗଳବାର ଗୋମ୍ବାଉ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅପରପକ୍ଷରେ ହାଇଦ୍ରାବାଦ୍ କୋଚ୍ ଫିଲ୍ ବ୍ରାଉନ ପୂର୍ବ ମ୍ୟାଚ୍‌ରେ ଏଫ୍‌ସି ଗୋଆଠାରୁ ମିଳିଥିବା ପରାଜୟକୁ ପଛରେ ଛାଡ଼ି ଆଗକୁ ଯିବାକୁ କହିଛନ୍ତି। ତେବେ ଦଳର ଷ୍ଟାର୍ ଖେଳାଳି ମାର୍ସେଲିନୋ ନିଲମ୍ବନ କାରଣରୁ ଏହି ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ବର୍ତ୍ତମାନ ସୁଦ୍ଧା ସେ ୪ଟି ହଳଦିଆ କାର୍ଡ ହାସଲ କରିସାରିଲେଣି।

# ମୁଖ୍ୟମନ୍ତ୍ରୀ କିଣିଲେ ଗ୍ୟାଲେରି ନଂ–୧ ଟିକେଟ୍

**କଟକ ଅଫିସ,୧୦।୧୨:** ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଦିନିକିଆ ମ୍ୟାଚ୍ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ଅଫଲାଇନ୍ ଟିକେଟ୍ କିଣିଛନ୍ତି। ଅଫ୍‌ଲାଇନ୍ ଟିକେଟ୍ ଉନ୍ମୋଚନ କରାଯିବା ଅବସରରେ ଓସିଏ ସଭାପତି ପଙ୍କଜଲୋଚନ ମହାନ୍ତି ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ମ୍ୟାଚ୍ ପରିଚାଳନା କମିଟିର ଅଧ୍ୟକ୍ଷ ତଥା ବିଧାୟକ ଚନ୍ଦ୍ରସାରଥୀ ବେହେରା, ଏଚ୍‌ଡିଏଫସି ବ୍ୟାଙ୍କର ବରିଷ୍ଠ ଅଧିକାରୀ ଅବିନାଶ ବେହେରା ଏହି ଅବସରରେ ଉପସ୍ଥିତ ରହିଥିଲେ। ମୁଖ୍ୟମନ୍ତ୍ରୀ ୭୦୮ ଟଙ୍କା ଦେଇ ଗ୍ୟାଲେରି ନଂ–୧ର ଟିକେଟ କିଣିଥିବା ଜଣାପଡ଼ିଛି। ଏଥିସହିତ ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ଟିକେଟ୍ ଉନ୍ମୋଚିତ ହୋଇଛି। ଆସନ୍ତା ୧୯ ଓ ୨୦ରେ କ୍ରିକେଟପ୍ରେମୀ ମାନଙ୍କ ନିମନ୍ତେ କାଉଣ୍ଟରରେ ଟିକେଟ ବିକ୍ରି ହେବ। କାଉଣ୍ଟରରେ ବିଭିନ୍ନ ଗ୍ୟାଲେରିର ମୋଟ୍ ୧୦,୫୦୦ ଟିକେଟ ଉପଲବ୍ଧ ରହିବ। ଏ ନେଇ ଚଳିତବର୍ଷ ୧୨ଟି କାଉଣ୍ଟର ଖୋଲାଯିବାର ବ୍ୟବସ୍ଥା ହୋଇଛି। ହର୍ସଗେଟ୍ ନିକଟରେ ଖୋଲିବାକୁ ଥିବା ୨ଟି କାଉଣ୍ଟରରେ ସ୍ପେଶାଲ ଏନକ୍ଲୋଜର, ନ୍ୟୁ ପ୍ୟାଭିଲିୟନ, କର୍ପୋରେଟ ବକ୍ସ ଓ ଏସି ବକ୍ସ ଟିକେଟ ବିକ୍ରି କରାଯିବାର ବ୍ୟବସ୍ଥା ରହିଥିବାବେଳେ ଅନ୍ୟ ୧୦ଟି କାଉଣ୍ଟରରେ ବିଭିନ୍ନ ଗ୍ୟାଲେରିଗୁଡ଼ିକର ଟିକେଟ୍ ବିକ୍ରି କରାଯିବ।

**ବାରବାଟୀ ଦିନିକିଆ ଆଉ ୧୧ ଦିନ**




ଓସିଏ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମ୍ୟାଚ୍ ଟିକେଟ୍ ପ୍ରଦାନ କରୁଛନ୍ତି।



**ଅନ୍ତିମ ପର୍ଯ୍ୟାୟରେ ପ୍ରସ୍ତୁତି**

ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯିବାକୁ ଥିବା ତୃତୀୟ ଦିନିକିଆ ମ୍ୟାଚ୍ ଲାଗି ପ୍ରସ୍ତୁତି ପଥେ ବାରବାଟୀ ଷ୍ଟାଡ଼ିୟମ୍। ଫଟୋ: ରାଜକିଶୋର ମହାନ୍ତି

# ସତ୍ୟପାଠ ଦାଖଲ କରିବ କ୍ରୀଡ଼ା ମନ୍ତ୍ରଣାଳୟ

ନୂଆଦିଲ୍ଲୀ, ୧୦।୧୨ (ପି.ଟି.)

ଦିଲ୍ଲୀ ହାଇକୋର୍ଟରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ସତ୍ୟପାଠ କରାଯିବ। ଏଥିରେ ବିବାଦୀୟ ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍ ୨୦୧୭ର ସମୀକ୍ଷା ପାଇଁ ଏକ ପ୍ୟାନେଲର ନିଯୁକ୍ତି ଉପରେ କୋର୍ଟଙ୍କ ରହିତାଦେଶକୁ ପ୍ରତ୍ୟାହାର ପାଇଁ ନିବେଦନ କରାଯିବ। ବିଭାଗୀୟ ମନ୍ତ୍ରୀ କିରେନ ରିଜିଜୁ ମଙ୍ଗଳବାର ଏହି ସୂଚନା ଦେଇଛନ୍ତି। ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍‌କୁ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ଅଗ୍ରାହ୍ୟ କରିବାରୁ

ନଭେମ୍ବର ୨୬ରେ ମନ୍ତ୍ରଣାଳୟ ଏହାର ସମୀକ୍ଷା ଲାଗି ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି (ଅବସରପ୍ରାପ୍ତ) ଜଷ୍ଟିସ ମୁକୁନ୍ଦକମ୍ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ୧୩ ଜଣିଆ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଥିଲା। ଏହି କମିଟିର ଅନ୍ୟ ସଦସ୍ୟମାନେ ହେଲେ ଗଗନ ନାରଙ୍ଗ, ବାଇଚୁଙ୍ଗ ଭୂଟିଆ, ପୁଲେଲା ଗୋପୀଚାନ୍ଦ, ଅଞ୍ଜୁ ବବି ଜର୍ଜ, ଅଜୟ ସିଂ, ସୁଧାଂଶୁ ମିତଲ, ଆଡିଲ୍ ସୁମାରିୱାଲା ଏବଂ ଆଇଓଏ ଓ କ୍ରୀଡ଼ା ମନ୍ତ୍ରଣାଳୟର ପ୍ରତିନିଧିମାନେ। ଆମ ତରଫରୁ ଠିକଣାରୂପେ ଉପସ୍ଥାପନ କରାଯାଇ ନ ଥିବାରୁ ବୋଧହୁଏ ହାଇକୋର୍ଟ ଏଭଳି ରୁଲିଂ ଦେଲେ। ତେଣୁ ଆଉ ଏକ ସତ୍ୟପାଠ ଦାଖଲ କରିବା ଲାଗି ମୁଁ ବିଭାଗୀୟ ସଚିବଙ୍କୁ କହିଛି ବୋଲି ରିଜିଜୁ ପ୍ରକାଶ କରିଛନ୍ତି। ମଙ୍ଗଳବାର ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କ୍ରୀଡ଼ାମନ୍ତ୍ରୀ ଅଭିନେତା ସୁନୀଲ ସେଟ୍ଟୀଙ୍କୁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା)ର ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରିଛନ୍ତି।

**ନ୍ୟାଶନାଲ ସ୍ପୋର୍ଟ୍ସ କୋଡ୍**

# ବିଦେଶୀ ଖେଳାଳି ପ୍ରଭାବୀ ସାବ୍ୟସ୍ତ ହେବେ

ବାଇଚୁଙ୍ଗ୍ ଭୂଟିଆ

ଦେଶର ସର୍ବବୃହତ୍ ଫୁଟବଲ ଲିଗ୍ ହିରୋ ଇଣ୍ଡିଆ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ କେତେଜଣ ବିଦେଶୀ ଖେଳାଳିଙ୍କ ବିଭିନ୍ନ ଦଳରେ ସାମିଲ ହୋଇଛନ୍ତି। ଫଳରେ ଏହି ଦଳଗୁଡିକ ପ୍ରଦର୍ଶନରେ ବିଶେଷ ଫରକ ଆସିବ ବୋଲି ଆଶା କରାଯାଉଛି। ଏପର୍ଯ୍ୟନ୍ତ ଲିଗ୍‌ରେ ୫ଜଣ ବିଦେଶୀ ଖେଳାଳି ସାମିଲ ହୋଇଛନ୍ତି। ଏହି ବିଦେଶୀ ଖେଳାଳିମାନେ ଆଗକୁ ପ୍ରଭାବୀ ସାବ୍ୟସ୍ତ ହେବେ। ସେମାନଙ୍କର ତାଲିକା ନିମ୍ନରେ ଦିଆଗଲା

**ଟିରି (ଜାମ୍‌ସେଦପୁର ଏଫ୍‌ସି):** ସ୍ପେନ୍‌ର ଏହି ତାରକା ଡିଫେଣ୍ଡର ଜାମସେଦପୁରର ମେରୁଦଣ୍ଡ ବୋଲି କୁହାଯାଉଛି। ଡିଫେନ୍ସରେ ଟିରିଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ସାରା ଦଳକୁ ସାଙ୍ଗରେ ନେଇ ଆଗକୁ ଯିବାର କ୍ଷମତା ତାଙ୍କ ପାଖରେ ରହିଛି। ଭାରତରେ ପହଞ୍ଚିବା ପରେ ତାଙ୍କ ପ୍ରଦର୍ଶନ ଚମତ୍କାର ରହିଛି ଓ ସେ ଏଥିରେ ସ୍ଥିରତା ବଜାୟ ରଖିଆସିଛନ୍ତି। **ରୟ କ୍ରିଷ୍ଣା (ଏଟିକେ):** ଫିଜି ଜାତୀୟ ଦଳର ଅଧିନାୟକ କ୍ରିଷ୍ଣା ଏଟିକେର ମଧ୍ୟ ନେତୃତ୍ୱ ନେଉଛନ୍ତି। ତାଙ୍କର ଦୃଷ୍ଟି ଶକ୍ତି ପ୍ରଖର ଓ ସେ ମ୍ୟାଚ୍‌ର ସ୍ଥିତିକୁ ଭଲଭାବେ ଅନୁଧାନ କରିବାରେ ସିଦ୍ଧହସ୍ତ। ଜଣେ ଷ୍ଟ୍ରାଇକର ହିସାବରେ ତାଙ୍କ ବିଶ୍ୱସ୍ତରୀୟ ଦକ୍ଷତା ରହିଛି। ତେବେ ତାଙ୍କୁ ଉପଯୁକ୍ତ ସହଯୋଗ ଆବଶ୍ୟକ। **ଆସାମୋହା ଜ୍ଞାନ (ଏନ୍‌ଇୟୁଏଫ୍‌ସି):** ଘାନାର ଏହି ପେସାଦାର ଫୁଟବଲର ଜଣେ ଷ୍ଟ୍ରାଇକର ହିସାବରେ ନର୍ଥଇଷ୍ଟ ୟୁନାଇଟେଡ ତରଫରୁ ଖେଳୁଛନ୍ତି। ନେତୃତ୍ୱ ନେବାର କଳା ତାଙ୍କ ପାଖରେ ରହିଛି। ନିଜ ଦଳରେ ଖେଳାଳିଙ୍କୁ ସବୁବେଳେ ବଡ଼ ଭାଇ ହିସାବରେ ସେ ଉତ୍ସାହିତ କରିଥାନ୍ତି। ଡ୍ରେସିଂ ରୁମ୍‌ରେ ମଧ୍ୟ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ପଡିଆରେ ସେ ଦ୍ରୁତ ଗତିରେ ଦୌଡ଼ିବା ସହିତ ଡ୍ରିବଲ, ହେଡ, ପାସରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। **ରାଫେଲ ଅଗୁଷ୍ଟୋ (ବେଙ୍ଗାଲୁରୁ ଏଫ୍‌ସି):** ବ୍ରାଜିଲର ଏହି ପେସାଦାର ଫୁଟବଲର ଜଣେ ମନୋରଞ୍ଜକ ଖେଳାଳିଭାବେ ପରିଚିତ। ସେ ଜଣେ ଅତ୍ୟନ୍ତ ପ୍ରତିଭାସମ୍ପନ୍ନ ଖେଳାଳି। ବୈଷୟିକ ଭାବେ ସେ ଅତ୍ୟନ୍ତ ଚତୁର। ମିଡ୍‌ଫିଲ୍ଡରରୁ ସେ ଜଣେ ସଫଳ ଷ୍ଟ୍ରାଇକର ବନିପାରିଛନ୍ତି। ପ୍ରତିପକ୍ଷ ଖେଳାଳିଙ୍କୁ ଚକ୍‌ମା ଦେବାରେ ସେ ବେଶ୍ ମାହିର। **ଫେରାନ କୋରୋମିନାସ (ଏଫ୍‌ସି ଗୋଆ):** ସ୍ପେନର ଏହି ପେସାଦାର ଫୁଟବଲର ଗୋଆ ତରଫରୁ ଜଣେ ଫରୱାର୍ଡ ଭାବେ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ଗୋଲ ସ୍କୋର ନ କରିବା ପର୍ଯ୍ୟନ୍ତ ସେ ଶାନ୍ତିରେ ଶୋଇ ପାରି ନ ଥାନ୍ତି। ସେ ଜଣେ ବଡ଼ ଫିନିଶର ମଧ୍ୟ। ଗତ ସଂସ୍କରଣରେ ସେ ନିଜ ଦକ୍ଷତା ବଳରେ ଏକାଏକା ଗୋଆକୁ ଫାଇନାଲରେ ପହଞ୍ଚାଇଥିଲେ। –(ଗେମ୍‌ପ୍ଲାନ)

#WhatDrivesYou
EXIDE

# ମୁରଲୀ ବିଜୟଙ୍କୁ ଜରିମାନା

**ଡିଣ୍ଡିଗୁଲ୍, ୧୦।୧୨ (ପି.ଟି.):** କ୍ରିକେଟ ଖେଳାଳି ମୁରଲୀ ବିଜୟଙ୍କୁ ତାଙ୍କ ମ୍ୟାଚ ଫି’ର ୧୦ ପ୍ରତିଶତ ଜରିମାନା କରାଯାଇଛି। ଏଠାରେ ତାମିଲନାଡୁ ଓ କର୍ନାଟକ ମଧ୍ୟରେ ଚାଲିଥିବା ରଣ୍‌ଜୀ ଟ୍ରଫି ମ୍ୟାଚରେ ଫିଲ୍ଡ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିବାରୁ ତାଙ୍କୁ ଏହି ଦଣ୍ଡବିଧାନ କରାଯାଇଛି। ୭୦ତମ ଓଭର ଶେଷ ହେବାକୁ ଆଉ ୨ଟି ବଲ୍ ବାକି ରହିଥିବାବେଳେ ରବିଚନ୍ଦ୍ରନ ଅଶ୍ୱିନ ଆଣ୍ଡ୍ କୋ ପବନ ଦେଶପାଣ୍ଡେଙ୍କ ବିପକ୍ଷରେ କଟ୍ ବିହାଇଣ୍ଡ ଅପିଲ କରିଥିଲେ। ମାତ୍ର ଅମ୍ପାୟର ନୀତୀନ ପଣ୍ଡିତ ଆବେଦକୁ ନାକଚ କରିଦେଇଥିଲେ। ଅମ୍ପାୟରଙ୍କ ନିଷ୍ପତ୍ତିକୁ ଅଶ୍ୱିନ ଏବଂ ତାଙ୍କ ସାଥୀ ଖେଳାଳିମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

## ପନିପରିବା

ଆଳୁ ଫସଲ ୨-୩ ସପ୍ତାହର ହୋଇଯାଇଥିଲେ ପ୍ରଥମ କୋଡ଼ାଖୁସା କରି ହୁଡ଼ା ଟେକି ଦିଅନ୍ତୁ । ଏହି ସମୟରେ ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ପଟାସ୍ ଆଳୁ ଗଛରେ ଧାଡ଼ିରେ ଦୁଇପାଖରେ ୭-୧୦ ସେ.ମି. ଦୂରତାରେ ୨-୩ ସେ.ମି. ଗଭୀରରେ ପ୍ରୟୋଗ କରନ୍ତୁ । ଆଳୁ ଫସଲରେ ସଅଳ ପତ୍ରପୋଡ଼ା ରୋଗରୁ ରକ୍ଷା ପାଇବା ଲାଗି ହେକ୍ଟର ପ୍ରତି ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଆଗତୁରା ଆଳୁଗଛରେ ଭଲଭାବରେ ସିଞ୍ଚନ କରନ୍ତୁ । ସିଞ୍ଚନ ବେଳେ ଏହାର ପତ୍ରର ଉପର ଓ ତଳପାଖରେ ପଡ଼ିବା ଜରୁରୀ ।

- କୋବି ଜାତୀୟ ଫସଲରେ ବନ୍ଧାକୋବିର ବିନ୍ଧାପୋକ, ଠିକିରିପିଠିଆ ପୋକ, କରତିଆ ମାଛି ଆଦି କୀଟର ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ଗ୍ରାମ୍ ଇମାମେକ୍ଟିନ୍ ବେନ୍‌ଜଏଟ୍ ବା ୫୦୦ ଗ୍ରାମ୍ ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



-ଶୀତ ଦିନରେ ଭଲଭାବରେ ବଢୁଥିବା ପୋଦିନା, ଧନିଆ, ମେଥି, କୋଶଳା, ପାଳଙ୍ଗ ଆଦି ଶାଗ ଚାଷ କରନ୍ତୁ । ମଝିଆଲି କିସମ ଫୁଲକୋବିରେ ଲିଟର ପ୍ରତି ୩ ଗ୍ରା. ହିସାବରେ ବୋରନ୍ ସିଞ୍ଚନ କରନ୍ତୁ ।

## ଚିନାବାଦମ



-ରବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ ।

-ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୩ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୨.୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

-ଖରାଦିନିଆ ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।

# ମୁଗ ଫସଲର ଉତ୍ପାଦନ ବଢ଼ାଇବେ କିପରି





ଲକ୍ଷ୍ମୀନାରାୟଣ ଦାଶ

ମୁଗ ଏକ ଲାଭଦାୟକ ଫସଲ। ଆମ ରାଜ୍ୟରେ ଏହା ଉଭୟ ଖରିଫ ଏବଂ ରବି ଋତୁରେ ଚାଷ ହେଉଥିଲେ ମଧ୍ୟ ରବି ଋତୁରେ ଏହାକୁ ବ୍ୟାପକ ଭାବରେ ଚାଷ କରାଯାଏ। ରବି ଋତୁରେ ସାଧାରଣତଃ ନଭେମ୍ବର ମାସରୁ ଜାନୁୟାରୀ ମାସ ମଧ୍ୟରେ ଧାନ ଫସଲ ପରେ ଜମିରେ ବତର ଥିବା ଅବସ୍ଥାରେ ଏବଂ ଫେବୃୟାରୀ ମାସରୁ ମାର୍ଚ୍ଚ ମାସ ମଧ୍ୟରେ ଜଳସେଚିତ ଜମିରେ ମୁଗ ଚାଷ କରାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁଯାୟୀ ଜଣେ ବୟସ୍କ ବ୍ୟକ୍ତି ଦୈନିକ ୫୦ ଗ୍ରାମ ଡାଲି ଆବଶ୍ୟକ କରିଥାଏ। ଆମ ରାଜ୍ୟରେ ବିଭିନ୍ନ ଡାଲି ଜାତୀୟ ଫସଲ ମଧ୍ୟରେ ମୁଗ ଚାଷ ପ୍ରଧାନ ଓ ଅତି ଲୋକପ୍ରିୟ । ଆମ ସାମାଜିକ ତଥା ସାଂସ୍କୃତିକ ପରମ୍ପରା ଏବଂ ବିଭିନ୍ନ ପୂଜା ପାର୍ବଣରେ ମୁଗ ଡାଲିର ଚାହିଦା ଢେର୍ ଯଥେଷ୍ଟ। ମୁଗ ଡାଲିରୁ ୨୪.୫ ଶତକଡା ପୁଷ୍ଟିସାର ମିଳୁଥିବା ଯୋଗୁ ଏହାକୁ ମଧ୍ୟ ଗରିବର ମାଂସ ହିସାବରେ ବିବେଚନା କରାଯାଏ। ତେଣୁ ମୁଗ ଫସଲର ଉତ୍ପାଦନ ବୃଦ୍ଧି ଅପରିହାର୍ଯ୍ୟ। ଏଥିପାଇଁ ଆମର ଚାଷୀମାନେ ମଧ୍ୟ ଅନ୍ୟ ଫସଲ ପରି ଜମି ପ୍ରସ୍ତୁତିଠାରୁ ଆରମ୍ଭ ଅମଳ ପର୍ଯ୍ୟନ୍ତ ମୁଗ ଚାଷରେ ବିଭିନ୍ନ ଅତ୍ୟାଧୁନିକ ବୈଜ୍ଞାନିକ ଜ୍ଞାନ କୌଶଳ ପ୍ରୟୋଗ କରିବା ଜରୁରୀ। ତେବେ ମୁଗ ଫସଲର ଉତ୍ପାଦନ ବଢାଇବା ପାଇଁ ନିମ୍ନଲିଖିତ କେତୋଟି କୌଶଳକୁ ଚାଷୀମାନେ ନିଶ୍ଚିତ ଭାବରେ ଅବଲମ୍ବନ କରିବା ଆବଶ୍ୟକ।

**ବିହନ ବିଶୋଧନ:** ଝାଉଁଳା ଏବଂ ମୂଳ ଶଢା ରୋଗ ଯୋଗୁ ମୁଗ ଫସଲର ଉତ୍ପାଦନ ହ୍ରାସ ହୋଇଥାଏ। ତେଣୁ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ପ୍ରତି ୧ କେ.ଜି. ବିହନ ପିଛା ୩ ଗ୍ରାମ୍ ଭିଟାଭାକ୍ସ ପାଉଡର ବା କାର୍ବୋକ୍ସିନ ୩୭.୫ ଶତକଡା + ଥିରାମ ୩୭.୫ ଶତକଡା ଡି.ଏସ. ସହିତ ଗୋଳାଇ ବୁଣନ୍ତୁ।

**ରାଇଜୋବିୟମ ଜୀବାଣୁ କଲଚର ଉପଚାର:** ଏକର ପ୍ରତି ୧୦ କେ.ଜି. ବିହନ ଆବଶ୍ୟକ ହୋଇଥାଏ। ତେଣୁ ଏକର ପ୍ରତି ୨୦୦ ଗ୍ରାମ ରାଇଜୋବିୟମ ଜୀବାଣୁ କଲଚରରେ ୪୦୦ ମି.ଲି. ପାଣି ମିଶାଇ ମଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ମଣ୍ଡରେ ଏକ ଏକର ପାଇଁ ଉଦ୍ଦିଷ୍ଟ ୧୦ କେ.ଜି. ବିହନକୁ ଭଲ ଭାବରେ ଗୋଳାଇ ଛାଇରେ ଶୁଖାଇ ଉପରବେଳା ଜମିରେ ବୁଣନ୍ତୁ। ବିହନ ବିଶୋଧନ କରାଯାଇଥିଲେ ୭ ଦିନ ପରେ ଜୀବାଣୁ କଲଚର ଉପଚାର କରନ୍ତୁ। ନଚେତ ରାଇଜୋବିୟମ ବ୍ୟାକ୍‌ଟେରିଆ ଜୀବାଣୁଗୁଡିକ ନିଷ୍କ୍ରିୟ ହୋଇଯିବେ। ଏହି କଲଚରରେ ଉପଚାର ଯୋଗୁ ମୁଗ ଫସଲର ଚେରରେ ଅସଂଖ୍ୟ ପରିମାଣର ନୋଡୁଲ୍‌ସ ବା ଗଣ୍ଠି ସୃଷ୍ଟି ହେବ ଏବଂ ଏହି ଗଣ୍ଠି ବା ନୋଡୁଲ୍‌ସଗୁଡିକ ବାୟୁମଣ୍ଡଳରୁ ଯବକ୍ଷାରଯାନ ସଂଗ୍ରହ କରି ଗଛକୁ ଯୋଗାଇବା ଯୋଗୁ ଫସଲର ଉତ୍ପାଦନ ବୃଦ୍ଧି ହେବ।

**ଯନ୍ତା ଫସଲ:** ଚେର ଗଣ୍ଠି ନିମାଟୋଡ ବା ସୂତ୍ରକୃମି ଯୋଗୁ ଫସଲର ଉତ୍ପାଦନ ବାଧାପ୍ରାପ୍ତ ହୋଇଥାଏ। ତେଣୁ ସୂତ୍ରକୃମିର ପ୍ରଭାବରୁ ମୁକ୍ତି ପାଇବା ପାଇଁ ଗେଣ୍ଡୁ ଫୁଲକୁ ଯନ୍ତା ଫସଲ ଭାବରେ ବ୍ୟବହାର କରନ୍ତୁ। ସାଧାରଣତଃ ୨୦ ଧାଡି ମୁଗ ଗଛ ପରେ ଏକ ଧାଡି ଗେଣ୍ଡୁ ଫୁଲ ଗଛ ଲଗାଇ ମୁଗ ଫସଲର ଚେର ଗଣ୍ଠି ଜନିତ ଝାଉଁଳାକୁ ସୁବିଧାରେ ନିୟନ୍ତ୍ରଣ କରାଯାଇପାରେ।

**ଡି.ଏ.ପି. ସାର ଓ ଜଳ ଦ୍ରବଣର ପତ୍ର ସିଞ୍ଚନ:** ପ୍ରତି ଏକ ଲିଟର ପାଣି ପିଛା ୨୦ ଗ୍ରାମ ଡି.ଏ.ପି. ସାର ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ ଏବଂ ଏହି ଦ୍ରବଣକୁ ମୁଗ ବୁଣିବାର ୨୫-୩୦ ଦିନ ମଧ୍ୟରେ ପତ୍ର ସିଞ୍ଚନ କରନ୍ତୁ। ଏହା ଦ୍ୱାରା ଗଛ ଭଲ ଭାବରେ ବୃଦ୍ଧି ହେବ ଏବଂ ଗଛରେ ପର୍ଯ୍ୟାପ୍ତ ପରିମାଣର ଫୁଲ କଢ ଆସିବା ଯୋଗୁ ଉତ୍ପାଦନ ବୃଦ୍ଧି ହେବ। ସାଧାରଣତଃ ଏକର ପ୍ରତି ୨୦୦ ଲିଟର ପାଣି ଏବଂ ମାତ୍ର ୪(ଚାରି) କେ.ଜି. ଡିଏପି ସାର ଆବଶ୍ୟକ ପଡିଥାଏ।

**ଜଳସେଚନ:** ଜଳସେଚନର ସୁବିଧା ଥିଲେ ଫୁଲ ଆସିବା ସମୟରେ ଥରେ ଏବଂ ଦାନା ପାକଳ ଅବସ୍ଥାରେ ଥରେ ଏମିତି ସର୍ବନିମ୍ନ ଦୁଇଥର ନିଶ୍ଚିତ ଭାବରେ ଜଳସେଚନ କରନ୍ତୁ । କିନ୍ତୁ ଧ୍ୟାନ ରଖିବା ଦରକାର, ମୁଗ ଫସଲ ବୁଡା ପାଣି ଆବଶ୍ୟକ କରେ ନାହିଁ। ବରଂ ସିଞ୍ଚନ ଯନ୍ତ୍ର ମାଧ୍ୟମରେ ଭିଜା ପାଣି ବା ସିଞ୍ଚା ପାଣି ଅତି ହାଲୁକା ଭାବରେ ପ୍ରୟୋଗ କରନ୍ତୁ।

**ଫସଲ ସଂରକ୍ଷଣ:** ଜଉପୋକ, ଧଳାମାଛି, ଛୁଇଁବିନ୍ଧାପୋକ, ପତ୍ର ଡିଆଁ ପୋକ ଇତ୍ୟାଦିର ଅନୁମୋଦିତ ସଂରକ୍ଷଣ ବ୍ୟବସ୍ଥା ପ୍ରବର୍ତ୍ତନ କରନ୍ତୁ। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ମୁଗ ବୁଣିବାର ୨୫-୩୦ ଦିନ ମଧ୍ୟରେ ଏକର ପିଛା ୨୦୦ ଲିଟର ପାଣି ସହିତ ୬୦୦ ମି.ଲି. ନିମ୍ବ ଆଧାରିତ ବିଷ ଏବଂ ୨୦୦ ଗ୍ରାମ ଡିଟରଜେଣ୍ଟ ଦ୍ରବଣ ପତ୍ର ସିଞ୍ଚନ କଲେ ପୋକ ନିୟନ୍ତ୍ରଣ ହୋଇଥାଏ। ପ୍ରାକୃତିକ ପରିବେଶରେ ଉପଲବ୍ଧ ହେଉଥିବା ନିମ୍ବତେଲ, ନିମ୍ବପତ୍ର ରସ, ନିମ ଶସ ଦ୍ରବଣ, ନିମ୍ବ ପିଡିଆ ବତୁରାପାଣି, ନିମ୍ବ ଛେଲି ବତୁରା ପାମଇ, ନିମ୍ କର୍‌ନେଲ ଏକ୍ସଟ୍ରାକ୍ଟ ବା ନିମ ମଞ୍ଜି ନିର୍ଯ୍ୟାସକୁ ପତ୍ର ସିଞ୍ଚନ କରି ସୁବିଧାରେ, ନିରାପଦରେ ଏବଂ କମ ଖର୍ଚ୍ଚରେ ପୋକ ନିୟନ୍ତ୍ରଣ କରାଯାଇପାରିବ।

**ଅମଳ:** ମୁଗ ଗଛର ଚେରରେ ବ୍ୟାକ୍‌ଟେରିଆଜନିତ ନୋଡୁଲସ ବା ଗଣ୍ଠି ଥାଏ। ଏହା ସାଧାରଣତଃ ଭାତୁଡି ସଦୃଶ। ଏହି ନୋଡୁଲସ ବା ଭାତୁଡିଗୁଡିକ ବାକ୍‌ଟେରିଆ ଜୀବାଣୁ ମାଧ୍ୟମରେ ନାଇଟ୍ରୋଜିନେଜ ଏନଜାଇମକୁ ଉପଯୋଗ କରି ବାୟୁମଣ୍ଡଳରେ ଥିବା ଯବକ୍ଷାରଜାନକୁ ସଂଗ୍ରହ କରି ଗଛକୁ ଖାଦ୍ୟ ଯୋଗାଇବା ସହିତ ମାଟିର ଉର୍ବରତା ମଧ୍ୟ ବଢାଇଥାନ୍ତି। କାରଣ ଏହି ଭାତୁଡି ବା ନୋଡୁଲସଗୁଡିକ ଗୋଟିଏ ଗୋଟିଏ ପ୍ରାକୃତିକ ଯବକ୍ଷାରଜାନ ସାର ସୃଷ୍ଟି କାରଖାନା। ତେଣୁ ଚାଷୀମାନଙ୍କୁ ଅନୁରୋଧ ମୁଗ ଫସଲକୁ ଉପାଡନ୍ତୁ ନାହିଁ। ବରଂ ମାଟି ଉପରେ ଥିବା ମୂଳ ଅଂଶକୁ କାଟି ଅମଳ କରନ୍ତୁ। ଏହାଦ୍ୱାରା ଭାତୁଡି ବା ନୋଡୁଲସଗୁଡିକ ମାଟି ଭିତରେ ସୁରକ୍ଷିତ ହୋଇରହିବେ ଏବଂ ମାଟିର ଉର୍ବରତା ନଷ୍ଟ ହେବ ନାହିଁ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ଡାଲି ଫସଲର ଉତ୍ପାଦନ ବୃଦ୍ଧିରେ ଏହା ସହାୟକ ହେବ। ସବିଶେଷ ବିବରଣୀ ପାଇଁ ନିକଟସ୍ଥ କୃଷି କାର୍ଯ୍ୟାଳୟ କିମ୍ବା ନିମ୍ନ ଠିକଣାରେ ଯୋଗାଯୋଗ ପାଇଁ ଅନୁରୋଧ।



*-କୃଷି ଜିଲା ଅଧିକାରୀ, ଦଶପଲ୍ଲା, ନୟାଗଡ, ମୋ:୯୯୩୭୬୫୨୬୮୬*

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ କୁଶିଆପାଳ ପଂଚାୟତର ସମସ୍ତ ମାଆ, ଭାଇ, ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି ।

ପ୍ରଭାତୀ ସାହୁ
ସରପଂଚ
କୁଶିଆପାଳ ଗ୍ରାମ ପଂଚାୟତ
ଡେରାବିଶ

ସତ୍ୟ ଓ ନିର୍ଭୀକ ଖବର ପରିବେଶଣ ପାଇଁ ଦୀର୍ଘ ୪୬ ବର୍ଷ ଧରି ସଂଗ୍ରାମ କରି ଆସୁଥିବା ଦୈନିକ ଓଡିଆ ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଏହି ଅବସରରେ କୃଷି ପ୍ରଧାନ କେନ୍ଦ୍ରାପଡା ଜିଲାର ଅଧିବାସୀଙ୍କୁ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉ ଅଶେଷ କୃପା ବରଷନ୍ତୁ।

ରବି ସାମଲ
ରାଜ୍ୟ ସାଧାରଣ ସମ୍ପାଦକ
ବିଜୁ ଜନତା ଦଳ

ସତ୍ୟ ଓ ନିର୍ଭୀକ ଖବର ପରିବେଶନ ପାଇଁ ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ ସଦସ୍ୟଙ୍କୁ ଅଭିନନ୍ଦନ ଜଣାଉଛି । ଡେରାବିଶ ବ୍ଲକର ସମସ୍ତ ଭାଇ ଭଉଣୀଙ୍କୁ ଅଭିନନ୍ଦନ । ପୁଣିଥରେ ଏହି ପଂଚାୟତ ସମିତିକୁ ରାଜ୍ୟରେ ସର୍ବଶ୍ରେଷ୍ଠ ସମିତି ମାନ୍ୟତା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛି ।

ସରୋଜକାନ୍ତ ସାହୁ
ଅଧ୍ୟକ୍ଷ
ଡେରାବିଶ ପଂଚାୟତ ସମିତି


ଦୈନିକ ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ପାଳନ ଅବସରରେ ଅଞ୍ଚଳବାସୀଙ୍କ ଶୁଭକାମନା କରୁଛି।
ନବକିଶୋର ପରିଡା
ଶିଳିପୁର, ଅବସର ପ୍ରାପ୍ତ ଶିକ୍ଷକ


ଧରିତ୍ରୀର ୪୬ତମ ଜନ୍ମୋତ୍ସବ ପାଳନ ଅବସରରେ ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।
ମୋନାଲିସା ପ୍ରଧାନ
ସରପଞ୍ଚ, ଯମପଡା


ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ପାଳନ ଅବସରରେ ପଞ୍ଚାୟତବାସୀଙ୍କୁ ମୋର ଶୁଭେଚ୍ଛା ।
ଯୁଗଳ କିଶୋର ଦାସ
ସରପଞ୍ଚ, ଶିଳିପୁର


ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ସମସ୍ତ ଗ୍ରାହକମାନଙ୍କୁ ଶୁଭେଚ୍ଛା ଜଣାଉଛି।
ପ୍ରଶାନ୍ତ କୁମାର ନାୟକ
ପରିଚାଳନା ନିର୍ଦ୍ଦେଶକ, ଜ୍ୟୋତି ମୋଟର୍ସ, ମାର୍ଶାଘାଇ


ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ଅବସରରେ ଜୋନର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଶୁଭ କାମନା ।
ପ୍ରଦୀପ୍ତ କୁମାର ମାହାଣ
ନଂ.୨୫ ଜିଲ୍ଲା ପରିଷଦ


ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ଉତ୍ସବ ଅବସରରେ ମୁଁ ପଞ୍ଚାୟତ ବାସୀଙ୍କୁ ଶୁଭକାମନା ଜଣାଉଛି ।
ବିକ୍ରମ କେଶରୀ ଦାଶ
ସରପଞ୍ଚ, ଦଶିପୁର


ଧରିତ୍ରୀର ୪୬ତମ ଜନ୍ମ ଉତ୍ସବ ପାଳନ ଅବସରରେ ପଞ୍ଚାୟତବାସୀଙ୍କ ଶୁଭ କାମନା କରୁଛି ।
ପ୍ରଦୀପ୍ତ କୁମାର ସ୍ୱାଇଁ
ସରପଞ୍ଚ, ମଙ୍ଗରାଜପୁର


ଧରିତ୍ରୀର ୪୬ତମ ଜନ୍ମୋତ୍ସବ ପାଳନ ଅବସରରେ ପଞ୍ଚାୟତବାସୀଙ୍କ ଶୁଭକାମନା କରୁଛି ।
ଉଷାରାଣୀ ଦାସ
ସରପଞ୍ଚ, ପରଜୁଙ୍ଗା ପଞ୍ଚାୟତ
ମାର୍ଶାଘାଇ


ଧରିତ୍ରୀର ୪୬ତମ ଜନ୍ମଦିବସ ଅବସରରେ ଆମ କଲେଜର ଛାତ୍ରୀଛାତ୍ରମାନଙ୍କର ଉତ୍ତରୋତ୍ତର ଶୁଭକାମନା କରୁଛୁ ।
ତାପସ ପାଲ
ନିର୍ଦ୍ଦେଶକ, ଡଲଫିନ +୨ ବିଜ୍ଞାନ କଲେଜ୍


ଧରିତ୍ରୀର ୪୬ତମ ଜନ୍ମୋତ୍ସବ ଅବସରରେ ପଞ୍ଚାୟତବାସୀଙ୍କୁ ଶୁଭକାମନା ଜଣାଉଛି ।
ସତ୍ୟ ନାରାୟଣ ନାୟକ
ସରପଞ୍ଚ, ଦୁମୁକା


ଧରିତ୍ରୀର ୪୬ତମ ଜନ୍ମ ଉତ୍ସବ ଉପଲକ୍ଷେ ଅଞ୍ଚଳବାସୀଙ୍କୁ ଶୁଭକାମନା ।
ରଞ୍ଜିତ କୁମାର ଦାସ
କାନପୁର, ଅବସର ପ୍ରାପ୍ତ ଅଧ୍ୟକ୍ଷ, ମାର୍ଶାଘାଇ କଲେଜ୍


ଧରିତ୍ରୀର ୪୬ତମ ଜନ୍ମବାର୍ଷିକ ପାଳନ ଅବସରରେ ମୁଁ ମୋ ପଞ୍ଚାୟତବାସୀଙ୍କୁ ଶୁଭକାମନା ଜଣାଉଛି ।
ଗୌରୀ ରାଣୀ ପ୍ରଧାନ
ସରପଞ୍ଚ, ବଳୁରାଇ ଗ୍ରାମପଞ୍ଚାୟତ

| Dollar | Sensex | Nifty | Gold | Silver |
|---|---|---|---|---|
| 70.92 (12) | 40,239.88 (247.55) | 11,856.80 (80.70) | 38,460.00 (₹95) | 46,607.00 (₹128) |

"ଏସ୍‌ବିଆଇ ଦ୍ୱାରା ଇଲେକ୍ଟୋରାଲ ବଣ୍ଡ ଜାରି କରିବା ନେଇ ରିଜର୍ଭ ବ୍ୟାଙ୍କର କୌଣସି ଆପତ୍ତି ନ ଥିଲା।
– ନିର୍ମଳା ସୀତାରାମନ, କେନ୍ଦ୍ର ଅର୍ଥମନ୍ତ୍ରୀ



"ଦେଶ ମଧ୍ୟରେ ଔଦ୍ୟୋଗିକ ମନୋବୃତ୍ତି ଏବଂ ଉତ୍ପାଦନ ବୃଦ୍ଧି କରିବା ଲାଗି ଆବଶ୍ୟକୀୟ ସଂସ୍କାର ଧାରା ଉପରେ କାର୍ଯ୍ୟକରିବା ଉଚିତ।
– କେ.ଭି. ସୁବ୍ରମଣ୍ୟନ, ସିଇଏ



## ସଂକ୍ଷେପରେ

### ତ୍ୱରିତ ହେବ ମୋବାଇଲ ନମ୍ବର ପୋର୍ଟେବିଲିଟି

**ନୂଆଦିଲ୍ଲୀ,୧୦-୧୨:** ସାରା ଦେଶରେ ମୋବାଇଲ ନମ୍ବର ପୋର୍ଟେବିଲିଟି (ଏମ୍‌ଏନ୍‌ପି) କୁ ତ୍ୱରିତ ଏବଂ ସରଳ କରିବା ଲାଗି ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ ( ଟ୍ରାଇ) ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିଲାଗି ଟ୍ରାଇ ପରିବର୍ତ୍ତିତ ଏମ୍‌ଏନ୍‌ପି ଧାରା ନେଇ ଏକ ପବ୍ଲିକ ନୋଟିସ ଜାରି କରିଛି। ନୂଆ ନିୟମ ଚଳିତ ମାସ ୧୬ରୁ ଲାଗୁ ହେବ ବୋଲି ଏହି ବିଜ୍ଞପ୍ତିରେ କୁହାଯାଇଛି। ନୂଆ ଧାରାରେ ପୋର୍ଟ ଆଉଟ ଲାଗି ସର୍ଭିସ ଭିତରେ ୩ ଦିନ ଏବଂ ଅନ୍ୟ ସର୍କଲରେ ହେଲେ ଏହା ୫ ଦିନ ସମୟ ଲାଗିବ ବୋଲି କୁହାଯାଇଛି। ଏହି ସମୟ ମଧ୍ୟରେ ୟୁନିକ ପୋର୍ଟିଂ କୋଡ୍(ୟୁପିସି) ଆସିପାରିବ। କର୍ପୋରେଟ ମୋବାଇଲ କମ୍ୟୁନିକେଶନ ଲାଗି ସମୟ ସୀମାରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ଟ୍ରାଇ ପକ୍ଷରୁ କୁହାଯାଇଛି।

### ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ହେବନି

**ନୂଆଦିଲ୍ଲୀ,୧୦-୧୨:** ୨୦୦୦ ଟଙ୍କିଆ ନୋଟ୍ ବଜାରରୁ ପ୍ରତ୍ୟାହାର ନେଇ ରହିଥିବା ଖବରକୁ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ମଙ୍ଗଳବାର ଖାରଜ କରିଦେଇଛନ୍ତି। ଏହାକୁ ନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ସମାଜବାଦୀ ପାର୍ଟି ଏମ୍‌ପି ବିଶ୍ୱମ୍ଭର ପ୍ରସାଦ ନିଷାଦଙ୍କ ୨୦୦୦ ଟଙ୍କିଆ ବନ୍ଦ କରି ନୂଆ ୧୦୦୦ ଟଙ୍କିଆ ଆଣିବା ନେଇ ଏକ ପ୍ରଶ୍ନ କରିଥିଲେ। ରାଜ୍ୟ ସଭାରେ ତାର ଉତ୍ତର ରଖି ଅର୍ଥରାଷ୍ଟ୍ରମନ୍ତ୍ରୀ ଠାକୁର କହିଛନ୍ତି ଯେ, ସରକାର ବିମୁଦ୍ରୀକରଣ ଦ୍ୱାରା କଳା ଟଙ୍କାକୁ ହଟାଇବା ଦିଗରେ ପଦକ୍ଷେପ ନେଇଥିଲେ। ଏହା ବାଦ ନକଲି ନୋଟ କାରବାର ଏବଂ ଟେରର ଫଣ୍ଡିଂର ହ୍ରାସ ଏବଂ ଡିଜିଟାଲ କାରବାର ବୃଦ୍ଧି ଭଳି ପ୍ରସଙ୍ଗକୁ ବିଚାର କରାଯାଇଥିଲା।

# ନଭେମ୍ବରରେ ପୁଣି ପାସେଞ୍ଜର ଯାନ ବିକ୍ରି ହ୍ରାସ

**ନୂଆଦିଲ୍ଲୀ,୧୦-୧୨**



ଚଳିତ ବର୍ଷ ନଭେମ୍ବରରେ ପାସେଞ୍ଜର ଯାନ ବିକ୍ରି ପୁଣି ଥରେ ନକାରାତ୍ମକ ସ୍ଥିତିରେ ରହିଛି। ଅକ୍ଟୋବରରେ ଚାହିଦା ଉନ୍ନତ ହେବା ଯୋଗୁ ଗାଡି ବିକ୍ରି ସାମାନ୍ୟ ବଢିଥିବା ବେଳେ ଏଥିରେ ପୁଣି ଥରେ ହ୍ରାସ ହୋଇଥିବା ଜଣାପଡିଛି। ମାତ୍ର ଚାହିଦା ଖସିବା ଫଳରେ କମ୍ପାନୀଗୁଡିକର ଡିଲରଙ୍କୁ ଗାଡି ଯୋଗାଣ କମିଛି। ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକ୍‌ଚରର୍ସ(ସିଆମ୍) ଡାଟା ମୁତାବକ ନଭେମ୍ବରରେ ପାସେଞ୍ଜର ଯାନ ବିକ୍ରି ୦.୮୪% ହ୍ରାସ ଘଟି ୨.୬୩ ଲକ୍ଷ ୟୁନିଟକୁ ଖସିଛି। ଏହା ଗତ ବର୍ଷ ସମାନ ସମୟରେ ୨.୬୬ ଲକ୍ଷ ୟୁନିଟ ରହିଥିଲା। ଅପରପକ୍ଷରେ ୟୁଟିଲିଟି ଯାନ ବିକ୍ରି ନଭେମ୍ବରରେ ୩୨.୭% ବୃଦ୍ଧି ଘଟି ୯୨,୭୩୯ ୟୁନିଟ ରହିଛି। ଗତ ବର୍ଷ ଏହି ସମୟରେ ୟୁଟିଲିଟି ଯାନ ବିକ୍ରି ୬୯,୮୪୪ ୟୁନିଟ ଥିଲା।

ଏହି ସମୟ ମଧ୍ୟରେ ଘରୋଇ ବଜାରରେ କାର ବିକ୍ରି ୧୦.୮୩% ହ୍ରାସ ଘଟି ୧.୬୦ ଲକ୍ଷ ୟୁନିଟ ରହିଛି। ଯାହା ଗତ ବର୍ଷ ନଭେମ୍ବରରେ ୧.୭୯ ଲକ୍ଷ ୟୁନିଟ ରହିଥିଲା। ସେହିଭଳି ଭ୍ୟାନ ବିକ୍ରି ନଭେମ୍ବରରେ ୩୪.୩୨% କମିଛି। ଏହା ଗତ ବର୍ଷ ନଭେମ୍ବରରେ ୧୬,୩୩୩ ୟୁନିଟ ଥିବା ବେଳେ ଚଳିତ ବର୍ଷ ସମାନ ସମୟରେ ୧୦,୭୨୮ ୟୁନିଟକୁ ଖସିଛି। ଏବେ ମଧ୍ୟ ପାସେଞ୍ଜର ଯାନ ବିକ୍ରି ଏକ ଚ୍ୟାଲେଞ୍ଜ ସ୍ଥିତି ଦେଇ ଗତି କରୁଥିବା ସିଆମର ମହାନିର୍ଦ୍ଦେଶକ ରାଜେଶ ମେନନ କହିଛନ୍ତି। ୟୁଟିଲିଟି ଯାନ ବର୍ଗରେ ନୂଆ ଯାନ ବଜାରକୁ ଆସିଥିବାରୁ ଅକ୍ଟୋବର ଏବଂ ନଭେମ୍ବରରେ ବିକ୍ରି ଉନ୍ନତ ରହିଛି। ପାର୍ବଣ ଏବଂ ନୂଆ ମଡେଲ ଯୋଗୁ ଅକ୍ଟୋବରରେ ପାସେଞ୍ଜର ଯାନ ବିକ୍ରି ସାମାନ୍ୟ ବଢିଥିଲା। ମାତ୍ର ସବୁ ବର୍ଗକୁ ବିଚାର କଲେ ବିକ୍ରି ଖସିଥିବା ଜଣାପଡିଛି।

ବିଏସ୍-୬ ଯାନ ବିକ୍ରି ବଢାଇବା ଲାଗି ସାରା ଦେଶରେ ଏହି ମାନକ ଇନ୍ଧନ ଲାଗୁ କରାଇବାକୁ ସରକାରଙ୍କ ସହ ଆଲୋଚନା ହେଉଥିବା ମେନନ କହିଛନ୍ତି। ବର୍ତ୍ତମାନ କେବଳ ନୂଆଦିଲ୍ଲୀରେ ଏହି ମାନକ ଇନ୍ଧନ ଉପଲବ୍ଧ ହେଉଛି। ଏହାକୁ ୨୦୨୦ ଏପ୍ରିଲ ପହିଲାରୁ ଲାଗୁ କରାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାବାଦ ନଭେମ୍ବରରେ ୨ ଚକିଆ ଯାନ ବିକ୍ରି ୧୪.୨୭% ଖସିଛି। ସେହିଭଳି ସ୍କୁଟର ବିକ୍ରି ୧୧.୮୩%, ବାଣିଜ୍ୟିକ ଯାନ ୧୪.୮୯% ବିକ୍ରି କମିଛି। ଦୁଇଚକିଆ ଏବଂ ବାଣିଜ୍ୟିକ ଯାନ ବିକ୍ରି ଲଗାତର ଭାବେ କମିଥିବାରୁ ଏହା ଚିନ୍ତାର କାରଣ ପାଲଟିଛି। ଗ୍ରାମାଞ୍ଚଳ ଏବଂ ଭିତ୍ତିଭୂମି କ୍ଷେତ୍ରରେ ଚାହିଦା ହ୍ରାସ ହେବା ଯୋଗୁ ଉକ୍ତ ବର୍ଗଗୁଡିକରେ ଯାନ ବିକ୍ରି ହ୍ରାସ ଘଟିଛି।

## ଜୟ ପୀ ହୋଣ୍ଡା ଶୋ'ରୁମ୍ ଶୁଭାରମ୍ଭ



ନୂଆ ଶୋ'ରୁମ୍ ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି।

**କଟକ,୧୦-୧୨**

କଟକ-ପାରାଦୀପ ରାଜପଥ ପାର୍ଶ୍ୱ କନ୍ଦରପୁରରେ ଜୟ ପୀ ହୋଣ୍ଡା ଶୋ'ରୁମ୍ ମଙ୍ଗଳବାର ଶୁଭାରମ୍ଭ ହୋଇଛି। କଟକର ଦୁର୍ଗା ହୋଣ୍ଡା ଶୋ'ରୁମ୍ ସ୍ୱତ୍ତ୍ୱାଧିକାରୀ ଶୁଭେନ୍ଦୁ ମହାନ୍ତି, ଏରିଆ ସେଲ୍‌ସ ମ୍ୟାନେଜର ଦ୍ୱିବେନ୍ଦୁ ଭୌମିକ, କୁମାର ଶୁଭେନ୍ଦୁ, ବିଶ୍ୱଜିତ ରାଏ ନୂଆ ଶୋ'ରମକୁ ଉନ୍ମୋଚନ କରିଥିଲେ। ଗ୍ରାହକମାନେ ଏଠାରେ ହୋଣ୍ଡାର ମୋଟର ସାଇକେଲ ଏବଂ ସ୍କୁଟର ଲାଭ କରିପାରିବେ। ସେହିଭଳି ଗ୍ରାହକଙ୍କୁ ବିକ୍ରି ପରବର୍ତ୍ତୀ ସେବା ଏଠାରେ ଯୋଗାଇ ଦିଆଯିବ ବୋଲି ଶୋ'ରୁମ୍‌ର ସ୍ୱତ୍ତ୍ୱାଧିକାରୀ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି।

## 'ନୋଟ ବ୍ୟବହାର ବୃଦ୍ଧିକୁ କମାଇଛି ବିମୁଦ୍ରୀକରଣ'

**ନୂଆଦିଲ୍ଲୀ,୧୦-୧୨**

ବିମୁଦ୍ରୀକରଣ ଏବଂ ପରେ ପରେ ଲାଗୁ ହୋଇଥିବା ଡିଜିଟାଲ ନେଣଦେଣ ଦ୍ୱାରା ନୋଟ ବ୍ୟବହାର ବୃଦ୍ଧିକୁ କମାଯାଇ ପାରିଛି ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର କହିଛନ୍ତି। ଏଭଳି ପଦକ୍ଷେପ ଦ୍ୱାରା ୩ ଲକ୍ଷ କୋଟି ଟଙ୍କାର ନୋଟ ପ୍ରଚଳନ କମାଯାଇଛି। ରାଜ୍ୟସଭାକୁ ଏକ ଲିଖିତ ଉତ୍ତରରେ ସୀତାରାମନ କହିଛନ୍ତି ଯେ, ପ୍ରଚଳନରେ ଥିବା ମୁଦ୍ରା(ଏନ୍‌ଆଇସି) ୨୦୧୬ ନଭେମ୍ବର ୪ରେ ସାରା ଦେଶରେ ୧୭.୭୪ ଲକ୍ଷ କୋଟି ଟଙ୍କା ପ୍ରଚଳନରେ ଥିଲା। ଚଳିତ ବର୍ଷ ଡିସେମ୍ବର ୨ ସୁଦ୍ଧା ଏହା ୨୨.୩୫ ଲକ୍ଷ କୋଟି ଟପିଛି। ୨୦୧୪ ପରଠାରୁ ଅକ୍ଟୋବର ୨୦୧୬ ମଧ୍ୟରେ ଏନ୍‌ଆଇସିର ବାର୍ଷିକ ହାରାହାରି ଅଭିବୃଦ୍ଧି ୧୪.୫୧% ରହିଛି। ଏହା ହେଲେ ବର୍ତ୍ତମାନ ବ୍ୟବସ୍ଥାରେ ନୋଟ ପ୍ରଚଳନ ୨୫.୪୦ ଲକ୍ଷ କୋଟି ଟଙ୍କା ରହିବା କଥା। ମାତ୍ର ଏନ୍‌ଆଇସି ଏବେ ୨୨ ଲକ୍ଷ କୋଟିଟଙ୍କା ରହିଛି। ଅର୍ଥାତ ୩ ଲକ୍ଷ କୋଟିଟଙ୍କା ନୋଟ ପ୍ରଚଳନ କମ୍ କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି।

## ଏସ୍‌ଆର୍‌ଏମ୍‌କୁ ସ୍ୱଚ୍ଛତା ର୍‍ୟାଙ୍କିଙ୍ଗ ଆୱାର୍ଡ

**ନୂଆଦିଲ୍ଲୀ,୧୦-୧୨**



ଏସ୍‌ଆର୍‌ଏମ୍ ଇନଷ୍ଟିଚ୍ୟୁଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, କଟନକୁଲଥରକୁ ସ୍ୱଚ୍ଛତା ର୍‍ୟାଙ୍କିଙ୍ଗ ଆୱାର୍ଡ ଏବଂ ଅନ୍ୟ ୨ ସମ୍ମାନ ପ୍ରଦାନ କରାଯାଇଛି। ଅଲ୍ ଇଣ୍ଡିଆ କାଉନସିଲ ଫର୍ ଟେକ୍ନିକାଲ ଏଜୁକେଶନ(ଏଆଇସିଟିଇ) ପକ୍ଷରୁ ରେସିଡେନସିଆଲ ୟୁନିଭର୍ସିଟି ବର୍ଗରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୟୁନିଭର୍ସିଟି ଏଭଳି ପୁରସ୍କାର ହାସଲ କରିଛି। ଏସ୍‌ଆର୍‌ଏମ୍‌ରେ ରେଜିଷ୍ଟ୍ରାର ଏନ୍.ସେଥୁରାମନ, ଡିନ୍ ପ୍ରଫେସର ଜି.ଅଗଷ୍ଟାଇନ ମଣିରାଜ ପାଣ୍ଡିଆନ, ଦିଲ୍ଲୀ ଏନ୍‌ସିଆର୍ କ୍ୟାମ୍ପସ ଡେପୁଟି ରେଜିଷ୍ଟ୍ରାର ଡ.ଏସ୍. ବିଶ୍ୱନାଥନ, ଉଚ୍ଚ ଶିକ୍ଷା ବିଭାଗ ସଚିବ ଆର୍. ସୁବ୍ରମଣ୍ୟନଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଆଇସିଟିଇ ୟୁନିଭର୍ସିଟି କ୍ଲିନ୍ ଆଣ୍ଡ ସ୍ମାର୍ଟ କ୍ୟାମ୍ପସ ଆୱାର୍ଡ ବର୍ଗରେ ଏସ୍‌ଆର୍‌ଏମ୍ ତୃତୀୟ ସ୍ଥାନରେ ରହିଛି। ଏହାବାଦ ୱାନ ଷ୍ଟୁଡେଣ୍ଟ ୱାନ ଟ୍ରି ଇନିସିଏଟିଭ୍ ବର୍ଗରେ ଏହା ପ୍ରଥମ ସ୍ଥାନରେ ରହିଥିବା ଏସ୍‌ଆର୍‌ଏମ୍ ପକ୍ଷରୁ ସୂଚନା ଦିଆଯାଇଛି।




































■ବୌଦ୍ଧ ପୁସ୍ତକମେଳା ଉଦ୍‌ଯାପିତ

# ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ପାଇଁ ପୁସ୍ତକମେଳା ଆୟୋଜନର ଯଥାର୍ଥତା ରହିଛି


ବୌଦ୍ଧ ପୁସ୍ତକ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ଗଣମାଧ୍ୟମ ଓ ଲୋକସମ୍ପର୍କ ଉପଦେଷ୍ଟା ମାନସ ରଞ୍ଜନ ମଙ୍ଗରାଜ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡଃ ଲେନିନ ମହାନ୍ତିଙ୍କୁ 'ବାର୍ତ୍ତାବହ ସମ୍ମାନ-୨୦୦୯'ରେ ସମ୍ମାନିତ କରାଯାଉଛି ।

**ବୌଦ୍ଧ, ୧୦।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ସଦର ମହକୁମା କଚେରି ପଡିଆଠାରେ ଡିସେମ୍ବର ୩ ତାରିଖରୁ ଆରମ୍ଭ ହୋଇଥିବା ୭ ଦିନିଆ 'ପଞ୍ଚଦଶ ବୌଦ୍ଧ ପୁସ୍ତକମେଳା' ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ଗଣମାଧ୍ୟମ ଓ ଲୋକ ସମ୍ପର୍କ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜ ମୁଖ୍ୟଅତିଥି, ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡଃ ଲେନିନ ମହାନ୍ତି, ବୌଦ୍ଧ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାସ ଓ ସମ୍ବାଦର ଉପମହାପ୍ରବନ୍ଧକ ଦେବେନ୍ଦ୍ର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟର ଅଭିବୃଦ୍ଧି ଏବଂ ଓଡ଼ିଆ ପୁସ୍ତକର ଆଦୃତି ବଢାଇବାରେ ପୁସ୍ତକମେଳା ଆୟୋଜନର ଯଥାର୍ଥତା ରହିଛି ବୋଲି ମତପ୍ରକାଶ କରିଥିଲେ । ବିଭିନ୍ନ ସ୍ଥାନରେ ପୁସ୍ତକମେଳା ଆୟୋଜନ କରାଯିବା ଫଳରେ ପାଠିକପାଠକଙ୍କ ନିକଟରେ ରୁଚି ଅନୁଯାୟୀ ପୁସ୍ତକ ଉପଲବ୍ଧ ହୋଇପାରୁଛି। ଆୟୋଜକ ଅନୁଷ୍ଠାନମାନଙ୍କର ଆନ୍ତରିକତା ଓ ନିଷ୍ଠାପରତା ଯୋଗୁ ଏହା ସମ୍ଭବ ହୋଇପାରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୁସ୍ତକମେଳା ଆୟୋଜକଙ୍କ ପକ୍ଷରୁ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଉପସ୍ଥିତିରେ ଗଣମାଧ୍ୟମ ଓ ଲୋକସମ୍ପର୍କ ଉପଦେଷ୍ଟା ମଙ୍ଗରାଜ ଓ ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡଃ ମହାନ୍ତିଙ୍କୁ 'ବାର୍ତ୍ତାବହ ସମ୍ମାନ-୨୦୧୯'ରେ ସମ୍ମାନିତ କରାଯାଇଥିଲା ।

# ମ୍ୟୁନିସିପାଲିଟି କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସୋର, ୧୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ପାଖର ପଞ୍ଚାୟତ ବଳରାମପୁର ଗ୍ରାମର ନିରଞ୍ଜନ ଶତପଥି (୫୫) ମଙ୍ଗଳବାର ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ମ୍ୟୁନିସିପାଲିଟିରେ ନଳକୂପ ମରାମତି ମିସ୍ତ୍ରି ଭାବେ କାମ କରୁଥିଲେ। ସେ ଚଳିତବର୍ଷ ୩ ଏକରରୁ ଊର୍ଦ୍ଧ୍ୱ ଜମିରେ ଧାନ ଚାଷ କରିଥିଲେ। ଗତ 'ବୁଲ୍‌ବୁଲ୍' ବାତ୍ୟାରେ ତାଙ୍କ ଧାନ ଚାଷ ନଷ୍ଟ ହୋଇଯାଇଥିଲା। ସେ ବିଭିନ୍ନ ବ୍ୟାଙ୍କ ଓ ଘରୋଇ ସଂସ୍ଥାରୁ ଋଣ କରିଥିବା ପଡୋଶୀଙ୍କ ସୂତ୍ରରୁ ଜଣାପଡ଼ିଛି। ଋଣଭାର ସହ୍ୟ କରି ନ ପାରି ନିରଞ୍ଜନ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ସୋର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ସୋର ଥାନାରେ ଏନେଇ ମାମଲା (ନଂ. ୯୪/୧୯) ରୁଜୁ ହୋଇଛି।










## କେସିଙ୍ଗା ରେଞ୍ଜ ଅଫିସରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

# କ୍ୱାର୍ଟର୍ସ ସହ ୩ ସ୍ଥାନରେ ଭିଜିଲାନ୍ସ ଚଢାଉ

■୭୮ ଲକ୍ଷ ୮୬ ହଜାର ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ/ କେସିଙ୍ଗା, (ଡି.ଏନ.ଏ.)୧୦।୧୨**

କଳାହାଣ୍ଡି ଜିଲା କେସିଙ୍ଗା ଫରେଷ୍ଟ ରେଞ୍ଜ୍‌ର ରେଞ୍ଜ ଅଫିସର ଦୀନବନ୍ଧୁ ମେହେରଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଛି। ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ମେହେରଙ୍କ ବିରୋଧରେ ସର୍ଚ୍ଚ ୱାରେଣ୍ଟ ଜାରି କରାଯାଇଥିଲା। ଏହି ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ମେହେରଙ୍କ ବଲାଙ୍ଗୀର ଟାଉନସ୍ଥିତ ଆବାସିକ ଘର, କେସିଙ୍ଗାସ୍ଥିତ ସରକାରୀ କ୍ୱାର୍ଟର୍ସ ଓ ରେଞ୍ଜ ଅଫିସରେ ତଲାସି କରାଯାଇଛି। ଏହି ସମୟରେ ମୋଟ ୭୮ ଲକ୍ଷ ୮୬ହଜାର ୭୧୦ ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏସବୁ ସମ୍ପତ୍ତି ରେଞ୍ଜର ମେହେର ଓ ତାଙ୍କ ପରିବାର ବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ବିଭାଗ ସୂଚନା ଦେଇଛି। ବଲାଙ୍ଗୀର ସହରରେ ଥିବା ତାଙ୍କର ଗୋଟିଏ ଦୁଇମହଲା କୋଠାର ମୂଲ୍ୟ ୨୭ଲକ୍ଷ ୫୦ ହଜାର ୩୫୪ ଟଙ୍କା ହୋଇଥିବାବେଳେ ୩ଟି ପ୍ଲଟର ମୂଲ୍ୟ ମୋଟ ୧୫ ଲକ୍ଷ ୮୨ହଜାର ୭୫୦ ଟଙ୍କା ହେବ ବୋଲି ଭିଜିଲାନ୍ସ ବିଭାଗ ଆକଳନ କରିଛି। ସେହିପରି ମେହେରଙ୍କର ୬ଲକ୍ଷ ୧୦ହଜାର ଟଙ୍କା ମୂଲ୍ୟର ଗୋଟିଏ ହୋଣ୍ଡା ଆଇ୧୦ କାର୍ ଏବଂ ୩ ଲକ୍ଷ ୭୭ ହଜାର ୩୦୦ ଟଙ୍କା ମୂଲ୍ୟର ୩ଟି ମୋଟରସାଇକେଲ ରହିଛି। ଏହାବାଦ୍ ତାଙ୍କର ୧୩ ଲକ୍ଷ ୧୩ହଜାର ୭୬୫ ଟଙ୍କାର ବ୍ୟାଙ୍କ ଜମା ଏବଂ ୩ ଲକ୍ଷ ୬୩ ହଜାର ୨୧୨ ଟଙ୍କା ମୂଲ୍ୟର ସୁନାଗହଣାକୁ ଭିଜିଲାନ୍ସ ଠାବ କରିଛି। ଘର ତଲାସି ବେଳେ ନଗଦ ୧ ଲକ୍ଷ ୧୭ ହଜାର ଟଙ୍କା ଓ ୬ ଲକ୍ଷ ୭୨ହଜାର ୩୨୯ ଟଙ୍କାର ଆସବାବପତ୍ର ଠାବ କରାଯାଇଛି।

# ମନେ ପଡ଼ନ୍ତି

**୧୩ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନିଧିସୂଦନ ବେହେରା
ପାରାଦୀପଗଡ଼, ପାରାଦୀପ
ଆବିର୍ଭାବ: ୧୪।୧୧।୧୯୫୭
ତିରୋଧାନ: ୧୧।୧୨।୨୦୦୬

ଆଜି ଆପଣଙ୍କର ୧୩ତମ ଶ୍ରାଦ୍ଧବାର୍ଷିକୀରେ ଆମ୍ଭେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଦିଗ୍‌ଦର୍ଶନ ଆମ୍ଭପାଇଁ ପ୍ରେରଣାର ଉତ୍ସ ହେଉ।

ଶୋକସନ୍ତପ୍ତ:
ପତ୍ନୀ: ରମାଦେବୀ ବେହେରା, ପରିବାର ଓ ଆତ୍ମୀୟସ୍ୱଜନ ।

ଧ-୧୫୬୫୪

**ଏକାଦଶାହ ଉପଲକ୍ଷେ**



ଗଜେନ୍ଦ୍ର ବେହେରା
ବରିମୁଣ୍ଡ, ଫୁଲନଖରା
ଆବିର୍ଭାବ : ୦୪.୦୬.୧୯୪୬
ତିରୋଧାନ : ୦୧.୧୨.୨୦୧୯

ତୁମର ପ୍ରେରଣା ତଥା ଧର୍ମବାଣୀ ଆମ୍ଭମାନଙ୍କ ସଂସାର ଜୀବନରେ ପାଥେୟ ହେବ । ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ଆମ୍ଭେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ଯେଉଁଠି ଥାଅ ଭଲରେ ଥାଅ ।

ତୁମର ପୁତ୍ର - ଶ୍ୟାମସୁନ୍ଦର ବେହେରା, ବୋହୂ-ସ୍ୱର୍ଣ୍ଣଲତା ବେହେରା, ଭଣଜା-ଗନ୍ଧର୍ବ ବେହେରା, ଝାରପଡ଼ା, ଜ୍ୱାଇଁ-କାଳନ୍ଦି ବେହେରା, ପାଣ୍ଡରା ଭ୍ରାତା-ସୁରେନ୍ଦ୍ର ବେହେରା,ପୁରୁଷୋତ୍ତମ ବେହେରା,ବରିମୁଣ୍ଡ ଏବଂ ବନ୍ଧୁ ଓ ଆତ୍ମୀୟସ୍ୱଜନ

ଧ-୧୫୬୫୦

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ**



ସ୍ୱର୍ଗତା ରାଜଶ୍ରୀ କର (ଇରିନା)
ଆବିର୍ଭାବ: ୧୭।୦୬।୧୯୬୮
ତିରୋଧାନ: ୦୩।୧୨।୨୦୧୭

ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। ତୁମର ସ୍ୱଳ୍ପ ସମୟର ଅଭୁଲା ସ୍ମୃତି, ତ୍ୟାଗ, ସ୍ନେହ, ଶ୍ରଦ୍ଧା, ନିଷ୍ଠାପରତା, ଦିଗ୍‌ଦର୍ଶନ ଓ ପରୋପକାରିତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ:
ବିଶ୍ୱଜିତ୍ କର (ମୁନା), ହତଭାଗ୍ୟ ସ୍ୱାମୀ: ବ୍ରିଜ୍‌ରାଜ୍ କର (ଜିତ୍), ସୁପୁତ୍ର, ପାର୍ବତୀପୁର, ଲୋକନାଥଘାଟ, ପୁରୀ

ଧ-୬୮୫୨୪

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତା ରାଜଲକ୍ଷ୍ମୀ ବେହେରା
ଆଙ୍କୋ, ରୂପସା, ବାଲେଶ୍ୱର
ଆବିର୍ଭାବ: ୩୧।୦୫।୧୯୪୭
ତିରୋଧାନ: ୦୧।୧୨।୨୦୧୯

ଆପଣଙ୍କ ଅମଳିନ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀ ଶ୍ରୀ ସତ୍ୟସାଇଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ତୁମ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିବ।

ଶୋକସନ୍ତପ୍ତ:
ସ୍ୱାମୀ: ଗଗନ ବିହାରୀ ବେହେରା, ପୁତ୍ର: ମନୋଜ ଓ ମାନସ, ପୁତ୍ରବଧୂ: ସୌଭାଗ୍ୟଲକ୍ଷ୍ମୀ ଓ ସତ୍ୟବତୀ, ନାତି: ଶୁଭମ୍, ନାତୁଣୀ: ରୀତୁ ଓ ଶୀତୁ, ପରିବାରବର୍ଗ ଏବଂ ବନ୍ଧୁବାନ୍ଧବ ।

ଧ-୧୫୬୫୩

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ସଲିଳ କୁମାର ମହାଜନ (ନାୟକ)
ଶ୍ରୀକ୍ଷେତ୍ର କଲୋନୀ EWS-10(SKC/15) ପୁରୀ-୨
ଆବିର୍ଭାବ: ୧୦।୧୦।୧୯୬୭
ତିରୋଧାନ: ୧୧।୧୨।୨୦୧୧ (ଶ୍ରୀକ୍ଷେତ୍ର)

ଚାହୁଁ ଚାହୁଁ ଆଠବର୍ଷ ବିତିଗଲାଣି। ତୋର ଅଭାବ ପ୍ରତି ମୁହୂର୍ତ୍ତରେ ଉପଲବ୍ଧ ହେଉଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ କମଳରେ, ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରିବାର ସହିତ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ବାପା: ଲକ୍ଷ୍ମୀଧର ନାୟକ ଓ ପରିବାରବର୍ଗ। ଦୁଇଭାଇ: ଜ୍ଞାନପ୍ରକାଶ (ଗୁଲୁ) ଓ ଜ୍ୟୋତିପ୍ରକାଶ (ଲୁଲୁ), ଦୁଇ ଭାଇବୋହୂ: ମୀନତି (ନିତୁ) ଓ ଶୋଭନା (ଶୋନୁ), ଦୁଇ ଭ୍ରାତୃସୁତ: ନିଶାନ୍ତ (ନିକୁ) ଓ ଏକଲବ୍ୟ (ଚିକୁ), ଭ୍ରାତୃସୁତା: ବିପ୍ରୋପ୍‌ଳା (ଚିନୁ)

ଧ-୧୫୬୫୧

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ଶ୍ରୀଯୁକ୍ତ ଲିଙ୍ଗରାଜ ସାହୁ
ଆବିର୍ଭାବ: ୧୬।୧୧।୧୯୫୪
ତିରୋଧାନ: ୦୧।୧୨।୨୦୧୯

ଆପଣଙ୍କ ଅକାଳ ବିୟୋଗ ଆମ ପାଇଁ ଗ୍ରହଣୀୟ ନ ହେଲେ ବି ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।

ଧ-୧୫୫୮୭

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

**ଖଇରା,୧୦।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବାଉଁଶଗଡିଆ ଗ୍ରାମର ତେଜସ୍ୱିନୀ ନାୟକ(୧୮) ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ଖଇରା ପୋଲିସ ସୋମବାର ଏକ ମାମଲା(ନଂ.୨୬୧/୧୯)ରୁଜୁ କରିଛି। ପୋଲିସ ମଙ୍ଗଳବାର ତେଜସ୍ୱିନୀଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରିଛି । ମା'ଙ୍କ ଅଭିଯୋଗ ଅନୁଯାୟୀ, ତେଜସ୍ୱିନୀ ପ୍ରେମ ବିବାହ କରିଥିଲେ। ୯ତାରିଖ ସକାଳେ ତାଙ୍କ ବଡ ଶ୍ୱଶୁର ତେଜସ୍ୱିନୀଙ୍କ ମୃତ୍ୟୁ ହୋଇଥିବା ଫୋନ ଯୋଗେ ଜଣାଇଥିଲେ । ଶାରିରୀକ ଓ ମାନସିକ ନିର୍ଯାତନା ସହି ନ ପାରି ଝିଅର ମୃତ୍ୟୁ ହୋଇଥିବା ସେ ଉଲ୍ଲେଖ କରିଛନ୍ତି ।

## ଆଜି କ'ଣ କେଉଁଠି

**ବୌଦ୍ଧ**

■ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦଯାପିତ, ଲାଲା ବାହାଦୁର ବିଦ୍ୟାପୀଠ, ତିଲେଶ୍ୱର, ଅପରାହ୍ନ ୨ଟା ।

■ବୌଦ୍ଧ ମଦନମୋହନ ନାଟ୍ୟ କଳା ପରିଷଦ ପକ୍ଷରୁ ଧନୁଯାତ୍ରା ଓ କଂସବଧ ନାଟ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟା, ଭୈରବୀ ପଡିଆ, ସନ୍ଧ୍ୟା ୭ଟା ।

**କର୍ଲାମୁଣ୍ଡା**

■ଲର୍ଣ୍ଣିଂ ଲାଇସେନ୍ସ ପ୍ରଦାନ ପାଇଁ ଶିବିର, ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**

■ଜିଲାସ୍ତରୀୟ କୃଷି ଉଦ୍ୟୋଗୀ ସମ୍ମିଳନୀ ଓ ସଚେତନତା କର୍ମଶାଳା, କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷ, ପୂର୍ବାହ୍ନ ସାଢେ ୧୦ଟା।

**ଦେବଗଡ଼**

-ଟ୍ରାଫିକ୍ ସଚେତନତା ଅଭିଯାନ, ସରକାରୀ ବାଳିକା ହାଇସ୍କୁଲ, ସେଣ୍ଟ୍ରାଲ ସ୍କୁଲ, ପୂର୍ବାହ୍ନ ୧୦ଟା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଡିସେମ୍ବର ୧୧/୨୦୧୯ Sambalpur,Wednesday, December 11 / 2019




## ୬ ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଗିରଫ

କୋମନା,୧୦।୧୨(ଡି.ଏନ.ଏ.)

ନୂଆପଡା ଜିଲା କୋମନା ବ୍ଲକ ଦଳଦଳି ବସ୍‌ଷ୍ଟାଣ୍ଡରୁ ମଙ୍ଗଳବାର ୬ ଦାଦନ ଶ୍ରମିକଙ୍କୁ ଲଖନା ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ଶ୍ରମିକ ସର୍ଦ୍ଦାର ଆତ୍ମାରାମ ତାଣ୍ଡିଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଲଖନା ପୋଲିସ ସହାୟତାରେ ସମସ୍ତ ଉଦ୍ଧାର ଶ୍ରମିକଙ୍କୁ ନିଜ ଗାଁରେ ଛାଡି ଦିଆଯାଇଛି। ସୂଚନା ଅନୁସାରେ, ଲଖନା ଥାନା ମୁରଲିବାହାଲ ଗ୍ରାମର ଶ୍ରମିକ ସର୍ଦ୍ଦାର ଆତ୍ମାରାମ କୋମନା ଅଞ୍ଚଳର ୬ ଜଣ ଶ୍ରମିକଙ୍କୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ୨୫ କି.ମି. ଦୂର ଦଳଦଳି ବସଷ୍ଟାଣ୍ଡକୁ ଆଣିଥିଲେ। ଲଖନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଦଳଦଳି ବସ୍‌ଷ୍ଟାଣ୍ଡରେ ଚଢ଼ାଉ କରିଥିଲା। ବସ୍‌ରେ ଚଢୁଥିବା ବେଳେ ୬ ଶ୍ରମିକଙ୍କୁ ଉଦ୍ଧାର କରିବା ସହ ଦଲାଲ ଆତ୍ମାରାମଙ୍କୁ ଗିରଫ କରିଥିଲା। ଏ ନେଇ ଲଖନା ପୋଲିସ ଏକ ମାମଲା (ନଂ.୭୩/୧୯) ରୁଜୁ କରି ଆତ୍ମାରାମଙ୍କୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ତପନ କୁମାର ଦାସ ସୂଚନା ଦେଇଛନ୍ତି ।




### ସୁଷମା ହତ୍ୟା ମାମଲାର ରାୟ ପ୍ରକାଶ

## ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

### ଅନ୍ୟ ୨ ଜଣ ନିର୍ଦ୍ଦୋଷରେ ଖଲାସ

ଭବାନୀପାଟଣା,୧୦।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ସିରୋଲ ଗ୍ରାମରେ ଏକ ହତ୍ୟା ଘଟଣାର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ଉକ୍ତ ମାମଲାର ବିଚାର କରି ଜିଲା ଜଜ୍ ପ୍ରଦୀପ କୁମାର ପଟ୍ଟନାୟକ ଅଭିଯୁକ୍ତ ତନୁରଞ୍ଜନ ନାଗଙ୍କୁ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଅନ୍ୟ ୨ ଜଣଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଛନ୍ତି।

ସୂଚନା ଅନୁସାରେ, ଗତ ତା୬।୧୧।୨୦୧୫ ରିଖ ରାତି ପ୍ରାୟ ୧୦ଟାରେ କେସିଙ୍ଗା ଥାନା ଅନ୍ତର୍ଗତ ସିରୋଲ ଗ୍ରାମରେ ତନୁରଞ୍ଜନ ନାଗ ତାଙ୍କ ଦ୍ୱିତୀୟ ପତ୍ନୀ ସୁଷମା ନାଗଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ ଏବଂ ଏହାକୁ ଆତ୍ମହତ୍ୟାର ରୂପ ଦେବା ପାଇଁ ତାଙ୍କ ବେକରେ ଓଢଣି ବାନ୍ଧି ଘର ପାଟିରେ ଓହଳାଇ ଦେଇଥିଲେ। ତନୁରଞ୍ଜନଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରିଥିଲେ ତାଙ୍କ ପ୍ରଥମ ସ୍ତ୍ରୀ ଲାଇବନ ନାଗ ଓ ଭାଇ କିରଣ ନାଗ। ଏ ନେଇ ସୁଷମାଙ୍କ ବାପା ସଂସାର ବାଗ ଗତ ତା୭।୧୧।୨୦୧୫ରିଖରେ କେସିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏ ନେଇ ଏକ ମାମଲା (ନଂ.୨୮୮/୧୫) ରୁଜୁ କରି ଅଭିଯୁକ୍ତ ତନୁରଞ୍ଜନ ନାଗ, ଲାଇବନ ନାଗ ଓ ତିରନ୍ ନାଗଙ୍କ ନାମରେ ଚାର୍ଜସିଟ ଦାଖଲ କରିଥିଲେ । ଅଦାଲତରେ ସାକ୍ଷ୍ୟ ସମାପ୍ତ ହେବା ପରେ ମଙ୍ଗଳବାର ଜିଲା ଜଜ୍ ଏହାର ଫଇସଲା ଶୁଣାଇଥିଲେ। ସେ ଲାଇବନ ଓ ତିରନ୍‌ଙ୍କୁ ଖଲାସ କରିଥିବା ବେଳେ ତନୁରଞ୍ଜନଙ୍କୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପ୍ରକାଶ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ ।

## ପୂର୍ବ ଶତ୍ରୁତାରୁ ମହିଳାଙ୍କୁ ହତ୍ୟା

କୋମନା,୧୦।୧୨(ଡି.ଏନ.ଏ.)

ନୂଆପଡା ଜିଲା କୋମନା ଥାନା ଝାଲକୁସୁମ ଗାଁରେ ପୂର୍ବ ଶତ୍ରୁତାକୁ ନେଇ ମଙ୍ଗଳବାର ଦିବାଲୋକରେ ଜଣେ ମହିଳାଙ୍କୁ ଗୋଡାଇ ଗୋଡାଇ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଛି। ମୃତା ମହିଳା ହେଲେ ଯମୁନା ମାଝି (୪୨)। କୋମନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋମନା ହସ୍ପିଟାଲକୁ ପଠାଇଛି । ଏ ନେଇ କୋମନା ଥାନାରେ ଦଫା ୩୦୨ ଓ ଆଟ୍ରୋସିଟି ଆକ୍ଟରେ ଏକ ହତ୍ୟା ମାମଲା (ନଂ.୩୨୬/୧୯) ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ଲଖୀଧର ସାହୁଙ୍କୁ ଅଧିକ ତଦନ୍ତ ପାଇଁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, କୋମନା ଥାନା ଝାଲକୁସୁମ ଗାଁର ଲଖୀଧର ସାହୁ ଓ ତ୍ରିଲୋଚନ ମାଝିଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା । ଏହାକୁ କେନ୍ଦ୍ର କରି ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଲଖୀଧର ତ୍ରିଲୋଚନଙ୍କ ଘର ନିକଟକୁ ଯାଇଥିଲେ । ସେଠାରେ ସେ ତ୍ରିଲୋଚନଙ୍କ ସ୍ତ୍ରୀ ଜମୁନାଙ୍କୁ ଦେଖି ଏକ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଫଳରେ ଘଟଣାସ୍ଥଳରେ ଯମୁନାଙ୍କ ମୃତ୍ୟୁ ଘଟିଥିଲା। ପରେ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ।

### ସପ୍ତମ ଫ୍ରେଣ୍ଡସ ପ୍ରିମିୟର ଲିଗ୍‌ର ତୃତୀୟ ଦିବସ

## ଥୁଆପଦର, ଚାମ୍ପସ୍ ଏକାଦଶ ବିଜୟୀ

ଭବାନୀପାଟଣା,୧୦।୧୨(ଡି.ଏନ.ଏ.)

ଭବାନୀପାଟଣା ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପଡିଆରେ ସ୍ୱାମୀ ବିବେକାନନ୍ଦ ଫ୍ରେଣ୍ଡସ ଆସୋସିଏଶନ ପକ୍ଷରୁ ଚାଲିଥିବା ସପ୍ତମ ପ୍ରିମିୟର ଲିଗ ମଙ୍ଗଳବାର ତୃତୀୟ ଦିବସରେ ୨ଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ ସୋନୁ ଏକାଦଶ ଓ ଥୁଆପଦର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ ଚାମ୍ପସ୍ ଏକାଦଶ ଓ ସ୍ୱିନଜର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍ ସୋନୁ ଏକାଦଶ ଟସ୍ ଜିଣି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ୍ ବିନିମୟରେ ୧୪୩ ରନ୍ କରିଥିଲା। ଏହାକୁ ପିଛା କରି ଥୁଆପଦର ଦଳ ମାତ୍ର ୧୧ ଓଭରରେ ୩ ଉଇକେଟ୍ ବିନିମୟରେ ୧୪୬ ରନ୍ କରି ୭ ଉଇକେଟ୍‌ରେ ବିଜୟୀ ହୋଇଥିଲା। ଖେଳରେ ଅମ୍ପାୟାର ଭାବେ ରମେଶ ସାହୁ ଓ ବୁଲୁ ସିଂ, ସ୍କୋରର୍ ଭାବେ ଅଭିନାଶ ଦୁର୍ଗା ଥିବା ବେଳେ ଆଶିଷ ଧାରା ବିବରଣୀ ପ୍ରଦାନ କରିଥିଲେ। ପ୍ରଥମ ଖେଳରେ ଅତିଥି ଭାବେ ହିମାଂଶୁ ପ୍ରଧାନ ଓ ସୁବଲ ପଟ୍ଟନାୟକ ଯୋଗଦେଇଥିଲେ। ଦ୍ୱିତୀୟ ମ୍ୟାଚ୍ ଚାମ୍ପସ୍ ଭବାନୀପାଟଣା ବନାମ୍ ସ୍ୱିନଜର୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚାମ୍ପର୍ସ ଏକାଦଶ ଟସ୍ ଜିଣି ପ୍ରଥମେ ବୋଲିଙ୍ଗ କରିବାକୁ ନିଷ୍ପତ୍ତି ନେଇଥିଲା। ସ୍ୱିନଜର ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ୍ ବିନିମୟରେ ୧୪୬ ରନ୍ କରିଥିଲେ। ଏହାର ଜବାବରେ ଚାମ୍ପସ ଏକାଦଶ ଏହାର ପିଛା କରି ୧୨.୫ ଓଭରରେ ୭ ଉଇକେଟ୍ ବିନିମୟରେ ୧୪୮ ରନ୍ କରି ୩ ଉଇକେଟ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଅମ୍ପାୟାର ଭାବେ ବୁଲୁ ସିଂ ଓ ତେଜେଶ୍ୱର ଆଚାରୀ ଖେଳ ପରିଚାଳନା କରିଥିଲା ବେଳେ ସ୍କୋର ବିକ୍ରମ କିଶୋର ସାହୁ, ସିପୁନ୍ ପ୍ରଧାନ ଓ ଆଶିଷ ଧାରା ବିବରଣୀ କରିଥିଲେ। ଖେଳରେ ଗୋପାଳ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବରେ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଖେଳରେ ଅତିଥି ଭାବେ କଳାହାଣ୍ଡି ପୋଲିସ ଆସୋସିଏଶନ୍ ସଭାପତି ଚିତ୍ତ ଦାସ ଓ କଳାହାଣ୍ଡି ପୋଲିସ ଆସୋସିଏଶନ୍ ସମ୍ପାଦକ ବିନୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ

## ସଂକ୍ଷେପରେ

### ମାଲପଡା ନାଗରିକ କମିଟି ବୈଠକ

**ବଲାଙ୍ଗୀର ଅଫିସ,୧୦।୧୨:** ବଲାଙ୍ଗୀର ସହର ମାଲପଡା ନାଗରିକ କମିଟିର ମାସିକ ବୈଠକ ସ୍ଥାନୀୟ ରାମସ୍ୱାମୀ ମନ୍ଦିର ପରିସରରେ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ସଭା ପ୍ରାରମ୍ଭରେ ପଡାର ବିଭିନ୍ନ ଦିବଙ୍ଗତ୍ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ପଡାର ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବିଶେଷତଃ ପଡାର ନାଳ, ନର୍ଦ୍ଦମା ଓ ରାସ୍ତା ସଫେଇକୁ ନେଇ ପୌରପାଳିକା ଚରମ ଅବହେଳା ପ୍ରଦର୍ଶନ କରୁଥିବାରୁ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସଭ୍ୟମାନେ ସଂଘର ବାର୍ଷିକ ସଭ୍ୟ ଚାନ୍ଦା ନିୟମିତ ଭାବରେ ପ୍ରଦାନ କରିବା ଉପରେ ପ୍ରସ୍ତାବ ଗୃହୀତ ହୋଇଥିଲା । ସଂଘ ନିର୍ବାଚନ ମଧ୍ୟ ଆସନ୍ତା ମାସରେ ହେବ ବୋଲି ସ୍ଥିର କରାଯାଇଥିଲା । ଗତ ଅଗଷ୍ଟ ମାସରେ ସଂଘଟିତ ପ୍ରଳୟଙ୍କରୀ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଏ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ନ ଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ । ଏହା ସହିତ ବନ୍ୟା ଦ୍ୱାରା ଧୋଇ ହୋଇଯାଇଥିବା ରାସ୍ତାଗୁଡିକ ଶୀଘ୍ର ମରାମତି କରିବା ପାଇଁ ଜିଲାପାଳଙ୍କୁ ଏକ ପତ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସମ୍ପାଦକ ପଞ୍ଚାନନ ସେଠ, ସଭ୍ୟ ଭବାନୀ ଶଙ୍କର ଶତପଥୀ, ପ୍ରଧାପକ ତରୁଣ କୁମାର ମିଶ୍ର, ଆକୁଳ ବେହେରା, ଦିବାକର ହୋତା, ନିମାଇଁ ଚରଣ ଦାଶ, ପଣ୍ଡିତ ନାରାୟଣ ମିଶ୍ର, ବାସୁଦେବ ନାଗ, ବିନାୟକ ନନ୍ଦ, ଦୟାସାଗର ବଗର୍ତ୍ତି ଓ ଦେବଜ୍ୟୋତି ଯୋଷୀ ଭାଗ ନେଇଥିଲେ।

### ମନ ମୋହିଲେ ଗ୍ରାମ୍ୟ କଳାକାର

**ବଲାଙ୍ଗୀର ଅଫିସ,୧୦।୧୨**

ବଲାଙ୍ଗୀର ସଦର ବ୍ଲକ ପରିସରରେ ବ୍ଲକ୍‌ସ୍ତରୀୟ ଲୋକଉତ୍ସବ ଅନୁଷ୍ଠିତ ହୋଇଛି । ବ୍ଲକ କଳା ସଂସ୍କୃତି ସଂଘ ସଭାପତି ତଥା ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ବିଡିଓ ବାସୁଦେବ ମହାପାତ୍ର, ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ଭୋଇ, ଶ୍ରୀଧର ବାରିକ, ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ, ନିମନ୍ତ୍ରିତ କଳାକାର ଗୋପାଳ ପଧାନ, ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ । ଏହି ଉତ୍ସବରେ ଲୋକଗୀତ, ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ନାଟକ ଆଦି ବିଭାଗରେ ୫୬ଟି ଦଳ ଓ କଳାକାର ଅଂଶଗ୍ରହଣ କରିଥିଲେ । ଟିକଲବାହାଲ ଗ୍ରାମର ଶତ୍ରୁଘ୍ନ ବେହେରା ଓ ସାଥୀଙ୍କ ରାମଲୀଳା ନାଟକଙ୍କ ରାମଲୀଳା ନାଟକ, ପ୍ରତାପରୁଦ୍ରପୁରର ସାନନ୍ଦ ଶିକାଙ୍କ ଦଣ୍ଡନୃତ୍ୟ, କିଶୋର ନିତାଇ ଦଳଙ୍କ ମହିଳା କୀର୍ତ୍ତନ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ଦର୍ଶକମାନେ ସମସ୍ତ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ବିଚାରପତି ଭାବେ ପରମାନନ୍ଦ ମାଝି, ଧ୍ରୁବ ଠାକୁର ଓ ଗୋଲାପ ବାଗ ଦାୟିତ୍ୱ ତୁଲାଇଥିଲେ । ଉତ୍ସବକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦତ୍ତ ଭୋଇ, ଜିପିଓ ସାରଥି ସାହୁ, ବିଏସ୍‌ଏସ୍‌ଓ ମଦନ ହୋତା ସଂଯୋଜନା କରିଥିଲେ । ଏହି ଅବସରରେ ସମସ୍ତ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରୁ ବଛା ବଛା ଦଳ ଓ କଳାକାର ଉପଖଣ୍ଡସ୍ତରୀୟ ତଥା ଜିଲାସ୍ତରୀୟ ଲୋକଉତ୍ସବ ନିମନ୍ତେ ମନୋନୀତ ହୋଇଥିଲେ ।

### ଗୀତା ମହାଯଜ୍ଞ

**ଟିକ୍ରାପଡା,୧୦।୧୨(ଡି.ଏନ.ଏ.)**

ସଇଁତଳା ବ୍ଲକ କରମତଲା ଗିରିଗୋବର୍ଦ୍ଧନ ମଠରେ ଗୀତା ମହାଯଜ୍ଞ ମଙ୍ଗଳବାର ସମ୍ପନ୍ନ ହୋଇଛି। ମନୋହର ବାଗ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଡ. ରବିନ୍ଦ୍ର କୁମାର କର ପ୍ରବଚନ ପ୍ରଦାନ କରିଥିଲେ । ଲକ୍ଷ୍ମୀ ନାରାୟଣ ମହିଳା ସଂକୀର୍ତ୍ତନ ମଣ୍ଡଳୀ କଳାକାରମାନେ ଭଜନ ପରିବେଷଣ କରିଥିଲେ । ସନ୍ଥ ସଦାନନ୍ଦ ଦାଶ, ପାଣ୍ଡବ ମିର୍ଦ୍ଧା, ତାରାଚନ୍ଦ ପୂଝାରିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଅବହେଳିତ ଗାଁ ବାହାବଲ

# ସରକାରୀ ଯୋଜନା ବାଟବଣା

**କଣ୍ଟାବାଞ୍ଜି, ୧୦।୧୨(ଡି.ଏନ.ଏ.)**



- କାମ୍‌ଧନ୍ଦା ଅଭାବୁ ଦାଦନ ଯାଉଛନ୍ ଗାଁବାସୀ
- ରାଶନ କାର୍ଡ ଯୋଜନାରେ ଗୁଁଦ୍‌ଲାଗୁପା
- ପକାଘର ପାଏବାରୁ ବଁଚିତ୍ ଅନେକ ହିତାଧିକାରୀ
- କାୟକ୍ଷମ ନାଇଁ ହେବାର ସ୍ୱାସ୍ଥ୍ୟ ଉପକେନ୍ଦ୍ର
- ଅଧାପନ୍ତରିଆ ପଡ଼ିଛେ ଜଳଯୋଗାଣ ପ୍ରକଳ୍ପ

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଢୋଲମାନ୍ଦଲ ପଁଚେତ୍ ଅଧୀନ ମାଓବାଦୀ ପରଭାବିତ ଗାଁ ବାହାବଲ। ଇ ଗାଁରେ ବାସ କରୁଛନ୍ ୨୮୫ ଆଦିବାସୀ ଆର ହରିଜନ ପରିବାର। ୨ ୱାର୍ଡ ଥିବାର ଇ ଗାଁରେ ସରକାରକଁର ଅନେକ ବିକାଶ ମୂଳକ କାଯ୍ ଆର ଦାରିଦ୍ର୍ୟଦୂରୀକରଣ ଯୋଜନା ବାଟବନା ହେଇଛେ। ଗାଁର ବଡ଼ଭାଗି ଲୋକ ଖଟିଖିଆ ହେଇଥିଲାବେଲେ କାମ୍‌ଧନ୍ଦା ଅଭାବୁ ଦାଦନ ଖଟିଯାଉଛନ୍। ଗାଁରେ ବଡ଼ଭାଗି ଲୁକ୍‌କୁ ରାଶନ କାର୍ଡ ମିଲିଛେ ସତ୍। ହେଲେ ପରିବାରର ମୁଖିଆକେ ଛାଡ଼ିଦେଲେ କାର୍ଡରେ ବାକି କାହାରି ନାଁ ନାଁଇନ। ଗାଁରେ ଏଭେ ବି ଅନେକ ଗରିବ୍ ପରିବାର ସରକାରୀ ଯୋଜନାରେ ଘର ପାଏବାରୁ ବଁଚିତ୍ ହେଇ ରହିଛନ୍। ଜଗତ ଭୋଇ, ଯଶୋଦା ବନଗୁଲା, ପ୍ରେମ ବନଗୁଲା, ବାସୁ ଭୋଇ, ଜଗସନ ବନଗୁଲା, ନୀର ବନଗୁଲା, ଅର୍ଜୁନ ବନଗୁଲା, ଧରମ ବନଗୁଲା, ସୁବାସିନୀ ବନଗୁଲା, ସୁବନାଥ ନାଗ, ଉପାସି ବନଗୁଲାକଁର ମାଏଟ୍ ଘରମାନ ଭାଂଗି ଯାଇଥିଲେ ବି ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇମାନେ ସଭେ ପକାଘର ଲାଗି ବାରବାର ଆବେଦନ କରି ନିରାଶ ହେଇଛନ୍। ସେନ୍‌ତା ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି ଗାଁରେ ଗୁଟେ ଜଳଯୋଗାଣ ପ୍ରକଳ୍ପ କାମ୍ ମୂଳ ହେଇଛେ। ହେଲେ ସେଟା ଅଧାପନ୍ତରିଆ ଅବସ୍ତାରେ ପଡ଼ିରହିଛେ। ଏନ୍‌ତାଥି ଗାଁବାସୀ ଗାଁରେ ଥିବାର ୨ଟା ନଲ୍‌ଚୁଆଁରୁ ପାଏନ୍ ନେଇ କାମ୍ ଚଲଉଛନ୍। ଆଏଜ୍‌କେ ୩ ବଛର ତଲେ ବାହାବଲ ଗାଁରେ ଗୁଟେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୁଲିଥିଲା। ହେଲେ ସେଟା ଆଏଜ୍‌ତକ କାୟକ୍ଷମ ନାଇଁ ହେଇପାରି। ଇଠାନେ ଚାକରି କରୁଥିବାର ଏଏନ୍‌ଏମ୍ ଆର ଉନିଆ କରମ୍‌ଚାରୀ ଦିନେ ବି ଗାଁକେ ନାଇଁ ଆଏବାର। ଏନ୍‌ତାଥି ଖାସ୍, ଛିଁକ୍‌ରେ ବି ଗାଁବାସୀ ୧୫ କି.ମି. ଦୂରିଆ ତୁରେକେଲା ଡାକ୍‌ତରଖାନାକେ ଚିକିତ୍ସା ଲାଗି ଯାଉଛନ୍।

#### ଇମାନେ ଯାହା କହିଛନ୍......

ପଁଚେତ୍ ତରଫୁ ହକ୍‌ଦାର ଶ୍ରମିକମାନକୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ୍ ନାଇଁ ଦିଆଯିବାର। ଏନ୍‌ତା କି ବ୍ଲକ ଆର ପଁଚେତ୍ କର୍ତ୍ତୁରପକ୍ଷ ଦାରିଦ୍ର୍ୟଦୂରୀକରଣ ଯୋଜନାରେ ଗରିବ୍‌ଦୁଖିକୁ ସାମିଲ କରବାର ଚେଷ୍ଟା ନାଇଁ କରବାର। ଯେନ୍‌ଥିରଲାଗି ଆମେ ପେଟ୍‌ପାଟନାର ଲାଗି ଦାଦନ ଖଟିଯାଉଛୁଁ।
-ଖିରମତି ବନଗୋଲା, ଗାଁବାସୀ

ଆଏଜ୍‌ତକ ସମକୁ ରାଶନ କାର୍ଡ ନାଇଁମିଲି। ପରିବାରରେ ୫ ଝନ୍ ଥିଲେ ବି କାର୍ଡ ଝନ୍‌କର ନାଁ ରହିଛେ। ଏନ୍‌ତାଥି ପରିବାରର ଝନ୍‌କୁ ନ ୫ କେ.ଜି. ଚାଉଲ ମିଲୁଛେ। ଇଆଡ଼େ ପଁଚେତ୍‌ରୁ କାମ୍ ନାଇଁ ମିଲବାର। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ୍ ଶ୍ରମିକ ଜାଗାରେ ମେଶିନ କରୁଛେ।
-ଚନ୍ଦ୍ର ବୁଡ଼େକ, ଗାଁବାସୀ

ବଛରେରୁ ଅଧିକା ହେଲା ଆମର ଘର ଭାଂଗି ଯାଇଛେ। ପଁଚେତ୍‌ରେ ଗୁହାରି କରି ଥକି ଗଲୁଁନ। ପଲ୍ଲୀସଭା, ଗ୍ରାମସଭାରେ ଆମର ନାଁ ଲେଖିବାକେ କୁହାଯାଇଛେ। ହେଲେ ଘର ଖଁଡ଼େ ନାଇଁ ମିଲିପାରୁଛେ। ଏନ୍‌ତା ଗାଁରେ ବହୁତ୍ ଲୁକ୍‌କର ଘର ଭାଂଗିଛେ, ହେଲେ କେହି ଘର ନାଇଁ ପାଏବାର। - ନୀର ବନଗୁଲା,ଗାଁବାସୀ

୨୦୧୧ ଜନଗଣନା ତାଲିକାରୁ ହିତାଧିକାରୀ ବଛା ଯାଉଛେ। ପଁଚେତ୍‌କେ କୁଟା ହିସାବେ ବଛରକ ୨ଟା ଘର ଆସୁଛେ। ସେଥିରଲାଗି ବହୁତ୍ ଲୋକ୍ ଘର ନାଇଁ ପାଇପାରବାର। ରାଶନ କାର୍ଡ ଉପରେ ଅନେକ ଥର ପଁଚେତ୍ ସମିତି ମିଟିଂରେ ଅଭିଯୋଗ କରିଛେଁ। ଇ ବାବ୍‌ଦେ ବ୍ଲକ ଆର ଜିଲା ପରଶାସନକେ ଲେଖିଛେଁ।
-ବିଶ୍ୱାମିତ୍ର ଛତ୍ରିଆ, ସରପଁଚ୍

# ଟୋକନ ବ୍ୟବସ୍ଥାରେ ଅସୁବିଧା ଭୋଗୁଛନ୍ତି ଚାଷୀ: କଂଗ୍ରେସ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ):**

ରାଜ୍ୟ ସରକାର ଚଳିତବର୍ଷ ଧାନ ବିକ୍ରି ପାଇଁ ଟୋକନ୍ ବ୍ୟବସ୍ଥା କରିଥିବାରୁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଥର ଧାନ କ୍ରୟ ବ୍ୟବସ୍ଥାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଏକ ତଥ୍ୟ ଅନୁଧ୍ୟାନକାରୀ କମିଟି ଗଠନ ହୋଇଥିଲା। ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ଆବାହକତ୍ୱରେ ଗଠିତ ଏହି ୫ଜଣିଆ ଟିମ୍ ଇତିମଧ୍ୟରେ ସୁବର୍ଣ୍ଣପୁର, ବଲାଙ୍ଗୀର ଓ ବରଗଡ଼ ଜିଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ମଣ୍ଡି ପରିଦର୍ଶନ ସମୟରେ ଏହି ଟିମ୍ ଚାଷୀଙ୍କଠାରୁ ଟୋକନ୍ ପ୍ରକ୍ରିୟାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଛନ୍ତି। ସରକାର ଚାଷୀଙ୍କଠାରୁ ସବୁ ବଳକା ଧାନ କିଣିବାକୁ ଡିଣ୍ଡିମ ପିଟୁଥିବା ବେଳେ ଜିଲାପାଳ କେଉଁ ଅଞ୍ଚଳରୁ କେତେ ଧାନ କିଣାଯିବ ନିଷ୍ପତ୍ତି କରିବା ସହ ଜଳସେଚିତ ଅଞ୍ଚଳରୁ ୧୯ କ୍ୱିଣ୍ଟାଲ ଓ ଅଣଜଳସେଚିତ ଅଞ୍ଚଳରୁ ୧୩ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ଏଥିରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଚାଷୀ ଏବେ କେତେ ଧାନ ବିକିବେ ଜାଣିବା କାଠିକର ପାଠ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଧାନମଣ୍ଡିର ଭିତ୍ତିଭୂମି ନ ଥିବା, ଜଙ୍ଗଲ ଅଞ୍ଚଳକୁ ଫୋନ୍ ମେସେଜ୍ ନ ପହଞ୍ଚିବା ଏବଂ ବହୁ ସମୟରେ ଇଣ୍ଟରନେଟ୍ ଧିମା ଥିବା କାରଣରୁ ଚାଷୀଙ୍କ ଧାନ ବିକ୍ରି କରାଯାଇ ପାରୁନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି। କଂଗ୍ରେସ ପକ୍ଷରୁ ଆହୁରି କୁହାଯାଇଛି ଯେ, ଧାନ କ୍ରୟ ସୀମା ଏହି ଅଞ୍ଚଳ ପାଇଁ ନଭେମ୍ବର ୧୫ରୁ ଫେବୃୟାରୀ ୧୫ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବେଳେ ହୀରାକୁଦ କେନାଲ ଜଳସେଚିତ ଅଞ୍ଚଳରୁ ଉତ୍ପାଦିତ ଧାନ ଯଦି ଜାନୁୟାରୀ ସୁଦ୍ଧା କିଣା ନ ଯାଏ, ତେବେ ଚାଷୀ ରବି ଧାନ ବିକିବା ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଏବେ ସୁଦ୍ଧା ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ି ରହିଥିବା ବେଳେ ଚାଷୀ ଅନ୍‌ଲାଇନ ସିଷ୍ଟମର ବିଳମ୍ବତା ଦୃଷ୍ଟିରୁ ବାଧ୍ୟ ହୋଇ ମଣ୍ଡିରେ ଦୀର୍ଘ ସମୟ ଧରି ବସି ରହୁଛନ୍ତି। ଅନ୍‌ଲାଇନ୍ ଟୋକନ୍ ପାଇବାକୁ ହେଲେ ପ୍ରଥମେ ସୋସାଇଟି ସମ୍ପାଦକଙ୍କୁ ଜଣାଇବାକୁ ପଡୁଛି। ସମ୍ପାଦକ ଭୁବନେଶ୍ୱର କର୍ତ୍ତୃପକ୍ଷଙ୍କୁ ଜଣାଇଲା ପରେ ଟୋକନ୍ ଆସୁଛି। ଫଳରେ ଏହି ବ୍ୟବସ୍ଥାରେ ମଧ୍ୟ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଛି। ଉକ୍ତ ସମସ୍ୟାର ସମାଧାନ ସରକାର ତୁରନ୍ତ କରିବା ପାଇଁ କଂଗ୍ରେସ ଦାବି କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ ବୋଲେ ରାଉ ରାଉ;**
**କଥାଏ ଦି' କଥା କହି ଥାଆନ୍ତି,**
**ବଣା କଲା ଭାଇ ବୋହୂ ।**

ସମୟ ସୁବିଧା ଦେଖି ମଣିଷ ନିଜ ମନର କଥା ଅନ୍ୟ ସହ ବାଣ୍ଟିଥାଏ। ତେବେ ପାଖରେ ଯଦି କେହି ନିଜ ଲୋକ ରହିଥାଏ ତା'ହେଲେ ଗୋପନ କଥା ଗୋପନରେ ରହିଯାଇଥାଏ। କାଳେ କିଛି ଜଣା ପଡ଼ିଯିବ ସେ ନେଇ ମନରେ ଭୟ ସୃଷ୍ଟି ହୋଇଥାଏ। ନିଜର ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ନେଇ ଆତ୍ମୀୟ ପ୍ରତିବନ୍ଧକ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କବି ତୁଣ୍ଡ,**
**ମେଣ୍ଢା ମୁଣ୍ଡ ।**

ମେଣ୍ଢା ମୁଣ୍ଡ ଭାରି ଟାଣ। ସେ ତାଳ ପକେଇ ଲଢ଼େଇ କଲାବେଳେ ଠୋ ଠୋ ଶବ୍ଦ ଶୁଭେ। ମେଣ୍ଢା ମୁଣ୍ଡ ଟାଣ ହେଲା ଭଳି କବିଙ୍କର ଲେଖା ମଧ୍ୟ ଟାଣ। ତାଙ୍କ ଲେଖା ଭାରି ଅର୍ଥପୂର୍ଣ୍ଣ, ଟାଣୁଆ ଭାଷା। ସର୍ବୋପରି କବିଙ୍କ ଲେଖା ଗଭୀର ଅର୍ଥ ବିଶିଷ୍ଟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଜବାବ ଦାଖଲ କଲେ ସରକାର

**କଟକ ଅଫିସ,୧୦।୧୨**

**ହାଇକୋର୍ଟରେ ପଶ୍ଚିମ ଓଡ଼ିଶା ବନ୍ଦ ମାମଲା**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ସେଠାରେ ଓକିଲମାନେ ଆନ୍ଦୋଳନ ଚଳାଇଛନ୍ତି। ଏଥିଯୋଗୁ ସେଠାକାର ବିଭିନ୍ନ କାର୍ଯ୍ୟାଳୟ ବନ୍ଦ ରହୁଛି। ଏହି ପରିସ୍ଥିତି ସମ୍ପର୍କରେ ହାଇକୋର୍ଟ ପୂର୍ବରୁ ସରକାରଙ୍କୁ ରିପୋର୍ଟ ମାଗିଥିଲେ। ଜବାବରେ ପରିସ୍ଥିତି ଠିକଠାକ୍ ଥିବା ସରକାର ଦର୍ଶାଇ ଥିଲେ। ମାତ୍ର ଆୟକର ବିଭାଗ ସରକାରଙ୍କ ଗୁମର ଖୋଲି ଦେଇଥିଲା। ଆନ୍ଦୋଳନ ଯୋଗୁ ସେଠାରେ ଆୟକର କାର୍ଯ୍ୟାଳୟର କାମ ବାଧାପ୍ରାପ୍ତ ହେଉଥିବା ବିଭାଗ କୋର୍ଟଙ୍କୁ ଅବଗତ କରାଇଥିଲା। ବିଭାଗର ଏଭଳି ସତ୍ୟପାଠ ପରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପ୍ରକୃତ ସ୍ଥିତି ସମ୍ପର୍କରେ ଜଣାଇବାକୁ ପୂର୍ବ ଶୁଣାଣିରେ ଆଦେଶ ଦେଇଥିଲେ। ଏହି ଅନୁଯାୟୀ ମଙ୍ଗଳବାର ରାଜ୍ୟ ସରକାର ସତ୍ୟପାଠ ଦାଖଲ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ଅଶୋକ ପରିଜା କୋର୍ଟଙ୍କୁ ଦର୍ଶାଇଥିଲେ ଯେ, ପଶ୍ଚିମ ଓଡ଼ିଶା ଓକିଲଙ୍କ ଆନ୍ଦୋଳନକୁ ନେଇ ସୁପ୍ରିମ୍‌କୋର୍ଟରେ ଏକ ମାମଲା ଚାଲିଛି। ଗତ ୬ତାରିଖରେ ଏହାର ଶୁଣାଣି କରି କୋର୍ଟ କେତେକ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଦୋଳନକାରୀ ଓକିଲଙ୍କ ବିରୋଧରେ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସଂକ୍ରାନ୍ତରେ ରାଜ୍ୟ ଆଇନଜୀବୀ ପରିଷଦଠାରୁ ଜବାବ ମାଗିଛନ୍ତି। ଆସନ୍ତା ଜାନୁୟାରୀ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ଏହାପରେ ହାଇକୋର୍ଟ ଆସନ୍ତା ଜାନୁୟାରୀ ଶେଷ ସପ୍ତାହକୁ ଆନ୍ଦୋଳନ ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏବଂ ବିଚାରପତି ଜଷ୍ଟିସ୍ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି କରାଯାଉଛି। ସୂଚନାଥାଉ କି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଦୀର୍ଘଦିନ ହେଲା ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟାଳୟଗୁଡ଼ିକ ଅଚଳ ହୋଇ ପଡ଼ିଥିବା ନେଇ ଆଡଭୋକେଟ ଶିବଶଙ୍କର ମହାନ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE
KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS
ASTROLOGY

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ
ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବର୍ତ୍ତମାନ ଜୀବନକୁ ଉପଭୋଗ କର, ଆଗରେ କ'ଣ ହେବ ସେ ବିଷୟରେ ବେଶି ଭାବନା।
- ଲେନିନ୍



## ସଂକ୍ଷେପରେ

### ୧୨ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ

ଟିଟିଲାଗଡ଼, ୧୦।୧୨(ଡି.ଏନ.ଏ.): ବଲାଙ୍ଗୀର ଜିଲା ଟିଟିଲାଗଡ ଅବକାରୀ ବିଭାଗ ଭାଟିପଡା ଜଙ୍ଗଲରେ ଚାଲିଥିବା ଏକ ବେଆଇନ ମଦଭାଟି ଉପରେ ସୋମବାର ସନ୍ଧ୍ୟାରେ ଚଢାଉ କରିଥିଲା। ଚଢାଉ ପରେ ୧୨କୁଇଣ୍ଟାଲ ମହୁଲପୋଚ ନଷ୍ଟ ହୋଇଛି। ତେବେ ମଦ ରନ୍ଧାରେ ସମ୍ପୃକ୍ତ ବ୍ୟକ୍ତିମାନେ ଘଟଣାସ୍ଥଳରୁ ଖସି ପଳାଇ ଯାଇଛନ୍ତି। ଟିଟିଲାଗଡ ଅବକାରୀ ଓଆଇସି ଗୋବର୍ଦ୍ଧନ ରଣା, ଏଏସଆଇ ବୁଦ୍ଧଦେବ ପୁଟେଲ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ ।

### ଡାକ୍ତର ନିଯୁକ୍ତି ଦାବିରେ ଧାରଣା

ଲୋଇସିଂହା,୧୦।୧୨(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ମେଡିକାଲ ଅଫିସର ନାହାନ୍ତି। ଡାକ୍ତର ପଦବୀ ମଧ ଖାଲି ପଡିଛି। ଏ ନେଇ ବିଭିନ୍ନ ସମୟରେ ଦାବି କରାଯାଇ ଆସୁଥିଲେ ମଧ ସମସ୍ୟାର ସମାଧାନ ହେଉନାହିଁ। ଏହିସବୁ ଦାବି ନେଇ ନେଇ ସ୍ଥାନୀୟ ସାମ୍ବାଦିକ ସଂଘ ପକ୍ଷରୁ ଡାକ୍ତରଖାନା ଆଗରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଅପରାହ୍ନରେ ଧାରଣାସ୍ଥଳକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୈତାରୀ ସାହୁ ଆସି ଆନ୍ଦୋଳନକାରୀଙ୍କ ଆଲୋଚନା କରିଥିଲେ । ଜିଲାପାଳଙ୍କ ପ୍ରତିଶ୍ରୁତି ମୁତାବକ ସପ୍ତାହକ ମଧ୍ୟରେ ଜଣେ ଚୁକ୍ତିଭିତ୍ତିକ ଡାକ୍ତର ଓ ୧୫ଦିନ ମଧରେ ଜଣେ ସିନିୟର ମେଡିକାଲ ଅଫିସର ନିଯୁକ୍ତି ଦେବାକୁ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ କଥା ଦେଇଥିବା ଲିଖିତ ପ୍ରତିଶ୍ରୁତି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସାହୁ ଦେଇଥିଲେ । ପ୍ରତିଶ୍ରୁତି କାର୍ଯ୍ୟକ୍ଷମ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ସନ୍ଧ୍ୟା ସାଢେ ୫ଟାରେ ଧାରଣାକୁ ସାମୟିକଭାବେ ସ୍ଥଗିତ ରଖାଯାଇଥିବା ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା। ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲାର ଏକ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର। ଏଠାରେ ଲୋଇସିଂହା,ଆଗଲପୁର ଓ ପଡୋଶୀ ସୁବର୍ଣ୍ଣପୁର ଜିଲା ତରଭା ଓ ବରଗଡ ଜିଲା ଗାଇସିଲାଟ ବ୍ଲକର ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ନିର୍ଭର କରନ୍ତି। ହେଲେ ଡାକ୍ତର ଅଭାବ ଯୋଗୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇ ପଡିଛି । ଶିଶୁ ବିଶେଷଜ୍ଞଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସ୍ଥାୟୀ ମେଡିକାଲ ଅଫିସର, ସ୍ଥାୟୀ ଡାକ୍ତର ନିଯୁକ୍ତି, ଉନ୍ନତମାନର ଆମ୍ବୁଲାନ୍ସ ସେବା ଓ ଷ୍ଟାଫ କ୍ୱାର୍ଟର୍ସରେ ଡାକ୍ତର ରହଣୀ ପ୍ରଭୃତି ୪ଦଫା ଦାବି ନେଇ ସାମ୍ବାଦିକ ସଂଘ ଧାରଣା ଆନ୍ଦୋଳନ କରିଥିଲା। ସଂଘର ବିମଳଚରଣ ହୋତା, ସଭାପତି ସରୋଜ ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ବାରିକ, କୋଷାଧ୍ୟକ୍ଷ ପ୍ରକାଶ ସାହୁ, ଶ୍ୟାମସୁନ୍ଦର ମେହେର, ସତ୍ୟଜ୍ୟୋତି ବାଗ ପ୍ରମୁଖ ଧାରଣାରେ ବସିଥିଲେ । ଆନ୍ଦୋଳନକୁ ସମର୍ଥନ କରି ସିନିୟର ସିଟିଜେନ ଆସେମ୍ବ୍ଲି ସଭାପତି ଧର୍ମସିଂ ମିଶ୍ର, ବିଭୂତିଭୂଷଣ ସାହାଣୀ, ଜିଲା ଆଦିବାସୀ ସଂଘ ସଭାପତି ଶ୍ୟାମସୁନ୍ଦର ଭୋଇ, ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ କୁମାର ବେହେରା ପ୍ରମୁଖ ଧାରଣାରେ ବସିଥିଲେ ।

### ଗାଡ଼ି ଧକ୍କାରେ ଅବକାରୀ କନଷ୍ଟେବଲ ମୃତ

# ସହାୟତା ଦାବିରେ ରାସ୍ତାରୋକୋ

ସୋନପୁର,୧୦।୧୨(ନି.ପ୍ର.)

ସୋନପୁର ମହାନଦୀ ସେତୁ ମଝିରେ ଏକ ଟ୍ରକ ଧକ୍କାରେ ଅବକାରୀ କନଷ୍ଟେବଲ ନନ୍ଦୀ କର୍ମୀ(୨୮)ଙ୍କ ମୃତ୍ୟୁ ହୋଇଛି। ସେ ବୀରମହାରାଜପୁରରୁ ସୋନପୁରକୁ ବାଇକ୍ ନଂ ଓଡି୦୩ସି-୦୯୦୮ରେ ଫେରୁଥିବା ବେଳେ ସୋମବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଛି। ସେତୁ ମରାମତି ଓ ରଙ୍ଗ ଦିଆ କାର୍ଯ୍ୟ ଚାଲିଥିବା ବେଳେ ମଝିରେ ବାଲି ଓ ଚିପ୍ସ ଠୁଳ କରାଯାଇଥିଲା। କିନ୍ତୁ ପୂର୍ତ୍ତ ବିଭାଗ କିମ୍ବ ଠିକାଦାରଙ୍କ ପକ୍ଷରୁ ଚାଳକଙ୍କ ଜାଣିବା ପାଇଁ କୌଣସି ସୂଚନା ଦିଆ ଯାଇ ନ ଥିଲା । ବାଇକ ଆରୋହୀ ଅନ୍ଧାରରେ ଜାଣି ନପାରି ସେତୁ ମଝିରେ ଗଦା ହୋଇଥିବା ଚିପ୍ସ ଉପରେ ଚଢି ଯାଇଥିଲେ। କର୍ମୀ ବାଇକ୍‌ରୁ ତଳେ ପଡିଯିବା ପରେ ଏକ ଅଜଣା ଗାଡି ତାଙ୍କ ଉପରେ ମାଡି ଯାଇଥିଲା । ଏ ସମ୍ପର୍କରେ ସୋନପୁର ଥାନାରେ ଏକ ଦୁର୍ଘଟଣା



ଆନ୍ଦୋଳନକାରୀ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି ।

ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିଛି। ମୃତକ ବୀରମହାରାଜପୁର ଅବକାରୀ ଉପନିରୀକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଏହି ଘଟଣା ପରେ ତାଙ୍କ ଜନ୍ମସ୍ଥାନ ଜଟେସିଂହାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା, ଜଣକୁ ଚାକିରି, ରାଶନ କାର୍ଡ ଓ ଆବାସ ଯୋଜନାରେ ଘର ପ୍ରଦାନ ଦାବିରେ ଅଞ୍ଚଳବାସୀ, ପରିବାର ବର୍ଗ ଓ ଆତ୍ମୀୟ ଦୁର୍ଘଟଣାସ୍ଥଳରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ସେତୁର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ, ସୋନପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା ଓ ଆଇଆଇସି ଲୋକେଶ ସାହୁ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ରେଡକ୍ରସରୁ ୧୦ହଜାର, ଅବକାରୀ ଅଧୀକ୍ଷକଙ୍କ ପକ୍ଷରୁ ୫ହଜାର ଟଙ୍କା, ପରିବାରକୁ ଏକ ରାଶନ କାର୍ଡ, ଅବକାରୀ କଲ୍ୟାଣ ପାଣ୍ଠିରୁ ଦେଢ଼ ଲକ୍ଷ ଟଙ୍କା, ଆବାସ ଯୋଜନାରେ ଘର ଓ ପରିବାରର ଜଣଙ୍କୁ ଚାକିରିର ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ପ୍ରାକ୍ତନ ଜିଲା ପରିଷଦ ଅଧ୍ୟକ୍ଷ ଆନନ୍ଦ ବାରିକଙ୍କ ନେତୃତ୍ୱରେ ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକ, ଜନ୍ମେଜୟ ତ୍ରିପାଠୀଓ ଶତାଧିକ ଜନସାଧାରଣ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ ।



### ଗୀତା ଜୟନ୍ତୀରେ ଯଜ୍ଞ, ଗୀତା ପାଠ

ସୋନପୁର,୧୦।୧୨(ନି.ପ୍ର.)

ଗୀତା ଜୟନ୍ତୀ ଅବସରରେ ମଙ୍ଗଳବାର ସହରର ବିଭିନ୍ନ ସ୍ଥାନରେ ଯଜ୍ଞ ଓ ଗୀତା ପାଠ ଅନୁଷ୍ଠିତ ହୋଇଯାଇଛି । ସକାଳେ ରାୟଗୁରୁ ପଡା ବୃନ୍ଦାବନ ବିହାରୀ ମନ୍ଦିରରେ ବିଶ୍ୱର କଲ୍ୟାଣ ପାଇଁ ଗୀତା ଜୟନ୍ତୀ ପାଳିତ ହୋଇଥିଲା । ଜ୍ୟୋତିର୍ବିଦ୍ ପଣ୍ଡିତ ରାଜେନ୍ଦ୍ର କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗୀତା ପାଠ ଅନୁଷ୍ଠିତ ହୋଇଥିଲା। ସେହିପରି ଘୋଡାଘାଟ ପଡା ସ୍ଥିତ ପଶ୍ଚିମ ସୋମନାଥ ମନ୍ଦିରରେ ଯଜ୍ଞ ଓ ଗୀତା ପାଠ ଅନୁଷ୍ଠିତ ହୋଇଥିଲା। ମନ୍ଦିର କମିଟିର ମୈଥିଳି ପଣ୍ଡା ଓ ସୂର୍ଯ୍ୟ ପୁରୋହିତଙ୍କ ତତ୍ତ୍ୱାବଧାନରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନିଉନ ଚନ୍ଦ୍ର ପୁରୋହିତ, ନୀଳମଣି ପୁରୋହିତ ଓ ଗୋପେଶ ପଣ୍ଡା ରୀତିନୀତି ଅନୁଯାୟୀ ପୂଜା କରିଥିଲେ । ମୋତିଲାଲ ମିଶ୍ର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

# ଜିଲାସ୍ତରୀୟ ତୀରନ୍ଦାଜ ସଂଘ ଉଦ୍‌ଘାଟିତ

ଅମରପାଲି, ୧୦।୧୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଗାୟତ୍ରୀ ଆବାସିକ ଶିକ୍ଷା ନିକେତନଠାରେ ଜିଲା ତୀରନ୍ଦାଜ ସଂଘ ଉଦ୍‌ଘାଟିତ ହୋଇଯାଇଛି। ଜିଲା କ୍ରୀଡା ଅଧିକାରୀ ଶରତ ଚନ୍ଦ୍ର ନନ୍ଦ ମୁଖ୍ୟଅତିଥି, ରାଜ୍ୟ ତୀରନ୍ଦାଜ ସଂଘ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାଶ, ସହ ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାଶ, କୋଷାଧକ୍ଷ ସୁବୋଧ ଦାଶ, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା ସମ୍ମାନୀତ ଅତିଥିଭାବେ ଯୋଗଦେଇ ସଂଘକୁ ଉଦ୍‌ଘାଟନ କରିଥିଲେ। ସଂଘର ଜିଲା ସମ୍ପାଦକ ପଙ୍କଜ ଖମାରୀ ସଭାକାର୍ଯ୍ୟ ସଂଯୋଜନା କରିଥିଲେ। ସହସମ୍ପାଦକ ହିମାଂଶୁ ପାତ୍ର, ଉପସଭାପତି ଯୁଧିଷ୍ଠିର ଖମାରୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ମିନି ସନ୍ତରଣାଗାର ପାଇଁ ଭୂମିପୂଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ୧୭ବର୍ଷରୁ କମ୍ ବାଳିକା ଓ ବାଳକ ବର୍ଗ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଶିବନାରାୟଣ ଦାଶ, ଅକ୍ଷୟ ମହାକୁର, ବ୍ୟାଙ୍କକବି ଡ. ଅପାଣ୍ଡୁକ, ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ସାମାଜିକ କର୍ମୀ ସୁଧୀର ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ତୀରନ୍ଦାଜୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନେ।

ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ
**'ଅକଳରେ ଅର୍ଥନୀତି'**

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ 'ଅକଳରେ ଅର୍ଥନୀତି'। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି- ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଷ୍ଟ୍ରେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ସମ୍ବଲପୁର:** ନରୋତ୍ତମ ଜେନା (୯୪୩୮୦୯୮୩୫୫), ମନୋଜ ମହାନ୍ତି (୭୦୦୮୫୦୬୮୧୦)
ଦୂରଭାଷ: ୦୬୬୪-୨୫୮୦୧୦୧/୨୫୪୯୩୦୨

### ରାମକୃଷ୍ଣ ବିବେକାନନ୍ଦ ସେବା ସଂଘର ବୈଠକ

ସମ୍ବଲପୁର, ୧୦।୧୨ (ବ୍ୟୁରୋ): ଶ୍ରୀରାମ କୃଷ୍ଣ ବିବେକାନନ୍ଦ ସେବା ସଂଘର ବୈଠକ ମଙ୍ଗଳବାର କାଇଁଶିରସ୍ଥିତ ରାମକୃଷ୍ଣ ମିଶନଠାରେ ଅନୁଷ୍ଠିତ ହୋଇଯାଇଛି । ଏହାପରେ କର୍ମକର୍ତ୍ତା ଓ ସଭ୍ୟମାନେ ସିଂଘପାଲି, କାଇଁଶିର, ଦୁର୍ଗାପାଲି, ଢୁକୁପଡା ଅଞ୍ଚଳରେ ୨ଶହ ଜଣଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ । ସଂଘ ସମ୍ପାଦକ ଅଶୋକ ହୋତା, ସଭାପତି ସଞ୍ଜିବ ସୋମ, ସୁବୀରସେନ ଗୁପ୍ତା, କାଳୀପ୍ରସାଦ ସିହ୍ନା, ଅଶୋକ କୁମାର ବେହେରା, ପିସି ଦାଶ, ତରୁଣକାନ୍ତି ଦେ, ମାନଭଞ୍ଜନ ପଟ୍ଟନାୟକ ଓ ସୌଭାଗ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଦେଶୀ ମଦ ଜବତ, ୨ ଗିରଫ

ଗୁଡଭେଲା,୧୦।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଗ୍ରାମରେ ଚଢାଉ କରାଯାଇଥିଲା । ତୁଷୁରା ଏନଏସି ଅଧିନ ମହିପୁର ଗ୍ରାମରେ ଚଢାଉ କରି ଶମ୍ଭୁ ପ୍ରସାଦ ଭୋଇଙ୍କଠାରୁ ୯ ଲିଟର ଓ ଗୁଡଭେଲା ବ୍ଲକ ଚାଣ୍ଟିପଦର ଗ୍ରାମର ଗୌର କୁଅଁରଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରିଛି । ଏ ନେଇ ଅବକାରୀ ବିଭାଗ ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିବା ସ୍ଥାନୀୟ ଅବକାରୀ ଅଧିକାରୀ ଅରୁଣ କୁମାର ଯୋଷୀ ପ୍ରକାଶ କରିଛନ୍ତି । ଏଏସ୍‌ଆଇ ଜୟନାରାୟଣ ଯୋଷୀ, ଦେବାଚନ ଭୋଇ, ସୁରେଷ ଭୋଇ ଚଢାଉରେ ସାମିଲ ଥିଲେ ।

# ମାନବାଧିକାର ଦିବସ ପାଳିତ

ବିନିକା,୧୦।୧୯(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ତାଲୁକ ଆଇନ ସେବା କମିଟି ତରଫରୁ ଭବିଷ୍ୟ ଇଂଲିଶ ମାଧ୍ୟମିକ ସ୍କୁଲ ପରିସରରେ ମଙ୍ଗଳବାର ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍କୁଲ ପିଲାଙ୍କୁ ଆଇନ ସେବା କମିଟି କର୍ମକର୍ତ୍ତାମାନେ ମାନବିକତାର ମୂଲ୍ୟବୋଧ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ତାଲୁକ ଆଇନ ସେବା କମିଟି ଅଧକ୍ଷ ତଥା ଜେଏମଏଫସି ଜଗଦୀଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥିଭାବେ ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ, ସ୍କୁଲ ଅଧକ୍ଷା ସସ୍ମିତା ସାହୁ ଉପସ୍ଥିତ ଥିଲେ । ଏହି ଅବସରରେ ମାନବ ଅଧିକାର ସମ୍ବନ୍ଧିତ ବିଷୟ ବସ୍ତୁ ଆଧାରିତ ରଚନା ପ୍ରତିଯୋଗିତା ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗୀତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥି ଏମ୍.ଡି.ଦିଲକସ୍ ରାଜା, ଚିନ୍ମୟୀରାଣୀ ଦାଶ ଓ ମମତା ରେଡ୍ଡୀଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ ।




କୃତୀ ଛାତ୍ରୀ ଚିନ୍ମୟୀରାଣୀ ଦାଶ ମୁଖ୍ୟଅତିଥିଙ୍କ ପାଖରୁ ପୁରସ୍କାର ଗ୍ରହଣ କରୁଛନ୍ତି ।

### ସୁବର୍ଣ୍ଣପୁରରେ ଅନ୍ତର୍ଜାତୀୟ ମାନବାଧିକାର ଦିବସ

# ମାନବାଧିକାର ଉଲ୍ଲଂଘନ ରୋକିବା ଉପରେ ଗୁରୁତ୍ୱ

ସୋନପୁର,୧୦।୧୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ମାନବାଧିକାର ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍କୃତି ଭବନ ସଭାଗୃହରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲାଜଜ୍ ଅରୁଣ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଜାତିସଂଘ ଆନୁକୂଲ୍ୟରେ ୧୯୫୦ରୁ ବିଶ୍ୱସ୍ତରରେ ପ୍ରତିବର୍ଷ ଡିସେମ୍ବର ୧୦ରେ ଏହି ଦିବସ ପାଳନ କରାଯାଉଛି । ୧୯୪୮ ଡିସେମ୍ବର ୧୦ ତାରିଖରେ ଜିତିସଂଘର ସାଧାରଣ ପରିଷଦ ମାନବାଧିକାରର ସାର୍ବଭୌମ୍ୟ ଘୋଷଣା ପତ୍ରକୁ ଅନୁମୋଦନ ଦେଇଥିଲେ । ପରମ୍ପରାଗତ ଭାବେ ଏହି ଦିନରେ ନୋବେଲ ଶାନ୍ତି ପୁରସ୍କାର ଏବଂ ପଞ୍ଚବାର୍ଷିକ ମାନବାଧିକାର କ୍ଷେତ୍ରରେ ଜାତିସଂଘ ପୁରସ୍କାର ପ୍ରଦାନ କରାଯାଏ । ସମ୍ପ୍ରତି ବିଶ୍ୱରେ ବହୁ ଅଞ୍ଚଳରେ ମାନବାଧିକାରର ଖୋଲା ଉଲଂଘନ ହେଉଛି । ଏହାକୁ ରୋକିବା ଉପରେ ମଲ୍ଲିକ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତର ଜଜ ଜ୍ୟୋତିର୍ମୟୀ ଆଚାର୍ଯ୍ୟ, ଅତିରିକ୍ତ ଜିଲା ଜଜ ମାନସ କୁମାର ପଣ୍ଡା, ସିଜେଏମ ମାନସ ରଞ୍ଜନ ରଥ, ସିନିୟର ସିଭିଲ ଜଜ ଚିନ୍ମୟ ଗୋଛାୟତ, ରେଜିଷ୍ଟ୍ରାର ସୁବ୍ରତ ଆଚାର୍ଯ୍ୟ, ଜେଏମଏଫସି ଅଙ୍କିତା ଶର୍ମା, ଜେଏମଏସସି ପ୍ରତ୍ୟାଶା ରାୟ, ସରକାରୀ ଓକିଲ ବ୍ୟୋମକେଶ ଦାଶ ଓ ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ ଯୋଗଦେଇ ସମ୍ବିଧାନର ମୌଳିକ କର୍ତ୍ତବ୍ୟ ବିଷୟରେ ଆଲୋଚନା କରିଥିଲେ। ଶିଶୁ ଅବହେଳା, ନିର୍ଯାତନ ଓ ମାନବଚାଲାଣ ସମ୍ପର୍କରେ ମଧ ବିଶଦ ଆଲୋଚନା ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ସୀମା ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଆଇନଜୀବୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସକାଳେ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସମ୍ମୁଖରୁ ଏକ ସଚେତନତା ରାଲି ବାହାରି ସଭା ସ୍ଥଳରେ ପହଞ୍ଚିଥିଲା। ବିଭିନ୍ନ ଧର୍ମ ସମ୍ପ୍ରଦାୟର ଲୋକ, ବ୍ରହ୍ମାକୁମାରୀ ଅନୁଷ୍ଠାନର କର୍ମକର୍ତ୍ତା ଏଥିରେ ଅଂଶଗ୍ରହଣ କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଅର୍ଜୁନ ବେହେରା, ଇତିଶ୍ରୀ ଥନାପତି, କମଳ ଲୋଚନ ବେହେରା, ସିଦ୍ଧାନ୍ତ କୁମାର ବାଗ, ରଞ୍ଜନ କୁମାର ଭୋଇ ଓ ସୁନୀଲ କୁମାର ପ୍ରେମ ସହଯୋଗ କରିଥିଲେ।




ସଚେତନତା ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ ।

### କୁଶପାଣି ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

# ସୋନପୁର ସେମିଫାଇନାଲରେ

ଅମରପାଲି, ୧୦।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କଲମପୁରଠାରେ ସ୍ଥାନୀୟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୧ତମ କୁଶପାଣି ସାହୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି । ଜିଲା ସରପଞ୍ଚ ସଂଘ ସଭାପତି ତଥା ବାଞ୍ଜିପାଲି ସରପଞ୍ଚ ପ୍ରକାଶ ଚନ୍ଦ୍ର ସାହୁ, ସଂଘ ସାଧାରଣ ସମ୍ପାଦକ ଅରବିନ୍ଦ ବାରିକ, ପୂର୍ବତନ ଜିଲା ପରିଷଦ ନଳିନୀ ପଣ୍ଡା, ଶିକ୍ଷକ ପଙ୍କଜ ଖମାରୀ, ଗଜବନ୍ଧ ସରପଞ୍ଚ ବହ୍ଲବ ଖେତୀ, ବ୍ୟୋମକେଶ ପଣ୍ଡା, ଅରବିନ୍ଦ ଛତ୍ରିଆ, ପ୍ରିୟବ୍ରତ ସାହୁ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚ ଉଫୁଲା ଓ ସଂଗ୍ରାମପୁର ମଧରେ ହୋଇଥିଲା। ଉଫୁଲା ପ୍ରଥମେ ବ୍ୟାଟିଂ କରି ୯୩ ରନ କରିଥିବା ବେଳେ ସଂଗ୍ରାମପୁର ୭୩ ରନ କରି ପରାସ୍ତ ହୋଇଥିଲା।



ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳିମାନେ।

ଦ୍ୱିତୀୟ ମ୍ୟାଚ ଲାଲସ୍ପୋର୍ଟିଂ ସୋନପୁର ଓ ଡାହାଣୀପାଲି ମଧରେ ହୋଇଥିଲା। ଡାହାଣୀପାଲି ପ୍ରଥମେ ବ୍ୟାଟିଂ କରି ୫୪ ରନ କରିଥିଲା। ସୋନପୁର ଆବଶ୍ୟକ ରନକୁ ୭.୧ ଓଭରରେ ୪ ଉଇକେଟ ହରାଇ ସଂଗ୍ରହ କରି ବିଜୟୀ ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲ ସୋନପୁର ଓ ଉଫୁଲା ମଧ୍ୟରେ ହୋଇଥିଲା। ଉକ୍ତ ମ୍ୟାଚରେ ସୋନପୁର ଦଳ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଖେଳଗୁଡିକୁ ବାବୁଲାଲ କଲତା, ପ୍ରକାଶ ଲୁହା ଓ ସତ୍ୟମ ପଣ୍ଡା, ଟିକାୟତ ମେହେର, ଚନ୍ଦନ ପଲିଆ ପ୍ରମୁଖ ପରିଚାଳନା କରିଥିଲେ। ରାଜେନ୍ଦ୍ର କୁମାର ଜଗତ, ସୁଶାନ୍ତ ଭୋଇ ସ୍କୋରିଂ ଏବଂ ହିମାଂଶୁ ଶେଖର ଖମାରୀ ଧାରା ବିବରଣୀ ପ୍ରଦାନ କରିଥିଲେ ।

ଧରିତ୍ରୀ DHARITRI
ସମ୍ବଲପୁର, ବୁଧବାର, ୧୧ ଡିସେମ୍ବର,୨୦୧୯



ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଛାଡି ନାବାଳିକା ଶାଳିଙ୍କୁ ଅପହରଣ କଲା ଭିଣୋଇ

**ସିନାପାଲି,୧୦।୧୨(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ଥାନା ଅଞ୍ଚଳ ଏକ ଗାଁରେ ସ୍ତ୍ରୀଙ୍କୁ ଛାଡି ନାବାଳିକା ଶାଳୀଙ୍କୁ ଅପହରଣ କରାଯାଇଛି । ଏ ସଂକ୍ରାନ୍ତରେ ସୋମବାର ସିନାପାଲି ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜୟଧର ହରପାଲଙ୍କୁ ପୋଲିସ ତାଙ୍କ ଘରୁ ଆଣି ଥାନାରେ ଅଟକ ରଖିଛି। ଅପହୃତା ନାବାଳିକାଙ୍କୁ ମଧ୍ୟ ଉଦ୍ଧାର କରି ପଚରାଉଚୁରା କରି ମଙ୍ଗଳବାର ତାଙ୍କ ବାପାଙ୍କୁ ଜିମା ଦେଇଥିବା ଜଣାପଡିଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସିନାପାଲି ପୋଲିସ ସୂଚନା ଦେଇଛି। ଏ ନେଇ ସିନାପାଲି ଥାନାରେ ଆଇପିସି ଧାରା ୪୯୮ କ, ୩୨୩, ୫୦୬, ୩୬୩, ୩୭୬ ଓ ୬ ପୋକ୍ସୋ ଆକ୍ଟରେ ଏକ ମାମଲା (ନଂ.୨୮୫/୧୯) ରୁଜୁ ହୋଇଛି । ପୋଲିସ କହିବା ଅନୁସାରେ ଜୟଧର ନିକଟସ୍ଥ ଏକ ଗ୍ରାମର ଜଣେ ମହିଳାଙ୍କୁ ବିବାହ କରିଥିଲେ। ହେଲେ ୨ ସପ୍ତାହ ତଳେ ଜୟଧର ନିଜ ସ୍ତ୍ରୀଙ୍କୁ ଛାଡି ଦେଇ ତାଙ୍କ ନାବାଳିକା ଶାଳିଙ୍କୁ ଅପହରଣ କରି ଘରକୁ ନେଇ ଆସିଥିଲେ। ସୋମବାର ଅପହୃତାଙ୍କ ବାପା ସିନାପାଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିବା ସହିତ ମାମଲା ରୁଜୁ କରିଥିଲା ।

### ବିଦ୍ୟାଳୟ ପରିଚାଳନା କମିଟି ତାଲିମ ଶିବିର

**ସିନାପାଲି,୧୦।୧୨(ଡି.ଏନ.ଏ.)** ନୂଆପଡା ଜିଲା ସିନାପାଲି ବ୍ଲକ୍ ଅନ୍ତର୍ଗତ କେନ୍ଦୁମୁଣ୍ଡା କ୍ଲଷ୍ଟରସ୍ତରୀୟ ଏକଦିବସୀୟ ବିଦ୍ୟାଳୟ ପରିଚାଳନା କମିଟି ତାଲିମ ଶିବିର କେନ୍ଦୁମୁଣ୍ଡା ପ୍ରାଥମିକ ବିଦ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ଦିବ୍ୟରଞ୍ଜନ ପାଢୀଙ୍କ ଦ୍ୱାରା ପରିଚାଳିତ ଶିବିରକୁ ପ୍ରଧାନଶିକ୍ଷକ ନୀଳାଞ୍ଚଳ ନାଏକ ଉଦ୍‌ଘାଟନ କରିଥିଲେ। ସାଧନକର୍ମୀ ହୃଦାନନ୍ଦ ମେହେର ଏବଂ ବୈଷ୍ଣବ ମେହେର ସମସ୍ତଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ଅବସରରେ ପରିଚାଳନା କମିଟି ଗଠନ ପ୍ରକ୍ରିୟା ଓ ବିଦ୍ୟାଳୟ ବିକାଶରେ କମିଟି ଭୂମିକା ବିଷୟରେ ବିଶଦ ଆଲୋଚନା କରାଯାଇଥିଲା। ଶିବିରରେ କେନ୍ଦୁମୁଣ୍ଡା କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରୁ ପରିଚାଳନା କମିଟି ସଭ୍ୟାସଭ୍ୟମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ ପାଢୀ, ରମେଶ ଖର୍ସେଲ, ବବ୍ରୁ ହଂସ, ଶେଷରାମ ମାଝି ପ୍ରମୁଖ ସହଯୋଗ କରିଥିଲେ।

### ଚୋରି ଅଭିଯୋଗରେ ୪ ଗିରଫ

**ବରଗଡ଼ ଅଫିସ୍,୧୦।୧୨-** ଚୋରି ଅଭିଯୋଗରେ ବରଗଡ଼ ଟାଉନ ଥାନା ପୋଲିସ ୪ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ବରଗାଁ ନିବାସୀ ରାଜେଶ ଜାଲ, ବବଲୁ ପାଇକ, ବିରେନ ପୁଟା ଓ ଜିତେନ ଦୀପ । ପୋଲିସ ତାଙ୍କଠାରୁ ଚୋରି ମୋଟର ପମ୍ପ, ଡେସ୍କଟପ୍, ପଙ୍ଖା ଆଦି ଜବତ କରିଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଗିରଫ ଯୁବକମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସଦାନନ୍ଦ ପୂଝାରୀ କହିଛନ୍ତି ।

## ସହୋଦୟ ସ୍କୁଲ କମ୍ପ୍ଲେକ୍ସ କ୍ରିକେଟ୍ ଚାମ୍ପିୟନଶିପ୍
# ବିକାଶ, ସଂସ୍କାର, ରୋଟାରି ସ୍କୁଲ ବିଜୟୀ

**ବରଗଡ଼ ଅଫିସ୍,୧୦।୧୨**

ବରଗଡ଼ର ବିକାଶ କ୍ରିକେଟ ଷ୍ଟେଡିୟମରେ ପଶ୍ଚିମ ଓଡ଼ିଶା ସହୋଦୟ ସ୍କୁଲ କମ୍ପ୍ଲେକ୍ସ ଆନୁକୂଲ୍ୟରେ ଓ ବିକାଶ ଆବାସିକ ବିଦ୍ୟାଳୟ, ବରଗଡ଼ ଆୟୋଜନରେ ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ୍ ଚାମ୍ପିୟନଶିପ୍ ୨୦୧୯-୨୦ରେ ଦ୍ୱିତୀୟ ଦିବସ ମଙ୍ଗଳବାର ୩ଟି ମ୍ୟାଚ୍ ଖେଳାଯାଇଥିଲା । ଦ୍ୱିତୀୟ ଦିବସରେ ବରଗଡ଼ର ବିକାଶ ଆବାସିକ ସ୍କୁଲ, ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲ ଏବଂ ରୋଟାରୀ ପବ୍ଲିକ ସ୍କୁଲ ପ୍ରତିପକ୍ଷକୁ ହରାଇ ବିଜୟୀ ହୋଇଥିଲେ । ପ୍ରଥମ ମ୍ୟାଚ ପଦ୍ମପୁର ପବ୍ଲିକ ସ୍କୁଲ ଓ ବରଗଡ଼ର ବିକାଶ ଆବାସିକ ସ୍କୁଲ ମଧ୍ୟରେ ହୋଇଥିଲା । ପଦ୍ମପୁର ଟସ୍ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ଓଭରରେ ୭ଉଇକେଟ୍ ହରାଇ ୭୩ରନ୍ ସଂଗ୍ରହ କରିଥିଲା ।



ସହୋଦୟ ସ୍କୁଲ କମ୍ପ୍ଲେକ୍ସ କ୍ରିକେଟ୍ ଚାମ୍ପିୟନଶିପ୍ ଦ୍ୱିତୀୟ ଦିବସ ମ୍ୟାଚର ଏକ ଦୃଶ୍ୟ ।

ଜବାବରେ ବିକାଶ ଆବାସିକ ସ୍କୁଲ ଦଳର ରାକେଶ ରଞ୍ଜନ କିସାନଙ୍କ ଅପରାଜିତ ୫୪ ଓ ବଲ୍ଲଭ ଓଦାରଙ୍କ ୧୮ରନ୍ ସହାୟତାରେ ୬.୪ ଓଭରରେ ବିନା ଉଇକେଟ୍ ହରାଇ ୭୬ରନ୍ ସଂଗ୍ରହ ସହିତ ବିଜୟୀ ହୋଇଥିଲା ।

ସେହିପରି ବରପାଲିର ଲିଟିଲ ଏଞ୍ଜେଲ ପବ୍ଲିକ ସ୍କୁଲ ଓ ବରଗଡ଼ର ସଂସ୍କାର ଇଣ୍ଟର ନ୍ୟାଶନାଲ ପବ୍ଲିକ ସ୍କୁଲ ମଧ୍ୟରେ ଦ୍ୱିତୀୟ ମ୍ୟାଚ ହୋଇଥିଲା । ବରପାଲି ନିର୍ଦ୍ଧାରିତ ୧୫ଓଭରରେ ୧୦ ଉଇକେଟ୍ ହରାଇ ୫୯ରନ୍ ସଂଗ୍ରହ କରିଥିଲା । ଜବାବରେ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲ ୧୧.୨ ଓଭରରେ ୪ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ପୂରଣ କରିଥିଲା। ପଦ୍ମପୁରର ଜେନିଥ୍ ପବ୍ଲିକ ସ୍କଉଲ ଓ ବରଗଡ଼ର ରୋଟାରୀ ପବ୍ଲିକ ସ୍କୁଲ ମଧ୍ୟରେ ତୃତୀୟ ମ୍ୟାଚ ହୋଇଥିଲା। ଜେନିଥ୍ ପବ୍ଲିକ ସ୍କୁଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରୀତ ୧୫ଓଭରରେ ୮୧ରନ୍ ସଂଗ୍ରହ କରିଥିଲା। ଜବାବ୍‌ରେ ରୋଟାରୀ ପବ୍ଲିକ ସ୍କୁଲ ୯.୪ ଓଭରରେ ୪ଉଇକେଟ୍ ହରାଇ ବିଜୟ ପାଇଁ ଆବଶ୍ୟକ ରନ୍ ସଂଗ୍ରହରେ ସକ୍ଷମ ହୋଇଥିଲା ।

ବୁଧବାର ରୋଟାରୀ ପବ୍ଲିକ ସ୍କୁଲ ଓ ବରଗଡ଼ର ବିକାଶ ଆବାସିକ ସ୍କୁଲ ଏବଂ ବିଦ୍ୟାସାଗର ଏକାଡ଼େମୀ ଓ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ପ୍ରୟାସ ବଘାର, ସଂକଳ୍ପ ସାହୁ, ଯଶୋବନ୍ତ ତାଣ୍ଡି ପ୍ରମୁଖ ମ୍ୟାଚ ପରିଚାଳନା କରିଥିବା ବେଳେ ବିକାଶ ଶିକ୍ଷାନୁଷ୍ଠାନର ଅଧ୍ୟାପକ ରାଜ ନାରାୟଣ ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ପିତାମ୍ବର ପ୍ରଧାନ, ସୁଶାନ୍ତ ସ୍ୱାଇଁ, ବିଜୟ ସରକାର, ଅଶୋକ ସିଂ, ଚିତ୍ତରଞ୍ଜନ ପତି, ମନୋରଞ୍ଜନ ପତି ପ୍ରମୁଖ ଉପସ୍ଥିତ ରହିଥିଲେ ।

### ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବୈଠକ

**ଭବାନୀପାଟଣା,୧୦।୧୨(ଡି.ଏନ.ଏ.)** ଓଡିଶା ରାଜ୍ୟ ବିଦ୍ୟୁତ ଶ୍ରମିକ କର୍ମଚାରୀ ସଂଘ ଭବାନୀପାଟଣା ଶାଖାର ଦୁଇଟି ଡିଭିଜନ୍ ନିର୍ବାଚନ ସଭା ଭାବନୀପାଟଣାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ସଂଘ ସଭାପତି ଅକ୍ଷୟ କୁମାର ତ୍ରିପାଠୀ, ମଣ୍ଡଳୀୟ ସମ୍ପାଦକ ପଦ୍ମନାଭ ପାଢୀ, ସଙ୍ଗଠନ ସମ୍ପାଦକ ସୁଦର୍ଶନ ଚାଲାନ, ଯୁଗ୍ମ ସମ୍ପାଦକ ଦୁର୍ଗାମାଧବ ପଣ୍ଡା, ସର୍କଲ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ପରାମର୍ଶ ଦାତା ଖଗପତି ସାହା ଉପସ୍ଥିତି ଥିଲେ। ୨୦୨୦ରେ ପୂର୍ବବିଦ୍ୟୁତ ଖଣ୍ଡ ପାଇଁ ନିଗମାନନ୍ଦ ଦାସ ଏବଂ ପଶ୍ଚିମ ବିଦ୍ୟୁତ୍ ଖଣ୍ଡ ପାଇଁ ରମେଶ ଚନ୍ଦ୍ର ପଣ୍ଡାଙ୍କୁ ନିର୍ବାଚିତ କରାଯାଇଛି। ଏହି ସଭାରେ ଦୁଇଟି ବିଭାଗର ଶତାଧିକ ବିଦ୍ୟୁତ ଶ୍ରମିକ କର୍ମଚାରୀ ଯୋଗଦେଇଥିଲେ। ସେପଟେ ସଂଘ ସଭାପତି ବିଶେଷ କରି ଶ୍ରମିକଙ୍କ ସମସ୍ୟା ଉପରେ ଗୁରୁତ୍ୱରୋପ କରିଥିଲେ। ଆଉଟ୍ ସୋର୍ସ ଶ୍ରମିକଙ୍କୁ ଇନ୍ ସୋର୍ସ କରିବା ପାଇଁ ମନ୍ତବ୍ୟ ରଖିଥିଲେ। ଆଗାମୀ ଡିସେମ୍ବର ୨୨, ୨୩, ୨୪ ସଂଘର ୫୭ତମ ବାର୍ଷିକ ଅଧିବେଶନ ପୁରୀ ଟାଉନହଲଠାରେ ଅନୁଷ୍ଠିତ ହେବ।

## ମାନବ ଅଧିକାର ଦିବସ ପାଳିତ

**ବୌଦ୍ଧ,୧୦।୧୨(ସ୍ୱ.ପ୍ର.):** ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ଏହି ଅପସରରେ ଏକ ଆଲୋଚନାଚକ୍ର ଏବଂ ବକ୍ତୃତା ପ୍ରତିଯୋଗିତା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଥିଲା। ଜିଲା ଦୌରାଜଜ ତଥା ଆଇନସେବା ପ୍ରାଧିକରଣ ଅଧକ୍ଷ୍ୟ ଅରବିନ୍ଦ କୁମାର ଗୁରୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆଲୋଚନାଚକ୍ରରେ ପରିବାର ଅଦାଲତ ଜଜ୍ ଗୌରିମୋଳି ମହାରଣା, ସିଜେଏମ୍ ହୃଷୀକେଶ ଆଚାର୍ଯ୍ୟ, ପ୍ରଭୁରାମ ଦାସ ଅଧିକାରୀ, ସବ୍‌ଜଜ୍ ଦୁର୍ବାସା ଦୁର୍ଗା, ଏସ୍‌ଡିଜେଏମ୍ ସୂର୍ଯ୍ୟଦାସ, ଜିଲା ଓକିଲ ସଂଘ ସଭାପତି ତାରେଣୀ କୁମାର ମହାପାତ୍ର, ସାମଜିକ କର୍ମୀ ରାଜୀବ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ସମାଜରେ ମହିଳାମାନଙ୍କ ମାନବଅଧିକାର ସୁରକ୍ଷିତ କି ଉପରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। ଏଥିରେ କୃତି ଛାତ୍ରୀ ଗନ୍ଧରାଡୀ ମହାବିଦ୍ୟାଳୟର ଶଙ୍କୁନ୍ତୋଳା ପ୍ରଧାନ ପ୍ରଥମ, ମଡେଲ ଡିଗ୍ରୀ ମହାବିଦ୍ୟାଳୟର ମଧୁସ୍ମିତା ମହାନା ଦ୍ୱିତୀୟ ଓ ଜିଲା ଶିକ୍ଷା ସମ୍ବଳ କେନ୍ଦ୍ରର ଛାତ୍ର ଜନ୍ମେଜୟ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।



ମାନବ ଅଧିକାର ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

## ଗଣ୍ଡାବଜା ଜାତୀୟ ସମ୍ମାନ ସେମିନାର

**ପଦ୍ମପୁର,୧୦।୧୨(ଡି.ଏନ୍.ଏ.):** ଅଞ୍ଚଳ କଲେଜ ପଦ୍ମପୁରଠାରେ ସ୍ଥାନୀୟ 'ଲୁ' ନାଟ୍ୟାନୁଷ୍ଠାନ ପକ୍ଷରୁ ସମଦୃଷ୍ଟି ଭୁବନେଶ୍ୱର ସହାୟତାରେ ଗଣ୍ଡାବଜା ଉପରେ ଏକ ଦିବସୀୟ ଜାତୀୟ ସମ୍ମାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ 'ଲୁ'ର ସଭାପତି ମେଜର ଟି. ରଞ୍ଜନ ଦାଶ, ଅବସରପ୍ରାପ୍ତ ପ୍ରଫେସର ଡ. ସ୍ୱାଧୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। କଲେଜର ଅଧକ୍ଷ ଡ. ଲଳିତେନ୍ଦୁ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ପ୍ରଫେସର କେଶରଞ୍ଜନ ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମ ଅଧିବେଶନରେ କ୍ଷେତ୍ରବାସୀ ନାୟକ, ରାଜୀବ ସାଗରିଆ, ଡ. ପ୍ରମୋଦ କୁମାର ପାଢ଼ୀ, ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିବା ବେଳେ ସମଦୃଷ୍ଟି ଭୁବନେଶ୍ୱର ସମ୍ପାଦକ ସୁଧୀର ପଟ୍ଟନାୟକ ଅଧକ୍ଷତା କରିଥିଲେ। ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ପ୍ରଫେସର ନାକୁ ହାଁସଦା, ପ୍ରଫେସର ଗୋପୀନାଥ ବାଗ ଏବଂ ଜାମସେଦପୁରର ନାଟ୍ୟକାର ଶିବଲାଲ ସାଗର ବିଶେଷଜ୍ଞ ଆଲୋଚକ ଭାବେ ଯୋଗ ଦେଇଥିଲେ। ସମଧ୍ୱନୀ ଭୁବନେଶ୍ୱର ସମ୍ପାଦିକା ସ୍ୱୟଂପ୍ରଭା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡ. ମାନଭଞ୍ଜନ ପ୍ରଧାନଙ୍କ ସଭାପତିତ୍ୱ ତଥା ରମେଶ ଗୁର୍ଲା ଓ ଡ. ସରୋଜ ନାଏକଙ୍କ ପରିଚାଳନାରେ ମଡୋମହୁଲ, ରମେଡେଗା, ଡଙ୍ଗାଛଞ୍ଚା ଆଦି ଗ୍ରାମର ଗଣ୍ଡାବଜା ଦଳ ଓ ଅଞ୍ଚଳ କଲେଜର ଛାତ୍ରମାନେ ଢ଼ୋଲ, ମୁହୁରୀ, ନିଶାନ, ତାସା, ଝାଞ୍ଜ ଆଦି ବାଦ୍ୟ ପରିବେଷଣ କରିଥିଲେ। ବାଦ୍ୟର ତାଳେତାଳେ ଅତିଥିମାନେ ନାଚି ଉଠିଥିଲେ। କେତେକ କାରିଗର ବାଦ୍ୟଯନ୍ତ୍ରର ନିର୍ମାଣ ଓ ମରାମତି କୌଶଳ ଦେଖାଇଥିଲେ। ସେମିନାରରେ ଅଧାପିକା, ଅଧାପକ, ବୁଦ୍ଧିଜୀବୀ, କଳାକାର, ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଶେଷରେ ପ୍ରଫେସର କେଶରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

## ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ବୈଠକ

**ବୌଦ୍ଧ,୧୦।୧୨(ସ୍ୱ.ପ୍ର.):** ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ଏକ ବୈଠକ କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ବୈଠକ ହୋଇଥିଲା । ଏଥିରେ ସଂଘ ଉପସଭାପତି ପ୍ରଫୁଲ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସଂଘର ଯୁଗ୍ମସମ୍ପାଦକ ସୂର୍ଯ୍ୟନାରାୟଣ ବିଶୋଇ ସଭା ପରିଚାଳନା କରିଥିଲେ। ସଭାରେ ବିଦ୍ୟୁତ୍ ବିଭାଗର ମନମୁଖୀ କାର୍ଯ୍ୟକୁ ବିରୋଧ କରାଯିବା ସହ ଶ୍ରମିକ ଅଭାବ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲାରେ ବିଦ୍ୟୁତ୍ ଗ୍ରାହକଙ୍କ ସଂଖ୍ୟା ଅଧିକ ଥିବା ବେଳେ ଆଉଟ ସୋର୍ସିଂ ପିଲାଙ୍କୁ ଥଇଥାନ କରିବାକୁ ଆଲୋଚନା କରାଯାଇଥିଲା। ଶେଷରେ ୨୦୨୦ ପାଇଁ ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ଡିଭିଜନର ସମ୍ପାଦକ ଭାବେ ରାଧାଶ୍ୟାମ ପାଳ, ସହସମ୍ପାଦକ ସାରଦା ମହାକୁଡ, କୋଷାଧକ୍ଷ ଲକ୍ଷ୍ମୀଧର ସାହୁ, ଉପଦେଷ୍ଟା ଦୟାନିଧି ତରାଇ ମନୋନିତ ହୋଇଥିଲେ। ସଭାରେ ରମେଶ ଚନ୍ଦ୍ର ସାହୁ, ଅଜୟ କୁମାର ଗୌଡ, ଗଜାନନ କରଡିଆ, ରଞ୍ଜନ ଦେହୁରୀ, ଅଶୋକ କୁମାର ଦେହୁରୀ, ପ୍ରଦୀପ କୁମାର ସାହୁ ଓ ସମ୍ପାଦକ ଟି. ସରାଫ ପ୍ରମୁଖ ଉପସ୍ଥିତ ଥିଲେ।




ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘର ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

## ବିଜ୍ଞାନମେଳାରେ ପ୍ରକଳ୍ପ ଦେଖାଇଲେ ଛାତ୍ରୀଛାତ୍ର

**ବରଗଡ଼ ଅଫିସ୍,୧୦।୧୨**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ଅନୁଷ୍ଠିତ ବିଜ୍ଞନ ମେଳାକୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ । ବ୍ଲକ ଶିକ୍ଷାଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ । ରାଣାପ୍ରତାପ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ବଡ଼ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ଅରବିନ୍ଦ ଗୁପ୍ତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏବିଇଓ ପ୍ରମୋଦ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।



ବରଗଡ଼ରେ ମୁଖ୍ୟଅତିଥି ବିଜ୍ଞାନମେଳା ବୁଲି ଦେଖୁଛନ୍ତି ।

ବିଜ୍ଞାନ ମେଳାରେ ବରଗଡ଼ ବ୍ଲକ, ପୌର ପରିଷଦ ଅଧୀନ ବିଭିନ୍ନ ସ୍କୁଲର ୧୪୭ଟି ପ୍ରକଳ୍ପ ସ୍ଥାନୀତ ହୋଇଥିଲା । ସିନିୟର ବିଭାଗରେ ଖୁଣ୍ଟପାଲି ଗଙ୍ଗାଧର ମେହେର ହାଇସ୍କୁଲର ଛାତ୍ର ସୌରଭ କୁମାର ପ୍ରଧାନଙ୍କ ପ୍ରକଳ୍ପ ପ୍ରଥମ, ଡୁରୁଙ୍ଗା ରାମଜୀଲାଲ ହାଇସ୍କୁଲର ଛାତ୍ର ଜଗନ ସାହୁଙ୍କ ପ୍ରକଳ୍ପ ଦ୍ୱିତୀୟ ଓ ଜ୍ୟୋତିନଗର ହାଇସ୍କୁଲର ଛାତ୍ର ନିତିଶ ସାହୁଙ୍କ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା । ଜୁନୟର ବିଭାଗରେ ଚକରକେନ୍ଦ ସରକାରୀ ୟୁପି ସ୍କୁଲର ଛାତ୍ର ରଶ୍ମି ମହାପାତ୍ରଙ୍କ ପ୍ରକଳ୍ପ ପ୍ରଥମ, ବନ୍ଧା ଉନ୍ନୀତ ପ୍ରାଥମିକ ସ୍କୁଲର ଛାତ୍ର ତୁଷାର କୁମାର ସାହୁଙ୍କ ପ୍ରକଳ୍ପ ଦ୍ୱିତୀୟ ଓ ଆମସଢ଼ା ନୋଡ଼ାଲ ପ୍ରାଥମିକ ସ୍କୁଲର ଛାତ୍ରୀ ଭାଗ୍ୟଶ୍ରୀ ମହାନନ୍ଦଙ୍କ ପ୍ରକଳ୍ପ ତୃତୀୟ ହୋଇଥିଲା। ସେହିପରି ସବଜୁନିୟର ଗ୍ରୁପରେ ସତୀଶ କୁମାର ସାହୁ, ହିମାଂଶୁ ଭଏନା ଓ ମୋନାଲିସା ପୁଟେଲଙ୍କ ପ୍ରକଳ୍ପ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲା । ଉଦଯାପନୀ ସମାରୋହରେ ବରଗଡ଼ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ମୁଖ୍ୟଅତିଥି, ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜାତୀୟସ୍ତରରେ ସ୍କୁଲ ବ୍ୟାଣ୍ଡ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଜର୍ଜ ହାଇସ୍କୁଲକୁ ପୁରସ୍କୃତ କରାଯାଇଥିଲା ।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Urgently Required
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact : 9871421149 / 8144146705

Cuttack Office କାମପାଇଁ Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

OFFICIALLY JOB
Qualification 10th above
Salary up to Rs. 25,000/-
For BBSR, Cuttack, Puri, Berhampur.
M-9938699963

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

Required Male & Female Security Guards
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705 6372600373

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ ।
Contact Immediately
7978427621

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଲାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

BACK OFFICE EXECUTIVE
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :- recruitments@elmechindia.in

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଳ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

WANTED
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary: 30,000/-
Qual: 7th to 10th & above
Contact: 8339922964

DIRECT JOIN JOB
JOB LOCATION BBSR+CTC
• CUSTOMER SERVICE
• DATA ENTRY
• RECEPTION (Back/Office)
• SECURITY GUARD
Mob : 9114090108

WANTED ... WANTED
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା - ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୂର୍ଦ୍ଧ
CONTACT
9938826988, 7064545450, 8338055696
www.demandbazaar.com & www.demandmasala.com

VIGEN INDIA REQUIRED
BOYS & GIRLS FOR OFFICE JOB
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ସଂକ୍ଷେପରେ

### ଲକ୍ଷ୍ମୀପୂଜା, ଶ୍ରୀସୁଧା ମହୋତ୍ସବ ଉଦ୍‌ଯାପିତ

ସୋହେଲା,୧୦।୧୨(ଡି.ଏନ.ଏ) ବରଗଡ ଜିଲା ସୋହେଲା ନିକଟସ୍ଥ ଛୁରିଆପାଲିରେ ଗତ ୭ ତାରିଖରୁ ଚାଲିଥିବା ମହାଲକ୍ଷ୍ମୀପୂଜା ଓ ଶ୍ରୀସୁଧା ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଶ୍ରୀସୁଧା ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ମହାରାଜ ଜଳନ୍ଧର ରାଜଦରବାରରେ ରାଜଅତିଥି ଭାବେ ରାଜ୍ୟ ଶ୍ରମ ଓ ଇଏସଆଇ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ ପଧାନ, ଛୁରିଆପାଲି ସରପଞ୍ଚ ହରେକୃଷ୍ଣ ବାରିକ ଯୋଗ ଦେଇଥିଲେ । ଏହି ମହୋତ୍ସବରେ ତବଡାର ଅଚ୍ୟୁତ ବେହେରା ଓ ସାଥୀ କଳାକାରମାନେ ସଞ୍ଚାର, ବଲାଙ୍ଗୀର ଢୋଲ ମହୁରୀ କଳାପରିଷଦ ଓ ବରଗଡ କଳାଜୀବୀର କଳାକାରମାନେ ରସରକେଲି, ଢାପ ଓ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଜଳନ୍ଧର ବଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଉପେନ୍ଦ୍ର ପ୍ରଧାନଙ୍କୁ ଶ୍ରୀସୁଧା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଲକ୍ଷ୍ମୀପୂଜାରେ ସୁକଦେବ ମାଝୀ ସସ୍ତ୍ରୀକ ପୂଜାକର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଟଙ୍କଧର ପଧାନ, ସରୋଜ କୁମାର ମାଝୀ, ଧନୁର୍ଯ୍ୟ ପଟନାୟକ, ସୁକଦେବ ଭୋଇ, ଜନେକ ପଧାନ, ଭକ୍ତ ମାଝୀ ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ ।

### ଜନନୀ, ଶିଶୁ ଚିକିତ୍ସାଳୟର ନୂତନ କୋଠା ଭିତ୍ତିପ୍ରସ୍ତର ସ୍ଥାପିତ

ସୋହେଲା, ୧୦।୧୨ (ଡି.ଏନ.ଏ) ବରଗଡ ଜିଲା ସୋହେଲା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ ଇଏସଆଇ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂଙ୍କ ଦ୍ୱାରା ଜନନୀ ଓ ଶିଶୁ ଚିକିତ୍ସାଳୟର ନୂତନ କୋଠାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପ୍ରାୟ ୪କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ଚାରି ମହଲା ବିଶିଷ୍ଟ ଚିକିତ୍ସାଳୟରେ ନବଜାତ ଶିଶୁ ଓ ଜନନୀ ଚିକିତ୍ସା ସୁବିଧା ପାଇପାରିବେ । ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ଅଶୋକ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ପୂଜକ ସରୋଜ କୁମାର ଦେବତା ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । କନିଷ୍ଠ ଯନ୍ତ୍ରୀ ବିଧୁ ଭୂଷଣ ସତପଥି, କୁଳମଣି ଦେୱାନ, ପ୍ରଫୁଲ୍ଲ ପଧାନ, ଅନୀଲ ପଧାନ, ରାଜେଶ କୁମାର ଅଗ୍ରୱାଲା, ଗଣତନ୍ତ୍ର ପଧାନ, ମାର୍କଣ୍ଡ ସା ପ୍ରମୁଖ ଉପସ୍ଥିତ ଥିଲେ ।

# ସୁରକ୍ଷା ଦାବିରେ ଏସ୍‌ପିଙ୍କୁ ଭେଟିଲେ ମହିଳା

**ବରଗଡ଼ ଅଫିସ୍,୧୦।୧୨**

ଦେଶରେ ବର୍ତ୍ତମାନ ନାରୀ ସୁରକ୍ଷା ଚିନ୍ତାର ବିଷୟ ହୋଇପଡ଼ିଛି। ବଳାତ୍କାର, ହତ୍ୟା, ଯୌନ ବ୍ୟଭିଚାର, ମହିଳାଙ୍କୁ ଅସଦାଚରଣ ଆଦି ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବରଗଡ଼ ସହରର କେତେକ ସଚେତନ ମହିଳା ଅଭିଭାବକ ନାରୀ ସୁରକ୍ଷା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କୁ ଫେରାଦ ହୋଇଥିଲେ। ଏହି ଅବସରରେ ଏସ୍‌ପି ସାହୁଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ବରଗଡ଼ ସହର ସମେତ ଜିଲାରେ ନାରୀ ସୁରକ୍ଷାକୁ ଗୁରୁତ୍ୱ ଦେଇ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରିଥିଲେ ।

ସ୍ମାରକପତ୍ରରେ ବରଗଡ଼ ସହରର ସଚେତନ ମହିଳା ଅଭିଭାବକବୃନ୍ଦ ୫ଦଫା ଦାବି ପ୍ରଦାନ କରିଛନ୍ତି। ସହର ମଧ୍ୟରେ ରହିଥିବା ମହାତ୍ମାଗାନ୍ଧୀ ଶିଶୁ ଉଦ୍ୟାନରେ ଯୁବପୀଢ଼ିଙ୍କ ବିଶୃଙ୍ଖଳିତ ଆଚରଣ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ମହିଳାମାନେ ଏସ୍‌ପି ସାହୁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିଶୁ ଉଦ୍ୟାନରେ ଶିଶୁଙ୍କ ପରିବର୍ତ୍ତେ ଯୁବତୀ, ଯୁବକଙ୍କ ଭିଡ଼ ଜମୁଛି। ହେଲେ କିଛି ଯୁବତୀ ଯୁବକଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ଶିଶୁ ଉଦ୍ୟାନକୁ ଯାଉଥିବା କୋମଳମତି ଶିଶୁଙ୍କ ଉପରେ ଖରାପ ପ୍ରଭାବ ପକାଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏପରି କି ଉଦ୍ୟାନରେ ବିଶୃଙ୍ଖଳିତ ଆଚରଣ କରୁଥିବା ଯୁବତୀ, ଯୁବକଙ୍କୁ ତାଗିଦ୍ କରି ଠିକ୍ ବାଟରେ ଯିବା ପାଇଁ ମାର୍ଗଦର୍ଶନ ଦେବାକୁ ନିବେଦନ କରାଯାଇଛି ।

ସେହିପରି ଜିଲା ତଥା ଜିଲା ବାହାରୁ ପାଠ ପଢ଼ିବାକୁ ଆସି ବରଗଡ଼ ସହରରେ ରହୁଥିବା ଛାତ୍ରୀଙ୍କ ସୁରକ୍ଷା, ନିଶା ସେବନ, ବିକ୍ରୟ ଏବଂ ରୋଡ୍ ରୋମିଓଙ୍କ ଉପରେ କାର୍ଯାନୁଷ୍ଠାନ ନେବାକୁ ମହିଳା ଅଭିଭାବକମାନେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ରୋଡ୍ ରୋମିଓଙ୍କୁ ଦମନ କରିବା ନେଇ ବାଇକ୍ ପାଟ୍ରୋଲିଂକୁ କଡ଼ାକଡ଼ି କରିବା, ନିଶା କାରବାର ଉପରେ ଧରପଗଡ଼ କରିବା ଏବଂ ମୁଖ୍ୟତଃ ମହାତ୍ମାଗାନ୍ଧୀ ଶିଶୁ ଉଦ୍ୟାନରେ ଚାଲିଥିବା ବିଶୃଙ୍ଖଳିତ କାର୍ଯ୍ୟକଳାପ ଉପରେ ନଜର ରଖି ବିହିତ ପଦକ୍ଷେପ ନେବା ପାଇଁ ମହିଳାମାନେ ନିବେଦନ କରିଛନ୍ତି । ଗୀତା ମିଶ୍ର, ମମତା ମିଶ୍ର, ଅନୁପମା ଦାଶ, ଅନିମା ମିଶ୍ର ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।



ବରଗଡ଼ ଏସ୍‌ପି ପଦ୍ମିନୀ ସାହୁଙ୍କ ସହ ମହିଳାମାନେ।

- ଗାନ୍ଧୀପାର୍କର ବିଶୃଙ୍ଖଳିତ ଆଚରଣ ଉପରେ ଦୃଷ୍ଟି ଆକର୍ଷଣ
- କାର୍ଯାନୁଷ୍ଠାନ ନେବାକୁ ଦାବି କଲେ ସଚେତନ ଅଭିଭାବକ
- ନିଶା କାରବାର ରୋକିବା ଲାଗି ଏସପିଙ୍କୁ ଗୁହାରି

### ଇପିଏଫ୍ ପ୍ରଦାନ ଦାବି ଠିକା ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବୌଦ୍ଧ,୧୦।୧୨(ସ୍ୱ.ପ୍ର.):** ଇପିଏଫ ପ୍ରଦାନ ଦାବିରେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ଠିକା ସଫେଇ କର୍ମଚାରୀ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଧାରଣାରେ ବସିଥିଲେ। କର୍ମଚାରୀଙ୍କ ଅଭିଯୋଗ ମୁତାବକ, ସେମାନେ ପ୍ରତିଦିନ ସହରର ବିଭିନ୍ନ ଗଳିରେ ଠିକ୍ ଭାବେ ସଫେଇ କାର୍ଯ୍ୟ କରୁଛନ୍ତି। ହେଲେ ସେମାନଙ୍କୁ ଠିକ୍ ଭାବେ ଇପିଏଫ୍ ପ୍ରାପ୍ୟ ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପରେ ଠିକା ସଂସ୍ଥା ପକ୍ଷରୁ କର୍ମଚାରୀଙ୍କ ଇପିଏଫ୍ ଟଙ୍କା ଆକାଉଣ୍ଟରେ ଜମା କରାଯାଉଛି। ହେଲେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହ ଆଧାର ଏବଂ ମୋବାଇଲ ନମ୍ବର ସଂଯୁକ୍ତ ହୋଇ ନ ଥିବାରୁ ଜମା ଟଙ୍କା ସମ୍ପର୍କରେ କୌଣସି ସୂଚନା ପାଇ ପାରୁ ନ ଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ୟାର ସମାଧାନ ଦାବି କରି କର୍ମଚାରୀମାନେ ଆନ୍ଦୋଳକୁ ଓହରିଥିଲେ। ଫଳରେ ମଙ୍ଗଳବାର ସହରର ସଫେଇ କାର୍ଯ୍ୟ ହୋଇପାରି ନ ଥିଲା।

## ଧନୁଯାତ୍ରା, କଂସବଧ ନାଟ୍ୟୋତ୍ସବ ଉଦ୍‌ଘାଟିତ

### ନାଟକ ଧର୍ମ ସଂସ୍ଥାପନାର୍ଥାୟ ମଞ୍ଚସ୍ଥ

**ବୌଦ୍ଧ,୧୦।୧୨(ସ୍ୱ.ପ୍ର.):**

ବୌଦ୍ଧ ଜିଲାର କଳା, ସଂସ୍କୃତି ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି। ସହରରେ ୧୨ମାସରେ ହେଉଥିବା ଯାନିଯାତ୍ରାରେ ଲୋକ କଳା, ଲୋକ ନୃତ୍ୟ, ଲୋକ ଗୀତ, ଲୋକ ସଂସ୍କୃତି ଏବଂ ଐତିହ୍ୟକୁ ଜନମାନସରେ ପ୍ରଚାରିତ କରିଥାଏ। ଏହି ପରିପ୍ରେକ୍ଷୀରେ ବୌଦ୍ଧ ସହରରେ ସ୍ୱତନ୍ତ୍ର ଯାତ୍ରା ଭାବେ ଖ୍ୟାତି ଲାଭ କରିଥିବା ଧନୁଯାତ୍ରା ଓ କଂସବଧ ନାଟ୍ୟ ମହୋତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ବୌଦ୍ଧ ସହର ୮ଦିନ ଧରି ମଥୁରାନଗରୀ ହୋଇଥିବା ବେଳେ ସହର ଉତ୍ସବମୁଖର ହୋଇପଡିଛି। ମଦନ ମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ୨୦୦୭ରୁ ହୃଦାନନ୍ଦ ମେହେର ଓ ଅନ୍ୟମାନଙ୍କ ଉଦ୍ୟମରେ ନାଟ୍ୟୋତ୍ସବ ଆରମ୍ଭ ହୋଇଥିଲା। ଧନୁଯାତ୍ରା ଚଳିତ ବର୍ଷ ୧୩ବର୍ଷରେ ପହଞ୍ଚିଛି। ମଙ୍ଗଳବାର ମହାନଦୀରୁ କଳା ପରିଷଦର କର୍ମକର୍ତ୍ତାମାନେ କଳସରେ ପାଣି ଆଣି ମଦନ ମୋହନ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏପରି କି କମିଟି କର୍ମକର୍ତ୍ତାଙ୍କ ସହ କଳାକାରମାନେ ମା' କେକଭୈରବୀ, ମା'ଶୀତଳା ଏବଂ ମା' ଦୁର୍ଗାଙ୍କୁ ପୂଜା ପରେ ନାଟକ ମଞ୍ଚରେ ମା' କାଳୀଙ୍କ ପାଖରେ ସ୍ୱତନ୍ତ୍ର ପୂଜା କରି ବ୍ରତ ଧାରଣ କରିଥିଲେ। ଉତ୍ସବର ପ୍ରଥମ ଦିନରେ କୃଷ୍ଣଙ୍କ ଜନ୍ମ ଓ ବାଲ୍ୟଲୀଳା ନାଟକ 'ଧର୍ମ ସଂସ୍ଥାପନାର୍ଥାୟ' ମଞ୍ଚସ୍ଥ ହୋଇଥିଲା। ନାଟକକୁ କଳାପରିଷଦର ହୃଦାନନ୍ଦ ମେହେର ରଚନା ଓ ନିର୍ଦ୍ଦେଶନା ଦେଇଥିଲେ। ବସୁଦେବ ଭୂମିକାରେ ଲୋକନାଥ ମେହେର, ଦେବକୀ ଆନନ୍ଦ ସିଂ, ଉଗ୍ରେସନ ରୁଦ୍ରଭାନୁ ଭୋଇ, କଂସାସୁର ବାବୁଲାଲ ପ୍ରଧାନଙ୍କ ସହ ଅନ୍ୟମାନେ ଅଭିନୟ କରିଥିଲେ। ଯାତ୍ରା ବିଳମ୍ବିତ ରାତି ପର୍ଯ୍ୟନ୍ତ ମଞ୍ଚସ୍ଥ ହୋଇଥିଲା। ଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନେଇ ମିନାବଜାର ଖୋଲାଯାଇଛି।

### ବାର୍ଷିକ କ୍ରୀଡ଼ା ଉତ୍ସବ-୨୦୧୯

**ବାଉଁଶୁଣୀ,୧୦।୧୨(ଡି.ଏନ.ଏ.):**

ବୌଦ୍ଧ ବ୍ଲକ ଅଧୀନ ବାଉଁଶୁଣୀ ହାଇସ୍କୁଲ ଖେଳ ପଡ଼ିଆଠାରେ ବାଉଁଶୁଣୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଧନେଶ୍ୱର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡ଼ା ଉତ୍ସବ-୨୦୧୯ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଭୀମଭୋଇ କଲେଜର ଅବସରପ୍ରାପ୍ତ ଅଧକ୍ଷ ଡ. ହରପ୍ରସାଦ ମିଶ୍ର, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଏବିଇଓ ଅଚ୍ୟୁତାନନ୍ଦ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କରୁଣାକର ଘଣ୍ଟୁଆଳ, ଏବିଓ କମଳକାନ୍ତ ଦଳବେହେରା, ପଞ୍ଚାନନ ମିଶ୍ର, ସୁରେନ୍ଦ୍ରନାଥ ଦାସ, ସିଆର୍‌ସିସି ସରୋଜ ଝାଙ୍କର ପ୍ରମୁଖ ଉପସ୍ଥିତ ଥିଲେ। ଅଶୋକ ସାମଲ, ମନୋଜ ଗାଇଗୋରିଆ, ଖଗେଶ୍ୱର ମେହେର, ଲିଙ୍ଗରାଜ ମେହେର, ମୃତ୍ୟୁଞ୍ଜୟ ହାତି, ସନ୍ତୋଷ ଥନାପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ବିଜୟୀ ହୋଇଥିବା ଖେଳାଳିମାନଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା । ସୁରେନ୍ଦ୍ର ନାଥ ଦାସ ଧନ୍ୟବାଦ ଜ୍ଞାପନ

## ୨୭କୁଣ୍ଡୀୟ ହନୁମାନ ଚାଳିଶା ମହାଯଜ୍ଞ


୨୭କୁଣ୍ଡୀୟ ହନୁମାନ ଚାଳିଶା ମହାଯଜ୍ଞରେ ପୂଜାର୍ଚ୍ଚନା କରାଯାଉଛି।

**ସୋହେଲା,୧୦।୧୨(ଡି.ଏନ୍.ଏ.)**

ବରଗଡ଼ ଜିଲା ସୋହେଲା ସାର୍ବଜନୀନ ହନୁମାନ ଚାଳିଶା ଯଜ୍ଞ ସମିତି ପକ୍ଷରୁ ମଙ୍ଗଳବାର ମା' ଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ୨୭କୁଣ୍ଡୀୟ ହନୁମାନ ଚାଳିଶା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୂଜକ ମନବୋଧ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ ୧୦୮ଯୋଡି କର୍ତ୍ତା ଯଜ୍ଞ ଆହୁତି ପ୍ରଦାନ କରିଥିଲେ। ସକାଳ ୮ଟାରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନରେ ଆଳିତ ସହ ଯଜ୍ଞ ସମାପନ ହୋଇଥିଲା। ପରେ ଯଜ୍ଞ ସମିତି ସଭାପତି ବଳବୀର ସିଂ ଠାକୁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଧ୍ୟାତ୍ମିକ ପ୍ରବଚନ କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦ ଉତ୍କଳ ପ୍ରାନ୍ତ କାର୍ଯ୍ୟକାରୀ ସଭାପତି ସର୍ବେଶ୍ୱର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରବଚନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱହିନ୍ଦୁ ପରିଷଦ ପ୍ରକ୍ରିୟା ପରିଯୋଜନା ପ୍ରମୁଖ ବିଶ୍ୱମ୍ଭରନାଥ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଯଜ୍ଞକାର୍ଯ୍ୟ ପରିଚାଳନାରେ ଯଜ୍ଞ ସମିତି ସମ୍ପାଦକ ପ୍ରମୋଦ ଚନ୍ଦ୍ର ଦେବତା, ଲଳିତ ଅଗ୍ରୱାଲ, ଉପସଭାପତି ବାବୁଲୁ ଅଗ୍ରୱାଲ, କୋଷାଧ୍ୟକ୍ଷ ଆଲୋକ ଅଗ୍ରୱାଲ, ସଞ୍ଜୀବ ଝାଙ୍କର, ଶତ୍ରୁଘନ ଭଞ୍ଜ, ସରୋଜ ସାହୁ, କୃଷ୍ଣଚନ୍ଦ୍ର ସାହୁ ପ୍ରମୁଖ ସଦସ୍ୟ ସହଯୋଗ କରିଥିଲେ।

## ଆଞ୍ଚଳିକ ଲୋକ ମହୋତ୍ସବ କମିଟି ଗଠନ

**ଘଣ୍ଟାପଡ଼ା,୧୦।୧୨(ଡି.ଏନ.ଏ.):**

କଣ୍ଟାମାଳ ବ୍ଲକ ସିନ୍ଧୁଗୋରା ପିତାବଳୀ ଦେବୀପୀଠରେ ମନୋଜ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବନ୍ଧଗୋରା ମକର ମେଳାକୁ ଅଧିକ ଆକର୍ଷଣୀୟ କରିବା ସହ ଅଞ୍ଚଳର କଳା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ସକାଶେ ପ୍ରଥମ ଥର ପାଇଁ ଲୋକ ମହୋତ୍ସବ ଆୟୋଜନ କରିବା ନେଇ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ମହୋତ୍ସବ କମିଟି ଗଠନ କରାଯାଇଥିଲା। ଅଧକ୍ଷ ଭାବେ ମନୋଜ କୁମାର ଦାଶ, ଉପସଭାପତି ନରେନ୍ଦ୍ର ରଣା, ସମ୍ପାଦକ ଭକ୍ତ ସାହୁ, ସହସମ୍ପାଦକ ପ୍ରଦୀପ ରଣା, କୋଷାଧକ୍ଷ ଭକ୍ତ ସାହୁ, ସହସମ୍ପାଦକ ପ୍ରଦୀପ ରଣା, କୋଷାଧକ୍ଷ ଗୋପୀନାଥ ସାହୁ, ସହକୋଷାଧକ୍ଷ ତ୍ରିଲୋଚନ ବାରିକ, ଗଣମାଧ୍ୟମ ସଂଯୋଜକ ପ୍ରଭାତ ସାହୁ ଏବଂ ବଂଶୀଧର ମାଝି, ସୂଚନା ବିଭାଗ ପ୍ରମୁଖ ଭାବେ ପ୍ରଭାତ ରଣାଙ୍କୁ ଦାୟୀତ୍ୱ ଦିଆଯାଇଥିଲା। ପରିଚାଳନା ଦାୟିତ୍ୱରେ ସରୋଜ ଭୋଇ, ଧବଳେଶ୍ୱର ଷାଣ୍ଡ, ପ୍ରଶାନ୍ତ ରଣା, ଜଗଦିଶ ରଣା, ରାଜକୁମାର ରଣା, ଶ୍ରୀମନ୍ତ ରଣା ପ୍ରମୁଖ ସଦସ୍ୟ ରହିଛନ୍ତି।

## ଜିଲାପାଳଙ୍କ ଚିକିତ୍ସାଳୟ ପରିଦର୍ଶନ

**ପଦ୍ମପୁର,୧୦।୧୨(ଡି.ଏନ୍.ଏ.):**

ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ତଦାରଖ କରିଥିଲେ। ଜିଲାପାଳ ପ୍ରଧାନ ଚିକିତ୍ସାଳୟରେ ପହଞ୍ଚି ପୁଷ୍ଟିସାଧନ କେନ୍ଦ୍ର ନିରୀକ୍ଷଣ କରିବା ସହିତ ବିଭିନ୍ନ ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏପରି କି ଚିକିତ୍ସାଳୟରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ ସୁବିଧାର ଉପଲବ୍ଧି ତଥା ଆନୁସଂଗିକ ସୁବିଧା ବିଷୟରେ ରୋଗୀମାନଙ୍କୁ ପଚାରି ବୁଝିଥିଲେ । ଏପରି କି ଜିଲାପାଳ ଆହାର କେନ୍ଦ୍ର ପରିଦର୍ଶନ କରି ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଗୀତା ସିନ୍ଧୁ ପିୟୁଷ ମିଶ୍ର ଚିକିତ୍ସାଳୟର ଡ୍ରେନେଜ ବ୍ୟବସ୍ଥା ତଥା ଅନ୍ୟାନ୍ୟ ଅସୁବିଧା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳଙ୍କ ପରିଦର୍ଶନ ସମୟରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ପୂର୍ତ୍ତବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଜିତେନ୍ଦ୍ରିୟ ମେହେର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

### ବିଭିନ୍ନ ସ୍ଥାନରେ ବ୍ଲକସ୍ତରୀୟ ବିଜ୍ଞାନମେଳା

# କୁନି ବୈଜ୍ଞାନିକଙ୍କ ପ୍ରକଳ୍ପ ପ୍ରଦର୍ଶନ

**ବିଜେପୁର,୧୦।୧୨(ଡି.ଏନ୍.ଏ.):** ବରଗଡ଼ ଜିଲା ବିଜେପୁର ବ୍ଲକ ଖରମୁଣ୍ଡା ବାପୁଜୀ ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁନି ବୈଜ୍ଞାନିକଙ୍କ ୧୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଇଓ ସୁଶାନ୍ତ କୁମାର ପାଣ୍ଡେ ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳାରେ କନିଷ୍ଠ ବିଭାଗରେ ପୂଜାରାଣୀ ଗଡ଼ତିଆ ପ୍ରଥମ, ଶୁଭେନ୍ଦୁ ଶେଖର ଗୁରୁ ଦ୍ୱିତୀୟ, ନେପାଳ ଭୁଏ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବିଭାଗରେ ଛବି ଦେହେରୀ, ଓମପ୍ରକାଶ ସାହୁ, ପୁନମ ପାଇକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନୀଲ କୁମାର ବେହେରା, ଶୋଭାକର ପଧାନ, ଚନ୍ଦ୍ରମଣି ସାହୁ, କୃଷ୍ଣଚନ୍ଦ୍ର ହୋତା ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ଭାରପ୍ରାପ୍ତ ବିଇଓ ସୁଶାନ୍ତ କୁମାର ପାଣ୍ଡେଙ୍କ ଅଧକ୍ଷତାରେ ଉଦ୍‌ଯାପନୀ ସମାରୋହ ହୋଇଥିଲା। ବ୍ଲକ ଅଧକ୍ଷା ମାନିନୀ ଭୋଇ ମୁଖ୍ୟଅତିଥି, ଡୁଙ୍ଗୁରିପାଲି ବିଇଓ ରାଧାକାନ୍ତ ଗଡତିଆ, ଜିଲା ବିଜ୍ଞାନ ସୁପରଭାଇଜର ମନୋଜ ସାହୁ, ଇଓ ରୁକ୍ମଣ ମେହେର, ଏବିଇଓ ଦିବାକର ଧରୁଆ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।

**ଗଣ୍ଡତୁରୁମ,(ଡି.ଏନ୍.ଏ.):** ବରଗଡ଼ ଜିଲା ଭେଡେନ ବ୍ଲକ ସାଲଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ରୀଛାତ୍ରଙ୍କ ୧୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ସିନିୟର ବିଭାଗରେ ୨୭, ଜୁନିୟର ୬୧ ଏବଂ ସବଜୁନିୟର ବିଭାଗର ୬୪ ପ୍ରକଳ୍ପ ସ୍ଥାନିତ ହୋଇଥିଲା। ମାନପୁର ହାଇସ୍କୁଲର ପ୍ରିତମ ମେହେର, ବରପଦର ହାଇସ୍କୁଲର ଅଙ୍କିତ ପଟେଲ, ଭେଡେନର ବିଜୟ ଦାଶ, ଅରେଇଗୁଡ଼ିର ଖୁସବୁ ପଧାନ, ମାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅପରାଜିତା ଦାଶ, ଝରାପାଲି ହାଇସ୍କୁଲର ଝରଣା ସାହୁଙ୍କ ପ୍ରକଳ୍ପ ଜିଲାସ୍ତରୀୟକୁ ମନୋନୀତ ହୋଇଥିଲା। ସେହିପରି ପୁଷ୍ପକ ସାହୁ, ସୁରଜ ମିଶ୍ର, ନିବେଦିତା ରଥ, ପ୍ରତିମା ଦାଶ ଏବଂ ନମ୍ରତା ପଧାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ମଛିନ୍ଦ୍ର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ଦେଶଭଟିଲି ସରପଞ୍ଚ ଶର୍ମିଷ୍ଠା ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ପ୍ରକାଶ ଯୋଶୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ସୁବାଷ ଚୌହାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲା ପ୍ରକଳ୍ପ ସଂଯୋଜକ ସୁଶାନ୍ତ ଚୌପଦାର, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ଉପକାରିତା ବିଷୟରେ ମତବ୍ୟକ୍ତ କରିଥିଲେ ।


ଭେଡେନ ବ୍ଲକ ସାଲଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଅତିଥିମାନେ ବିଜ୍ଞାପ ପ୍ରକଳ୍ପ ବୁଲିଦେଖୁଛନ୍ତି।

**ଜାମର୍ଟିକ୍ରା/ଅତାବିରା, (ଡି.ଏନ.ଏ.):** ଅତାବିରା ବ୍ଲକ ଝିଲିମିଣ୍ଡା ଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ବ୍ଲକର ୧୪ଟି କ୍ଲଷ୍ଟରର ଛାତ୍ରୀଛାତ୍ରମାନେ ୧୮୩ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଅବସରପ୍ରାପ୍ତ ପରିଚାଳକ ଓମକାରନାଥ ବାବୁ, ବ୍ଲକ ଚେୟାରମ୍ୟାନ ରୀତା ସାହୁ, ସରପଞ୍ଚ ସୁଧିର ପଧାନ, ସମିତି ସଭ୍ୟ ପ୍ରଦୀପ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଅତାବିରା ବ୍ଲକ ଶିକ୍ଷା ଅଧିକାରୀ ରାଜାରାମ ମେହେର ସଭାରେ ସଭାପତିତ୍ୱ କରିଥିଲେ । ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ଦ୍ୱାରି, ଧର୍ମରାଜ ପଧାନ, ପ୍ରସନ୍ନ ପଣ୍ଡା, ଶିଶିର ପଧାନ ପ୍ରମୁଖ କାଯର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**ଝାରବନ୍ଧ, (ଡି.ଏନ୍.ଏ.):** ଝାରବନ୍ଧ ବ୍ଲକସ୍ତରୀୟ ୨୫ତମ ବିଜ୍ଞାନ ମେଳା ଜୟଦୁର୍ଗା ହାଇସ୍କୁଲ ତୁର୍ଲାଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ରଣଜିତ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧକ୍ଷ ସୁବାଷ ଚୌହାନ, ଜିଲା ପରିଷଦ ଜୋନ-୧ର ସଦସ୍ୟା କୁମୁଦିନୀ ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ। ମେଳାରେ ୧୦୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ପଦ୍ମପୁର ବିଧାୟକ ବିଜୟରଞ୍ଜନ ସିଂ ବରିହା, ସମ୍ମାନୀତ ଅତିଥି ଝାରବନ୍ଧ ବ୍ଲକ ଅଧକ୍ଷ ବିଜୟକେତନ ପ୍ରଧାନ, ପାଇକମାଲ ବ୍ଲକ ଅଧକ୍ଷ ଅଲତାପ ମହମ୍ମଦ, ଜୟ ଦୁର୍ଗା ହାଇସ୍କୁଲର ପ୍ରଧାନଶିକ୍ଷକ ମାଧବ ତାଣ୍ଡି ଯୋଗଦେଇ କୁନି ବୈଜ୍ଞାନିକମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ରାଜେଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

**ବରପାଲି, (ଡି.ଏନ୍.ଏ.):** ବରପାଲି ବ୍ଲକସ୍ତରୀୟ ବିଜ୍ଞାନ ମେଳା ସ୍ଥାନୀୟ ବାଳକ ହାଇସ୍କୁଲ ପରିସରରେ ବିଇଓ ରାଜେନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ରୀତା ସାହୁ ମୁଖ୍ୟଅତିଥି ଭବେ ଯୋଗଦେଇଥିଲେ। ଅତିଥି ଭାବେ ସ୍କୁଲ କମିଟି ଅଧକ୍ଷ ରଘୁମଣି ତ୍ରିପାଠୀ, ହାଇସ୍କୁଲ ପ୍ରଧାନ ଶିକ୍ଷକ ଶଙ୍କର ପ୍ରସାଦ ମାଝି, ଟଙ୍କଧର ଛତ୍ରିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବିଇଓ ରାଜେନ୍ଦ୍ର ମିଶ୍ର ଅଧକ୍ଷତା କରିଥିଲେ। ମେଳାରେ ୧୩୭ ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ତନ୍ମଧ୍ୟରୁ ୬ଜଣ ଯୋଗ୍ୟ ବିବେଚିତ ହୋଇ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।



"ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
-ଆଇନଷ୍ଟାଇନ



## ସଂକ୍ଷେପରେ



### ଜଗନ୍ନାଥ ମନ୍ଦିରରେ ଗୀତା ଜୟନ୍ତୀ

ସଇଁତଲା, ୧୦।୧୨(ଡ଼ି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଡେଙ୍ଗ ଜଗନ୍ନାଥ ମନ୍ଦିରରେ ମଙ୍ଗଳବାର ଶ୍ରୀମଦ ଭାଗବତ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ପୂଜକ ପ୍ରମୋଦ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ସୁରେଶ ମିଶ୍ର ପାରାୟଣ ପଠନ କରିଥିଲେ। ଯଜ୍ଞକର୍ତ୍ତାଭାବେ ଗୌନ୍ତିଆ ଜୟକୃଷ୍ଣ ଭୋଇ, ପୁଷ୍ପାଞ୍ଜଳି ଭୋଇ କାର୍ଯ୍ୟ ତୁଲାଇଥିଲେ। ଯୁଧିଷ୍ଠିର ହୋତା ଯଜ୍ଞକାର୍ଯ୍ୟ ନିର୍ବାହ କରିଥିଲେ। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଏହି ଅବସରରେ ଉପସ୍ଥିତ ରହିଥିଲେ। ଭିକାରୀ ସାହୁ, ମନୋଜ ରଣା, ଆଦିତ୍ୟ ରଣା, ବିପିନ ରଣା, ଅକ୍ଷୟ ସାହୁ, ରତନ ରଣାଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମର ସଫଳ ସମାପନରେ ସହଯୋଗ କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଅବହେଳିତ ଗାଁ ବାହାବଲ

# ସରକାରୀ ଯୋଜନା ବାଟବଣା

କଣ୍ଟାବାଞ୍ଜି, ୧୦।୧୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଢୋଲମାନ୍ଦଲ ପଁଚେତ୍ ଅଧୀନ ମାଓବାଦୀ ପରଭାବିତ ଗାଁ ବାହାବଲ। ଇ ଗାଁରେ ବାସ କରୁଛନ୍ ୨୮୫ ଆଦିବାସୀ ଆର ହରିଜନ ପରିବାର। ୨ ୱାର୍ଡ ଥିବାର ଇ ଗାଁରେ ସରକାରକଁର ଅନେକ ବିକାଶ ମୂଳକ କାର୍ଯ୍ ଆର ଦାରିଦ୍ର୍ୟଦୂରୀକରଣ ଯୋଜନା ବାଟବଣା ହେଇଛେ। ଗାଁର ବଡ଼ଭାଗି ଲୋକ ଖଟିଖିଆ ହେଇଥିଲାବେଲେ କାମ୍ଧଁଦା ଅଭାବୁ ଦାଦନ ଖଟିଯାଉଛନ୍। ଗାଁରେ ବଡ଼ଭାଗି ଲୁକ୍କୁ ରାଶନ କାର୍ଡ ମିଲିଛେ ସତ୍। ହେଲେ ପରିବାରର ମୁଖିଆକେ ଛାଡ଼ିଦେଲେ କାର୍ଡରେ ବାକି କାହାରି ନାଁ ନାଇଁନ। ଗାଁରେ ଏଭେ ବି ଅନେକ ଗରିବ୍ ପରିବାର ସରକାରୀ ଯୋଜନାରେ ଘର ପାଏବାରୁ ବଁଚିତ୍ ହେଇ ରହିଛନ୍। ଜଗତ ଭୋଇ, ଯଶୋଦା ବନଗୁଲା, ପ୍ରେମ ବନଗୁଲା, ବାସୁ ଭୋଇ, ଜଗସନ ବନଗୁଲା, ନୀର ବନଗୁଲା, ଅର୍ଜୁନ ବନଗୁଲା, ଧରମ ବନଗୁଲା, ସୁବାସିନୀ ବନଗୁଲା, ସୁବନାଥ ନାଗ, ଉପାସି ବନଗୁଲାକଁର ମାଏଟ୍ ଘରମାନ ଭାଂଗି ଯାଇଥିଲେ ବି ଆବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଇମାନେ ସଭେ ପକାଘର ଲାଗି ବାରବାର ଆବେଦନ କରି ନିରାଶ ହେଇଛନ୍। ସେନ୍ତା ଗାଁବାସୀକର ପିଇଲା ପାଏନ୍ ସୁବିଧା ଲାଗି ଗାଁରେ ଗୁଟେ ଜଳଯୋଗାଣ ପ୍ରକଳ୍ପ କାମ୍ ମୂଳ ହେଇଛେ। ହେଲେ ସେଟା ଅଧାପନ୍ତରିଆ ଅବସ୍ତାରେ ପଡ଼ିରହିଛେ। ଏନ୍ତାଥି ଗାଁବାସୀ ଗାଁରେ ଥିବାର ୨ଟା ନଲ୍‌ଚୁଆଁରୁ ପାଏନ୍ ନେଇ କାମ୍ ଚଲଉଛନ୍। ଆଏଜ୍‌କେ ୩ ବଛର ତଲେ ବାହାବଲ ଗାଁରେ ଗୁଟେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଖୁଲିଥିଲା। ହେଲେ ସେଟା ଆଏଜ୍‌ତକ କାର୍ଯ୍କ୍ଷମ ନାଇଁ ହେଇପାରି। ଇଠାନେ ଚାକରି କରୁଥିବାର ଏଏନ୍ଏମ୍ ଆର ଉନିଆ କରମ୍ଚାରୀ ଦିନେ ବି ଗାଁକେ ନାଇଁ ଆଏବାର। ଏନ୍ତାଥି ଖାସ୍, ଛିଁକ୍‌ରେ ବି ଗାଁବାସୀ ୧୫ କି.ମି. ଦୂରିଆ ତୁରେକେଲା ଡାକ୍ତରଖାନାକେ ଚିକିତ୍ସା ଲାଗି ଯାଉଛନ୍।



- କାମ୍ଧଁଦା ଅଭାବୁ ଦାଦନ ଯାଉଛନ୍ ଗାଁବାସୀ
- ରାଶନ କାର୍ଡ ଯୋଜନାରେ ଗୁଁଦ୍‌ଲାଗୁପା
- ପକାଘର ପାଏବାରୁ ବଁଚିତ୍ ଅନେକ ହିତାଧିକାରୀ
- କାର୍ଯ୍କ୍ଷମ ନାଇଁ ହେବାର ସ୍ୱାସ୍ଥ୍ୟ ଉପକେନ୍ଦ୍ର
- ଅଧାପନ୍ତରିଆ ପଡ଼ିଛେ ଜଲଯୋଗାଣ ପ୍ରକଳ୍ପ

### ଇମାନେ ଯାହା କହିଛନ୍......

"ପଁଚେତ୍ ତରଫୁ ହକ୍‌ଦାର ଶ୍ରମିକମାନକୁ ଏମ୍‌ଜିଏନ୍ଆରଇଜିସ୍‌ରେ କାମ୍ ନାଇଁ ଦିଆଯିବାର। ଏନ୍ତା କି ବ୍ଲକ ଆର ପଁଚେତ୍ କତୃରପକ୍ଷ ଦାରିଦ୍ର୍ୟଦୂରୀକରଣ ଯୋଜନାରେ ଗରିବ୍‌ଦୁଖିକୁ ସାମିଲ କରବାର ଚେଷ୍ଟା ନାଇଁ କରବାର। ଯେନ୍ଥିଲାଗି ଆମେ ପେଟ୍‌ପାଟନାର ଲାଗି ଦାଦନ ଖଟିଯାଉଛୁଁ।
-ଖିରମତି ବନଗୋଲା, ଗାଁବାସୀ

"ଆଏଜ୍‌ତକ ସମକୁ ରାଶନ କାର୍ଡ ନାଇଁମିଲି। ପରିବାରରେ ୫ ଝନ୍ ଥିଲେ ବି କାର୍ଡ ଝନ୍‌କର ନାଁ ରହିଛେ। ଏନ୍ତାଥି ପରିବାରର ଝନ୍‌କୁ ନ ୫ କେ.ଜି. ଚାଉଲ ମିଲୁଛେ। ଇଆଡ଼େ ପଁଚେତ୍‌ରୁ କାମ୍ ନାଇଁ ମିଲବାର। ଏମ୍‌ଜିଏନ୍ଆର୍‌ଇଜିଏସ୍ କାମ୍ ଶ୍ରମିକ ଜାଗାରେ ମେଶିନ କରୁଛେ।
-ଚନ୍ଦ୍ର ବୁଢ଼େକ, ଗାଁବାସୀ

"ବଛରେରୁ ଅଧିକା ହେଲା ଆମର ଘର ଭାଂଗି ଯାଇଛେ। ପଁଚେତ୍‌ରେ ଗୁହାରି କରି ଥକି ଗଲୁଁନ। ପଲ୍ଲୀସଭା, ଗ୍ରାମସଭାରେ ଆମର ନାଁ ଲେଖିବାକେ କୁହାଯାଇଛେ। ହେଲେ ଘର ଖଁଡ଼େ ନାଇଁ ମିଲିପାରୁଛେ। ଏନ୍ତା ଗାଁରେ ବହୁତ୍ ଲୁକ୍‌କର ଘର ଭାଂଗିଛେ, ହେଲେ କେହି ଘର ନାଇଁ ପାଏବାର।
- ନୀର ବନଗୁଲା,ଗାଁବାସୀ

"୨୦୧୧ ଜନଗଣନା ତାଲିକାରୁ ହିତାଧିକାରୀ ବଛା ଯାଉଛେ। ପଁଚେତ୍‌କେ କୁଟା ହିସାବେ ବଛରକ ୨ଟା ଘର ଆସୁଛେ। ସେଥିଲାଗି ବହୁତ୍ ଲୋକ୍ ଘର ନାଇଁ ପାଇପାରବାର। ରାଶନ କାର୍ଡ ଉପରେ ଅନେକ ଥର ପଁଚେତ୍ ସମିତି ମିଟିଂରେ ଅଭିଯୋଗ କରିଛେଁ। ଇ ବାବ୍‌ଦେ ବ୍ଲକ ଆର ଜିଲା ପରଶାସନକେ ଲେଖିଛେଁ।
-ବିଶ୍ୱାମିତ୍ର ଛତ୍ରିଆ, ସରପଁଚ୍



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ ବୋଲେ ରାଉ ରାଉ;**
**କଥାଏ ଦି' କଥା କହି ଥାଆନ୍ତି,**
**ବଣା କଲା ଭାଇ ବୋହୂ ।**

ସମୟ ସୁବିଧା ଦେଖି ମଣିଷ ନିଜ ମନର କଥା ଅନ୍ୟ ସହ ବାଣ୍ଟିଥାଏ। ତେବେ ପାଖରେ ଯଦି କେହି ନିଜ ଲୋକ ରହିଥାଏ ତା'ହେଲେ ଗୋପନ କଥା ଗୋପନରେ ରହିଯାଇଥାଏ। କାଳେ କିଛି ଜଣା ପଡ଼ିଯିବ ସେ ନେଇ ମନରେ ଭୟ ସୃଷ୍ଟି ହୋଇଥାଏ। ନିଜର ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ନେଇ ଆତ୍ମୀୟ ପ୍ରତିବନ୍ଧକ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କବି ତୁଣ୍ଡ,**
**ମେଣ୍ଢା ମୁଣ୍ଡ ।**

ମେଣ୍ଢା ମୁଣ୍ଡ ଭାରି ଟାଣ। ସେ ତାଳ ପକେଇ ଲଢ଼େଇ କଲାବେଳେ ଠୋ ଠୋ ଶବ୍ଦ ଶୁଭେ। ମେଣ୍ଢା ମୁଣ୍ଡ ଟାଣ ହେଲା ଭଳି କବିଙ୍କର ଲେଖା ମଧ୍ୟ ଟାଣ। ତାଙ୍କ ଲେଖା ଭାରି ଅର୍ଥପୂର୍ଣ୍ଣ, ଟାଣୁଆ ଭାଷା। ସର୍ବୋପରି କବିଙ୍କ ଲେଖା ଗଭୀର ଅର୍ଥ ବିଶିଷ୍ଟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ମାଲପଡା ନାଗରିକ କମିଟି ବୈଠକ

# ସଫେଇ ହେଉ ନ ଥିବାରୁ ଉଦ୍‌ବେଗ



ମାଲପଡା ନାଗରିକ କମିଟିର ମାସିକ ବୈଠକରେ ଉପସ୍ଥିତ ସଦସ୍ୟ ।

ବଲାଙ୍ଗୀର ଅଫିସ,୧୦।୧୨

ବଲାଙ୍ଗୀର ସହର ମାଲପଡା ନାଗରିକ କମିଟିର ମାସିକ ବୈଠକ ସ୍ଥାନୀୟ ରାମସ୍ୱାମୀ ମନ୍ଦିର ପରିସରରେ ସଭାପତି ଯୁଧିଷ୍ଠିର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ସଭା ପ୍ରାରମ୍ଭରେ ପଡାର ବିଭିନ୍ନ ଦିବଙ୍ଗତ୍ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରାଯାଇଥିଲା। ପଡାର ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା ହୋଇଥିଲା। ବିଶେଷତଃ ପଡାର ନାଳ, ନର୍ଦ୍ଦମା ଓ ରାସ୍ତା ସଫେଇକୁ ନେଇ ପୌରପାଳିକା ଚରମ ଅବହେଳା ପ୍ରଦର୍ଶନ କରୁଥିବାରୁ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସଭ୍ୟମାନେ ସଂଘର ବାର୍ଷିକ ସଭ୍ୟ ଚାନ୍ଦା ନିୟମିତ ଭାବରେ ପ୍ରଦାନ କରିବା ଉପରେ ପ୍ରସ୍ତାବ ଗୃହୀତ ହୋଇଥିଲା । ସଂଘ ନିର୍ବାଚନ ମଧ୍ୟ ଆସନ୍ତା ମାସରେ ହେବ ବୋଲି ସ୍ଥିର କରାଯାଇଥିଲା । ଗତ ଅଗଷ୍ଟ ମାସରେ ସଂଘଟିତ ପ୍ରଳୟଙ୍କରୀ ବନ୍ୟା କ୍ଷତିଗ୍ରସ୍ତଙ୍କୁ ଏ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଇ ନ ଥିବାରୁ ସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହା ସହିତ ବନ୍ୟା ଦ୍ୱାରା ଧୋଇ ହୋଇଯାଇଥିବା ରାସ୍ତାଗୁଡିକ ଶୀଘ୍ର ମରାମତି କରିବା ପାଇଁ ଜିଲାପାଳଙ୍କୁ ଏକ ପତ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସମ୍ପାଦକ ପଞ୍ଚାନନ ସେଠ, ସଭ୍ୟ ଭବାନୀ ଶଙ୍କର ଶତପଥୀ, ପ୍ରଧାପକ ତରୁଣ କୁମାର ମିଶ୍ର, ଆକୁଳ ବେହେରା, ଦିବାକର ହୋତା, ନିମାଇଁ ଚରଣ ଦାଶ, ପଣ୍ଡିତ ନାରାୟଣ ମିଶ୍ର, ବାସୁଦେବ ନାଗ, ବିନାୟକ ନନ୍ଦ, ଦୟାସାଗର ବର୍ଗର୍ତ୍ତି ଓ ଦେବଜ୍ୟୋତି ଯୋଷୀ ଭାଗ ନେଇଥିଲେ।

ବ୍ଲକସ୍ତରୀୟ ଲୋକ ଉତ୍ସବ ଉଦ୍‌ଯାପିତ

# ମନ ମୋହିଲେ ଗ୍ରାମ୍ୟ କଳାକାର

ବଲାଙ୍ଗୀର ଅଫିସ,୧୦।୧୨

ବଲାଙ୍ଗୀର ସଦର ବ୍ଲକ ପରିସରରେ ବ୍ଲକସ୍ତରୀୟ ଲୋକଉତ୍ସବ ଅନୁଷ୍ଠିତ ହୋଇଛି । ବ୍ଲକ କଳା ସଂସ୍କୃତି ସଂଘ ସଭାପତି ତଥା ସଦର ବ୍ଲକ ଅଧ୍ୟକ୍ଷ ଗୋଲାପ ବାଗ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ବିଡିଓ ବାସୁଦେବ ମହାପାତ୍ର, ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ଭୋଇ, ଶ୍ରୀଧର ବାରିକ, ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ, ନିମନ୍ତ୍ରିତ କଳାକାର ଗୋପାଳ ପଧାନ, ବିଭିନ୍ନ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ । ଏହି ଉତ୍ସବରେ ଲୋକଗୀତ, ଲୋକନୃତ୍ୟ, ଲୋକବାଦ୍ୟ, ଲୋକ ନାଟକ ଆଦି ବିଭାଗରେ ୫୬ଟି ଦଳ ଓ କଳାକାର ଅଂଶଗ୍ରହଣ କରିଥିଲେ । ଚିକଲବାହାଲ ଗ୍ରାମର ଶତ୍ରୁଘ୍ନ ବେହେରା ଓ ସାଥୀଙ୍କ ରାମଲୀଳା ନାଟକଙ୍କ ରାମଲୀଳା ନାଟକ, ପ୍ରତାପରୁଦ୍ରପୁରର ସାନନ୍ଦ ଶିକାଙ୍କ ଦଣ୍ଡନୃତ୍ୟ, କିଶୋର ନିତାଇ ଦଳଙ୍କ ମହିଳା କୀର୍ତ୍ତନ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ଦର୍ଶକମାନେ ସମସ୍ତ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିଥିଲେ। ବିଚାରପତି ଭାବେ ପରମାନନ୍ଦ ମାଝି, ଧ୍ରୁବ ଠାକୁର ଓ ଗୋଲାପ ବାଗ ଦାୟିତ୍ୱ ତୁଲାଇଥିଲେ । ଉତ୍ସବକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦତ୍ତ ଭୋଇ, ଜିପିଓ ସାରଥି ସାହୁ, ବିଏସ୍ଏସ୍ଓ ମଦନ ହୋତା ସଂଯୋଜନା କରିଥିଲେ । ଏହି ଅବସରରେ ସମସ୍ତ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ଏହି ବ୍ଲକସ୍ତରୀୟ ପ୍ରତିଯୋଗିତାରୁ ବଛା ବଛା ଦଳ ଓ କଳାକାର ଉପଖଣ୍ଡସ୍ତରୀୟ ତଥା ଜିଲାସ୍ତରୀୟ ଲୋକଉତ୍ସବ ନିମନ୍ତେ ମନୋନୀତ ହୋଇଥିଲେ ।



ବଲାଙ୍ଗୀର ବ୍ଲକସ୍ତରୀୟ ଲୋକଉତ୍ସବରେ ଅତିଥିମାନେ କୃତୀ କଳାକାରଙ୍କୁ ସମ୍ମାନିତ କରୁଛନ୍ତି।

### ଗୀତା ମହାଯଜ୍ଞ

ଟିକ୍ରାପଡା,୧୦।୧୨(ଡି.ଏନ.ଏ.)

ସଇଁତଲା ବ୍ଲକ କରମତଲା ଗିରିଗୋବର୍ଦ୍ଧନ ମଠରେ ଗୀତା ମହାଯଜ୍ଞ ମଙ୍ଗଳବାର ସମ୍ପନ୍ନ ହୋଇଛି। ମନୋହର ବାଗ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଡ. ରବିନ୍ଦ୍ର କୁମାର କର ପ୍ରବଚନ ପ୍ରଦାନ କରିଥିଲେ । ଲକ୍ଷ୍ମୀ ନାରାୟଣ ମହିଳା ସଂକୀର୍ତ୍ତନ ମଣ୍ଡଳୀ କଳାକାରମାନେ ଭଜନ ପରିବେଷଣ କରିଥିଲେ । ସନ୍ଥ ସଦାନନ୍ଦ ଦାଶ, ପାଣ୍ଡବ ମିର୍ଦ୍ଧା, ତାରାଚନ୍ଦ ପୂଝାରିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### ଯୁବତୀଙ୍କୁ ପ୍ରତାରଣା କରି ଅଭିଯୁକ୍ତ ଗିରଫ

ଜମନକିରା,୧୦।୧୨ (ଡି.ଏନ୍.ଏ.)

ଜମନକିରା ଥାନା ଛେମୁଣ୍ଡା ଗାଁ ତେନ୍ତୁଳିଗୁଡ଼ାର ହୁସେନ ବୁଢ଼ ନାମକ ଜଣେ ଯୁବକ କୁଚିଣ୍ଡା ଥାନା ଅଧୀନ ଏକ ଗାଁର ଜଣେ ୨୩ ବର୍ଷୀୟା ଯୁବତୀଙ୍କୁ ପ୍ରେମ ପ୍ରତାରଣା କରିଛନ୍ତି। ସେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ମାରପିଟ କରିବା ଅଭିଯୋଗରେ ପୋଲିସ ମଙ୍ଗଳବାର ଅଭିଯୁକ୍ତ ହୁସେନଙ୍କୁ ଗିରଫ କରିଛି। ପୋଲିସ କହିଛି ଯେ, ଅଭିଯୁକ୍ତ ହୁସେନ ଗତ ୩ ବର୍ଷ ହେବ ଉକ୍ତ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଥିଲେ। ଅନ୍ତରଙ୍ଗ ମୁହୂର୍ତ୍ତର ଭିଡ଼ିଓ ଉତ୍ତୋଳନ କରି ତାଙ୍କୁ ବ୍ଲାକ୍‌ମେଲ କରି ଆସୁଥିଲେ। କଥା ନ ଶୁଣିଲେ ସୋସିଆଲ ମିଡ଼ିଆରେ ଭିଡିଓ ଛାଡ଼ିବେ ବୋଲି ଧମକ ଦେଇ ନିର୍ଯାତନା ଦେଉଥିଲେ। ଗତ ଶନିବାର ସେ ଫୋନ୍‌ରେ ଯୁବତୀଙ୍କୁ ଛେମୁଣ୍ଡାକୁ ଡାକିଥିଲେ। ସେ ଆସିବା ପରେ ତାଙ୍କୁ ଗୋଡ଼ହାତ ବାନ୍ଧି ଶାରୀରିକ ସମ୍ପର୍କ ରଖିବା ସହ ଜଙ୍ଗଲରେ ନିର୍ଯାତନା ଦେଇଥିଲେ ବୋଲି ଯୁବତୀ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ 20 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ASTROLOGY

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ୧୨ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ

**ଟିଟିଲାଗଡ଼, ୧୦।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଟିଟିଲାଗଡ ଅବକାରୀ ବିଭାଗ ଭାଟିପଡା ଜଙ୍ଗଲରେ ଚାଲିଥିବା ଏକ ବେଆଇନ ମଦଭାଟି ଉପରେ ସୋମବାର ସନ୍ଧ୍ୟାରେ ଚଢାଉ କରିଥିଲା। ଚଢାଉ ପରେ ୧୨କୁଇଣ୍ଟାଲ ମହୁଲପୋଚ ନଷ୍ଟ ହୋଇଛି। ତେବେ ମଦ ରନ୍ଧାରେ ସମ୍ପୃକ୍ତ ବ୍ୟକ୍ତିମାନେ ଘଟଣାସ୍ଥଳରୁ ଖସି ପଳାଇ ଯାଇଛନ୍ତି। ଟିଟିଲାଗଡ ଅବକାରୀ ଓଆଇସି ଗୋବର୍ଦ୍ଧନ ରଣା, ଏଏସଆଇ ବୁଦ୍ଧଦେବ ପୁଟେଲ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।

### ଦେଶୀ ମଦ ଜବତ, ୨ ଗିରଫ

**ଗୁଡଭେଲା, ୧୦।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ବିଭିନ୍ନ ଗ୍ରାମରେ ଚଢାଉ କରାଯାଇଥିଲା। ତୁଷୁରା ଏନଏସି ଅଧିନ ମହିପୁର ଗ୍ରାମରେ ଚଢାଉ କରି ଶମ୍ଭୁ ପ୍ରସାଦ ଭୋଇଙ୍କଠାରୁ ୯ ଲିଟର ଓ ଗୁଡଭେଲା ବ୍ଲକ ଚାଣ୍ଡିପଦର ଗ୍ରାମର ଗୌର କୁଅଁରଙ୍କଠାରୁ ୨୫ ଲିଟର ଦେଶୀ ମଦ ଜବତ କରିଛି। ଏ ନେଇ ଅବକାରୀ ବିଭାଗ ଦୁଇଟି ପୃଥକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରିଥିବା ସ୍ଥାନୀୟ ଅବକାରୀ ଅଧିକାରୀ ଅରୁଣ କୁମାର ଯୋଷୀ ପ୍ରକାଶ କରିଛନ୍ତି। ଏଏସ୍‌ଆଇ ଜୟନାରାୟଣ ଯୋଷୀ, ଦେବାଚନ ଭୋଇ, ସୁରେଷ ଭୋଇ ଚଢାଉରେ ସାମିଲ ଥିଲେ।

ରାଜେନ୍ଦ୍ର କଲେଜ, ମହିଳା କଲେଜରେ ବକ୍ତୃତାମାଳା

# ଗଣତନ୍ତ୍ର ଏକ ନିରନ୍ତର ପ୍ରକ୍ରିୟା

**ବଲାଙ୍ଗୀର ଅଫିସ, ୧୦।୧୨**

ବଲାଙ୍ଗୀର ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ ପକ୍ଷରୁ କଲେଜର ପ୍ଲାଟିନମ୍ ଜୁବିଲି ଉପଲକ୍ଷେ ଦୁଇଟି ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ କାର୍ଯ୍ୟକ୍ରମରେ ଗଣତନ୍ତ୍ରର ବିଚାରଧାରାର ଇତିହାସ ଶୀର୍ଷକରେ ଆଲୋଚନା ହୋଇଥିଲା । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର କୃଷ୍ଣ ଟିସୁଆନ୍ ଏଥିରେ ଯୋଗଦେଇ ବକ୍ତୃତା ଦେଇଥିଲେ । ଗଣତନ୍ତ୍ର ଏକ ନିରନ୍ତର ପ୍ରକ୍ରିୟା ଓ ଏହା ଏକ ଆନ୍ଦୋଳନ । ବିକାଶର ପ୍ରକ୍ରିୟା ଦେଇ ଆଗାମୀ ଦିନରେ ଗଣତନ୍ତ୍ର ଆହୁରି ସୁଦୃଢ଼ ହେବ ବୋଲି ସେ ମତପୋଷଣ କରିଥିଲେ । ଏହାପରେ ସମ୍ବିଧାନରେ ଧର୍ମନିରପେକ୍ଷତା, ସୁପ୍ରିମ୍‌କୋର୍ଟ ଓ ଭାରତରେ ଧାର୍ମିକ ସ୍ୱାଧୀନତା ଶୀର୍ଷକ ଦ୍ୱିତୀୟ ବକ୍ତୃତାମାଳାରେ ମହାରାଷ୍ଟ୍ର ପୁନାସ୍ଥିତ ନ୍ୟାଶନାଲ ଡିଫେନ୍ସ ଏକାଡେମୀର ସହକାରୀ ପ୍ରଫେସର ବ୍ରିଜେଶ ଯାଦବ ଯୋଗଦେଇ ସୁପ୍ରିମ୍‌କୋର୍ଟ ଭିକଳି ଦେଶରେ ସାମ୍ପ୍ରଦାୟିକ ତଥା ଧାର୍ମିକ ସୌହାର୍ଦ୍ଦ୍ୟ ଓ ଭାରସାମ୍ୟ ରକ୍ଷା କରିବାରେ ସହାୟକ ହୋଇଛନ୍ତି ତାହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । କେତେବେଳେ ବ୍ୟକ୍ତି ଓ କେତେବେଳେ ଗୋଷ୍ଠୀ ସପକ୍ଷରେ ରାୟ ଦେଇ ସୁପ୍ରିମକୋର୍ଟ ଭାରସାମ୍ୟ ରକ୍ଷା କରୁଥିବା ସେ କହିଥିଲେ । ଆମ ସମସ୍ତଙ୍କ ପାଇଁ ସମ୍ବିଧାନ ହିଁ ସର୍ବୋପରି ଓ ସମ୍ବିଧାନର ଗୁରୁତ୍ୱ ଓ ମହତ୍ୱ ବଜାୟ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ସେ କହିଥିଲେ। କଲେଜ ଅଧ୍ୟକ୍ଷ ପ୍ରଫେସର ବିନୟ କୁମାର ଜେନା ବକ୍ତୃତା ପ୍ରାରମ୍ଭରେ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଆଲୁମ୍ନି ସେମିନାର କମିଟି ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ମିଶ୍ର ତାଙ୍କ ମତାମତ ରଖିଥିଲେ। ପ୍ରଫେସର ରବିଶଙ୍କର ପାଣ୍ଡିଆ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ବହୁ ଆଲୁମ୍ନି ସଦସ୍ୟ ଓ ବର୍ତ୍ତମାନ୍‌ର କଲେଜ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ସରକାର ମହିଳା ମହାବିଦ୍ୟାଳୟରେ ମଧ୍ୟ ଏକ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲେଜ ଅଧ୍ୟକ୍ଷ ମନୋରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୁନା ସ୍ଥିତ ନ୍ୟାଶନାଲ ଡିଫେନ୍ସ ଏକାଡେମୀର ସହକାରୀ ପ୍ରଫେସର ବ୍ରିଜେଶ ଯାଦବ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର କୃଷ୍ଣ ଟିସୁଆନ୍ ଯୋଗଦାନ କରିଥିଲେ। ପ୍ରଫେସର ଯାଦବ ସାମ୍ବିଧାନିକ ଧର୍ମନିରପେକ୍ଷତା, ସୁପ୍ରିମକୋର୍ଟ ଓ ଧାର୍ମିକ ସ୍ୱାତନ୍ତ୍ରତା ବିଷୟରେ ବକ୍ତବ୍ୟ ରଖିଥିଲେ । ପ୍ରଫେସର ଟିସୁଆନ୍ ଗଣତନ୍ତ୍ର ଚିନ୍ତାର ଇତିହାସ ଶୀର୍ଷକରେ ବକ୍ତବ୍ୟ ରଖିଥିଲେ । ମହିଳା କଲେଜ ରାଜନୀତି ବିଜ୍ଞାନ ଅଧ୍ୟାପକ ଡ ମନୋଜ କୁମାର ନାଗ ବକ୍ତୃତାମାଳାର ସଂଯୋଜନା କରିଥିଲେ । ଏହି ଉଭୟ ବକ୍ତୃତାମାଳାରେ କଲେଜର ଛାତ୍ରୀ ଓ ଅଧ୍ୟାପକ ଉପସ୍ଥିତ ଥିଲେ।




ରାଜେନ୍ଦ୍ର କଲେଜରେ ଅନୁଷ୍ଠିତ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଆଲୋଚକ, କଲେଜ ଅଧ୍ୟକ୍ଷ ଓ ସେମିନାର କମିଟି ଅଧ୍ୟକ୍ଷ ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଖପ୍ରାଖୋଲ, ୧୦।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ମାଟିଆଭଟା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଦମେଇପାଲି କ୍ଲଷ୍ଟରସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉଚ୍ଚଡିଆଁ, ଲମ୍ବଡିଆଁ, ବସ୍ତା ଦୌଡ, ମ୍ୟୁଜିକ ଚେୟାର, ଦୌଡ, ସଟ୍‌ପୁଟ୍, ଡିସ୍କସ୍ ଥ୍ରୋ ଆଦି ପ୍ରତିଯୋଗିତା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସିଆରସିସି ସୁବାଷ ନାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ସହ ଶିକ୍ଷା ଅଧିକାରୀ ବୀରେନ୍ଦ୍ର ସାହୁ, ସମ୍ମାନିତ ଅତିଥି ମାଟିଆଭଟା ସରପଞ୍ଚ ନରସିଂହ ସାହୁ, ନାଏବ ସରପଞ୍ଚ ଦେବକୀ ବରିହା, ସାମାଜିକ କର୍ମୀ ସୁଶିଲ ଅଗ୍ରଓାଲ, ଗୋପିନାଥ ସାହୁ, ବନମାଳୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ । ସୁରେନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଯତନ ବୁଡେକ ଧନ୍ୟବାଦ ଅର୍ପଣ କରିଥିଲେ।

## ବଲାଙ୍ଗୀରରେ ବିଶ୍ୱ ମାନବାଧିକାର ଦିବସ

**ବଲାଙ୍ଗୀର ଅଫିସ, ୯।୧୨**

ଦଳିତ, ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାରରେ ଅପରାଧିମାନେ ଦଣ୍ଡ ପାଇବାର ହାର ଉଦ୍‌ବେଗଜନକ। ଓଡିଶା ସରକାରଙ୍କ ରିପୋର୍ଟ ଅନୁସାରେ ପ୍ରତିଦିନ ରାଜ୍ୟରେ ୭ଜଣ ମହିଳା ବଳାତ୍କାରର ଶିକାର ହେଉଛନ୍ତି । ଆଦିବାସୀଙ୍କ ବିରୋଧରେ ହେଉଥିବା ଅତ୍ୟାଚାରର ଅପରାଧିଙ୍କୁ ଦଣ୍ଡବିଧାନ କରିବା ହାର ଓଡିଶାରେ ଶୂନ୍ ରହିଛି । ଦିଲ୍ଲୀ, ହାଇଦ୍ରାବାଦ୍‌ର ମହିଳାଙ୍କ ପ୍ରତି ଅତ୍ୟାଚାର ହେଲେ ଗଣମାଧ୍ୟମରେ ଜୋରଦାର ବିତର୍କ ସୃଷ୍ଟି ହୋଇଛି। ଏହାଦ୍ୱାରା ଜାତୀୟ ସ୍ତରରେ ଆଲୋଡନ ସୃଷ୍ଟି ହୋଇଛି । ମାତ୍ର ଗରିବ ଓ ଗ୍ରାମାଞ୍ଚଳର ଜଘନ୍ୟ ଅପରାଧ ଲୋକଲୋଚନକୁ ଆସୁନାହିଁ। ଓଡିଶାର ଜଗତସିଂପୁର ଜିଲାର ଏକ ଗାଁରେ ଜଣେ ଯୁବତୀଙ୍କୁ ମାତାପିତାଙ୍କ ସମ୍ମୁଖରେ ବଳାତ୍କାର କରାଯାଇଛି । ତାଙ୍କର ନଗ୍ନ ଫଟୋକୁ ଅଭିଯୁକ୍ତମାନେ ସେହି ଗାଁରେ ବାରମ୍ବାର ଛାପିଥିଲେ । ଏହି ଘଟଣାକୁ ଗତ ବିଧାନସଭାରେ ଉଠା ଯାଇଥିଲା । ମାତ୍ର ଗଣମାଧ୍ୟମ ଏହି ଘଟଣାକୁ ଯେତିକି ଗୁରୁତ୍ୱ ଦେବା କଥା ଦେଇନାହିଁ । ଅପରାଧ ଓ ଅପରାଧୀଙ୍କ କ୍ଷେତ୍ରରେ ଏଭଳି ବାଛ ବିଚାର ରହିଲେ ପରିସ୍ଥିତି ସାଂଘାତିକ ହୋଇପଡିବ । ଧନୀ ବା ଗରିବ, ସହର ବା ଗ୍ରାମ ସବୁ ସ୍ଥାନର ଅପରାଧ ପ୍ରତି ଉଚିତ୍ ନ୍ୟାୟ ପ୍ରଦାନ କରାନଗଲେ ଗଣତନ୍ତ୍ର ଭୁଶୁଡି ପଡିବ ବୋଲି ବିଧାୟକ ନରସିଂହ ମିଶ୍ର ବିଶ୍ୱ ମାନବାଧିକାର ଦିବସ ସଭାରେ କହିଛନ୍ତି। ପଶ୍ଚିମ ଓଡିଶା ଲକ୍ଷେଘର ସମାଜ ବିକାଶ ମହାସଂଘ ପକ୍ଷରୁ ସଭାପତି ସତ୍ୟାନନ୍ଦ ସୁନାଙ୍କ ସଭାପତିତ୍ୱରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ବିଶ୍ୱ ମାନବାଧିକାର ଦିବସରେ ବିଧାୟକ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ତାଙ୍କ ବକ୍ତବ୍ୟରେ ଦଳିତ, ଆଦିବାସୀଙ୍କ ସଚେତନତା ଓ ଅନ୍ୟାୟ ପ୍ରତି ସ୍ୱର ଉତ୍ତୋଳନ ଉପରେ ଜୋର ଦେଇଥିଲେ । ଏହି ସଭାରେ ଅନ୍ୟ ଅତିଥି ଭାବେ ମାନବାଧିକାର କର୍ମୀ ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ପ୍ରେରଣା ସମ୍ପାଦକ ରଘୁନନ୍ଦନ ସିଂ, ଜ୍ୟୋତିଷ ମୁଗ୍ରୀ ଯୋଗଦାନ କରି ମାନବିକ ଅଧିକାର ଉଲଂଘନ ଓ ଏହାର କୁପରିଣାମ ସମ୍ପର୍କରେ କହିଥିଲେ । କାର୍ଯ୍ୟକ୍ରମକୁ ହୃଷୀକେଶ ବାଗ ସଂଯୋଜନା କରିଥିଲେ । ଏହି ଅବସରରେ ଓମ୍‌ପ୍ରକାଶ କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବ୍ରଜବିହାରୀ ନାଗ ଧନ୍ୟବାଦ୍ ଦେଇଥିଲେ।



ବଲାଙ୍ଗୀରରେ ବିଶ୍ୱମାନବାଧିକାର ଦିବସରେ ମଞ୍ଚାସୀନ ଅତିଥି ।

ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

## ଡାକ୍ତର ନିଯୁକ୍ତି ଦାବିରେ ଧାରଣା



ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଡାକ୍ତରଖାନା ଆଗରେ ଧାରଣା ଦିଆଯାଇଛି।

**ଲୋଇସିଂହା, ୧୦।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ମେଡିକାଲ ଅଫିସର ନାହାନ୍ତି। ଡାକ୍ତର ପଦବୀ ମଧ୍ୟ ଖାଲି ପଡିଛି। ଏ ନେଇ ବିଭିନ୍ନ ସମୟରେ ଦାବି କରାଯାଇ ଆସୁଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଏହିସବୁ ଦାବି ନେଇ ନେଇ ସ୍ଥାନୀୟ ସାମ୍ବାଦିକ ସଂଘ ପକ୍ଷରୁ ଡାକ୍ତରଖାନା ଆଗରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଅପରାହ୍ନରେ ଧାରଣାସ୍ଥଳକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୈତାରୀ ସାହୁ ଆସି ଆନ୍ଦୋଳନକାରୀଙ୍କ ଆଲୋଚନା କରିଥିଲେ । ଜିଲାପାଳଙ୍କ ପ୍ରତିଶ୍ରୁତି ମୁତାବକ ସପ୍ତାହକ ମଧ୍ୟରେ ଜଣେ ଚୁକ୍ତିଭିତ୍ତିକ ଡାକ୍ତର ଓ ୧୫ଦିନ ମଧ୍ୟରେ ଜଣେ ସିନିୟର ମେଡିକାଲ ଅଫିସର ନିଯୁକ୍ତି ଦେବାକୁ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକଙ୍କ କଥା ଦେଇଥିବା ଲିଖିତ ପ୍ରତିଶ୍ରୁତି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସାହୁ ଦେଇଥିଲେ। ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ସନ୍ଧ୍ୟା ସାଢେ ୫ଟାରେ ଧାରଣାକୁ ସାମୟିକଭାବେ ସ୍ଥଗିତ ରଖାଯାଇଥିବା ସାମ୍ବାଦିକ ସଂଘ ପକ୍ଷରୁ ସୂଚନା ଦିଆଯାଇଥିଲା ।

ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଜିଲାର ଏକ ପ୍ରମୁଖ ସ୍ୱାସ୍ଥ୍ୟ କେନ୍ଦ୍ର। ଏଠାରେ ଲୋଇସିଂହା,ଆଗଲପୁର ଓ ପଡୋଶୀ ସୁବର୍ଣ୍ଣପୁର ଜିଲା ତରଭା ଓ ବରଗଡ ଜିଲା ଗାଇସିଲାଟ ବ୍ଲକର ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ନିର୍ଭର କରନ୍ତି। ହେଲେ ଡାକ୍ତର ଅଭାବ ଯୋଗୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇ ପଡିଛି। ଶିଶୁ ବିଶେଷଜ୍ଞଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସ୍ଥାୟୀ ମେଡିକାଲ ଅଫିସର, ସ୍ଥାୟୀ ଡାକ୍ତର ନିଯୁକ୍ତି, ଉନ୍ନତମାନର ଆମ୍ବୁଲାନ୍ସ ସେବା ଓ ଷ୍ଟାଫ କ୍ୱାର୍ଟର୍ସରେ ଡାକ୍ତର ରହଣୀ ପ୍ରଭୃତି ୪ଦଫା ଦାବି ନେଇ ସାମ୍ବାଦିକ ସଂଘ ଧାରଣା ଆନ୍ଦୋଳନ କରିଥିଲା। ସଂଘର ବିମଳଚରଣ ହୋତା, ସଭାପତି ସରୋଜ ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ବାରିକ, କୋଷାଧ୍ୟକ୍ଷ ପ୍ରକାଶ ସାହୁ, ଶ୍ୟାମସୁନ୍ଦର ମେହେର, ସତ୍ୟଜ୍ୟୋତି ବାଗ ପ୍ରମୁଖ ଧାରଣାରେ ବସିଥିଲେ । ଆନ୍ଦୋଳନକୁ ସମର୍ଥନ କରି ସିନିୟର ସିଟିଜେନ ଆସେମ୍ବ୍ଲି ସଭାପତି ଧର୍ମସିଂ ମିଶ୍ର, ବିଭୂତିଭୂଷଣ ସାହାଣୀ, ଜିଲା ଆଦିବାସୀ ସଂଘ ସଭାପତି ଶ୍ୟାମସୁନ୍ଦର ଭୋଇ, ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ କୁମାର ବେହେରା, ଜିଲା ପରିଷଦ ସଭ୍ୟ ସାଇଶଙ୍କର ସାହୁ, ବ୍ଲକ ଉପାଧ୍ୟକ୍ଷ ଯତିନ୍ଦ୍ର ପଟେଲ, ଓକିଲ ସଂଘର ରାଜେଶ ବାବୁ, ନବନିର୍ମାଣ କୃଷକ ସଂଗଠନର ଇନ୍ଦ୍ରମଣୀ ବାରିକ, ବ୍ରଜମହୋନ ବିଶୋଇ, ସୁଧାଂଶୁ ମହାକୁର, ବିଙ୍ଗହ୍ୟୁମାନର ଅଜିତ ବେହେରା, ଆପନେତା ଲାଲମନ ନାଗ, ବଣିକ ସଂଘର ରବୀନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବେହେରା, ନଯୁ ଖାଁ, ସହଦେବ ସା ଧାରଣାରେ ବସିଥିଲେ ।

## ଆଏଁଖ୍ ମୁଜ୍‌ଲେ ପୁଷ୍ଟିହୀନ ଶିଶୁ ଚନ୍ଦ୍ରକାନ୍ତ

**ଲୋଇସିଂହା, ୧୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ଗାଁର ପୁଷ୍ଟିହୀନତାର ଶିକାର ସାଢ଼େ ୩ ବଚ୍ଛରିଆ ଛୁଆ ଚନ୍ଦ୍ରକାନ୍ତ ମେହେର ରଏବାର ସବୁଦିନର ଲାଗି ଆଏଁଖ୍ ମୁଜିଦେଇଛନ୍। ପୁଓକେ ହରେଇ ବିଧବା ମା'ପୁଷ୍ପକାନ୍ତି ଆର ଶାଶ୍ ସଖୀ ମେହେରକଁର ଆଁଖିରୁ ନିଦ ହଜିଯାଇଛେ। ବାଦବାହାଲ ପଁଚେତ୍ ସଦର ଗାଁ ମେହେରପଡ଼ାର କଷ୍ଟ ମେହେର ଆର ତାକର ପୁଓ ପ୍ରଭୁଦତ୍ତକଁର ବଛ୍‌ରେ ଅଁତରରେ ମୁର୍‌ତୁ ହେଇଥିଲା। ଏନ୍‌ତାଥି ବୁରୁଧ୍ ସଖୀ, ବହ ପୁଷ୍ପକାନ୍ତି ଆର ନାତି ଚନ୍ଦ୍ରକାନ୍ତକଁର ଦୁରଦିନ୍ ବଡ଼ିଯାଇଥିଲା। ପୁଷ୍ଟିକର ଖାଏଦ୍ ପାଏନ୍ ଅଭାବୁ ଚନ୍ଦ୍ରକାନ୍ତ ଦୁରବଲ ହେଇଯାଇଥିଲେ। ଗାଁବାସୀକର ଅଭିଯୋଗକେ ନେଇ ଗଲା ଜୁଲାଇ ୧୮ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ନିଜର ଭାଏଗ୍‌କେ ନିଦୁଁଛନ୍ ଶାଶ୍, ବହ' ଶୀରଷକରେ ଖବର ବାହାରିଥିଲା। ଇ ଖବର ପଢ଼ି ବଲାଙ୍ଗୀରର ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ଜିଲା ସଭାପତି ସୋମନାଥ ମିଶ୍ର ଇ ଅସାହା ପରିବାରକେ ସାହାଯ୍‌ର ହାତ୍ ବଢ଼େଇଥିଲେ। ଜୁଲାଇ ୧୯ ତାରିଖ ବାଦିବାହାଲରୁ ଅନୁଷ୍ଠାନର ମେମରମାନେ ପୁଷ୍ପକାନ୍ତି ଆର ଚନ୍ଦ୍ରକାନ୍ତକୁଁ ଉଧାର କରି ଲୋଇସିଂହା ଡାକ୍‌ତରଖାନାରେ ଚିକିଚ୍ଛା କରେଇଥିଲେ। ସେଠାନେ ଡାକ୍‌ତର ଚନ୍ଦ୍ରକାନ୍ତ ଅପପୁଷ୍ଟିର ଶିକାର ହେଇଥିବାର କହେବାର ସଂଗେ ବଲାଙ୍ଗୀର ଏନ୍‌ଆର୍‌ସିରେ ଦୁଇ ହପ୍‌ତା ରଖିବାକେ ପରାମଶ ଦେଇଥିଲେ। ଚନ୍ଦ୍ରକାନ୍ତ ବଲାଙ୍ଗୀର ଏନ୍‌ଆର୍‌ସିରେ ଦିନାକେତେ ଚିକିଛିତ ହେଲା ଉତାରୁ ପରିବାର ଲୋକ ତାହାକୁ ଘରକେ ଧରିଆଏଲେ। ସେ ସମିଆରେ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନର ମେମର ଆର ପୀଡ଼ିତ ପରିବାର ବିଡିଓ ରାମଚନ୍ଦ୍ର ଖାଡ଼ିଆକୁଁ ଭେଟି ଆଲୋଚନା କରିଥିଲେ। ପୁଷ୍ପକାନ୍ତିକୁଁ ବିଧବା ଭତା, ପରିବାର ମଙ୍ଗଳ ଯୋଜନାର ସାହାଯ୍ ସଂଗେ କଷ୍ଟ ମେହେରକଁର ଉତରାଧିକାରୀ ହିସାବେ ଘର ପାଏବେ ବଲି ବିଡିଓ କଥା ଦେଇଥିଲେ। ବିଡିଓକଁର କଥା ହିସାବେ ପରିବାର ୩୫ କେ.ଜି. ଚାଉଲ ପାଉଛନ୍ ସତ୍। ହେଲେ ଆଏଜ୍‌ତକ ବାକି କେହେନ୍‌ସି ସୁବିଧା ନାଇଁ ପାଇପାରି। ଇଆଡ଼େ ସରକାର ଛୁଆକର ଲାଗି ମାଲମାଲ ଯୋଜନା କାଯ୍‌କାରି କରୁଥିଲାବେଲେ ଗୁଟେ ସାଢ଼େ ୩ ବଛ୍‌ରିଆ ଛୁଆ ଅପପୁଷ୍ଟିର ଶିକାର ହେଇ ଆଏଁଖ୍ ମୁଜବାର ଘଟନାକେ ନେଇ ଗାଁବାସୀ ଦୁଖ୍ ପରକାଶ କରିଛନ୍। ଇ ବାବ୍‌ଦେ ସିଡିପିଓ ପ୍ରଜ୍ଞା ବାରିକକୁଁ ପଚରାଲାରୁ ମଙ୍ଗଲବାର ସୁପରଭାଇଜରକଁରନୁ ଛୁଆର ମରବାର କଥା ଜାନବାକେ ପାଇଲି। ଘଟନାର ତଦଁତ୍ କରାଯିବା। ମାସକେତେ ଆଗ୍‌ରୁ ଛୁଆକେ ଏନ୍‌ଆର୍‌ସି କେନ୍ଦ୍ରକେ ପଠାଯାଇଥିଲା। ବିଭାଗ ତରଫୁ ବି ଚନ୍ଦ୍ରକାନ୍ତକୁଁ ଖାଏଦ୍ ଯୁଗେଇ ଦିଆଯାଉଥିଲା ବଲି ସେ କହିଛନ୍। ଇ ଦିଗେ ଜିଲାପାଳ ତଦଁତ୍ କରି ପଦକ୍ଷେପ ନେବାକେ ଗାଁବାସୀ ଦାବି କରିଛନ୍।

## ଦୃଢ଼ ଇଚ୍ଛାଶକ୍ତି ସଫଳତାର ଶୀର୍ଷରେ ପହଞ୍ଚାଏ

**ଖପ୍ରାଖୋଲ, ୧୦।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମେଡିକାଲ ଅଫିସର ଡା.ଉତ୍କଳମଣି ମେହେରଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଟଣାଗଡ ଉପଖଣ୍ଡ ଚିକିତ୍ସାଧିକାରୀ ଦିଲ୍ଲିପ କୁମାର ବିଶ୍ୱଳ, ମୁଖ୍ୟବକ୍ତା ବିଡିଓ ତରଣୀ ସୁନା, ସମ୍ମାନିତ ଅତିଥି ଲୁହାସିଂହା ମେଡିକାଲ ଅଫିସର ଡା. ସନୋଜ ଦିପ୍, ଡା.ସୁମିତ ପ୍ରଧାନ, ଡା.ମୋନାଲିସା ନାଏକ, ଜିଲା ଭିବିଡିସି ସୁନୀଲ କୁମାର ସ୍ୱାଇଁ, ବ୍ଲକ ସହଶିକ୍ଷା ଅଧିକାରୀ ମିନିକେତନ ବରିହା ପ୍ରମୁଖ ଯୋଗଦେଇଥିଲେ। ଦୃଢ ଇଚ୍ଛାଶକ୍ତି ଓ ଆତ୍ମବିଶ୍ୱାସ ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ ବୋଲି କହିବା ସହ ଅତିଥିମାନେ ସୁନାମୁଦି ଉପସ୍ୱାସ୍ଥ୍ୟକେନ୍ଦ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇ ତାର ଉଦାହରଣ ବୋଲି କହିଥିଲେ । ଏହି ଅବସରରେ ରାଷ୍ଟ୍ରପତିଙ୍କ ଦ୍ୱାରା ଫ୍ଲୋରେନ୍ସ ନାଇଟିଙ୍ଗଲ ପୁରସ୍କାରପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ମହିଳା ସ୍ୱାସ୍ଥ୍ୟକର୍ମୀ ନିଜର ୧୮ବର୍ଷ ଚାକିରୀ ଜୀବନର ଅଭିଜ୍ଞତା ଏହି ଅବସରରେ ବାଣ୍ଟିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିପିଏମ୍ ଯୁଗଳ କିଶୋର ସାହୁ, ସ୍ୱାସ୍ଥ୍ୟ ପରିଦର୍ଶକ ନାରାୟଣ ପଧାନୀ, ଏସଟିଏସ୍ ଜୟନ୍ତ ମେହେରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାଳଚନ୍ଦ୍ର ଛତ୍ରିଆ ପରିଚାଳନା କରିଥିଲେ।



ସମ୍ବର୍ଦ୍ଧନା ସଭାରେ ମହିଳା ସ୍ୱାସ୍ଥ୍ୟକର୍ମୀ ମମତା ଭୋଇ ଓ ମଞ୍ଚାସୀନ ଅତିଥି।

## ଦାଦନ ଶ୍ରମିକ ନିୟନ୍ତ୍ରଣ କର୍ମଶାଳା

### ୧୦୦ ଶ୍ରମିକଙ୍କୁ ଅଭିନନ୍ଦନ ପତ୍ର ପ୍ରଦାନ

**ଟିଟିଲାଗଡ, ୧୦।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକରେ ଦାଦନ ଶ୍ରମିକ ନିୟନ୍ତ୍ରଣ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ମୋତିଲାଲ ସୁଲିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ପିଡି ଡିଆରଡିଏ ମହେଶ୍ୱର ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ଏବିଡିଓ ମହେନ୍ଦ୍ର ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ପୁଟେଲ ନିଜ ବକ୍ତବ୍ୟରେ ଦାଦନ ଶ୍ରମିକଙ୍କୁ ଦେଶାନ୍ତର ନ ହେବା ପାଇଁ ଅନୁରୋଧ କରିଥିଲେ। ସରକାର ବର୍ତ୍ତମାନ ଶ୍ରମିକମାନଙ୍କ ଦୈନିକ ମଜୁରୀ ବୃଦ୍ଧି କରିଛନ୍ତି। ଏହାଦ୍ୱାରା ଶ୍ରମିକମାନେ ଉପକୃତ ହେବେ। ଦାଦନ ଖଟିଯିବାଠାରୁ ନିଜମାଟିରେ କାମ କଲେ ଅଧିକ ଉପାର୍ଜନ କରିପାରିବେ ବୋଲି ମତ ଦେଇଥିଲେ। ମୁଖ୍ୟଅତିଥି ପିଡି ସ୍ୱାଇଁ କର୍ମଶାଳାରେ ଯୋଗଦେଇ ଏହାର ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ନିଜ ଗାଁ ତଥା ଘର ପାଖରେ ରହି ଶ୍ରମିକମାନେ କାମ କଲେ ଅଧିକ ଉର୍ପାଜନ କରିବା ସହିତ ବାହାରକୁ କାମ ପାଇଁ ଯାଇ ନିର୍ଯାତିତ ହେବେ ନାହିଁ। ଓଏଲଏମ ମାଧ୍ୟମରେ ଗ୍ରାମାଞ୍ଚଳରେ ରହୁଥିବା ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନାରେ ସଶକ୍ତିକରଣ କରାଯିବ। ପଞ୍ଚାୟତ ପ୍ରତିନିଧିମାନେ ଅଧିକ କାର୍ଯ୍ୟ ସୃଷ୍ଟି କରିବା ପାଇଁ ସେ ଅନୁରୋଧ କରିଥିଲେ । ପଞ୍ଚାୟତସ୍ତରରେ ଗଠିତ ଶ୍ରମିକ ସଂଘର ସହାୟତା ନେତା ପାଇଁ ସରପଞ୍ଚମାନଙ୍କୁ ଅନୁରୋଧ କରିଥିଲେ। କର୍ମଶାଳାରେ ବ୍ଲକର ସମସ୍ତ ସରପଞ୍ଚ, ଗାଁ ସାଥୀ, କର୍ମଚାରୀଙ୍କ ବ୍ୟତୀତ ଡିପିଏମ କମଳେନ୍ଦୁ ପାଲଙ୍କ ସମେତ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଶ୍ରମିକମାନେ ଯୋଗଦେଇଥିଲେ। ଏହି ଅବସରରେ ଏମ୍‌ଏନ୍‌ଜିଏନଆରଇଜିଏସ୍‌ରେ ଶହେଦିନ କାମ କରିଥିବା ଶହେ ଶ୍ରମିକଙ୍କୁ ଅଭିନନ୍ଦନ ପତ୍ର ପ୍ରଦାନ କରାଯାଇଥିଲା।




ଦାଦନ ଶ୍ରମିକ ନିୟନ୍ତ୍ରଣ କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।



❝ ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ୨ କୋର୍ଟ ଚାଲାଣ

**ଜୁନାଗଡ,୧୦।୧୨(ଡି.ଏନ.ଏ.)** କଳାହାଣ୍ଡି ଜିଲା ଅବକାରୀ ଅଧୀକ୍ଷକ ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ଜୁନାଗଡ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଏକନାଗୁଡା ଓ ଖଇରମାଲ ଗ୍ରାମରେ ଅତର୍କିତ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଏକନାଗୁଡା ଗ୍ରାମର ଜଗତରାମ ଶବରଙ୍କଠାରୁ ୧୫ ଲିଟର ହାତ ତିଆରି ଚୋରାମଦ ଓ ଖଇରମାଲ ଗ୍ରାମର କୃଷ୍ଣ ଠାକୁରଙ୍କଠାରୁ ୯.୪ ଲିଟର ଭାଟି ମଦ ଜବତ କରାଯାଇଥିଲା। ପରେ ୨ଜଣଙ୍କୁ ଗିରଫ କରାଯାଇ ଜୁନାଗଡ ଜେଏମ୍‌ଏଫସି କୋର୍ଟ ଚାଲାଣ କରାଯାଇଥିଲା। ଏହି ଚଢ଼ାଉରେ ଜୁନାଗଡ ଅବକାରୀ ଉପନିରୀକ୍ଷକ ଦିଲୀପ କୁମାର ରଥ,ଏଏସ୍‌ଆଇ ବସନ୍ତ ବିଶି, କନଷ୍ଟେବଳ ପ୍ରତୀମା ଗହୀର, ବାଳେଶ୍ୱର ଧଙ୍ଗଡାମାଝି, ମହାଦେବ ମାଝି, ଈଶ୍ୱର ଚନ୍ଦ୍ର ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

### ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଶୀତବସ୍ତ୍ର ବଣ୍ଟନ

**ଜୁନାଗଡ,୧୦।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଳଦିଆମାଳ ଏମକେଏମ୍ ଶିକ୍ଷା କେନ୍ଦ୍ର ପରିସରରେ ଚାଲିଥିବା ପବିତ୍ର ଗୀତାଯଜ୍ଞ ଉପଲକ୍ଷେ ଜୁନାଗଡ ବରିଷ୍ଠ ନାଗରିକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ପ୍ରାୟ ୩୦ଜଣ ଅସହାୟ ବୃଦ୍ଧାବୃଦ୍ଧ, ବିଧବାଙ୍କୁ ଶୀତ ବସ୍ତ୍ର ବଣ୍ଟନ କରାଯାଇଛି। ଏଥିରେ ସାମାଜିକ କର୍ମୀ ବେଦ ପ୍ରକାଶ ଗୋଏଲ, ବରିଷ୍ଠ ନାଗରିକ ସଙ୍ଗଠନର ସମ୍ପାଦକ ଭୁବନେଶ୍ୱର ସାହୁ, ସହ ସମ୍ପାଦକ ଜୁଗଳ କିଶୋର ନାୟକ, କୋଷାଧ୍ୟକ୍ଷ ଦିଲୀପ କୁମାର ମେହେର, ବିଜୟ କୁମାର ବେହେରା, ଶ୍ରୀବତ୍ସ ମେହେର, ଘନଶ୍ୟାମ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ।

### ବାଞ୍ଜିକୋଟ ଗ୍ରାମରେ ଗୋ ପ୍ରଶିକ୍ଷଣ ଶିବିର

**ପର୍ଲା,୧୦।୧୨(ଡି.ଏନ.ଏ.) :** କଳାହାଣ୍ଡି ଜିଲା କୋକସରା ବ୍ଲକ ଦଣ୍ଡପାଟ ଅଞ୍ଚଳ ଗୋତମୁଣ୍ଡା ପଞ୍ଚାୟତ ବାଞ୍ଜିକୋଟ ଗ୍ରାମରେ ମଙ୍ଗଳବାର ଜିଲା ବିଏଆଇଏଫ କଲ୍ୟାଣି ସଂସ୍ଥା ଆନୁକୁଲ୍ୟରେ ଗୋ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୁଖ୍ୟଅତିଥି ଭାବେ କୋକସରା ଭିଏଏସ ସଂଗ୍ରାମ ବେହେରା ଉପସ୍ଥିତ ରହି ଚାଷୀଙ୍କୁ ନିଜ ଗୃହ ପାଳିତ ଦେଶି ଗାଈ, ଛେଳି, ମେଣ୍ଢାକୁ କୃତ୍ରିମ ପ୍ରଜନନ ବିଷୟରେ ବୁଝାଇଥିଲେ। ଏତଦ ବ୍ୟତିତ ବାଛୁରି, ଛେଳି ପରିଣତି କରିବା ପାଇଁ ପ୍ରତେକ ପ୍ରାଣୀ ଚିକିତ୍ସାଳୟରେ ଔଷଧ ଉପଲବ୍ଧି ହେଉଥିବା କହିଥିଲେ। ଏହି ପଦ୍ଧତି ଦ୍ୱାରା ଚାଷୀ ଅନେକ ଲାଭବାନ ହେବେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ବିଏଆଇଏଫ କଲ୍ୟାଣୀ ସଂସ୍ଥା କ୍ଷେତ୍ର ପରିଚାଳକ ଭାସ୍କର ନାରାୟଣ ସିଂ ଲୋକଙ୍କୁ ଏହାର ଲାଭ ଉଠାଇବା ପାଇଁ ଆହ୍ୱାନ କରିଥିଲେ। ଏଥିରେ ଗୋତମୁଣ୍ଡା ଏଲଆଇ ଦେବିସିଂ ନାଗ, ବେହେରା ସିଡିସି ଟଙ୍କଧର ପଟେଲ, ସିଡିସି ଡୁଡୁକାଠେଙ୍ଗା ଗୁଣଧର କୋଟା ଉପସ୍ଥିତ ଥିଲେ। ଏଥିରେ ଗୋତମୁଣ୍ଡା ପଞ୍ଚାୟତ ବିଭିନ୍ନ ଗ୍ରାମରୁ ୪୦ରୁ ୫୦ଜଣ ଚାଷୀ ପ୍ରଶିକ୍ଷଣ ନେଇଥିଲେ।





ଭବାନୀପାଟଣାରେ ଆଦିବାସୀମାନେ ପାରମ୍ପରିକ ବଜା ଓ ଅସ୍ତ୍ରଶସ୍ତ୍ରରେ ସଭା ସ୍ଥଳକୁ ଯାଉଛନ୍ତି (ବାମ) । ରେଣ୍ଡୋ ମାଝିଙ୍କ ଜନ୍ମ ସ୍ଥାନ ଲୁବେନଗଡଠାରେ ଶହୀଦ ଦିବଦ ପାଳିତ (ମଝି) । କଳମପୁର ଆଦିବାସୀ ସଂଘ ପକ୍ଷରୁ ଆୟୋଜିତ ଆଦିବାସୀଙ୍କ ଶୋଭାଯାତ୍ରା ।

■ ରେଣ୍ଡୋ ମାଝିଙ୍କ ୧୬୪ ତମ ଶହୀଦ୍ ଦିବସ ପାଳିତ

# ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶହୀଦଙ୍କୁ ସମ୍ମାନ

**ଭବାନୀପାଟଣା,୧୦।୧୨(ଡି.ଏନ.ଏ.)**

ଆଦିବାସୀଙ୍କ ଜାତି, ଧର୍ମ ଓ ସଂସ୍କୃତି ପ୍ରତି ଅସମ୍ମାନ କରୁଥିବା ଏବଂ ମାଓବାଦୀଙ୍କ ନାମରେ ନିରୀହ ଆଦିବାସୀଙ୍କୁ ନିର୍ଯାତନା ଦେବା, ହତ୍ୟା କରିବା ଏବଂ ଜିଲାର ଶାନ୍ତିପ୍ରିୟ ଆଦିବାସୀଙ୍କ ମଧ୍ୟରେ ଭେଦଭାବ ଯେଉଁ ବିଷମଞ୍ଜି ବୁଣି ଦେଇଥିବା ବ୍ୟକ୍ତିବିଶେଷ, ଲୋକ ପ୍ରତିନିଧି ଏବଂ ସଙ୍ଗଠନମାନଙ୍କୁ ଆଦିବାସୀ ସମୂହ କ୍ଷମାଦେବ ନାହିଁ। ମଙ୍ଗଳବାର ଭବାନୀପାଟଣାଠାରେ କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ପକ୍ଷରୁ ପୃଥକ ଭାବେ ସ୍ଥାନୀୟ ନୂତନ ବସ୍‌ଷ୍ଟାଣ୍ଡ ନିକଟ ରେଣ୍ଡୋ ମାଝି ଶହୀଦ ସ୍ମୃତି ପୀଠରେ ଅନୁଷ୍ଠିତ ସାଧାରଣ ସଭାରେ ଅତିଥିମାନେ ଏହା କହିଛନ୍ତି । କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତଚରଣ ଦାସ ଓ ସଂଘ ସଭାପତି ରାମଚନ୍ଦ୍ର ମାଝି, ସାଧାରଣ ସମ୍ପାଦକ ଶୁକଦେବ ମାଝି, ସୁରେଶ ଭୋଇ ଜିଲା ଆଦିସ କନ୍ଧ ସମାଜ ସଭାପତି, କାର୍ତ୍ତିକ ଜାନୀ ଜିଲା ଆଦିସକନ୍ଧ ସମାଜ ଉପସଭାପତି, ମୁକୁନ୍ଦ ଶବର ସାମାଜିକ କର୍ମୀ, ମିନଧର ମାଝି ସଭାପତି, ମିଲକି ପ୍ରଗଣା, ରଣି ସେନ ମାଝି ଉପସଭାପତି, ବିବେକାନନ୍ଦ ଶବର, ବସନ୍ତ ଶବର, ରତ୍ନାକର ଶବର, ପବିତ୍ର ମାଝି, ମନୁ ମାଝି, ସୁରେନ୍ଦ୍ର ମାଝି ପ୍ରମୁଖ ଆଦିବାସୀ ନେତା ଏବଂ ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତାମାନେ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ରେଣ୍ଡୋ ମାଝି ଶହୀଦ ସ୍ମୃତି ପୀଠ ପୁଷ୍ପମାଲ୍ୟ ଦେବା ସହିତ ସେଠାରେ ଆଦିବାସୀମାନେ ପାରମ୍ପରିକ ବଜା ବଜାଇ ଓ ଅସ୍ତ୍ରଶସ୍ତ୍ର ସହିତ ଏକ ସାଧାରଣରେ ଯୋଗଦେଇଥିଲେ। ମ. ରାମପୁର ବ୍ଲକ୍ ଉର୍ଲାଦାନୀ, ଥୁ.ରାମପୁର ଆଦି ସ୍ଥାନରେ ମଧ୍ୟ ରେଣ୍ଡୋ ମାଝିଙ୍କ ଶହୀଦ୍ ଦିବସ ପାଳିତ ହୋଇଯାଇଛି। ସେହିପରି ଗତ ୯ ତାରିଖରେ କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ନାମରେ ଆଉ ଏକ ଗୋଷ୍ଠୀ ସଭାପତି ଡମ୍ବରୁଧର ମାଝି, ଉପସଭାପତି ବେଣୁଧର ମାଝି, ସାଧାରଣ ସମ୍ପାଦକ ମହେଶ୍ୱର ମାଝି, ଯୁଗ୍ମ ସମ୍ପାଦକ ନବୀନ ମାଝି, କୋଷାଧ୍ୟକ୍ଷ ଜଗଦିସ ଶବର ପ୍ରମୁଖଙ୍କ ନେତୃତ୍ୱରେ ଆଦିବାସୀମାନେ ପାରମ୍ପରିକ ବଜା ବଜାଇ ଓ ଅସ୍ତ୍ରଶସ୍ତ୍ରରେ ଏକ ଶୋଭାଯାତ୍ରାରେ ଆସି ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ରେଣ୍ଡୋ ମାଝି ଶହୀଦ ସ୍ମୃତି ପୀଠ ଏବଂ ଜେଲ ଛକରେ ଥିବା ରେଣ୍ଡୋ ମାଝି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେବା ସହିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଭା କରିଥିଲେ। ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଶହୀଦଙ୍କୁ ସମ୍ମାନ ଜଣାଇଥିଲେ ।

**ମୋହନଗିରି,୧୦।୧୨(ଡି.ଏନ.ଏ.):** ସେହିପରି ରେଣ୍ଡୋ ମାଝିଙ୍କ ଜନ୍ମ ସ୍ଥାନ ଲୁବେନଗଡଠାରେ ଶହୀଦ ଦିବଦ ପାଳିତ ହୋଇଯାଇଛି। ଶହୀଦ ସମାରୋହରେ ମୁଖ୍ୟଅତିଥି ଭାବେ ସିଂହପୁର ସରପଞ୍ଚ ବିଦ୍ୟାଧର ପାତ୍ର, ମୁଖ୍ୟଅତିଥି ଲୁରେନଗଡ ସରପଞ୍ଚ ସୁନିତା ମଲିକ, ଅନଙ୍ଗ ଉଦୟ ସିଂହଦେଓ, ସୁନିତା ତାଣ୍ଡି ତଥା ଶହୀଦଙ୍କ ବଂଶଧର ଯୁଗେଶ୍ୱର ମାଝି, ବିଶ୍ୱମ୍ଭର ମାଝି ଉପସ୍ଥିତ ଥିଲେ। ଶିଲି ମାଝି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶତାଧିକ ଆଦିବାସୀ ପୁରୁଷମହିଳା ଯୋଗଦେଇ ଥିଲେ। ଏହି ଉପଲକ୍ଷେ ଚନ୍ଦନ ପିଣ୍ଡାର ପାମ୍ପାରିକ ବିରବାଦ୍ୟ ଘୁମୁରା ପରିବେଷଣ କରାଯାଇ ଶହୀଦଙ୍କୁ ସମ୍ମାନିତ କରାଯାଇଥିଲା।

**କଳମପୁର,୧୦।୧୨(ଡି.ଏନ.ଏ.):** କଳମପୁର ବ୍ଲକ ମିନି ଷ୍ଟାଡିୟମଠାରେ ସ୍ୱାଧୀନତା ସଂଗ୍ରାମୀ ରେଣ୍ଡୋ ମାଝିଙ୍କ ୧୬୪ତମ ଶହୀଦ ଦିବସ କଳମପୁର ଆଦିବାସୀ ସଂଘ ପକ୍ଷରୁ ପାଳନ କରାଯାଇଛି। କଳମପୁର ବ୍ଲକ ବହୁ ଆଦିବାସୀ କଳମପୁର ହାଇସ୍କୁଲ ଛକରୁ ପଦଯାତ୍ରାରେ ବାହାରି ରେଣ୍ଡୋ ମାଝି ସ୍ମୃତିସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିସାରିବା ପରେ ସମସ୍ତେ ଆଦିବାସୀ ବଜାର ତାଳେ ତାଳେ ନାଚି ସଭା ସ୍ଥଳରେ ପହଞ୍ଚିଥିଲେ। କଳମପୁର ଆଦିବାସୀ ସଂଘ ସଭାପତି କରନ ଝାଙ୍କରଙ୍କ ଅଧ୍ୟକ୍ଷତା ମୁଖ୍ୟଅତିଥି ଭାବେ ଧର୍ମଗଡ ଚେୟାରମ୍ୟାନ ବଳରାମ ପୂଝାରୀ, ମୁଖ୍ୟବକ୍ତା ନିଳକଣ୍ଠ ମାଝି, ସମ୍ମାନିତ ଅତିଥି କଳମପୁର ବ୍ଲକ ଉପାଧ୍ୟକ୍ଷ ଦୁଃଖିରାମ ମାଝି, କଳମପୁର ବ୍ଲକ ଆଦିବାସୀ ସଂଘ ଉପସଭାପତି ସୁଶାନ୍ତ କୁମାର ମାଝି, ସୁରେନ୍ଦ୍ର ଶବର, ଖଗେଶ୍ୱର ମାଝଇ, ଭୁଦବଲ ନାଏକ, ଧନୁ ଝାଙ୍କର ପ୍ରମୁଖ ମଞ୍ଚାସୀନ ଥିଲେ। ସଭାକୁ ପ୍ରଶାନ୍ତ ମାଝି ଏବଂ କାର୍ତ୍ତିକ ମାଝି ମଞ୍ଚ ପରିଚାଳନା କରିଥିବା ବେଳେ ସୁରେଶ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ କଳମପୁର ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଜୟପାଟଣା ଆଇଆଇସି ଲିଙ୍ଗରାଜ ସେଠୀ, କଳମପୁର ପୋଲିସ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ଜୁନାଗଡ଼ରେ ଶହୀଦ ରେଣ୍ଡୋ ମାଝିଙ୍କ ବଳିଦାନ ଦିବସ ପାଳିତ

**ଜୁନାଗଡ,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ସଂସ୍କୃତି ଭବନଠାରେ ମଙ୍ଗଳବାର ଜୁନାଗଡ ଆଦିବାସୀ ସଂଘ ପକ୍ଷରୁ ଶହୀଦ ରେଣ୍ଡୋ ମାଝିଙ୍କ ୧୬୪ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଦିବାସୀ ସମ୍ପ୍ରଦାୟ ଲୋକମାନେ ନିଜର ପାରମ୍ପାରିକ ବେଶ, ବାଦ୍ୟ ଓ ଅସ୍ତ୍ର ଧରି କରୁଗୁଡାଠାରୁ ଏକ ଶୋଭାଯାତ୍ରାରେ ବାହାରି ନିର୍ମାଣ ହେବାକୁ ଥିବା ଆଦିବାସୀ ଭବନଠାରେ ଥିବା ଶହୀଦସ୍ତମ୍ଭଠାରେ ପୂଜାର୍ଚ୍ଚନା କରିଥିଲେ। ସେହିପରି ଅନ୍ୟ ଏକ ଦଳ ଗୋଡିପଡାଠାରୁ ଏକ ଶୋଭାଯାତ୍ରାରେ ବାହାରି ଜୁନାଗଡ ସହର ପରିକ୍ରମା କରି ସଂସ୍କୃତି ଭବନଠାରେ ପହଞ୍ଚିଥିଲେ। ଜୁନାଗଡ ଆଦିବାସୀ ସଂଘ ବ୍ଲକ ସଭାପତି ସୁପ୍ରସନ୍ନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ, ଏମଏସ୍‌ଏମଇ ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ମୁଖ୍ୟବକ୍ତା ଅନୁସୁଚିତ ଜନଜାତି ଓ ଅନୁସୁଚିତ ଜାତି ବିକାଶ ପରିଷଦ ଆବାହକ ବିଶ୍ୱନାଥ କର, ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ର, ସଂଘର ଜୁନାଗଡ ଏନ୍‌ଏସି ସଭାପତି ମୋହନ ଭୋଇ, ଉପସଭାପତି ଶରତ ଶବର, ଶ୍ୟାମସୁନ୍ଦର ଜାଲ, ଶବରସମାଜ ସଭାପତି ଶ୍ରୀରାମ ଜାନୀ, କୃଷ୍ଣଚନ୍ଦ୍ର ଭୋଇ, ଶ୍ରୀବତ୍ସ ଜାନି, ଗୋପୀନାଥ ଶବର ପ୍ରମୁଖ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୁନାଗଡ ବ୍ଲକର ଶତାଧିକ ଆଦିବାସୀ ସମ୍ପ୍ରଦାୟ ମହିଳା, ପୁରୁଷ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଭାସ୍କର ଭୋଇ ସଭାପରିଚାଳନା କରିଥିବା ବେଳେ ଭାରତ ମାଝି ଧନ୍ୟବାଦ ଦେଇଥିଲେ।



ଜୁନାଗଡରେ ଶହୀଦ ରେଣ୍ଡୋ ମାଝିଙ୍କ ବଳିଦାନ ଦିବସରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

## ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ହେର୍‌ଫେର୍ ମାମଲା: ଜିଆର୍‌ଏସ୍ ବହିଷ୍କୃତ

**ଭବାନୀପାଟଣା,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ତଲଝାପି ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ହେର୍‌ଫେର୍ ଘଟଣାରେ ଗ୍ରାମ ରୋଜଗାର ସେବକ ଟିବୁ ନାଏକଙ୍କୁ ବହିଷ୍କାର କରାଯାଇଛି। ନାଏକ ତଞ୍ଚକତା କରି ୨ ଲକ୍ଷ ୭ ହଜାର ୯୨୮ ଟଙ୍କା ହେର୍‌ଫେର୍ କରିଥିଲେ । ଏହି ଘଟଣାର ତଦନ୍ତ କରି ଜିଲାପାଳ ଗ୍ରାମ ରୋଜଗାର ସେବକ ଟିବୁଙ୍କୁ ବହିଷ୍କାର କରିଛନ୍ତି। ତଲଝାପି ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ତଞ୍ଚକତା କରି ଗ୍ରାମ ରୋଜଗାର ସେବକ ୩ଟି ନିର୍ମାଣ କାର୍ଯ୍ୟ ବାବଦକୁ ୨ ଲକ୍ଷ ୭ ହଜାର ୯୨୮ ଟଙ୍କା ଶ୍ରମିକ ନାମରେ ଟ୍ରାନ୍ସଫର୍ କରିଥିବା ଥୁ.ରାମପୁର ବିଡିଓ ରିପୋର୍ଟ ପ୍ରଦାନ କରିଥିଲେ। ତଲଝାପି ମୁନେଷ ପଡାରୁ ସର୍ଗିଗୁଡା ରାସ୍ତା ନିର୍ମାଣ, ତଲଝାପି ବିଜାଗୁଡାରୁ କୁଡିଙ୍ଗଝରଣ ରାସ୍ତା ନିର୍ମାଣ ଓ ଉପରଝାପିରୁ ବିଜାଘାଟି ରାସ୍ତା ନିର୍ମାଣରେ ତଞ୍ଚକତା କରି ଜିଆର୍‌ଏସ୍ ଅର୍ଥ ହେର୍‌ଫେର କରିଥିବା ତଦନ୍ତ ପରେ ସ୍ପଷ୍ଟ ହୋଇଥିଲା। ଗ୍ରାମ ରୋଜଗାର ସେବକ ଟିବୁ ନାଏକ ଶ୍ରମିକଙ୍କ ନାମରେ ଏହି ଅର୍ଥ ଟ୍ରାନ୍ସଫର୍ କରିଥିବା ଜଣାପଡିଛି। ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ ଜିଆର୍‌ଏସ୍‌ଟିବୁ ନାଏକଙ୍କୁ କାର୍ଯ୍ୟରୁ ବହିଷ୍କୃତ କରିଥିବା ସୂଚନା ମିଳିଛି।

■ ଅସୁରକ୍ଷିତ ସ୍ଥାନରେ ଅକ୍ସିଜେନ ସିଲିଣ୍ଡର ପ୍ୟାକିଂ ହେବା ଘଟଣା

## କେଜିଏନ୍ ଗ୍ୟାସ୍ ମାଲିକ ନାଁରେ ମାମଲା ରୁଜୁ

**ଜୁନାଗଡ,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବନମାଳୀପୁରଛକ ନିକଟ ୨୬ ନଂ. ଜାତୀୟ ରାଜପଥ କଡରେ ଥିବା କେଜିଏନ୍ ଗ୍ୟାସ ଫ୍ୟାକ୍ଟ୍ରିରେ ଅସୁରକ୍ଷିତ ସ୍ଥାନରେ ଅକ୍ସିଜେନ(ଅମ୍ଳଜାନ) ସିଲିଣ୍ଡର ପ୍ୟାକିଂ ହେଉଥିବା ଅଭିଯୋଗ ହୋଇଥିଲା। ଏ ନେଇ ଗତ ସେପ୍ଟେମ୍ବର ୨୮ତାରିଖ ଧରିତ୍ରୀରେ ଏ ସମ୍ପର୍କରେ ଏକ ତଥ୍ୟମୂଳକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଆଧାର କରି ଜିଲା ଡ୍ରଗ୍ସ ଇନ୍‌ସ୍ପେକ୍ଟର ବେନଜାମିନ ଦାଶ ଘଟଣାର ତଦନ୍ତ କରି ସତ୍ୟାସତ୍ୟ ଜାଣିବା ପରେ ଜୁନାଗଡ ଜେଏମଏଫସି କୋର୍ଟରେ କେଜିଏନ୍ ଗ୍ୟାସ ମାଲିକ ଏମ୍‌ଡି ଜାଫର ନାଁରେ ୧୯୪୦ଡ୍ରଗ୍ସ ଓ କସ୍‌ମେଟିକ ଆକ୍ଟରେ ଏକ ମାମଲା (ନଂ.୧/୧୯) ରୁଜୁ କରିଛନ୍ତି। ଯାହାକୁ ନେଇ ସାଧାରଣରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଯେ, ଫ୍ୟାକ୍ଟ୍ରିର ମାଲିକ ଏମ୍‌ଡି ଜାଫର ଠିକା କାମ କରିବା ପାଇଁ ବ୍ୟବହୃତ ହେଉଥିବା ବିଭିନ୍ନ କିସମର ମାଳମାଲ ଗାଡିମୋଟର ଆଣି ଫ୍ୟାକ୍ଟ୍ରି ପରିସରରେ ରଖିଥିବା ଦେଖିବାକୁ ମିଳିଥିଲା। ସେହି ଗାଡିମୋଟରଗୁଡିକ ଯାତାୟାତ କଲେ ଧୂଳିଉଡି ସେଠାକାର ପରିବେଶ ପ୍ରଦୂଷିତ ହେଉଥିଲା। ଏଠାକାର ଅକ୍ସିଜେନ ସିଲିଣ୍ଡର ଜିଲା ସମେତ ରାଜ୍ୟ ବାହାରକୁ ମଧ୍ୟ ଚାଲାଣ ହେଉଛି। ଲୋକଙ୍କ ଜୀବନ ସହିତ ଖେଳୁଥିବା ଉକ୍ତ ଗ୍ୟାସ ମାଲିକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଥିଲା।

ଧରିତ୍ରୀ ପ୍ରଭାବ




ବନମାଳୀପୁରସ୍ଥିତ କେଜିଏନ ଗ୍ୟାସ।

■ ଅଲ୍ ଓଡ଼ିଶା ଫୁଟବଲ ଟୁର୍ନାମେଣ୍ଟ

## ରାଇଜିଂ ଷ୍ଟାରକୁ ହରାଇ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

**ଭବାନୀପାଟଣା,୧୦।୧୨(ଡି.ଏନ.ଏ.)**

ଭବାନୀପାଟଣାସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ମର୍ନିଂ ପ୍ରାକ୍ଟିସ କ୍ଲବ ପକ୍ଷରୁ ଚତୁର୍ଥ ଅଲ୍ ଓଡିଆ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ତୃତୀୟ ଦିବସ। ସ୍ପୋର୍ସଟ ହଷ୍ଟେଲ ଭବାନୀପାଟଣା ବନାମ ରାଇଜିଂ ଷ୍ଟାର ଧର୍ମଗଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ପୋର୍ଟ୍ସ ହଷ୍ଟେଲ ଭବାନୀପାଟଣା ଟ୍ରାଇବେକରରେ ୪-୨ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚରେ ଅତିଥି ଭାବେ ଭାଜପା ଏସ୍‌ସି ମୋର୍ଚ୍ଚା ସଭାପତି ଦୟାନିଧି ନାଏକ, ଭାଜପା ଜିଲା ସମ୍ପାଦକ ରୂପେଶ କୁମାର ଜୈନ ଓ ଭାଜପା ଯୁବ ମୋର୍ଚ୍ଚା ହିମାଂଶୁ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ମ୍ୟାଚ ସନ୍ତୋଷ କୁମାର ପ୍ରଧାନ, ଟୁକୁନା ସିଂ, ଉପେନ୍ଦ୍ର ଶବର ଓ ହରପଟେଲ ପରିଚାଳନା କରିଥିଲେ। ସ୍ପୋର୍ଟ୍ସ ହଷ୍ଟେଲର ଅମୃତ ଲାକରା ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ମ୍ୟାଚରେ ମର୍ନିଂ ପ୍ରାକ୍ଟିସ୍ କ୍ଲବ ସଭାପତି ସନ୍ତୋଷ କୁମାର ପ୍ରଧାନ, ଉପସଭାପତି ବସନ୍ତ ଶବର, ପିଭି ରାଓ ସୀମାଞ୍ଚଳ ବିହାରୀ ପ୍ରମୁଖ ପରିଚାଳନା କରିଥିଲେ। ୪ର୍ଥ ଦିବସରେ ମର୍ନିଂ ପ୍ରାକ୍ଟିସ କ୍ଲବ ଭବାନୀପାଟଣା ଓ ଏନ୍‌ଏଫ୍‌ଏ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ହେବ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

# ଶହୀଦ ରେଣ୍ଡୋ ମାଝିଙ୍କୁ ଅବହେଳା

■ ସରକାରୀ ଖାତାରେ ସ୍ୱାଧୀନତା ସଂଗ୍ରାମୀ ବୋଲି ତାଙ୍କୁ ମାନ୍ୟତା ମିଳିନି

**ଭବାନୀପାଟଣା,୧୦।୧୨(ଡି.ଏନ.ଏ.)**

କଳାହାଣ୍ଡିର ଶହୀଦ ବୀର, ସଂଗ୍ରାମୀ ରେଣ୍ଡୋ ମାଝି। ଦିନେ ଇଂରେଜଙ୍କ ନିଦ ହଜାଇ ଦେଇଥିଲେ ରେଣ୍ଡୋ ମାଝି। ଶେଷରେ ତାଙ୍କୁ ଫାଶୀ ଖୁଣ୍ଟରେ ଝୁଲିବାକୁ ପଡିଲା। କିନ୍ତୁ ତାଙ୍କୁ ଯେତିକି ସମ୍ମାନ ମିଳିବା କଥା ମିଳିନି। ତାଙ୍କର ପ୍ରଚାର ପ୍ରସାର ମଧ୍ୟ ହୋଇପାରୁନି। ବିଡମ୍ବନା ଯେ ଏଯାଏ ସରକାରୀ ଖାତରେ ସ୍ୱାଧୀନତା ସଂଗ୍ରାମୀ ବୋଲି ତାଙ୍କୁ ମାନ୍ୟତା ମିଳିନି। କେବଳ ଶହୀଦ୍ ଦିବସ ଆସିଲେ ଖୋଜାପଡେ କିଛି ଫୁଲମାଳ ଆଉ ଭାଷଣ ବାଜିରେ ଦିନ ଚାଲିଯାଏ। ଡିସେମ୍ବରେ ୧୦ରେ ରେଣ୍ଡୋଙ୍କ ୧୬୪ ତମ ଶହୀଦ୍ ଦିବସ ପାଳନ ହୋଇଛି। ମ. ରାପୁର ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଘଞ୍ଚ ଜଙ୍ଗଲ ଘେରା ଗିରିକନ୍ଦ ଲୁବେନଗଡ ଗାଁର ବକେର୍‌କା କନ୍ଧ ଡାବିସା ମାଝିଙ୍କ ଜ୍ୟେଷ୍ଠ ପୁତ୍ର ରେଣ୍ଡୋ। ଆଦିବାସୀଙ୍କ ହକ୍ ପାଇଁ ସମସ୍ତ ଆଦିବାସୀଙ୍କୁ ଏକଜୁଟ୍ କରି ରେଣ୍ଡୋ ମାଝିଙ୍କ ନେତୃତ୍ୱରେ ଧନୁ ତୀର ଓ ବର୍ଚ୍ଛାର୍ ଧରି ଅତ୍ୟାଚାରି ଇଂରେଜ ବିରୋଧରେ ଲଢେଇ କରିଥିଲେ। ଶେଷରେ ଇଂରେଜଙ୍କ ଦ୍ୱାରା ବନ୍ଦୀ ହେଲେ । ସର୍ବସମ୍ମୁଖରେ ୧୮୫୫ ଡିସେମ୍ବର ୧୦ରେ ଉର୍ଲାଦାନୀଠାରେ ରେଣ୍ଡୋଙ୍କୁ ଫାଶୀ ଦିଆଗଲା। ମା, ମାଟି ଓ ଅଧିକାର ପାଇଁ ଲଢି ସେ ଶହୀଦ ହେଲେ। ମାତ୍ର ସରକାର ତାଙ୍କୁ ଯଥୋଚିତ ମର୍ଯ୍ୟାଦା ପ୍ରଦାନ କରି ନ ଥିବା ଅଭିଯୋଗ ଉଠିଛି। ସ୍ୱାଧୀନତା ସଂଗ୍ରାମୀଙ୍କ ତାଲିକାରେ ତାଙ୍କ ନାମ ସ୍ଥାନ ପାଇନି। ୧୯୭୨ରେ କଳାହାଣ୍ଡି ଗଡଜାତର ଶେଷ ନାଗବଂଶୀ ଶାସକ ତଥା ତତ୍କାଳୀନ ଲୋକ ସଭା ସଦସ୍ୟ ପ୍ରତାପ କେଶରୀ ଦେଓଙ୍କ ଉଦ୍ୟମରେ ଶହୀଦ୍ ରେଣ୍ଡୋଙ୍କ ବ୍ରୋଞ୍ଜ୍ ନିର୍ମିତ ପୂର୍ଣ୍ଣଅବୟବ ପ୍ରତିମୂର୍ତ୍ତି ଉର୍ଲାଦାନୀସ୍ଥିତ ସ୍ମୃତିସ୍ତମ୍ଭ ପାଖରେ ପ୍ରତିଷ୍ଠା ହୋଇଛି। ୨୦୧୪ ଡିସେମ୍ବର ୧୦ରେ ଶହୀଦ୍ ଦିବସ ପାଳନ ଅବସରରେ ତତ୍‌କାଳୀନ ସଂସ୍କୃତି ମନ୍ତ୍ରୀ ଏହି ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ସ୍ୱାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବାଜଗତ ଉଦ୍ୟମରେ ୧୯୯୨ରେ ଉର୍ଲାଦାନୀ ପଞ୍ଚାୟତ ଜୁରାଖମନ ଗାଁରେ ପ୍ରଥମେ ୧୦ ଡିସେମ୍ବରକୁ ଶହୀଦ୍ ଦିବସ ଭାବେ ପାଳନ କରାଗଲା। ୧୯୯୮ରେ ଉର୍ଲାଦାନୀ ଅଞ୍ଚଳବାସୀ ରେଣ୍ଡୋ ମାଝି ସ୍ମୃତି କମିଟି ଗଠନ କରି ପ୍ରତିବର୍ଷ ଡିସେମ୍ବର ୧୦ରେ ଶହୀଦ୍ ଦିବସ ପାଳୁଛନ୍ତି। ଆଜି ତାଙ୍କ ଜନ୍ମମାଟି, ସ୍ମୃତିସ୍ତମ୍ଭ, ବିଡାବାରୁ ଓ ଲୁବେନଗଡ ଗ୍ରାମରେ ରହୁଥିବା ରେଣ୍ଡୋଙ୍କ ବଂଶଧର ଓ ଜାତିଭାଇ ସ୍ୱାଧୀନତାର ୭ ଦଶନ୍ଧି ପରେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ। ସେମାନେ ସବୁ କ୍ଷେତ୍ରରେ ଆଜି ଅବହେଳିତ। ନିଜ ଜିଲାରେ ମଧ୍ୟ ଶହୀଦ୍‌ଙ୍କୁ ଉଚିତ୍ ସମ୍ମାନ ମିଳିପାରିନି। କେବଳ ଭବାନୀପାଟଣା ଜିଲା କାରାଗାର ପାଚେରି ନିକଟରେ ତାଙ୍କର ଏକ ଛୋଟ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। କଳାହାଣ୍ଡି ଉତ୍ସବର ମୁଖ୍ୟ ମଞ୍ଚକୁ ରେଣ୍ଡୋ ମାଝି ମଞ୍ଚ ନାମରେ ନାମିତ କରାଯାଇଛି। ବୀର ଶହୀଦ୍ ରେଣ୍ଡୋ ମାଝିଙ୍କୁ ସରକାର ଶହୀଦ୍ ମାନ୍ୟତା କେବେ ଦେବେ ବୋଲି ଅଞ୍ଚଳ ବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।





ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନେପୋଲିୟନ ବୋନାପାର୍ଟ



# ଅଙ୍ଗନୱାଡ଼ି କର୍ମୀଙ୍କ ବହିଷ୍କାରକୁ ବିରୋଧ

## ■ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ରାଉରକେଲା ଅଫିସ,୧୦।୧୨**

ନିଜ ଦାବି ନେଇ ଆନ୍ଦୋଳନ କରୁଥିବା ପାନପୋଷ ଉପଖଣ୍ଡ ଅଞ୍ଚଳର ୪ ଜଣ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏ ନେଇ ଗତ ସୋମବାର ପାନପୋଷ ଉପଜିଲାପାଳଙ୍କ ଜରିଆରେ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତୁରନ୍ତ ଅନ୍ୟାୟ ଭାବେ କାର୍ଯ୍ୟରୁ ଅନ୍ତର କରାଯାଇଥିବା ସମ୍ପୃକ୍ତ କର୍ମଚାରୀଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଏଥିରେ ଦାବି କରାଯାଇଥିଲା। ନିଜ ଦାବି ନେଇ ରାଜ୍ୟସ୍ତରୀୟ ଆନ୍ଦୋଳନରେ ଭାଗ ନେବାରୁ ଏହି କର୍ମୀମାନଙ୍କୁ ନାଲି ଆଖି ଦେଖାଇ ଆନ୍ଦୋଳନ ଭଣ୍ଡୁର କରିବାକୁ ଏଭଳି ଧମକ ଦିଆଯାଇଥିବା ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏମିତି ଅବସ୍ଥାରେ ପାନପୋଷ ଉପକଣ୍ଠର ୪ଜଣ ମହିଳା ନେତ୍ରୀଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିଲା। ଏହାକୁ ନେଇ ସଂଗଠନ ପକ୍ଷରୁ ଗତ ୩ ଦିନ ହେବ ପ୍ରତିକ୍ରିୟା ପ୍ରକାଶ ପାଇଛି। ତୁରନ୍ତ ଏହି କର୍ମୀଙ୍କୁ ନ୍ୟାୟ ଦେବାକୁ ସଂଗଠନ ପକ୍ଷରୁ ମଙ୍ଗଳବାର ପାନପୋଷ ଉପଜଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଧାରଣା ଦିଆଯାଇଥିଲା। କର୍ତ୍ତୃପକ୍ଷ ଏ ଦିଗରେ ନ୍ୟାୟିକ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।



ମଙ୍ଗଳବାର ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡ଼ି କର୍ମୀମାନେ ଧାରଣାରେ ବସିଛନ୍ତି।



ରାଉରକେଲା ହାଉସଠାରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ପରିବହନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ପରିବହନ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

**ରାଉରକେଲା ଅଫିସ,୧୦।୧୨**

ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମଙ୍ଗଳବାର ଦିନିକିଆ ରାଉରକେଲା ଗସ୍ତରେ ଆସି ବିଭାଗୀୟ କର୍ମଚାରୀଙ୍କୁ ନେଇ ରାଉରକେଲା ହାଉସଠାରେ ଏକ ସମୀକ୍ଷା ବୈଠକ କରି ଫେରି ଯାଇଛନ୍ତି। ଏହି ଅବସରରେ ସେ ଜିଲା ପରିବହନ ସଂସ୍ଥାର ରାଜସ୍ୱ ଆଦାୟ ସହ କେତେକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ନୂଆ ପରିବହନ ନୀତିକୁ କିପରି ଶାନ୍ତିଶୃଙ୍ଖଳା ସହ ଲାଗୁ କରାଯିବ, ଲୋକେ କିପରି ନିୟମ ପାଳନ କରିବେ ସେ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ତେବେ ଚାଳକଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଗାଡି ଡ୍ରାଇଭିଂ ଲାଇସେନ୍ସ, ପ୍ରଦୂଷଣ ପ୍ରମାଣ ପତ୍ର, ଇନସ୍ୟୁରାନ୍ସ ଆଦି କିଭଳି ମିଳି ପାରିବ ସେ ଦିଗରେ ଦୃଢ ପଦକ୍ଷେପ ନିଆଯାଉଛି। କେବଳ ଏତିକି ନୁହେଁ, ଫିଟନେସ ସାର୍ଟିଫିକେଟଠୁ ନେଇ ଟେଷ୍ଟିଂ ଟ୍ରାକ୍ ଆଦି ଉପରେ ମନ୍ତ୍ରୀ ବେହେରା ନଜର ଦେବେ ବୋଲି କହିଥିଲେ। ରାଉରକେଲା ପରିବହନ ବିଭାଗରେ ବିଶେଷ କିଛି ସମସ୍ୟା ନାହିଁ। ଯାହା ଛୋଟ ଅଭିଯୋଗ ରହିଛି ତାହାକୁ ଶୀଘ୍ର ଦୂର କରାଯିବ ବୋଲି ସେ କହିଥିଲେ। ଅନ୍ୟ ସ୍ଥାନ ଅପେକ୍ଷା ଏଠାରେ ପରିବହନ ବ୍ୟବସ୍ଥା ସନ୍ତୋଷଜନକ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ସମୀକ୍ଷା ବୈଠକରେ ପରିବହନ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ। ମନ୍ତ୍ରୀଙ୍କ ଗସ୍ତ ଅବସରରେ ତାଙ୍କୁ ବିଭିନ୍ନ ସଂଘ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯିବା ସହ ବିଜେଡି କର୍ମକର୍ତ୍ତାଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା।

## ‘ବନ୍ଦେ ଉତ୍କଳ ଜନନୀ’ର ତୁଳନା ନାହିଁ

**ରାଉରକେଲା ଅଫିସ,୧୦।୧୨**

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ‘ବନ୍ଦେ ଉତ୍କଳ ଜନନୀ ପରି ସଙ୍ଗୀତର ତୁଳନା ନାହିଁ। ହେଲେ ଏହାକୁ ଜାତୀୟ ସଙ୍ଗୀତର ମାନ୍ୟତା ମିଳି ନ ପାରିବା କ୍ଷୋଭର ବିଷୟ। କାନ୍ତ କବି ଓଡିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି। ତାଙ୍କ ସାହିତ୍ୟ ସୃଷ୍ଟିକୁ ଆମେ କେବେ ଅସ୍ୱୀକାର କରି ପାରିବା ନାହିଁ। ଦେଓଗାଁ ଗାନ୍ଧୀ କଲେଜରେ କବିଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି। କଲେଜ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ବରାଳ, କବି କୁଞ୍ଜବିହାରୀ ରାଉତ, ଆର୍ତ୍ତତ୍ରାଣ ମହାପାତ୍ର, ଅଧ୍ୟାପକ ସୁରେନ୍ଦ୍ର ବେହେରାଙ୍କ ସମେତ ଛାତ୍ରୀ ଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଯୋଗଦେଇ କାନ୍ତକବିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ଧନଞ୍ଜୟ ମଲ୍ଲିକ, ସୁସ୍ମିତା ମହାନ୍ତି, ବିଜୟ ରାୟ, ଶତ୍ରୁଘ୍ନ କିଶାନ, ପ୍ରତାପ ମହାଲିକ, ଅମିତ ଖାଖା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସୁରେନ୍ଦ୍ର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ନାରୀ ସମାଜର ସୁରକ୍ଷା ସବୁଠୁ ବଡ଼ ପ୍ରଶ୍ନ





ରାଉରକେଲା ଏଡିଏମଙ୍କ ଅଫିସ ଆଗରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର କର୍ମକର୍ତ୍ତା ନାରା ଦେଉଛନ୍ତି।

**ରାଉରକେଲା ଅଫିସ,୧୦। ୧୨**

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ମଙ୍ଗଳବାର ରାଉରକେଲା ଅତିରିକ୍ତ ଜିଲାପାଳ ଯେଦୁଲା ବିଜୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ କୁହାଯାଇଛି ଯେ ଦେଶରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ବଳାତ୍କାର ଘଟଣା ବୁଦ୍ଧିଜୀବୀଙ୍କୁ ଚକିତ କରିଛି। ଅପରାଧ ଘଟାଇ ଅଭିଯୁକ୍ତ ଖସି ଯିବାକୁ ସମର୍ଥ ହେଉଛନ୍ତି। ପୀଡିତା ଆଇନଗତ ସହାୟତା ପାଉନି। ଗଣ ବଳାତ୍କାରର ଶିକାର ନାବାଳିକା, ମହିଳା ସମାଜରେ ମୁଣ୍ଡ ଟେକି ବାଟ ଚାଲିବା ସମ୍ଭବ ହେଉନି। ଏମାନଙ୍କୁ ଆଇନଗତ ସହାୟତା କିମ୍ବା ନ୍ୟାୟ ମିଳିବାରେ ଅହେତୁକ ବିଳମ୍ବ ଘଟୁଛି। ଦେଶରେ ଏଭଳି ଅନେକ ଉଦାହରଣ ରହିଛି, ଯେଉଁଠି ପୀଡିତାଙ୍କୁ ନ୍ୟାୟ ମିଳି ପାରୁନି। ଏ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭୂମିକାକୁ ସଂଗଠନ ପକ୍ଷରୁ ସମାଲୋଚନା କରଯାଇଛି। ସାଧାରଣ ଲୋକେ ନ୍ୟାୟପାଳିକା ଉପରୁ ଆସ୍ଥା ହରାଉଥିବା ବେଳେ ଏ ଦିଗରେ ସକାରାତ୍ମକ ପଦକ୍ଷେପ ଜରୁରି ବୋଲି ଏଥିରେ ଉପସ୍ଥିତ ନେତୃମଣ୍ଡଳୀ ପ୍ରକାଶ କରିଥିଲେ। ମହିଳାଙ୍କୁ ସାମାଜିକ ସୁରକ୍ଷା କିପରି ମିଳିପାରିବ ସେ ଦିଗରେ ସରକାର ଯତ୍ନବାନ ହେବା ଆବଶ୍ୟକତା ରହିଛି। ଆମ ରାଜ୍ୟ ଓଡିଶାରେ କ୍ରମାଗତ ଭାବେ ଏଭଳି ଘଟଣା ବୃଦ୍ଧି ପାଇବା ସାଧାରଣରେ ଚିନ୍ତା ବଢାଇଛି। ତୁରନ୍ତ କିଭଳି ଏଭଳି ଘଟଣାର ବିଚାର କରାଯାଇ ପାରିବ, ସେ ଦିଗରେ ସରକାର ଦୃଢ ପଦକ୍ଷେପ ନେବାକୁ ସଂଗଠନ ଅଧ୍ୟକ୍ଷା ସାଲୋମି ମିଂଜ, ବିନୋଦିନୀ ଦାସ, ଶୋଭା ମୁଖାର୍ଜୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଦାବି କରିଛନ୍ତି।

## ସନ୍ତୋଷଜନକ ନୁହେଁ ସ୍ୱେରେଜ ସିଷ୍ଟମ

**ରାଉରକେଲା ଅଫିସ,୧୦।୧୨**

ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦିନିକିଆ ରାଉରକେଲା ଗସ୍ତ ଅବସରେ ତାଙ୍କୁ ରାଉରକେଲା ହାଉସଠାରେ ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଶେଷ କରି ସହରର ବିକାଶ ନେଇ ତାଙ୍କ ସହ ମତ ବିନିମୟ ହୋଇଛି। ଏହି ଅବସରରେ ପ୍ରତିନିଧି ଦଳ ପକ୍ଷରୁ ସ୍ୱେରେଜ ସିଷ୍ଟମ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ରାଉରକେଲା ମହାନଗର ଓ ସ୍ମାର୍ଟ ସିଟି ଘୋଷଣା ପରେ ଅଟକି ରହିଥିବା ପ୍ରକଳ୍ପ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇ ପାରିବ ସେ ଦିଗରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦ୍ୱିତୀୟ ବ୍ରାହ୍ମଣୀ ସେତୁ କିପରି ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ ସରକାର ଦୃଷ୍ଟି ଦେବାକୁ ଦାବି କରାଯାଇ ଥିଲା। ଏହି ଅବସରରେ ରାଉରକେଲାରୁ ଆରଡି ଆଖଣ୍ଡଳମଣି ପୀଠ ପର୍ଯ୍ୟନ୍ତ ସିଧାସଳଖ ଏକ ଯାତ୍ରୀବାହୀ ବସ୍ ଚଳାଚଳ ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।



ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଦିନିକିଆ ରାଉରକେଲା ଗସ୍ତ ଅବସରରେ ତାଙ୍କୁ ରାଉରକେଲା ହାଉସଠାରେ ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରୁଛନ୍ତି।

## ଶାରଳା ପରିବାରର ନୂତନ କର୍ମକର୍ତ୍ତା

**ରାଉରକେଲା ଅଫିସ,୧୦। ୧୨**

ଶାରଳା ପରିବାର ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସାଂଗଠନିକ ଆଲୋଚନା ସହ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେକ୍ଟର- ୨୦ ସମାଜ ମଙ୍ଗଳ କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ସଭାପତି ରୂପେ ପ୍ରଭାତ କିଶୋର ସ୍ୱାଇଁ ନିର୍ବାଚିତ ହୋଇଥିବା ବେଳେ ଦୁଇ ଉପସଭାପତି ରୂପେ ବିଜୟ ପରିଡା ଓ ଚନ୍ଦ୍ରମଣୀ ମାଝିଙ୍କୁ ଚୟନ କରାଯାଇଥିଲା। ସେହିଭଳି ସାଧାରଣ ସଂପାଦକ ଭାବେ ରମେଶ ସେଠୀଙ୍କୁ ନିର୍ବାଚିତ କରାଯାଇଥିବା ବେଳେ କୋଷାଧ୍ୟକ୍ଷ ଭାବେ ବାଇଧର ପ୍ରଧାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିରେ ସାଂଗଠନିକ ସଂପାଦକ ଭାବେ ଭବାନୀ ଦାସ ଓ ପ୍ରଶାନ୍ତ ତରାଇଙ୍କୁ ଚୟନ କରାଯାଇ ଥିଲା। ଯୁଗ୍ମ ସଂପାଦକ ରୂପେ ପ୍ରଫୁଲ ଭୋଇ, ସୁଶାନ୍ତ ରାଉତ ରହିଥିବା ବେଳେ ସାଂସ୍କୃତିକ ସଂପାଦକ ଜ୍ୟୋତିର୍ମୟ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଛି। ସହରକୁ ୫ଟି ଜୋନରେ ଭାଗ କରାଯାଇ ଆଞ୍ଚଳିକ ସଂପାଦକ ନିଯୁକ୍ତ କରାଯାଇଛି ବୋଲି ସଂଗଠନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

## ୫୨ ଡୋମେଷ୍ଟିକ୍ ରନ୍ଧନ ଗ୍ୟାସ୍ ସିଲିଣ୍ଡର ଜବତ



**ସମ୍ବଲପୁର,୧୦।୧୨(ବ୍ୟୁରୋ)**

ସମ୍ବଲପୁର ଶାସନ ଥାନା ଅଧୀନ ପାପପାଲିସ୍ଥିତ ବେଦିକ କଲେଜରେ ମଙ୍ଗଳବାର ଅପରାହ୍ନ ୧ଟାରେ ଯୋଗାଣ ବିଭାଗ ଚଢାଉ କରିଛି। କଲେଜ ରୋଷେଇ ଘରୁ ଇଣ୍ଡେନ ଗ୍ୟାସ୍ କମ୍ପାନୀର ୫୨ଟି ଡୋମେଷ୍ଟିକ ରନ୍ଧନ ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି, ଯାହା ବେଆଇନ ବୋଲି ଯୋଗାଣ ବିଭାଗ କହିଛି। ଏଠାରେ କମର୍ସିଆଲ ରନ୍ଧନ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରାଯିବା କଥା। ହେଲେ ତାହା କରା ନ ଯାଇ ବେଆଇନ ଭାବେ ଘରୋଇ ଭାବେ ବ୍ୟବହୃତ ଡୋମେଷ୍ଟିକ ରନ୍ଧନ ଗ୍ୟାସ ସିଲିଣ୍ଡର ନିର୍ଭୟରେ ବ୍ୟବହାର କରାଯାଉଛି ବୋଲି କୁହା ଯାଇଛି। ତେବେ ଜବତ ସିଲିଣ୍ଡର ମଧ୍ୟରେ ୨୭ଟି ସିଲିଣ୍ଡରେ ଗ୍ୟାସ୍ ଭର୍ତ୍ତି ଥିବାବେଳେ ୨୫ଟି ଖାଲି ରହିଥିଲା। ଯୋଗାଣ ବିଭାଗ ପାଖରେ ପୂର୍ବରୁ ଏନେଇ ସୂଚନା ରହିଥିଲା। ସେହି ଆଧାରରେ ଚଢାଉ କରାଯାଇଛି। କଲେଜ ଅଧ୍ୟକ୍ଷଙ୍କ ନାମରେ ମଧ୍ୟ ମାମଲା ରୁଜୁ ହେବ। ଅନ୍ୟପକ୍ଷେ ଏଠାକୁ ଗ୍ୟାସ୍ ଯୋଗାଇ ଦେଉଥିବା ଗ୍ୟାସ୍ ଏଜେନ୍ସି ଉପରେ ମଧ୍ୟ ଚଢାଉ କରାଯାଇ ଷ୍ଟକ ଯାଞ୍ଚ କରାଯିବ। ଯଦି ଷ୍ଟକ୍ ମ୍ୟାଚ ନ ହେଲା ତାହା ହେଲେ ଏଜେନ୍ସି ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ଅଧିକାରୀ ରଞ୍ଜନ ସେଠ କହିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

FINANCE

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତ୍ତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ |40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

BUSINESS

ASTROLOGY

KUBER FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy Fund Received in 24 Hours
7599779418, 9599068151
B-34/A Block, Vijay Enclave, Burari, New Delhi

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail :- namonamoonlinem.p@gmail.com
9911321841
Add :- 41/14, Sec-1 Pushp Vihar, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ!!
E-mail :- ridhifinanceonlinem.p@gmail.com
9911473748
Add :- 41/14, Sec-1 Pushp Vihar, Delhi

GTL Telecom Co.
ଦ୍ୱାରା ଖାଲି ଜମି, ଛାତ, କ୍ଷେତରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ - 60,00000/-
ଭଡ଼ା - 25,000/-
ଅନ୍ୟାନ୍ୟ ସୁବିଧା (ମାସିକ 15000/-)
ମେଡିକାଲ + ବୀମା ଫ୍ରି
9450647834
7027273944
Network Vision, ITC Industrial Area, Navi Mumbai, Maharashtra.

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ ଆଧାରକାର୍ଡ, ବ୍ୟବସାୟ ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ସଂକ୍ଷେପରେ



### ସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ବାଲି ବୋଝେଇ ହାଇୱା ଓଲଟିଲା

ଲହୁଣୀପଡା, ୧୦।୧୨ (ଡି.ଏନ.ଏ)- ଲହୁଣୀପଡା ଥାନା ଅନ୍ତର୍ଗତ ଲଲେଇଛକଠାରେ ଏକ ବାଲି ବୋଝେଇ ହାଇୱା ସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଓଲଟି ପଡିଛି। ସୁଆରପାଲି ବାଲି ଘାଟରୁ ବାଲି ବୋଝେଇ କରି ଦଲମକୁଟା ସ୍ଥିତ ସୁପ୍ରିୟା କନଷ୍ଟ୍ରକସନ୍‌ର ଷ୍ଟକୟାର୍ଡକୁ ଯାଉଥିଲା। ଏହି ସମୟରେ ଲଲେଇ ଛକଠାରେ ଲଲେଇ ଗ୍ରାମର ପବିତ୍ର ସାହୁ ସାଇକେଲ ଚଳାଇ ଗାଡି ସାମନାକୁ ଆସିଯିବାରୁ ହାଇୱା ଚାଳକ ସାଇକେଲ ଚାଳକଙ୍କୁ ବଞ୍ଚାଇବାକୁ ଯାଇ ଗାଡି ରାସ୍ତା ତଳକୁ ନେଇଯିବାରୁ ଭାରସାମ୍ୟ ହରାଇ ଓଲଟି ପଡିଥିଲା । ସୌଭାଗ୍ୟବଶତଃ କାହାର କିଛି ହୋଇନଥିବା ବେଳେ ସାଇକେଲ ଚାଳକଙ୍କ ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଖବର ପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଟ୍ରକ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା, ରାସ୍ତାରୋକୋ

# ପୋଲିସ ଉପସ୍ଥିତିରେ ଟ୍ରକ୍‌କୁ ଜାଳିଦେଲେ ଲୋକେ

**ଲହୁଣୀପଡା, ୧୦।୧୨ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଦର୍ଜିଂଠାରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୪ଟାରେ ଏକ ଦୁର୍ଘଟଣା ଘଟିଛି। ଟ୍ରକ୍ ଧକ୍କାରେ ଜଣେ ଛାତ୍ର ବିର୍ସା ମୁଣ୍ଡା (୧୧)ଙ୍କ ମୃତ୍ୟୁକୁ କେନ୍ଦ୍ରକରି ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ ଲୋକେ ଜିଦରେ ଅଟଳ ରହିଥିଲେ। ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିବା ସହ ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଟ୍ରକ୍‌କୁ ଜାଳି ଦେଇଛନ୍ତି। ଦାବିପୂରଣର ପ୍ରତିଶ୍ରୁତି ମିଳିବା ପରେ ରାତି ପ୍ରାୟ ୯ଟାରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଛି।

ସୂଚନା ଅନୁସାରେ, ସାଲେଇପାଲି ଗ୍ରାମର ରାସାଇ ମୁଣ୍ଡାଙ୍କ ପୁଅ ବିର୍ସା ଓ ପାଣ୍ଡୁ ମୁଣ୍ଡାଙ୍କ ପୁଅ ସଞ୍ଜୟ ଦର୍ଜିଂସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ପଢ଼ନ୍ତି। ମଙ୍ଗଳବାର ବିଦ୍ୟାଳୟ





ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି (ବାମ)। ଟ୍ରକ୍ ଜଳୁଛି।

ଛୁଟି ପରେ ନିଜ ଗ୍ରାମକୁ ଉଭୟ ଏକ ସାଇକେଲ ଯୋଗେ ଫେରୁଥିଲେ। ରାଉରକେଲାଠାରୁ ଲୁହାଛଡ ବୋଝେଇ କରି ଯାଜପୁର ଅଞ୍ଚଳକୁ ଯାଉଥିବା ଓଆର୍ ୧୪ ଟି- ୦୬୭୦ ଦଶଚକିଆ ଟ୍ରକ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ସଞ୍ଜୟ ଛିଟିକି ପଡି ଗୁରୁତର ଆହତ ହୋଇଥିବାବେଳେ ବିର୍ସା ଉପରେ ଟ୍ରକ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ବିର୍ସାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଉତ୍ତେଜନା ଦେଖାଯାଇଥିଲା ଏବଂ ଚାଳକ ଦେଓଶଙ୍କର କୁମାର (୩୨)ଙ୍କୁ ଲୋକେ ନିସ୍ଛୁକ ମାଡ ଦେଇଥିଲେ। ଖବରପାଇ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଚାଳକଙ୍କୁ ଉଦ୍ଧାର କରିଥିଲା। ଘଟଣା ପ୍ରଚାରିତ ହେବା ପରେ ପ୍ରବଳ ଉତ୍ତେଜନା ହେବା ସହିତ କ୍ଷତିପୂରଣ ଦାବିରେ ଲୋକମାନେ ରାସ୍ତାରେ ଗଛ ପକାଇ ନିଆଁ ଜାଳି ଅବରୋଧ କରିଥିଲେ। ପୋଲିସ ଫୋର୍ସ ସହିତ ମାଜିଷ୍ଟ୍ରେଟ ଭାବେ ସହକାରୀ ଜିଲାପାଳ ସରୋଜ କୁମାର ପୃଷ୍ଟେଠ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ ଲୋକମାନେ ଆନ୍ଦୋଳନ ଚଳାଇଥିଲେ। ଏପରିକି ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଖାତିର ନ କରି ଦୁର୍ଘଟଣା ଘଟାଇଥିବା ଟ୍ରକରେ ନିଆଁ ଲଗାଇ ଦେଇଥିଲେ।

### ବଗିଚାପଡ଼ା ଚୋରି ଘଟଣାର ପର୍ଦ୍ଦାଫାଶ

# ୨ ଗିରଫ: ଚୋରି ସାମଗ୍ରୀ ଉଦ୍ଧାର

**ରାଜଗାଙ୍ଗପୁର, ୧୦।୧୨ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ପୋଲିସ ବଗିଚାପଡା ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ପୋଲିସ ୨ଜଣଙ୍କୁ ଗିରଫ କରି ଲକ୍ଷାଧିକ ଟଙ୍କାର ଚୋରି ସାମଗ୍ରୀ ଉଦ୍ଧାର କରିଛି। ପୋଲିସ ପକ୍ଷରୁ ଜଣାପଡିଛି ଯେ, ନଭେମ୍ବର ୨୮ ରାତିରେ ରାଜଗାଙ୍ଗପୁର ବଗିଚାପଡାର ଚନ୍ଦନ ପ୍ରସାଦଙ୍କ ଘରେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହିତ ଏଲଇଡି ଟିଭି, ସାମସଙ୍ଗ କମ୍ପାନୀର କମ୍ପ୍ୟୁଟର, ଏଲଜି କମ୍ପାନୀର ମ୍ୟୁଜିକ ସିଷ୍ଟମ ଚୋରି ହୋଇଥିଲା। ଏନେଇ ୨୯ ତାରିଖ ରାଜଗାଙ୍ଗପୁର ଥାନାରେ ଏକ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ରାଜଗାଙ୍ଗପୁର ପୋଲିସ ଏକ ମାମଲା (ନଂ. ୩୪୫।୧୯) ରୁଜୁ କରି ତଦନ୍ତ କରୁଥିଲା। ସୋମବାର ଏହି ଚୋରି ଘଟଣାରେ ରାଜଗାଙ୍ଗପୁର ପୋଲିସ ଲଖୁଆପଡା ନିବାସୀ ପ୍ରକାଶ ନାଗ (୨୧) ଓ ଭଗତଟୋଲାର ଚରଣ ପଟ୍ଟନାୟକ (୩୫)ଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଚୋରି ହୋଇଯାଇଥିବା ଲକ୍ଷାଧିକ ଟଙ୍କାର ସୁନା ଗହଣା ସମେତ ସମସ୍ତ ଚୋରି ସାମଗ୍ରୀ ଜବତ କରିଛି। ମଙ୍ଗଳବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ପ୍ରୟାସ କରୁଥିବା ରାଜଗାଙ୍ଗପୁର ଥାନା ଅଧିକାରୀ ଗୋକୁଳା ନନ୍ଦ ସାହୁ ପ୍ରକାଶ କରିଛନ୍ତି।



ପୋଲିସ ସହିତ ଗିରଫ ଦୁଇ ଅଭିଯୁକ୍ତ ଓ ଚୋରି ସାମଗ୍ରୀ।

# କୋରିଓଗ୍ରାଫର ରୋଶନଙ୍କୁ ନୃତ୍ୟ ନିର୍ଦ୍ଦେଶକ ସମ୍ମାନ

ସୁନ୍ଦରଗଡ଼, ୧୦।୧୨ (ଡି.ଏନ୍.ଏ.) -ରାଉରକେଲା ଭଞ୍ଜଭବନ ଠାରେ ଅନୁଷ୍ଠିତ ଫିଲ୍ମ ଫେଷ୍ଟିଭାଲରେ ସୁନ୍ଦରଗଡ଼ର ଜଣାଶୁଣା କୋରିଓଗ୍ରାଫର ରୋଶନ କୁମାର ସାହୁଙ୍କୁ ଶ୍ରେଷ୍ଠ ନୃତ୍ୟ ନିର୍ଦ୍ଦେଶକ ସମ୍ମାନ ମିଳିଛି। ରାଉରକେଲା ଫ୍ରେମ ଫିଲ୍ମ ଇନଷ୍ଟିଚ୍ୟୁଟ ପକ୍ଷରୁ ଆୟୋଜିତ ଏହି ସମାରୋହରେ ଅନେକ ନିର୍ଦ୍ଦେଶକ ଓ କଳାକାର ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡର ରୋଶନ ସାହୁ ପଶ୍ଚିମ ଓଡ଼ିଶାର ଉଦୀୟମାନ ନୃତ୍ୟ ନିର୍ଦ୍ଦେଶକ ଭାବେ ଏହି ସମ୍ମାନ ଲାଭ କରିଛନ୍ତି। ଆୟୋଜକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା।




କୋରିଓଗ୍ରାଫର ରୋଶନ କୁମାର ସାହୁଙ୍କୁ ସମ୍ମାନିତ କରାଯାଉଛି।

## ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ହେର୍‌ଫେର୍ ମାମଲା: ଜିଆର୍‌ଏସ୍ ବହିଷ୍କୃତ

**ଭବାନୀପାଟଣା,୧୦।୧୨(ଡି.ଏନ.ଏ.)**
କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ତଳଝାପି ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ ଅର୍ଥ ହେର୍‌ଫେର୍ ଘଟଣାରେ ଗ୍ରାମ ରୋଜଗାର ସେବକ ଟିବୁ ନାଏକଙ୍କୁ ବହିଷ୍କାର କରାଯାଇଛି। ନାଏକ ତଞ୍ଚକତା କରି ୨ ଲକ୍ଷ ୭ ହଜାର ୯୨୮ ଟଙ୍କା ହେର୍‌ଫେର୍ କରିଥିଲେ । ଏହି ଘଟଣାର ତଦନ୍ତ କରି ଜିଲାପାଳ ଗ୍ରାମ ରୋଜଗାର ସେବକ ଟିବୁଙ୍କୁ ବହିଷ୍କାର କରିଛନ୍ତି। ତଳଝାପି ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ତଞ୍ଚକତା କରି ଗ୍ରାମ ରୋଜଗାର ସେବକ ୩ଟି ନିର୍ମାଣ କାର୍ଯ୍ୟ ବାବଦକୁ ୨ ଲକ୍ଷ ୭ ହଜାର ୯୨୮ ଟଙ୍କା ଶ୍ରମିକ ନାମରେ ଟ୍ରାନ୍ସଫର୍ କରିଥିବା ଥୁ.ରାମପୁର ବିଡିଓ ରିପୋର୍ଟ ପ୍ରଦାନ କରିଥିଲେ। ତଳଝାପି ମୁନେଷ ପଡାରୁ ସର୍ଗିଗୁଡା ରାସ୍ତା ନିର୍ମାଣ, ତଳଝାପି ବିଜାଗୁଡାରୁ କୁଡିଙ୍ଗଝରଣ ରାସ୍ତା ନିର୍ମାଣ ଓ ଉପରଝାପିରୁ ବିଜାଘାଟି ରାସ୍ତା ନିର୍ମାଣରେ ତଞ୍ଚକତା କରି ଜିଆର୍‌ଏସ୍ ଅର୍ଥ ହେର୍‌ଫେର କରିଥିବା ତଦନ୍ତ ପରେ ସ୍ପଷ୍ଟ ହୋଇଥିଲା। ଗ୍ରାମ ରୋଜଗାର ସେବକ ଟିବୁ ନାଏକ ଶ୍ରମିକଙ୍କ ନାମରେ ଏହି ଅର୍ଥ ଟ୍ରାନ୍ସଫର୍ କରିଥିବା ଜଣାପଡିଛି।

# ଅବକାରୀ ଚଢ଼ାଉ: ୧୦ ଗିରଫ

## ୧୦୨ ଲିଟର ଦେଶୀ ମଦ ଜବତ



ରାଜଗାଙ୍ଗପୁର ଅବକାରୀ କର୍ମଚାରୀଙ୍କ ସହିତ ଗିରଫ ବ୍ୟକ୍ତିମାନେ।

**ରାଜଗାଙ୍ଗପୁର, ୧୦।୧୨ (ଡି.ଏନ.ଏ)**

ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ବେଆଇନ ଭାବେ ମଦ ବିକ୍ରି କରୁଥିବା ୧୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୧୦୨ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ାଉରେ ଲିପଲୋଇ ଗ୍ରାମର ପଲ୍ଲବୀ ମିଞ୍ଜ, ଝଗରପୁରର ସଦାନନ୍ଦ କୁମାର, କୁଣ୍ଡୁପଡାର କିଶୋର ଲାକ୍ରା, ସାଲେପାଲିର ରୂପେ କିଷାନ, ବଡଖମନର ସଙ୍ଗିତା ବଡାଇକ, ପଦ୍ମପୁରର ସକୁନ୍ତଳା ମାଝୀ, ଏକମାର ଗୀତା ମାଝୀ, କୌଶିକ ଲାକ୍ରା, ରୁନଗାଁର ପାଓ୍ୱେଲ ଟେଟେ ଓ ଜାରାମୁଣ୍ଡାର ଚନ୍ଦ୍ର ବିଲ୍ଲୋଙ୍କୁ ଗିରଫ କରାଯାଇଛି। ଚଢ଼ାଉରେ ଆଇସି ରାଜଗାଙ୍ଗପୁର ରାମଜୀ ପଟେଲ, ଏସଆଇ ସୁରେଶ ଚନ୍ଦ୍ର ଭୋଇ, ଏଏସଆଇ ପ୍ରଶାନ୍ତ କୁମାର ପଟେଲ, କନଷ୍ଟେବଲ ସଞ୍ଜୟ କୁମାର ଅମାତ, ଚନ୍ଦ୍ରଶେଖର ଖଣ୍ଡା, ଗାୟତ୍ରୀ ସା, ଚନ୍ଦ୍ରକାଳ ବେହେରା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ତାଳବାହାଳି ପଞ୍ଚାୟତରେ ଡାକଘର ଖୋଲିବାକୁ ଦାବି

ବଣାଇ, ୧୦।୧୨(ସ୍ୱ.ପ୍ର.)–ବଣାଇ ଡାକ ଉପଖଣ୍ଡ ବିଭାଗ ଅଧିନରେ ରହିଥିବା ଲହୁଣୀପଡା ବ୍ଲକର ତାଳବାହାଳି ଗ୍ରାମପଞ୍ଚାୟତରେ ଅଦ୍ୟାବଧି ଡାକସେବା ମିଳୁ ନାହିଁ। ପଞ୍ଚାୟତର ୧୦ଟି ଗ୍ରାମର ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଖୁଣ୍ଟଗାଁ ଉପଡାକଘର ଅଧିନରେ ଥିବା କୁଲିପୋଷ ଠାରେ ଥିବା ଶାଖା ଡାକଘର ଅଧିନରେ ଏବେ ତାଳବାହାଳି ପଞ୍ଚାୟତକୁ ସାମିଲ କରାଯାଇ ଡାକସେବା ଯୋଗାଇ ଦିଆଯାଉଛି। ସରକାରଙ୍କ ନିୟମ ମୁତାବକ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ନିହାତି ପକ୍ଷେ ଗୋଟିଏ ଶାଖା ଡାକଘର ଖୋଲିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଅଦ୍ୟାବଧି ତାଳବାହାଳି ପଞ୍ଚାୟତରେ ଏହା ଖୋଲାଯାଇ ପାରିନାହିଁ। ଫଳରେ ପଞ୍ଚାୟତରେ ଥିବା ତଳଖଣ୍ଡାଧାର, ବୁଢାଭୁଇଁ, ସାନନୁଆଗାଁ, ବଡନୁଆଗାଁ, ତାଳବାହାଳି, ଲଡାପାଣି ପ୍ରମୁଖ ଗ୍ରାମର ଜନସାଧାରଣ ୧୮ କି.ମି ଦୂରରେ ଥିବା କୁଲିପୋଷକୁ ଯାଇ ଡାକ କାମ କରୁଛନ୍ତି। ଏହି ଅଞ୍ଚଳ ଆଭ୍ୟନ୍ତରୀଣ ଅଞ୍ଚଳ ହୋଇଥିବାରୁ ତୁରନ୍ତ ଏହାର ପ୍ରତିକାର କରିବା ପାଇଁ ତାଳବାହାଳି ପଞ୍ଚାୟତବାସୀ ଦାବି ଜଣାଇଛନ୍ତି।

# ଜାତୀୟ ଗୋଁଣ୍ଡୱାନା ଛାତ୍ର ସଙ୍ଗଠନର ସ୍ଥାପନା ଦିବସ

**ସୁନ୍ଦରଗଡ଼, ୧୦।୧୨ (ଡି.ଏନ୍.ଏ)**

ସ୍ଥାନୀୟ ରଙ୍ଗାଡିପା ଶ୍ରୀଜଙ୍ଘାବଡଦେଓ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ଜାତୀୟ ଗୋଁଣ୍ଡୱାନା ଛାତ୍ର ସଙ୍ଗଠନ (ଜିଏସ୍‌ୟୁ) ସ୍ଥାପନା ଦିବସ ପାଳିତ ହୋଇଛି। ସୁନ୍ଦରଗଡ ଶାଖାର ସଭାପତି ଦୁଷ୍ମନ୍ତ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୋଁଣ୍ଡସମାଜର ସାମାଜିକ, ସାଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖି ଶିକ୍ଷା ଓ ଆର୍ଥିକ ଉନ୍ନତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ପ୍ରାକୃତିକ ସନ୍ତୁଳନ ଓ ସଂରକ୍ଷଣ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ସଙ୍ଗଠନର ଜିଲା ଉପସଭାପତି ରବୀନ୍ଦ୍ର କୁମାର ନାଏକ, ମହାସଚିବ ବରୁଣ ଚନ୍ଦ୍ର ପଣ୍ଡା, ଉପମହାସଚିବ ଦେବଲୋଚନ କୁମରା, କୋଷାଧ୍ୟକ୍ଷ ବିଜୟ କୁଅଁର ତଥା ବିଭିନ୍ନ ଅଞ୍ଚଳରୁ ଆସିଥିବା ସଙ୍ଗଠନର କର୍ମକର୍ତ୍ତା ରୀମା ନାଏକ, ରେଖା ମାଝୀ, ଲୋପାମୁଦ୍ରା ମାଝୀ, ସୁମତି ମାଝୀ, ଶ୍ରୀବସ ଭୋଇ, ହିମାଞ୍ଚଳ ନୃଶଳ, ଧର୍ମଦେବ ମାଝୀଙ୍କ ସମେତ ବିଭିନ୍ନ ଅଞ୍ଚଳର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।




ଗୋଁଣ୍ଡୱାନା ଛାତ୍ର ସଙ୍ଗଠନର ପ୍ରତିଷ୍ଠା ଦିବସରେ ଉପସ୍ଥିତ କର୍ମକର୍ତ୍ତା।

### ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ପଣ୍ଡରୀପାନି ୬ ଉଇକେଟରେ ବିଜୟୀ

**ବାଲିଶଙ୍କରା, ୧୦।୧୨ (ଡି.ଏନ.ଏ)**

ବାଲିଶଙ୍କରା ରାମଜାନକି କ୍ରିକେଟ କମିଟି ତରଫରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ବାଲିଶଙ୍କରା ରାଜବଙ୍ଗଳା ଖେଳ ପଡିଆରେ ଆୟୋଜିତ ହେଉଛି। ଏଥିରେ ଓଡିଶା ରାଜ୍ୟ ସହିତ ପଡୋଶୀ ଝାଡ଼ଖଣ୍ଡ, ଛତିଶଗଡ ରାଜ୍ୟର ୧୬ଟି ଦଳ ଯୋଗଦେବାର ଅଛି। ପ୍ରଥମ ଦିବସରେ ସୁନ୍ଦରଗଡ ଜିଲାର ବାଲିଶଙ୍କରା ସହିତ ଛତିଶଗଡ ରାଜ୍ୟର ପଣ୍ଡରୀପାନି ଦଳର ଖେଳ ହୋଇଥିଲା। ଏଥିରେ ପଣ୍ଡରୀପାନି ୬ ଉଇକେଟରେ ବିଜୟୀ ହୋଇଥିଲେ। ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକ୍କା ଯୋଗଦେଇ ନଡିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ। ସେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଖେଳ ଦ୍ୱାରା ରାଜ୍ୟ ଭିତରେ ବନ୍ଧୁତା ସ୍ଥାପନ କରାଯାଇଥାଏ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବାଲିଶଙ୍କରା ଦିନବନ୍ଧୁ ସାଏ, ସ୍ୱେଚ୍ଛାସେବୀ ବସନ୍ତ ଗୁପ୍ତା, ସୁଗ୍ରିବ ବାଘ, ଚୁୟୁଁ ଓରାମ, ମନୋଜ ସା, ଏମଡି ମନସୁରଖାନ୍, ଏମଡି ଅଲିମ, ନାରେନ ବାଘ, ଭବାନୀ ନାଏକ ପ୍ରମୁଖ ଯୋଗଦେଇ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ଶ୍ରୀକାନ୍ତ ଦାନୀ, ରବୀନ୍ଦ୍ର ସିଂ। ସହାୟତା କରିଥିଲେ ବାବୁଲୁ, ଅଶୋକ, ସୁଶାନ୍ତ, ପ୍ରଦୀପ, ଆଜାଦାନ, ପ୍ରଶାନ୍ତ, ଗୋପାଳ, ଚିନୁ ପ୍ରମୁଖ ।

# ସର୍ଗିପାଲି ଲ୍ୟାମ୍ପସ୍‌ରେ ଧାନମଣ୍ଡି ଉଦ୍‌ଘାଟିତ

**ଲେଫ୍ରିପଡା,୧୦।୧୨(ଡି.ଏନ.ଏ)**
ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ସର୍ଗିପାଲି ଲ୍ୟାମ୍ପସ୍‌ଠାରେ ସୋମବାର ଚାଷୀଙ୍କ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଲ୍ୟାମ୍ପସ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ପଟେଲଙ୍କ ଆହ୍ୱାନକ୍ରମେ ସର୍ଗିପାଲି ସରପଞ୍ଚ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଚାଷୀଙ୍କ ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଫ୍ରିପଡା ସମବାୟ ସମ୍ପ୍ରସାରଣ ଅଧିକାରୀ ରବିଶଙ୍କର ଭିତ୍ରିଆ ଉପସ୍ଥିତ ରହିଥିଲେ। ପ୍ରଥମ ଦିନରେ ଲ୍ୟାମ୍ପସ୍ ଅଞ୍ଚଳର ନଅ ଜଣ ଚାଷୀଙ୍କ ଧାନ କ୍ରୟ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପସ୍‌ର ନିର୍ଦ୍ଦେଶକ ଅଞ୍ଚଳର ଚାଷୀଗଣ ସମେତ ସମସ୍ତ ଲ୍ୟାମ୍ପସ୍ କର୍ମଚାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।



ସର୍ଗିପାଲି ଲ୍ୟାମ୍ପସ୍‌ଠାରେ ଧାନ ମଣ୍ଡି ଉଦ୍‌ଘାଟନ କରାଯାଉଛି।

### ଭୁଗ୍ରାପଡ଼ା ଠାରେ ୧୭ତମ ବ୍ଲକସ୍ତରୀୟ କଳାକାର ସମ୍ମିଳନୀ

# ୩୧୦ କଳାକାରଙ୍କୁ ମାନପତ୍ର ପ୍ରଦାନ

**ଲେଫ୍ରିପଡା,୧୦।୧୨(ଡି.ଏନ.ଏ)**

ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଭୁଗ୍ରାପଡା ରାହାସ ମଣ୍ଡପଠାରେ ୧୭ତମ ବ୍ଲକସ୍ତରୀୟ କଳାକାର ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଲେଫ୍ରିପଡା ବ୍ଲକ୍ କଳାକାର ସଂଘର ଉପସଭାପତି ନୀଳମଣି ପଟେଲ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଲେଫ୍ରିପଡା ବ୍ଲକ ଅଧ୍ୟକ୍ଷା କାମିନୀ କାଲୋ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଜୟନ୍ତୀ ଗର୍ଡିଆ, ଛଟେନପାଲି ସରପଞ୍ଚ ପ୍ରଦୀପ ରଞ୍ଜନ ପ୍ରଧାନ, ସୁନ୍ଦରଗଡ଼ ସଦର ବିଧାୟିକାଙ୍କ ବ୍ଲକ ପ୍ରତିନିଧି ପରମେଶ୍ୱର ନାଏକ, ଟାଙ୍ଗରପାଲି ବ୍ଲକ୍‌ର କଳାକାର ସଂଘ ଉପସଭାପତି



ବ୍ଲକସ୍ତରୀୟ କଳାକାର ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ବଳରାମ ମଗର, ଲେଫ୍ରିପଡା କଳାକାର ସଂଘର ସମ୍ପାଦକ ସଦାନନ୍ଦ ଡନ୍‌ସନା, ପ୍ରମୁଖ ମଞ୍ଚାସୀନ ରହିଥିଲେ। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ପରେ ସାଂସ୍କୃତିକ ଦଳମାନଙ୍କ ପକ୍ଷରୁ ପାଲା, ଦାସକାଠିଆ, ଆଦିବାସୀ ନୃତ୍ୟ, ସଂକୀର୍ତ୍ତନ୍ୟ ମଣ୍ଡଳୀ, ସମ୍ପ୍ରଦା ମଣ୍ଡଳୀ ଇତ୍ୟାଦି କଳା ପରିବେଷଣ କରିଥିଲେ। ଏଥିରେ ଲେଫ୍ରିପଡା ବ୍ଲକ ଅଞ୍ଚଳରୁ ୧୪ଟି ସାଂସ୍କୃତିକ ଦଳ ଯୋଗଦାନ କରିଥିଲେ। ତନ୍ମଧ୍ୟରୁ ୩୧୦ଜଣ କଳାକାରଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ କଳାକାର ସଂଘର ବରିଷ୍ଠ ସଦସ୍ୟ ରଜନୀକାନ୍ତ ଆଚାର୍ଯ୍ୟ ଏବଂ ପ୍ରମୁଖ ସଦସ୍ୟଗଣ ଆୟୋଜନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦାନ କରିଥିଲେ।



ଅଳ୍ପ ବୟସରେ ଯଦି ଜଣେ ଉଦୀୟମାନ ଯୁବକ ମରିଗଲା, ତେବେ ଜାଣିବ ଯେ ସେ ଈଶ୍ୱରଙ୍କର ଅତି ପ୍ରିୟ ଥିଲା ଓ ଈଶ୍ୱରଙ୍କ ଡାକରାରେ ଚାଲିଗଲା।

- ମେନାଣ୍ଡର

## ସଂକ୍ଷେପରେ

### ଲଇକେରାରେ ଗୀତା ଜୟନ୍ତୀ

ଲଇକେରା,୧୦।୧୨ (ଡିଏନଏ): ଝାରସୁଗୁଡା ଜିଲା ଲଇକେରା ଜଗନ୍ନାଥ ମନ୍ଦିର ସମ୍ମୁଖରେ ମଙ୍ଗଳବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଭଗବାନଙ୍କ ବିଶ୍ୱରୂପ ପୂଜାର୍ଚ୍ଚନା କରାଯାଇଥିବାବେଳେ ଗୀତା ପୁରାଣ ପାଠ କରାଯାଇଥିଲା। ପଣ୍ଡିତ ବିଜୟ କୁମାର ମିଶ୍ର ମୁଖ୍ୟପୂଜକ ଭାବେ ଯୋଗଦେଇ ହୋମାଗ୍ନିରେ ଘୃତାହୂତି ଦେଇଥିଲେ । ପୂଜକ ବନମାଳି ମିଶ୍ର ଓ କୃଷ୍ଣଚନ୍ଦ୍ର ମିଶ୍ର ସହଯୋଗ କରିଥିଲେ। ସତ୍ୟ ପ୍ରକାଶ ନାଏକ ମୁଖ୍ୟ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ ।



ଗୀତା ଜୟନ୍ତୀରେ ହୋମଯଜ୍ଞ ।

■ ଓପିଜିସି ପାଉଁଶ ପୋଖରୀ ନିର୍ମାଣକୁ ନେଇ ଏନ୍‌ଜିଟିରେ ମାମଲା

# କ୍ଷେତ୍ର ପରିଦର୍ଶନ କଲା ଜିଲା ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ

**ଲଖନପୁର,୧୦।୧୨(ଡି.ଏନ.ଏ)**

ଓଡିଶା ବିଦ୍ୟୁତ ଉତ୍ପାଦନ ନିଗମ(ଓପିଜିସି) ତରଫରୁ ତିଳିଆ ମୌଜା ହୀରାକୁଦ ଜଳଭଣ୍ଡାର କୂଳରେ ଏକ ବୃହତ ପାଉଁଶ ପୋଖରୀ ନିର୍ମାଣ ଚାଲିଛି । ଏହି ପାଉଁଶ ପୋଖରୀ ନିର୍ମାଣ ଫଳରେ ହୀରାକୁଦ ଜଳଭଣ୍ଡାର ଓ ସଂସରାଟିକ୍ରା ଗ୍ରାମ ପ୍ରଭାବିତ ହେବ । ଏହାକୁ ବିରୋଧ କରି ମା ଅମ୍ବିକା ଏସ୍‌ଏଚ୍‌ଜି ଗ୍ରୁପ୍ କଲିକତା ସ୍ଥିତ ଜାତୀୟ ସବୁଜ ପ୍ରାଧିକରଣ(ଏନ୍‌ଜିଟି)ରେ ମାମଲା ରୁଜୁ କରିଛି । ଏସ୍‌ଏଚ୍‌ଜି ଗ୍ରୁପ୍‌ର ଅଭିଯୋଗକୁ ଭିତ୍ତିକରି ଏନ୍‌ଜିଟି ମୁଖ୍ୟ ଖଣ୍ଡପୀଠ ଝାରସୁଗୁଡା ଜିଲାପାଳ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ପାଉଁଶ ପୋଖରୀ କ୍ଷେତ୍ର ପରିଦର୍ଶନ କରି ଏହାର ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏନ୍‌ଜିଟିର ନିର୍ଦ୍ଦେଶ ଯୋଗୁ ଜିଲା ପ୍ରଶାସନ ତରଫରୁ ଉପଜିଲାପାଳ ଶିବ ଟପ୍ପୋ, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ନିରଞ୍ଜନ ମଲ୍ଲିକ, ବନହରପାଲି ଆଇଆଇସି ପ୍ରଶାନ୍ତ ମେହେର, କୁମ୍ଭାରବନ୍ଧ ଆର୍‌ଆଇ ସସ୍ମିତା ନାୟକ ଓ ଓପିଜିସି ଅଧିକାରୀ ପି. କୋରେଶ ପାତ୍ର ପ୍ରମୁଖ ମଙ୍ଗଳବାର ସନ୍ଧ୍ୟାରେ ପାଉଁଶ ପୋଖରୀ ଅଞ୍ଚଳରେ ପହଞ୍ଚି କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି । ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀମାନେ ଦିନରେ ନ ଆସି ସନ୍ଧ୍ୟାରେ ଆସି କ୍ଷେତ୍ର ପରିଦର୍ଶନ କରିବାକୁ ନେଇ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ନେଇ ମା ଅମ୍ବିକା ଏସ୍‌ଏଚ୍‌ଜି ଗ୍ରୁପ୍ ସଭାପତି ଲିଲି ସେଠ୍ ଓ ସମ୍ପାଦୀକା ତୁଳସୀ ସେଠ୍ କହିଛନ୍ତି, ଏହା ଏକ ସମ୍ବେଦନଶୀଳ ମାମଲା । ଏହାକୁ ଜିଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗୁରୁତ୍ୱ ନ ଦେଇ ସନ୍ଧ୍ୟାରେ କ୍ଷେତ୍ର ପରିଦର୍ଶନ କରି ଯଥାକଥା ଭାବେ ରିପୋର୍ଟ ପ୍ରଦାନ କରିବା ପାଇଁ ପ୍ରୟାସ ଚଳାଇଛନ୍ତି । କ୍ଷେତ୍ର ପରିଦର୍ଶନ କରିବା ପାଇଁ ଆସିଥିବା ବେଳେ ପ୍ରଶାସନ ତରଫରୁ ପୂର୍ବରୁ ଗ୍ରାମବାସୀଙ୍କୁ କୌଣସି ସୂଚନା ଦିଆଯାଇନାହିଁ । ଖବର ପାଇ ଗ୍ରାମବାସୀ ତଦନ୍ତ ସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଅଧିକାରୀମାନେ ଗ୍ରାମବାସୀଙ୍କ ସହିତ କୌଣସି ଆଲୋଚନା କରି ନ ଥିଲେ । ଏ ନେଇ ଉପଜିଲାପାଳ ଟପ୍ପୋ କହିଛନ୍ତି, ସନ୍ଧ୍ୟାରେ ପାଉଁଶ ପୋଖରୀ ପରିଦର୍ଶନ ପାଇଁ ପହଞ୍ଚିଥିଲୁ । ଯେଉଁସବୁ ସ୍ଥାନ ଦେଖିବା କଥା ସେସବୁ ଦେଖିଲୁ । ଏହାର ନୀତିନିୟମ ସାଙ୍ଗକୁ ମାନଚିତ୍ର ଦେଖି ମାପଚୂପ କଲା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ସେ କହିଛନ୍ତି । ଏହି ଆଧାରରେ ସେ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିଛନ୍ତି ।



ତଦନ୍ତକାରୀ ଦଳ ପାଉଁଶ ପୋଖରୀ ଅଞ୍ଚଳ ପରିଦର୍ଶନ କରୁଛନ୍ତି ।


## ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ ‘ଅକଳରେ ଅର୍ଥନୀତି’

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଉଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ ‘ଅକଳରେ ଅର୍ଥନୀତି’। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି– ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ସମ୍ବଲପୁର:** ନରୋତ୍ତମ ଜେନା (୯୪୩୮୦୯୮୩୫୫), ମନୋଜ ମହାନ୍ତି (୭୦୦୮୫୦୬୮୧୦)

ଦୂରଭାଷ: ୦୬୭୪–୨୫୮୦୧୦୧/୨୫୪୯୩୦୨


# ଖୋଲା ଆକାଶ ତଳେ ପଡିଛି ଧାନ

**ଲଇକେରା,୧୦।୧୨ (ଡି.ଏନ.ଏ)–** ଝାରସୁଗୁଡା ଜିଲା ଲଇକେରା ସେବା ସମବାୟ ସମିତି ଆନୁକୂଲ୍ୟରେ ଧାନ ମଣ୍ଡି ଖୋଲିଛି । ହେଲେ ବିକ୍ରି ହୋଇ ନ ପାରିବାରୁ ଖୋଲା ଆକାଶ ତଳେ ପ୍ରାୟ ହଜାରେ ବସ୍ତା ଧାନ ପଡିରହିଛି । ଶୀତ କାକରରେ ଚାଷୀ ନିଜ ଧାନକୁ ଜଗୁଛି । ନିୟନ୍ତ୍ରିତ ବଜାର କମିଟି ତରଫରୁ ଆବଶ୍ୟକ ଭିତ୍ତିଭୂମି ନ ଥିବା ବେଳେ ସୋମବାର ଠାରୁ ଧାନ ଆଣି ଚାଷୀ ଖୋଲାରେ ରଖିଛନ୍ତି । ଏଥିପ୍ରତି କାହାରି ନଜର ନାହିଁ। ମିଲର୍ସ ବି ଠିକ୍ ଭାବେ ଗାଡି ପଠାଉ ନ ଥିବାରୁ ଏପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚାଷୀ। ଏଥି ପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।



ଖୋଲାରେ ଚାଷୀଙ୍କ ଧାନ ପଡିଛି।

# ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ୧୩୬ ପ୍ରକଳ୍ପ ପ୍ରଦର୍ଶିତ

**ଲଖନପୁର,୧୦।୧୨(ଡି.ଏନ୍.ଏ)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ୧୯ଖଣ୍ଡ ମୌଜା କଣ୍ଡେଇକେଲା ନଟବର ହାଇସ୍କୁଲ ପରିସରରେ ମଙ୍ଗଳବାର ୨୬ତମ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସମୁଦାୟ ୧୩୬ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏହି ମେଳାକୁ ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ ଉଦ୍‌ଘାଟନ କରିଥିଲେ । ଏଥିରେ ଡିପିସି ମୀନାରାଣି ମଙ୍ଗଳ, ବିଇଓ ଗିରିଧାରୀ ଭୋଇ, ଅଧ୍ୟାପକ ତପନ କୁମାର ବାରିକ, ବ୍ଲକ ଉପାଧ୍ୟକ୍ଷ ମୋହନ ସାହୁ, ଜିଲା ପରିଷଦ ସଦସ୍ୟ ସାମଲ ନାୟକ, ରଞ୍ଜୁ ମଲ୍ଲିକ, ପଙ୍କଜିନୀ ପ୍ରଧାନ, ସରପଞ୍ଚ ଯାଜ୍ଞସେନୀ ଖଡିଆ, ଜାନକୀ ଭୋଇ, ପ୍ରଦୀପ ବିଶ୍ୱାଳ, ଲକ୍ଷ୍ମଣ ଦେହେରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏବିଇଓ ଅଭିନ୍ନ ରାଉତ ଓ ଶିକ୍ଷକ ରମେଶ ପଶାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସ୍ଥାନୀୟ ପ୍ରଧାନଶିକ୍ଷକ ବଲ୍ଲଭ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ବିନୋଦ ବିଶ୍ୱାଳ, ସତ୍ୟାନନ୍ଦ ବେହେରା, ମନୋହର କୁମ୍ଭାର, ରାମଚନ୍ଦ୍ର ମେହେର, ମୁରଲିଧର ବିଶ୍ୱାଳ ପ୍ରମୁଖ ଶିକ୍ଷକ ସହଯୋଗ କରିଥିଲେ ।

# ବିଜ୍ଞାନ ମେଳାରେ ୯୭ ପ୍ରକଳ୍ପ

**ଲଇକେରା,୧୦।୧୨ (ଡି.ଏନ.ଏ)**

ଝାରସୁଗୁଡା ଜିଲା ଲଇକେରା ବ୍ଲକ ଓଡିଆପାଲି ଓପିଏମପି ବାଳିକା ଉଚ୍ଚ ବିଦ୍ୟାଳୟରେ ୨୫ତମ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ, ପରିବେଶ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କନିଷ୍ଠ ବିଭାଗରୁ ୮୨ଟି ଓ ବରିଷ୍ଠ ବିଭାଗରୁ ୧୫ଟି ଏହିପରି ମୋଟ ୯୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଇସ ହିମସାଗର ବାଗଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପଟେଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳ ମୁଖ୍ୟବକ୍ତା, ଏସଏମପି ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଯୁଧିଷ୍ଠିର ପଟେଲ, ବ୍ଲକ ଅଧ୍ୟକ୍ଷା ରୋଜାଲିନ ପଟେଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦେଶୀ ବେହେରା, ଜନ୍ମେଜୟ ନାଏକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ମଞ୍ଜୁଲତା ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଉଦଯାପନୀ ଉତ୍ସବରେ ବିଇଓ ହିମସାଗର ବାଗଙ୍କ ସଭାପତିତ୍ୱରେ ଡିଇଓ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି, ଲଇକେରା ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ସୁଶାନ୍ତ ରଥ ମୁଖ୍ୟବକ୍ତା, ବିଡିଓ ପ୍ରସନ୍ନ କୁମାର ପାଣ୍ଡେ, ଏବିଇଓ ବିଦେଶୀ ବେହେରା, ଜନ୍ମେଜୟ ନାଏକ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ଭୋଇ, ଭବାନୀ ଶଙ୍କର ମେହେର, ରାଜେନ୍ଦ୍ର କିଶାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସ୍କୁଲର ପ୍ରଧାନ ଶିକ୍ଷକ ତଥା ଆୟୋଜକ ଦେବେନ୍ଦ୍ର ଭୋଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ତ୍ରୈଲୋକ୍ୟନାଥ ମହାପାତ୍ର, ଚୈତନ୍ୟ କଣ୍ଟା ସଭା ପରିଚାଳନା କରିଥିଲେ। ବିଚାରକ ଭାବେ ହିମାଂଶୁ ବାଗ, ଜନାର୍ଦ୍ଦନ କୁସୁମ, ପୂର୍ଣ୍ଣେନ୍ଦୁ ପାଣିଗ୍ରାହୀ ଓ ବିଶ୍ୱନାଥ ଦେହୁରୀ ଯୋଗ ଦେଇଥିଲେ। ଶେଷରେ କୁବେର କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଉ ବୋଲେ ରାଉ ରାଉ;**
**କଥାଏ ଦି’ କଥା କହି ଥାଆନ୍ତି,**
**ବଣା କଲା ଭାଇ ବୋହୂ ।**

ସମୟ ସୁବିଧା ଦେଖି ମଣିଷ ନିଜ ମନର କଥା ଅନ୍ୟ ସହ ବାଣ୍ଟିଥାଏ। ତେବେ ପାଖରେ ଯଦି କେହି ନିଜ ଲୋକ ରହିଥାଏ ତା’ହେଲେ ଗୋପନ କଥା ଗୋପନରେ ରହିଯାଇଥାଏ। କାଳେ କିଛି ଜଣା ପଡ଼ିଯିବ ସେ ନେଇ ମନରେ ଭୟ ସୃଷ୍ଟି ହୋଇଥାଏ। ନିଜର ମନର କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ନେଇ ଆତ୍ମୀୟ ପ୍ରତିବନ୍ଧକ ସାଜୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କବି ତୁଣ୍ଡ,**
**ମେଣ୍ଢା ମୁଣ୍ଡ ।**

ମେଣ୍ଢା ମୁଣ୍ଡ ଭାରି ଟାଣ। ସେ ତାଳ ପକେଇ ଲଢ଼େଇ କଲାବେଳେ ଠୋ ଠୋ ଶବ୍ଦ ଶୁଭେ। ମେଣ୍ଢା ମୁଣ୍ଡ ଟାଣ ହେଲା ଭଳି କବିଙ୍କର ଲେଖା ମଧ ଟାଣ। ତାଙ୍କ ଲେଖା ଭାରି ଅର୍ଥପୂର୍ଣ୍ଣ, ଟାଣୁଆ ଭାଷା। ସର୍ବୋପରି କବିଙ୍କ ଲେଖା ଗଭୀର ଅର୍ଥ ବିଶିଷ୍ଟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

{ ଆଜି କ’ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ। }

## ଟୋକନ ବ୍ୟବସ୍ଥାରେ ଅସୁବିଧା ଭୋଗୁଛନ୍ତି ଚାଷୀ: କଂଗ୍ରେସ

**ଭୁବନେଶ୍ୱର,୧୦।୧୨(ବ୍ୟୁରୋ)**

ରାଜ୍ୟ ସରକାର ଚଳିତବର୍ଷ ଧାନ ବିକ୍ରି ପାଇଁ ଟୋକନ୍ ବ୍ୟବସ୍ଥା କରିଥିବାରୁ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଏଥର ଧାନ କ୍ରୟ ବ୍ୟବସ୍ଥାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅନୁଧାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଏକ ତଥ୍ୟ ଅନୁଧାନକାରୀ କମିଟି ଗଠନ ହୋଇଥିଲା। ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ଆବାହକତ୍ୱରେ ଗଠିତ ଏହି ୫ଜଣିଆ ଟିମ୍ ଇତିମଧ୍ୟରେ ସୁବର୍ଣ୍ଣପୁର, ବଲାଙ୍ଗୀର ଓ ବରଗଡ଼ ଜିଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରିଛନ୍ତି। ମଣ୍ଡି ପରିଦର୍ଶନ ସମୟରେ ଏହି ଟିମ୍ ଚାଷୀଙ୍କଠାରୁ ଟୋକନ୍ ପ୍ରକ୍ରିୟାରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଛନ୍ତି। ସରକାର ଚାଷୀଙ୍କଠାରୁ ସବୁ ବଳକା ଧାନ କିଣିବାକୁ ଡିଣ୍ଡିମ ପିଟୁଥିବା ବେଳେ ଜିଲାପାଳ କେଉଁ ଅଞ୍ଚଳରୁ କେତେ ଧାନ କିଣାଯିବ ନିଷ୍ପତ୍ତି କରିବା ସହ ଜଳସେଚିତ ଅଞ୍ଚଳରୁ ୧୯ କ୍ୱିଣ୍ଟାଲ ଓ ଅଣଜଳସେଚିତ ଅଞ୍ଚଳରୁ ୧୩ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି, ଏଥିରେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଚାଷୀ ଏବେ କେତେ ଧାନ ବିକିବେ ଜାଣିବା କାଠିକର ପାଠ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଧାନମଣ୍ଡିର ଭିତ୍ତିଭୂମି ନ ଥିବା, ଜଙ୍ଗଲ ଅଞ୍ଚଳକୁ ଫୋନ୍ ମେସେଜ୍ ନ ପହଞ୍ଚିବା ଏବଂ ବହୁ ସମୟରେ ଇଣ୍ଟରନେଟ୍ ଧିମା ଥିବା କାରଣରୁ ଚାଷୀଙ୍କ ଧାନ ବିକ୍ରି କରାଯାଇ ପାରୁନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି।

■ ଝାରସୁଗୁଡ଼ାରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ସମୀକ୍ଷା

# ପ୍ରସନ୍ନ ପଣ୍ଡା ଛକରେ ନିର୍ମାଣହେବ ଓଭରବ୍ରିଜ

**ଝାରସୁଗୁଡା ଅଫିସ୍/ଲଖନପୁର,୧୦।୧୨(ଡି.ଏନ.ଏ)**

ଝାରସୁଗୁଡା ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ନେଇ ସ୍ଥାନୀୟ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲାପାଳ ସରୋଜ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝାରସୁଗୁଡା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଡେପୁଟି କଲେକ୍ଟର ଆଲୋମଣି ସେଠି, ମନ୍ତ୍ରୀଙ୍କ ପ୍ରତିନିଧି ଦୀପାଳି ଦାସ, ହରିଶ ଗଣତ୍ରା, ତ୍ରିନାଥ ଗୁଆଲ, ରବି ସିଂହ ଓପିଟିସିଏଲ୍, ଏଲ୍‌ଆଣ୍ଡ୍‌ଟି, ଏନ୍‌ଏଚ୍ ଓ ୱେଷ୍ଟୋର ଅଧିକାରୀମାନେ ଉପସ୍ଥିତ ଥିଲେ । ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ରାଜ୍ୟ ରାଜପଥ ଓ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ପ୍ରସନ୍ନ ପଣ୍ଡା ଛକରେ ବାରମ୍ବାର ଦୁର୍ଘଟଣା ଘଟି ବହୁଧନ ଜୀବନ ହାନି ଘଟୁଛି । ଏ ନେଇ ଅନେକ ସମୟରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରୁଛନ୍ତି । ଏଥିପାଇଁ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି । ଏହି ସ୍ଥାନରେ ଏକ ଓଭରବ୍ରିଜ୍ ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦୀର୍ଘଦିନରୁ ଦାବି ହୋଇଆସୁଛି। ଏହାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ସମର୍ଥନ ଜଣାଇ ଏଠାରେ ଏକ ଓଭରବ୍ରିଜ୍ ନିର୍ମାଣ ହେବା ଯୁକ୍ତିଯୁକ୍ତ ବୋଲି ମତ ଦେଇଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଓଭରବ୍ରିଜ୍ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ମଧୁବାବୁ ପେନସନ ଯୋଜନା, ଜାତୀୟ ପରିବାର କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ହରିଶ୍ଚନ୍ଦ୍ର ଯୋଜନା ଆଦି କିଭଳି କାର୍ଯ୍ୟକାରୀ ହେଉଛି । ଏଥିରେ ହିତାଧିକାରୀମାନେ କେତେ ଉପକୃତ ହେଉଛନ୍ତି ମନ୍ତ୍ରୀ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ । ଆଗାମୀ ଦିନରେ ଝାରସୁଗୁଡା ପୌରପାଳିକାକୁ ଏକ ଆଦର୍ଶ ପୌରପାଳିକାରେ ପରିଣତ କରିବା ପାଇଁ ସମସ୍ତ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ମନ୍ତ୍ରୀ ଦାସ କହିଥିଲେ। ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ବ୍ୟବସ୍ଥା, ପାନୀୟଜଳ, ପରିମଳ, ଷ୍ଟ୍ରିଟ୍‌ଲାଇଟ୍, ହୋଲ୍ଡିଂ ଟ୍ୟାକ୍ସ ସଂଗ୍ରହ ଆଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା ।



ସମୀକ୍ଷା ବୈଠକରେ ଉପସ୍ଥିତ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଓ ଜିଲାପାଳ ସରୋଜ କୁମାର ସାମଲ ।


ଧରିତ୍ରୀ DHARITRI CAREER APPOINTMENT ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

Urgently Required
Faculty Required Male / Female for Math / Reasoning / English / GK / Computer / Receptionist / Tele Caller / Marketing Executive.
MAJHI ACADEMY
Junagarh, Kalahandi
Contact : 9871421149 / 8144146705

Cuttack Office କାମପାଇଁ
Male / Female Staff ଆବଶ୍ୟକ
TELE CALLER
RECEPTIONIST
OFFICE BOY
LINK ROAD, CUTTACK
Mob : 7463925303

OFFICIALLYJOB
Qualification 10th above
Salary up to Rs. 25,000/-
For BBSR, Cuttack, Puri, Berhampur.
M-9938699963

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା : 10th/ above. Monthly Salary upto Rs. 27000/-
Contact : 9938676412

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

Required Male & Female Security Guards
Attractive Salary
Location :- Bhubaneswar, Sambalpur & Nimapada
Contact : 0674-2384705 6372600373

ଭୁବନେଶ୍ୱର ରେ ଏକ ଫାଷ୍ଟଫୁଡ୍ ଓ ଟିଫିନ୍ ସେଣ୍ଟର ପାଇଁ Cook ଏବଂ Helper ଆବଶ୍ୟକ ।
Contact Immediately
7978427621

ଡ୍ରାଇଭର ଆବଶ୍ୟକ
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨୦୦୦ + ୧୦୦୦ ରହିବା ପାଇଁ
Ph : 7894458655
(Call Timing : 12.00-6.00 ମଧ୍ୟରେ)

BACK OFFICE EXECUTIVE
ONLY FOR FEMALE
Quali. : Graduation (Fresher)
Salary : 8000/-
Send your CV to Email :- recruitments@elmechindia.in

ସାଉଥ୍ ଆଫ୍ରିକାରେ ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍, ହେଲପର୍, ଡ୍ରାଇଭର, ମେସନ, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଅପରେଟର ଏବଂ ସମସ୍ତ ପ୍ରକାର କାରିଗର ଆବଶ୍ୟକ।
ଦରମା- 40,000/-, ମଡର୍ଣ୍ଣ ଇଞ୍ଜିନିଅରିଂ (ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ କମ୍ପାନୀ)
କମଲ ପ୍ଲେସ୍‌ମେଣ୍ଟ
415, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ୍, ଗୁଜୁରାଟ
9157012447, 9157312448

WANTED
Sales Executive & Accountant (Tally) for Marble & Tiles Showroom in Bhubaneswar.
Fresher/ Experience can send CV / Biodata.
Whatsapp No. 8908134571

URGENT REQUIRED
ନିଜ ଜିଲ୍ଲାରେ ରହିବା, ଖାଇବା ସୁବିଧା ଦିଆଯିବ।
Salary: 30,000/-
Qual: 7th to 10th & above
Contact: 8339922964

DIRECT JOIN JOB
JOB LOCATION BBSR+CTC
• CUSTOMER SERVICE
• DATA ENTRY
• RECEPTION (Back/Office)
• SECURITY GUARD
Mob : 9114090108

WANTED ... WANTED
ଡିମାଣ୍ଡ ମସଲା ଏବଂ ଡିମାଣ୍ଡ ବଜାର କମ୍ପାନୀ ପାଇଁ ଜିଲ୍ଲା/ବ୍ଲକ୍/ପଞ୍ଚାୟତସ୍ତରିୟ ଉଭୟ ପୁରୁଷ/ମହିଳା Stockist, Distributor, Business Dvlp. Manager, Sales Officer ଆବଶ୍ୟକ ।
ଦରମା- ୧୦,୦୦୦ ରୁ ୩୦,୦୦୦ + ବୋନସ୍
ଶିକ୍ଷାଗତ ଯୋଗ୍ୟତା – ମ୍ୟାଟ୍ରିକ୍ ପାସ୍/ଫେଲ୍ +୨, +୩, BCA, BBA, MBA ଏବଂ ତଦୁର୍ଦ୍ଧ
CONTACT
9938826988, 7064545450, 8338055696
www.demandbazaar.com & www.demandmasala.com

VIGEN INDIA REQUIRED
BOYS & GIRLS FOR OFFICE JOB
1. ENTERTAINER - 06
2. MANAGER - 04
3. TEAM LEADER - 05
4. CO-ORDINATOR - 10
5. OFFICE STAFF - 05
CONTACT IMMEDIATELY 9348916882
AGE- 18-28 | Edu.- 10th-+3 | FIX SALARY

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ ‘ଧରିତ୍ରୀ’ ଦାୟୀ ରହିବ ନାହିଁ।